ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୬/୨୦୨୨ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 26/2022 Page 16 ₹ 7.00 ★★★★

୪୮ଶ ଭାଗ ୧୨୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



## ସୁଇସ୍ ଓପନ ସେମିରେ ସିନ୍ଧୁ

ଭାରତର ଡବଲ ଅଲିମ୍ପିକ୍ ମେଡାଲିଷ୍ଟ ପି.ଭି. ସିନ୍ଧୁ ବାସେଲଠାରେ ଚାଲିଥିବା ସୁଇସ୍ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୦୮

୦୭

## ପଞ୍ଜାବ ବିଧାୟକଙ୍କୁ ଗୋଟିଏ ଟର୍ମ ପାଇଁ ମିଳିବ ପେନ୍‌ସନ

ପଞ୍ଜାବ ବିଧାୟକଙ୍କୁ ଗୋଟିଏ ଟର୍ମ ପାଇଁ ପେନ୍‌ସନ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଶୁକ୍ରବାର ଘୋଷଣା କରିଛନ୍ତି।



# ଷ୍ଟ୍ରଙ୍ଗ୍‌ରୁମ୍‌ରେ ପ୍ରବେଶକୁ ନେଇ ଉତ୍ତେଜନା

### ଧସ୍ତାଧସ୍ତି, ଲାଠି ଚାର୍ଜ: ଥାନାଧିକାରୀଙ୍କ ସମେତ ୯ରୁ ଊର୍ଦ୍ଧ୍ୱ ଆହତ

**ଭୁବନେଶ୍ୱର,୨୫।୩(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମେୟର ଓ କର୍ପୋରେଟର ପଦ ପାଇଁ ଗୁରୁବାର ମତଦାନ ସରିଛି। ବିଜେବି କଲେଜ ଷ୍ଟ୍ରଙ୍ଗ୍‌ରୁମ୍‌ରେ ଇଭିଏମ୍‌କୁ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି। ଶନିବାର ଭୋଟ ଗଣତି ହେବାକୁ ଥିବାବେଳେ ଷ୍ଟ୍ରଙ୍ଗ୍‌ରୁମ୍ ସାମ୍ନାରେ ଶୁକ୍ରବାର ସନ୍ଧ୍ୟାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଭିତରକୁ କେତେଜଣ ବ୍ୟକ୍ତିଙ୍କ ପ୍ରବେଶ, ବାହାରେ ଲାଗିଥିବା ସିସିଟିଭି ଅସ୍ୱଚ୍ଛ ହେବା ଓ ଇଭିଏମ୍‌କୁ ଟ୍ୟାମ୍ପରିଂ କରାଯାଉଥିବା ଅଭିଯୋଗ ଆଣି ବିଭିନ୍ନ ଦଳର କର୍ମୀ ଏବଂ ସାଧାରଣ ଲୋକ ହୋହଲ୍ଲା କରିବା ସହ ପ୍ରବେଶ କରିଥିବା ଜଣେ ବ୍ୟକ୍ତିଙ୍କୁ ଧରି ନିସ୍ତୁକ ମାଡ଼ ମାରିଥିଲେ। ଘଟଣା ପ୍ରଚାରିତ ହେବା ପରେ ସେଠାରେ ଲୋକଙ୍କ ସମାଗମ ବଢ଼ିବା ସହ ସ୍ଥିତି ବିଗିଡି ଯାଇଥିଲା। ପୋଲିସ ଓ ରାଜନୈତିକ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ଏବଂ ମାର୍‌ପିଟ୍ ହୋଇଥିଲା। ଏପରିକି ଢେଲା ଓ ଲାଠି ମାଡ଼ରେ ଏୟାରପୋର୍ଟ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ, ଲିଙ୍ଗରାଜ ଥାନା ଅଧିକାରୀ ଶରତ ପାତ୍ରଙ୍କ ସମେତ ୯ରୁ ଊର୍ଦ୍ଧ୍ୱ ପୋଲିସ ଓ କର୍ମୀ ଆହତ ହୋଇଥିଲେ।



ଭୁବନେଶ୍ୱର ବିଜେବି କଲେଜ ଷ୍ଟ୍ରଙ୍ଗ୍‌ରୁମ୍‌ରେ କେତେଜଣ ବ୍ୟକ୍ତି ପଶି ଇଭିଏମ୍ ଟାମ୍ପରିଂ କରୁଥିବା ଅଭିଯୋଗ ନେଇ ଶୁକ୍ରବାର ସନ୍ଧ୍ୟାରେ ସେଠାରେ ଧସ୍ତାଧସ୍ତି, ମାର୍‌ପିଟ୍, ଢେଲା ଓ ଲାଠିମାଡ଼ ହୋଇଥିବାବେଳେ ଆହତ ଜଣେ ବ୍ୟକ୍ତିଙ୍କୁ ପୋଲିସ ଉଦ୍ଧାର କରି ନେଉଛି।

ଦୀର୍ଘ ସମୟ ଧରି ସାଧାରଣ ଲୋକ ଓ ପୋଲିସ ମୁହାଁମୁହିଁ ରହିଥିଲା। ପରେ ପୋଲିସ ସ୍ଥିତି ନିୟନ୍ତ୍ରଣ କରିବା ସହ ଫ୍ଲାଗ୍‌ମାର୍ଚ୍ଚ କରି ପୂରା ଅଞ୍ଚଳକୁ କର୍ଡ଼ନ ମଧ୍ୟରେ ରଖିଥିଲା। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ , ଡିସିପି ଉମାଶଙ୍କର ଦାଶ ପ୍ରମୁଖ ସ୍ଥିତି ଅନୁଧ୍ୟାନ କରିବା ସହ ଷ୍ଟ୍ରଙ୍ଗ୍‌ରୁମ୍ ଭିତରକୁ ଯାଇ ଯାଞ୍ଚ କରିଥିଲେ।

## କଟାମୁଣ୍ଡ ଧରି ଗାଁ ବୁଲିଲେ ଯୁବକ

**ଜମନକିରା,୨୫।୩(ଡି.ଏନ.ଏ.)**

ସମ୍ବଲପୁର ଜିଲା ଜମନକିରା ଥାନା ଅଧୀନ କସଡ଼ା ଗାଁରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ୮ବର୍ଷର ନାବାଳିକାଙ୍କୁ ସେହି ଗାଁର ଜଣେ ଯୁବକ ଟାଙ୍ଗିଆରେ ହାଣି ମୁଣ୍ଡଗଣ୍ଡି ଅଲଗା କରିଦେଇଛନ୍ତି। ଏତିକିରେ ତାଙ୍କ କ୍ରୋଧ ପ୍ରଶମିତ ହୋଇ ନ ଥିଲା। ପରେ ସେ କଟାମୁଣ୍ଡ ଧରି ଗାଁରେ ବୁଲିଥିଲେ। ହତ୍ୟାର ଶିକାର ହୋଇଥିବା ନାବାଳିକା ହେଲେ ଲୁସି ଧରୁଆ (୮)। ହତ୍ୟାକାରୀ ପ୍ରଶାନ୍ତ ବଗାର (୩୨)ଙ୍କୁ ପୋଲିସ ନିଜ ହେପାଜତକୁ ନେଇ ତଦନ୍ତ ଜାରି ରଖିଛି। ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ସହ ଏକ ମୋବାଇଲ ଫୋନ୍‌କୁ ପୋଲିସ ଜବତ କରିଛି। ଅଭିଯୁକ୍ତ ନିଶାସକ୍ତ ଅବସ୍ଥାରେ ମାନସିକ ସ୍ଥିତି ହରାଇ ଏପରି କରିଥାଇ ପାରନ୍ତି ବୋଲି ଥାନା ଅଧିକାରୀ ପ୍ରେମଜିତ ଦାସ ପ୍ରାଥମିକ ତଦନ୍ତରୁ ଜଣାପଡୁଥିବା କହିଛନ୍ତି। ପୋଲିସ ସୂଚନା ଅନୁସାରେ, ନାବାଳିକା ଲୁସି ସକାଳ ସାଢ଼େ ୭ଟା ସମୟରେ ଜଣେ ସାଙ୍ଗ ସହ ଶୌଚ ପାଇଁ ନିକଟସ୍ଥ ନାଳକୁ ଯାଉଥିଲେ। ଏହି ସମୟରେ ପ୍ରଶାନ୍ତ ତାଙ୍କ ପିଛା କରି ନାଳ ପାଖରେ ସାଙ୍ଗରେ ନେଇଥିବା ଟାଙ୍ଗିଆରେ ଲୁସିଙ୍କ ହାତକୁ ଚୋଟ ମାରିଥିଲେ। ☞ପୃଷ୍ଠା-୪



ଅଭିଯୁକ୍ତ ପ୍ରଶାନ୍ତ ବଗାର

## ଭୋଟର ତାଲିକା ସହ ଆଧାର ଲିଙ୍କ୍ ପ୍ରସ୍ତାବ ବିଚାରାଧୀନ

**ନୂଆଦିଲ୍ଲୀ,୨୫।୩**

ମତଦାନରେ ଜାଲିଆତି ରୋକିବା ନିମନ୍ତେ ଭୋଟର ତାଲିକାକୁ ଆଧାର ନମ୍ବର ସହ ସଂଯୋଗ କରିବା ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ବିଚାରାଧୀନ ରହିଛି। ସେହିପରି ବିଦେଶରେ ରହୁଥିବା ଭାରତୀୟଙ୍କୁ ଅନ୍‌ଲାଇନରେ ଭୋଟ ଦେବାର ସୁଯୋଗ ପ୍ରଦାନ ସମ୍ପର୍କରେ ସରକାର ଚିନ୍ତା କରୁଛନ୍ତି ବୋଲି ଆଇନମନ୍ତ୍ରୀ କିରେନ୍ ରିଜିଜୁ ଶୁକ୍ରବାର ଲୋକ ସଭାରେ କହିଛନ୍ତି। ଗୋଟିଏ ରାଷ୍ଟ୍ର ଗୋଟିଏ ଭୋଟର ତାଲିକା ସୁନିଶ୍ଚିତ କରିବା ସରକାରଙ୍କ ଲକ୍ଷ୍ୟ। ଏହା ଦ୍ୱାରା ଭୋଟର ତାଲିକାରେ ଦୁଇଥର ନାମ ରହିପାରିବ ନାହିଁ ଏବଂ ଜାଲ୍ ମତଦାନକୁ ରୋକାଯାଇପାରିବ।

ଭୋଟ ଜାଲିଆତି ଏକ ସଙ୍ଗିନ୍ ମାମଲା। ଏହାକୁ ରୋକିବା ଲାଗି ଆଇନ ମନ୍ତ୍ରୀ ସ୍ତରରେ ବିଚାର କରାଯାଉଛି। ସେଥିରୁ ଭୋଟର ତାଲିକା- ଆଧାର ସଂଯୋଗୀକରଣ ଗୋଟିଏ ବୋଲି ପ୍ରଶ୍ନୋତ୍ତର କାଳରେ ରିଜିଜୁ କହିଥିଲେ। ସେହିପରି ପ୍ରବାସୀ ଭାରତୀୟମାନଙ୍କୁ ମତଦାନ ଅଧିକାର ପ୍ରଦାନ ସମ୍ପର୍କରେ ମନ୍ତ୍ରୀ କହିଥିଲେ, ଏଥିପାଇଁ କ'ଣ କରାଯାଇପାରିବ ପ୍ରସ୍ତାବ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନିଯୁକ୍ତି ରହସ୍ୟ**



# ରୁଷିଆ ଉପରେ କମିବ ପାଶ୍ଚାତ୍ୟର ନିର୍ଭରଶୀଳତା

## ଆମେରିକା-ଇୟୁ ଗ୍ୟାସ୍ ଚୁକ୍ତି ସ୍ୱାକ୍ଷର

ବ୍ରସେଲ୍ସ,୨୫।୩

ରୁଷିଆ ଉପରେ ଶକ୍ତି କ୍ଷେତ୍ରରେ ପାଶ୍ଚାତ୍ୟର ନିର୍ଭରଶୀଳତା ହ୍ରାସ କରିବା ପାଇଁ ଶୁକ୍ରବାର ଆମେରିକା ଓ ୟୁରୋପୀୟ ସଂଘ (ଇୟୁ) ସହଭାଗିତାର ଏକ ନୂଆ ଅଧ୍ୟାୟ ଆରମ୍ଭ କରିଛନ୍ତି। ବେଲ୍‌ଜିୟମ୍‌ର ବ୍ରସେଲ୍ସରେ ଉଭୟ ପକ୍ଷ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଗ୍ୟାସ୍ ଡିଲ୍ ସ୍ୱାକ୍ଷର ହୋଇଛି। ଚୁକ୍ତି ମୁତାବକ ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ୟୁରୋପକୁ ଚଳିତବର୍ଷ ୧୫ ବିଲିୟନ୍ କ୍ୟୁବିକ୍ ମିଟର ଲିକ୍ୱିଫାଏଡ୍ ନାଚୁରାଲ ଗ୍ୟାସ୍ ରପ୍ତାନି ବଢ଼ାଇବେ। ଏପରି କି ଆବଶ୍ୟକ ହେଲେ ଭବିଷ୍ୟତରେ ଅଧିକ ଗ୍ୟାସ୍ ଯୋଗାଇ ଦିଆଯାଇପାରେ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଘୋଷଣା କରିଛନ୍ତି। ୟୁକ୍ରେନ୍ ଆକ୍ରମଣକୁ ମାସେ ପୂରିବା ପରିପ୍ରେକ୍ଷୀରେ ମସ୍କୋକୁ ଏକଘରିକିଆ କରିବା ପାଇଁ ଏହି ପଦକ୍ଷେପକୁ ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚନା କରାଯାଉଛି।

ୟୁରୋପୀୟ ସଂଘ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଗୃହଗୁଡ଼ିକୁ ଉଷୁମ ରଖିବା ଏବଂ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ ଆବଶ୍ୟକ ହେଉଥିବା ଗ୍ୟାସ୍ ଚାହିଦାର ପ୍ରାୟ ୪୦% ରୁଷିଆ ପୂରଣ କରିଥାଏ। ଏଥିରୁ ମିଳୁଥିବା ଅର୍ଥ ମସ୍କୋ ପାଇଁ ଆୟର ଏକ ବଡ଼ ଉତ୍ସ। ଏପରି ସ୍ଥଳେ



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ୟୁରୋପୀୟ କମିଶନ ପ୍ରେସିଡେଣ୍ଟ ଉସୁଲା ଭୋନ୍ ଡେର ଲେୟେନ୍।

ୟୁକ୍ରେନ୍ ଆକ୍ରମଣର ଜବାବ ଦେବା ପାଇଁ ରୁଷିଆଠାରୁ ଗ୍ୟାସ୍ ଆମଦାନୀ ହ୍ରାସ କରିବ ବୋଲି ୨୭ ରାଷ୍ଟ୍ରକୁ ନେଇ ଗଠିତ ଏହି ବ୍ଲକ୍ ପୂର୍ବରୁ ଘୋଷଣା କରିସାରିଛି। ଆମେରିକାର ଯୋଜନା ମୁତାବକ ୟୁରୋପୀୟ ସଂଘକୁ ଅତିରିକ୍ତ ଗ୍ୟାସ୍ ଯୋଗାଇଦିଆଯିବ, ଯାହାକି ରୁଷିଆଠାରୁ ମିଳୁଥିବା ଗ୍ୟାସ୍‌ର ପ୍ରାୟ ୧୦%। ତେବେ ଇୟୁକୁ ବାର୍ଷିକ ପ୍ରାୟ ୫୦ ବିଲିୟନ୍ କ୍ୟୁବିକ୍ ମିଟର ପର୍ଯ୍ୟନ୍ତ ଗ୍ୟାସ୍ ଯୋଗାଇବା ପାଇଁ ଆମେରିକା ଲକ୍ଷ୍ୟ ରଖିଛି। ରୁଷିଆ ଉପରେ ନିର୍ଭରଶୀଳତା ହ୍ରାସ କରିବାର ତାତ୍ପର୍ଯ୍ୟ ହେଉଛି ଅଧିକ ନବୀକରଣୀୟ ଶକ୍ତି ଉତ୍ପାଦନ ଏବଂ ଶକ୍ତି ଦକ୍ଷତାରେ ଉନ୍ନତି ଆଣିବା। ୩ ଦିନିଆ ବ୍ରସେଲ୍ସ ଗସ୍ତରେ ଥିବା ବାଇଡେନ୍ ଏବଂ ୟୁରୋପୀୟ କମିଶନ ପ୍ରେସିଡେଣ୍ଟ ଉସୁଲା ଭୋନ୍ ଡେର ଲେୟେନ୍ ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌କୁ ଅତିରିକ୍ତ ସହାୟତା ଦେବା ନେଇ ଆଲୋଚନା କରିଛନ୍ତି। ଖବରଦାତା ସମ୍ମିଳନୀରେ ବାଇଡେନ୍ କହିଛନ୍ତି, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ପଡ଼ୋଶୀ ଦେଶଗୁଡ଼ିକ ଉପରେ ଦାଉ ସାଧିବା ପାଇଁ ଏନର୍ଜି ଉତ୍ସକୁ ଅସ୍ତ୍ର କରୁଛନ୍ତି। ଏନର୍ଜି ବିକ୍ରି କରି ଏଥିରୁ ମିଳୁଥିବା ଲାଭକୁ ସେ ନିଜ ଯୁଦ୍ଧ ମେଶିନର ଇନ୍ଧନ ଭାବେ ବ୍ୟବହାର କରୁଛନ୍ତି। ରୁଷିଆର ଗ୍ୟାସ୍ ଯୋଗାଣ ହ୍ରାସଜନିତ ସାମୟିକ କଷ୍ଟକୁ ଆମେରିକା-ଇୟୁ ଡିଲ୍‌ରୁ ମିଳିବାକୁ ଥିବା ଦୀର୍ଘମିଆଦୀ ଲାଭ ଲାଘବ କରିବ। ସେହିପରି ଇୟୁ ପ୍ରେସିଡେଣ୍ଟ ଭୋନ୍ ଡେର ଲେୟେନ୍ କହିଛନ୍ତି, ୟୁରୋପୀୟ ହିସାବରେ ଆମେ ରୁଷିଆଠାରୁ ଦୂରେଇଯାଇ ନିଜ ବନ୍ଧୁ ଓ ବିଶ୍ୱସ୍ତରାଷ୍ଟ୍ରଗୁଡ଼ିକଠାରୁ ଗ୍ୟାସ୍ ନେବାକୁ ପସନ୍ଦ କରିବୁ। ରୁଷିଆ ଯୋଗାଇଦେଉଥିବା ଗ୍ୟାସ୍‌ର ଏକତୃତୀୟାଂଶ ଚାହିଦାକୁ ବାର୍ଷିକ ୫୦ ବିଲିୟନ୍ କ୍ୟୁବିକ୍ ମିଟର ଟାର୍ଗେଟ ପୂରଣ କରିବ। ତେଣୁ ଆମେ ଏବେ ଠିକ୍ ବାଟରେ ଯାଉଛୁ। ପ୍ରକାଶ ଯେ, ୟୁକ୍ରେନ୍ ଆକ୍ରମଣକୁ ନେଇ କ୍ଷୁବ୍ଧ ଆମେରିକା ସମସ୍ତ ରୁଷୀୟ ତୈଳ ଓ ଗ୍ୟାସ୍ ଆମଦାନୀ ଉପରେ କଟକଣା ଲଗାଇଥିବାବେଳେ ୨୦୨୨ ଶେଷ ସୁଦ୍ଧା ପର୍ଯ୍ୟାୟକ୍ରମେ ଇମ୍ପୋର୍ଟ ବନ୍ଦ କରିବାକୁ ବ୍ରିଟେନ ନିଷ୍ପତ୍ତି ନେଇଛି। ସେହିପରି ୨୦୩୦ ପୂର୍ବରୁ ରୁଷୀୟ ଏନର୍ଜିଠାରୁ ୟୁରୋପକୁ ମୁକ୍ତ କରିବା ପାଇଁ ବିକଳ୍ପ ଯୋଗାଣ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେବାକୁ ଇୟୁ ସ୍ଥିର କରିଛି।

## ପୋଲାଣ୍ଡରେ ବାଇଡେନ୍

ରୁଷିଆକୁ ଘେରିବା ପାଇଁ ବ୍ରସେଲ୍ସରେ ଇୟୁ, ନାଟୋ ଏବଂ ଜି-୭ ରାଷ୍ଟ୍ର ନେତାଙ୍କ ସହ ସମ୍ମିଳନୀ ପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପୋଲାଣ୍ଡର ରେସ୍‌ଜ ଗସ୍ତ କରିଛନ୍ତି। ଏହି ସହର ୟୁକ୍ରେନ୍ ସୀମାରୁ ମାତ୍ର ୫୦ କି.ମି. ଦୂରରେ ଅବସ୍ଥିତ। ଜୀବନ ବଞ୍ଚାଇବା ପାଇଁ ୨୦ ଲକ୍ଷ ଲୋକ ୟୁକ୍ରେନ୍ ଛାଡ଼ି ପୋଲାଣ୍ଡରେ ଆଶ୍ରୟ ନେଇଛନ୍ତି। ସେମାନଙ୍କୁ କିପରି ମାନବୀୟ ସହାୟତା ଯୋଗାଇ ଦିଆଯାଉଛି ବାଇଡେନ୍ ତାହା ଅନୁଧ୍ୟାନ କରିଛନ୍ତି। ଏଥିସହ ପୋଲାଣ୍ଡ ରାଷ୍ଟ୍ରପତି ଆଣ୍ଡ୍ରେଜ୍ ଡୁଡାଙ୍କ ସହ ଆଲୋଚନା କରିଛନ୍ତି। ବାଇଡେନ୍ ପୋଲାଣ୍ଡରେ ମୁତୟନ ହୋଇଥିବା ଆମେରିକୀୟ ସୈନ୍ୟଙ୍କ ସହ ମଧ୍ୟ କଥା ହୋଇଛନ୍ତି।

## ଭାରତର ଆଭିମୁଖ୍ୟ ସନ୍ତୋଷଜନକ ନୁହେଁ: ଆମେରିକା

ୟୁକ୍ରେନ୍ ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ସନ୍ତୋଷଜନକ ନୁହେଁ। ତେବେ ରୁଷିଆ ସହ ଭାରତର ଐତିହାସିକ ସମ୍ପର୍କକୁ ଦେଖିଲେ ଏଥିରେ ବିସ୍ମିତ ହେବାର ନାହିଁ ବୋଲି ହ୍ୱାଇଟ୍ ହାଉସ୍ ନ୍ୟାଶନାଲ ସିକ୍ୟୁରିଟି କାଉନ୍‌ସିଲରେ ଇଣ୍ଡୋ-ପାସିଫିକ୍ ନିର୍ଦ୍ଦେଶକ ମିରା ରାପ୍-ହୁପର ଏକ ପ୍ୟାନେଲ ଆଲୋଚନା ବେଳେ କହିଛନ୍ତି। ଜାତିସଂଘରେ ରୁଷିଆର ସାମରିକ ଅଭିଯାନକୁ ନିନ୍ଦା କରାଯାଇଥିବାବେଳେ ଭାରତ ମସ୍କୋର ବିରୋଧରେ ଥରୁଟିଏ ହେଲେ ଭୋଟ ଦେଇନାହିଁ।

# ସଂକ୍ଷେପରେ

## ସୁପରଟେକ୍ ଦେବାଳିଆ ଘୋଷିତ

### ୨୫ ହଜାର ଘର କ୍ରେତା ପ୍ରଭାବିତ ହୋଇପାରନ୍ତି

**ନୂଆଦିଲ୍ଲୀ,୨୫।୩:** ରିଅଲ ଇଷ୍ଟେଟ୍ କମ୍ପାନୀ ସୁପରଟେକ୍ ଡେଭେଲପର୍ସକୁ ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି) ଶୁକ୍ରବାର ଦେବାଳିଆ ଘୋଷଣା କରିଛନ୍ତି। ଫଳରେ ପ୍ରାୟ ୨୫ ହଜାର ଗୃହ କ୍ରେତା ପ୍ରଭାବିତ ହୋଇପାରନ୍ତି ବୋଲି କୁହାଯାଉଛି। ଉକ୍ତ କମ୍ପାନୀ ବିରୋଧରେ ଦେବାଳିଆ ଅବସ୍ଥା ନେଇ ମାମଲା ଚାଲିବ। ନୋଏଡ଼ାରେ ଉକ୍ତ କମ୍ପାନୀ ବେଆଇନ ଭାବେ ନିର୍ମାଣ କରିଥିବା ୨ଟି ଟାୱାରକୁ ଭାଙ୍ଗିଦେବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ରିଅଲ ଇଷ୍ଟେଟ୍ କମ୍ପାନୀ ଉପରେ ଚାପ ବଢ଼ିବାରେ ଲାଗିଛି। କମ୍ପାନୀର ଋଣ ପରିମାଣ ୧,୨୦୦ କୋଟି ଟଙ୍କା ରହିଛି। ସୁପରଟେକ୍ ଋଣ ପରିଶୋଧ କରୁ ନ ଥିବାରୁ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏନ୍‌ସିଏଲ୍‌ଟିରେ ଆବେଦନ କରାଯାଇଥିଲା। ଏନ୍‌ସିଏଲ୍‌ଟି କାର୍ଯ୍ୟାନୁଷ୍ଠାନ ବିରୋଧରେ ନ୍ୟାଶନାଲ କମ୍ପାନୀ ଲ' ଆପିଲେଟ୍ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଏଟି)ରେ ଆବେଦନ କରିବ ବୋଲି ସୁପରଟେକ୍ କହିଛି।

## ବିନା ଅନାସ୍ଥା ପ୍ରସ୍ତାବରେ ପାକ୍ ପାର୍ଲାମେଣ୍ଟ ମୁଲତବୀ

**ଇସ୍‌ଲାମାବାଦ,୨୫।୩(ପି.ଟି.):** ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ଲାଗି ବିରୋଧୀ ଦଳଗୁଡ଼ିକ କିଛିଦିନ ହେଲା ସଜବାଜ ହେବା ସହ ପାର୍ଲାମେଣ୍ଟ ସଚିବାଳୟକୁ ନୋଟିସ ଦେଇଥିଲେ। ଶୁକ୍ରବାର ଏଥିପାଇଁ ନ୍ୟାଶନାଲ ଆସେମ୍ବ୍ଲିର ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଡକାଯାଇଥିଲା। ତେବେ ଇମ୍ରାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ବିନା ଗୃହକୁ ମୁଲତବୀ ରଖାଯାଇଛି। ବିରୋଧୀ ଏମ୍‌ପିମାନେ ଏହାର ଜୋର୍‌ଦାର ପ୍ରତିବାଦ କରିଛନ୍ତି। ଫେବୃୟାରୀ ୧୪ରେ ପରଲୋକ ହୋଇଥିବା ପାକସ୍ତାନ ତେହରିକ୍-ଇ-ଇନ୍‌ସାଫ୍ ଏମ୍‌ପି ଖୟାଲ ଜମାନଙ୍କ ପାଇଁ ଅଧିବେଶନକୁ ମାର୍ଚ୍ଚ ୨୮ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ କରାଗଲା ବୋଲି ବାଚସ୍ପତି ଅସାଦ କାଇସର ଘୋଷଣା କରିଥିଲେ। ଫଳରେ ବିରୋଧୀ ନେତାମାନେ ହଟ୍ଟଗୋଳ କରିବା ସହ ଅନାସ୍ଥା ପ୍ରସ୍ତାବ ଆଣିବା ଲାଗି ସୁଯୋଗ ଦେବାକୁ ଅନୁରୋଧ କରିଥିଲେ। ବାଚସ୍ପତି ମାଇକ୍ରୋଫୋନ୍‌ଗୁଡ଼ିକୁ ବନ୍ଦ କରିଦେଇ ନିଜ ଚାମ୍ବରକୁ ଚାଲିଯାଇଥିଲେ।

## ପୋଲିସକୁ ଦେଖି ୭ ମହଲାରୁ ଡେଇଁଲେ ପରିବାରର ୫ ସଦସ୍ୟ

**ମୋନଟ୍ରେକ୍ସ,୨୫।୩:** ସୁଇଜରଲାଣ୍ଡର ମୋନଟ୍ରେକ୍ସ ସହରରେ ରହୁଥିବା ଫ୍ରାନ୍ସର ଏକ ପରିବାରର ୫ ଜଣ ସଦସ୍ୟ ୭ ମହଲା ବିଲ୍ଡିଂର ବାଲ୍‌କୋନିରୁ ଡେଇଁପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ନାବାଳକ ଜଣକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଗୁରୁବାର ଏହି ଘଟଣା ଘଟିଛି। ଖବର ଅନୁଯାୟୀ ଏକ ମାମଲାରେ ୱାରେଣ୍ଟ ଜାରି କରିବା ଲାଗି ଦୁଇଜଣ ପୋଲିସ ଅଫିସର ସେମାନଙ୍କ ଘରର କବାଟ ବାଡ଼େଇଥିଲେ। ପରିବାର ସଦସ୍ୟ କବାଟ ନ ଖୋଲି ପଛପଟ ବାଲ୍‌କୋନିରୁ ତଳକୁ ଡେଇଁପଡ଼ିଥିଲେ। କ'ଣ ପାଇଁ ସେମାନେ ପୋଲିସକୁ କବାଟ ନ ଖୋଲି ଆତ୍ମହତ୍ୟା କଲେ ତାହାର ତଦନ୍ତ ଆରମ୍ଭ ହୋଇଛି।

# ରୁଷିଆର ପଛଘୁଞ୍ଚା ସଙ୍କେତ



ରୁଷିଆ ଆକ୍ରମଣରେ କିଭ୍‌ର ଏକ ଇନ୍ଧନ ଗୋଦାମ ଜଳି ଧୂଆଁ ଉଠୁଥିବାବେଳେ ଜଣେ ବ୍ୟକ୍ତି ରାସ୍ତାରେ ସାଇକେଲ ଚଳାଇ ଯାଉଛନ୍ତି।

କିଭ୍/ମସ୍କୋ,୨୫।୩

ବେଲ୍‌ଜିୟମ୍‌ର ବ୍ରସେଲ୍ସରେ ପାଶ୍ଚାତ୍ୟର ନେତାମାନେ ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ସପକ୍ଷରେ ଏକାଠି ହୋଇ ଜରୁରୀ ସମ୍ମିଳନୀ କରିବାର ଦିନକ ପରେ ଏହାର ସୁଫଳ ଦେଖିବାକୁ ମିଳିଛି। କିଭ୍ ଆକ୍ରମଣକୁ ମାସେ ପୂରିଥିବାବେଳେ ନାଟୋ, ଇୟୁ ଏବଂ ଜି-୭ ନେତାମାନେ ମସ୍କୋକୁ ଏକଘରିକିଆ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ରୁଷିଆ ରାସାୟନିକ ଅସ୍ତ୍ର ପ୍ରୟୋଗ କଲେ ନାଟୋ ଏହାର ଜବାବ ଦେବ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଘୋଷଣା କରିଛନ୍ତି। ଏଭଳି ସମୟରେ ରୁଷିଆର ସାମରିକ ବଳ ପଛଘୁଞ୍ଚାର ସଙ୍କେତ ଦେଇଛି। ୟୁକ୍ରେନୀୟ ସୈନ୍ୟ କିଭ୍ ସମେତ ଅନ୍ୟ କେତେକ ସହରକୁ ପୁନଃ ଦଖଲ କରିବାରେ ଲାଗିଛନ୍ତି। ସେମାନେ ରୁଷୀୟ ସୈନ୍ୟଙ୍କୁ ପ୍ରାୟ ୩୫ କି.ମି. ପର୍ଯ୍ୟନ୍ତ ଘଉଡ଼ାଇଦେଇଥିବା କୁହାଯାଉଛି। ଫଳରେ ୟୁକ୍ରେନ୍ ଦଖଲର ମହତ୍ତ୍ୱାକାଂକ୍ଷା ଛାଡ଼ିବାକୁ ରୁଷିଆ ବାଧ୍ୟ ହୋଇଛି। ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ମସ୍କୋ କେବଳ ବିଚ୍ଛିନ୍ନତାବାଦୀଙ୍କ ଦଖଲରେ ଥିବା ଲୁହନ୍‌ସ୍କ ଓ ଡୋନେସ୍କର ସୀମିତ ଅଞ୍ଚଳ ଉପରେ ଫୋକସ୍ କରିପାରେ। ପ୍ରଥମ ପର୍ଯ୍ୟାୟ ଅପରେଶନ ଆପାତତଃ ସଫଳ ହୋଇଛି। ଏବେ ୟୁକ୍ରେନ୍ ପୂର୍ବରେ ଥିବା ଉପରୋକ୍ତ ଦୁଇ ଅଞ୍ଚଳକୁ ଗୁରୁତ୍ୱ ଦିଆଯିବ।



ଷ୍ଟକ୍‌ହୋମରେ ପରିବେଶ କର୍ମୀ ଗ୍ରେଟା ଥନବର୍ଗ 'ଫାଇଡେ ଫର୍ ଫ୍ୟୁଚର' ପକ୍ଷରୁ ବିକ୍ଷୋଭରେ ସାମିଲ ହୋଇଛନ୍ତି। ଗ୍ରେଟା ରୁଷିଆର ୟୁକ୍ରେନ୍ ଆକ୍ରମଣ ଯୋଗୁ ପରିବେଶ ଉପରେ ପଡୁଥିବା କୁପ୍ରଭାବ ପ୍ରସଙ୍ଗ ଉଠାଇବା ସହ ବିଶ୍ୱତାପନ ବିରୋଧରେ ବିଶ୍ୱନେତାମାନେ ଦୃଢ଼ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି।

# ସିଭିଲ ସର୍ଭିସ୍ ପରୀକ୍ଷାରେ ଅତିରିକ୍ତ ସୁଯୋଗ ସମ୍ଭବ ନୁହେଁ

## ସୁପ୍ରିମକୋର୍ଟକୁ ଜଣାଇଲା କେନ୍ଦ୍ର

ନୂଆଦିଲ୍ଲୀ,୨୫।୩(ପି.ଟି.)

କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଅଧିକ ଥର ଉଦ୍ୟମ ପାଇଁ ସୁଯୋଗ ଦେବା ସମ୍ଭବ ନୁହେଁ ବୋଲି କେନ୍ଦ୍ର ସରକାର ଶୁକ୍ରବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ୟୁପିଏସ୍‌ସି ୨୦୨୧ ପ୍ରିଲିମ୍ ପାସ୍ କରି କୋଭିଡ୍ ପଜିଟିଭ୍ ଚିହ୍ନଟ ହେବାରୁ ମେନ୍ ପରୀକ୍ଷାର ସମସ୍ତ ପେପର ପରୀକ୍ଷା ଦେଇପାରି ନ ଥିବା ୩ ଆଶାୟୀ ପ୍ରାର୍ଥୀଙ୍କ ପିଟିଶନର ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ଉପରୋକ୍ତ ଜବାବ ଦିଆଯାଇଛି। ପରୀକ୍ଷା ପାଇଁ ଅତିରିକ୍ତ ସୁଯୋଗ ଦେବାକୁ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅତିରିକ୍ତ ସୁଯୋଗ ଦେବା ସମ୍ଭବ ନୁହେଁ ବୋଲି କେନ୍ଦ୍ର ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟି ସତ୍ୟପାଠ ଜରିଆରେ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ଏ.ଏସ୍. ଓକାଙ୍କ ଖଣ୍ଡପୀଠକୁ କହିଥିଲେ। ପରୀକ୍ଷା ଦେଇପାରି ନ ଥିବା ଆଶାୟୀମାନଙ୍କ ନିମନ୍ତେ ପୁନଃ ପରୀକ୍ଷା ଆୟୋଜନ କରିବା ବ୍ୟବସ୍ଥା ନାହିଁ ବୋଲି ନିକଟରେ ୟୁପିଏସ୍‌ସି ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ।

# ରୁଷିଆ ସହ ଇନ୍‌ଫୋସିସ୍ ଲିଙ୍କ୍ ନେଇ ଅଡୁଆରେ ଋଷି ସୁନକ

ନୂଆଦିଲ୍ଲୀ,୨୫।୩

ବ୍ରିଟେନ ଅର୍ଥମନ୍ତ୍ରୀ ଋଷି ସୁନକଙ୍କ ସ୍ତ୍ରୀ ଅକ୍ଷତା ମୂର୍ତ୍ତିଙ୍କର ଭାରତୀୟ ସଫ୍ଟୱେର କମ୍ପାନୀ ଇନ୍‌ଫୋସିସ୍‌ରେ ଅଂଶଧନ ରହିଥିବାବେଳେ ଉକ୍ତ କମ୍ପାନୀର ରୁଷିଆ ସହ ଲିଙ୍କ୍‌କୁ ନେଇ ତାଙ୍କୁ କଠିନ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିଛି। ୟୁକ୍ରେନ୍ ଆକ୍ରମଣ ପାଇଁ ରୁଷିଆ ଉପରେ ବ୍ରିଟେନ୍ ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ କଟକଣା ଲଗାଇଛନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସମୟରେ ସେ ଉପକୃତ ହୋଇଛନ୍ତି କି ବୋଲି ଇନ୍‌ଫୋସିସ୍ ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କ ଜ୍ୱାଇଁ ଋଷିଙ୍କୁ ସ୍କାଏ ନ୍ୟୁଜ୍‌ର ଜଣେ ଖବରଦାତା ପ୍ରଶ୍ନ କରିଛନ୍ତି। ସେହିପରି ବ୍ୟବସାୟ ସଂସ୍ଥାଗୁଡ଼ିକୁ ଅର୍ଥମନ୍ତ୍ରୀଙ୍କ ପରାମର୍ଶକୁ ତାଙ୍କ ନିଜ ଘରେ ଅନୁପାଳନ କରାଯାଉ ନାହିଁ କି ବୋଲି ଖବରଦାତା ପଚାରିଥିଲେ।

# 'ବିମୁଦ୍ରୀକରଣ ଲକ୍ଷ୍ୟ ଭୁଲ୍ ପ୍ରମାଣିତ'

ନୂଆଦିଲ୍ଲୀ,୨୫।୩

କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ ନୀତିକୁ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଶୁକ୍ରବାର ସମାଲୋଚନା କରାଯାଇଛି। ବିମୁଦ୍ରୀକରଣ ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଓ ଲକ୍ଷ୍ୟ ସମ୍ପୂର୍ଣ୍ଣ ଭୁଲ୍ ପ୍ରମାଣିତ ହୋଇଥିବା ବରିଷ୍ଠ ବିଜେଡି ଏମ୍‌ପି ପିନାକୀ ମିଶ୍ର କହିଛନ୍ତି। ଲୋକ ସଭାରେ ୨୦୨୨ ଅର୍ଥ ବିଲ୍ ଆଲୋଚନାରେ ଭାଗନେଇ ପିନାକୀ କହିଥିଲେ, କଳାଧନ ଦୂର କରିବା, ଡିଜିଟାଲ ଅର୍ଥନୀତିର ପ୍ରସାର, ଜାଲ୍ ନୋଟ କାରବାର ରୋକିବା ଏବଂ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ କରିବା ଲକ୍ଷ୍ୟରେ ବିମୁଦ୍ରୀକରଣ କରାଯାଇଥିଲା। ସେଥିରୁ କୌଣସି ଲକ୍ଷ୍ୟ ପୂରଣ ହୋଇନାହିଁ ଏହା ଟ୍ରେଜରୀ ବେଞ୍ଚ୍ ବୁଝିବା ଉଚିତ। ୧୬ ଲକ୍ଷ କୋଟି ଟଙ୍କା ଅଚଳ କରାଯାଇଥିଲା



ପିନାକୀ ମିଶ୍ର

ଓ ସମ୍ପୂର୍ଣ୍ଣ ଅର୍ଥ ବ୍ୟାଙ୍କକୁ ଫେରିଥିଲା। ଏପରିକି ରିଜର୍ଭ ବ୍ୟାଙ୍କ ଇସ୍ୟୁ ବାହାରେ ୩୦,୦୦୦ କୋଟି ଟଙ୍କା ବ୍ୟାଙ୍କକୁ ଫେରିଥିଲା। ଅର୍ଥାତ୍ ୩୦,୦୦୦ କୋଟି ଟଙ୍କାର ଜାଲ୍ ନୋଟ ଆମ ମୁଦ୍ରା ବ୍ୟବସ୍ଥାକୁ ଚାଲିଆସିଥିଲା । ବର୍ତ୍ତମାନ ଦେଶରେ ନଗଦ ୨୯ ଲକ୍ଷ କୋଟି ଟଙ୍କାର ମୁଦ୍ରା ପ୍ରଚଳିତ ହେଉଛି। ପିନାକୀ ଦେଶର ଟିକସ ବ୍ୟବସ୍ଥାକୁ ସମାଲୋଚନା କରିବା ସହ ଏଥିରେ ସଂସ୍କାର ଆଣିବା ଆବଶ୍ୟକତା ରହିଛି ବୋଲି କହିଛନ୍ତି।

# ରାମପୁରହାଟରେ ସିବିଆଇ ତନାଘନା

## ମାମଲାର ତଦନ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶ

କୋଲକାତା,୨୫।୩

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଫରେନ୍‌ସିକ୍ ଟିମ୍ ଶୁକ୍ରବାର କୋଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପଶ୍ଚିମବଙ୍ଗର ବୀରଭୂମ ଜିଲା ରାମପୁରହାଟ ଗୃହଦାହ ମାମଲାର ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ଏହାର ତଦନ୍ତ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଥିଲା। କିନ୍ତୁ ହାଇକୋର୍ଟ ଏସ୍‌ଆଇଟିର ଯାଞ୍ଚକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ସିବିଆଇକୁ ଏହାର ତଦନ୍ତ ଭାର ଦେଇଛନ୍ତି। ଏଥିସହ ଏପ୍ରିଲ ୭ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହି ଗୃହଦାହ ଘଟଣାକୁ ନେଇ ପଶ୍ଚିମବଙ୍ଗ ସରକାରଙ୍କଠାରୁ ବିସ୍ତୃତ ରିପୋର୍ଟ ମାଗିଛନ୍ତି। ଭାଜପା ଏମ୍‌ପିଙ୍କ ୯ ଜଣିଆ ଟିମ୍ ଅପରାଧସ୍ଥଳ ପରିଦର୍ଶନ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ହସ୍ତକ୍ଷେପ ଲୋଡ଼ିବା ପରେ ମନ୍ତ୍ରଣାଳୟ ପକ୍ଷରୁ ରିପୋର୍ଟ ତଲବ କରାଯାଇଛି। ଭାଜପା ଏବଂ ସିପିଆଇଏମ୍ ସିବିଆଇ ତଦନ୍ତ ନିର୍ଦ୍ଦେଶକୁ ସ୍ୱାଗତ କରିଥିବାବେଳେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ତଦନ୍ତକାରୀ ସଂସ୍ଥାକୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି କହିଛି। ପ୍ରକାଶ ଯେ, ବର୍ଶାଲ ଗ୍ରାମର ଟିଏମ୍‌ସି ନେତା ଭାଦୁ ଶେଖ୍‌ଙ୍କୁ ସୋମବାର ରାତିରେ ହତ୍ୟା କରାଯାଇଥିଲା। ଏହାର କିଛି ଘଣ୍ଟା ପରେ ରାମପୁରହାଟର ବୋଗ୍‌ଟୁଇ ଗ୍ରାମରେ ଏକ ଭସ୍ମୀଭୂତ ଘରୁ ୭ ଜଣଙ୍କ ମୃତଦେହ ମିଳିଥିବାବେଳେ ଅନ୍ୟ ଜଣେ ଆହତ ମହିଳା ହସ୍ପିଟାଲରେ ପ୍ରାଣ ହରାଇଥିଲେ। ମୃତକଙ୍କ ମଧ୍ୟରେ ୨ ଶିଶୁ ଓ ୬ ମହିଳା ଥିଲେ।



ରାମପୁରହାଟର ଅପରାଧସ୍ଥଳରେ ସିବିଆଇର ଫରେନ୍‌ସିକ୍ ଟିମ୍।

## ରାଜ୍ୟ ସଭାରେ ଗୃହଦାହ ତାତି

ନୂଆଦିଲ୍ଲୀ,୨୫।୩

ପଶ୍ଚିମବଙ୍ଗ ରାମପୁରହାଟ ଗୃହଦାହ ମାମଲାର ତାତି ଶୁକ୍ରବାର ପାର୍ଲାମେଣ୍ଟରେ ଅନୁଭୂତ ହୋଇଛି। ରାଜ୍ୟ ସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଶୂନ୍ୟକାଳରେ ଭାଜପା ସଦସ୍ୟା ରୁପା ଗାଙ୍ଗୁଲି ୮ ଜଣଙ୍କ ଜୀବନ ଯାଇଥିବା ବୀରଭୂମ ଘଟଣା ଉଠାଇଥିଲେ। ରୁପା ଏହାକୁ ଗଣହତ୍ୟା ଭାବେ ଅଭିହିତ କରି ଦୃଢ଼ ନିନ୍ଦା କରିଥିଲେ। ଫଳରେ ତୃଣମୂଳ କଂଗ୍ରେସ ସଦସ୍ୟମାନେ କ୍ଷୁବ୍ଧ ହୋଇ ଗୃହର ମଧ୍ୟଭାଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭାଜପା ସଦସ୍ୟମାନେ ମଧ୍ୟ ଟିଏମ୍‌ସି ବିରୋଧରେ ସ୍ଲୋଗାନ ଦେଇଥିଲେ। ହୋହଲ୍ଲା ମଧ୍ୟରେ ଉପାଧ୍ୟକ୍ଷ ହରିବଂଶ ଗୃହକୁ ୨୫ ମିନିଟ ପର୍ଯ୍ୟନ୍ତ ମୁଲତବୀ କରିଥିଲେ।

# ପୂର୍ବ ଲଦାଖରୁ ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର କର

## ଚାଇନା ବହିର୍ବ୍ୟାପାର ମନ୍ତ୍ରୀଙ୍କୁ ଭାରତର ପରାମର୍ଶ

ନୂଆଦିଲ୍ଲୀ,୨୫।୩

ଭାରତ-ଚାଇନା ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ପାଇଁ ପୂର୍ବ ଲଦାଖରୁ ବେଜିଂକୁ ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର କରିବାକୁ ପଡ଼ିବ ବୋଲି ଶୁକ୍ରବାର ନୂଆଦିଲ୍ଲୀ ସ୍ପଷ୍ଟ କରିଛି। ଭାରତ ଗସ୍ତରେ ଆସିଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟିଙ୍କ ସହ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ପାରସ୍ପରିକ ସୁରକ୍ଷା ଓ ସମାନତାକୁ ଉଲ୍ଲଂଘନ କରିବା ଭଳି କୌଣସି ପଦକ୍ଷେପ ନ ନେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସୀମାରେ ଶାନ୍ତି ପ୍ରତିଷ୍ଠା ପାଇଁ ସୈନ୍ୟ ଅପସାରଣ ଆଲୋଚନାର ପରିବେଶ ସୃଷ୍ଟି କରିବ ବୋଲି ଡୋଭାଲ କହିଛନ୍ତି। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମଧ୍ୟ ହାଇଦ୍ରାବାଦ ହାଉସ୍‌ରେ ଚାଇନା ପ୍ରତିପକ୍ଷ ୟିଙ୍କ ସହ ବିସ୍ତୃତ ଆଲୋଚନା କରି ସୈନ୍ୟ ଅପସାରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଭାରତ ଉପରେ ଏକ ନିରପେକ୍ଷ ନୀତି ଅବଲମ୍ବନ କରିବା ସହ ଅନ୍ୟ କୌଣସି ଦେଶ ଦ୍ୱାରା ପ୍ରଭାବିତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ଇତିମଧ୍ୟରେ ୟିଙ୍କ ଗସ୍ତକୁ ବିରୋଧ କରି ନୂଆଦିଲ୍ଲୀ ସମେତ ଦେଶର କେତେକ ସ୍ଥାନରେ ବିକ୍ଷୋଭ କରାଯାଇଥିବା ଦେଖିବାକୁ ମିଳିଛି।



ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସ୍‌ରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଚାଇନା ପ୍ରତିପକ୍ଷ ୱାଙ୍ଗ୍ ୟି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୭,୮୭,୫୪,୦୩୫ | ୬୧,୩୫,୬୩୯ | ୪୧,୩୩,୭୬,୮୧୮ |
| ଭାରତ | ୪,୩୦,୧୬,୩୭୨ | ୫,୧୬,୬୮୫ | ୪,୨୪,୭୮,୦୮୭ |
| ଓଡ଼ିଶା | ୧୨,୮୭,୩୭୮ | ୯୧୧୭(+୫୩) | ୧୨,୭୭,୮୧୯ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଦେଶ ଉନ୍ନତିରେ ସହଭାଗୀ ହୁଅନ୍ତୁ ଯୁବଗୋଷ୍ଠୀ



**ପ୍ରଭୁଚରଣ ମହାନ୍ତି**
**ଡାଇରେକ୍ଟର, ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲ୍ସ**

**ଶିକ୍ଷା ମଣିଷର ମୌଳିକ ଆବଶ୍ୟକତା। ଦେଶ ଓ ଜାତିର ଉନ୍ନତି ଦିଗରେ ଉତ୍ତମ ଶିକ୍ଷା ହିଁ ବାଟ କଢ଼ାଏ। ଇଂଲିଶ୍ ମାଧ୍ୟମ ଶିକ୍ଷା ସମେତ ଆଦର୍ଶ, ଜାତୀୟତାବାଦ ଓ ସଂସ୍କୃତିସମ୍ପନ୍ନ ମୂଲ୍ୟବୋଧରେ ପ୍ରତିଷ୍ଠିତ ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲ୍ସର ନିର୍ଦ୍ଦେଶକ ପ୍ରଭୁଚରଣ ମହାନ୍ତି ଧରିତ୍ରୀକୁ ସାକ୍ଷାତ୍କାର ଦେଇ ଶିକ୍ଷା ବ୍ୟବସ୍ଥା ଉପରେ ମତ ରଖିଛନ୍ତି।**

**●ବ୍ୟବସାୟ କ୍ଷେତ୍ରକୁ କିପରି ଆସିଲେ?**
ମୁଁ ରେଭେନ୍ସାରୁ ସ୍ନାତକ ପାସ୍ କରି ଖଲିକୋଟରେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ପଢ଼ିଲି। ସେହି ସମୟରେ ମୋ ମାମୁ ତଥା ବ୍ରହ୍ମପୁରର ବିଶିଷ୍ଟ ବ୍ୟବସାୟୀ ସ୍ୱର୍ଗତ ମଧୁସୂଦନ ପଟ୍ଟନାୟକଙ୍କ ଅନେକ ଖ୍ୟାତି ଥାଏ। ମାମୁଙ୍କୁ ଦେଖି ବ୍ୟବସାୟ କରିବାର ଇଚ୍ଛା ଥିଲା। ମାତ୍ର ବାପା ସ୍ୱର୍ଗତ ଡମ୍ବରୁଧର ମହାନ୍ତି ଜଣେ ସରକାରୀ କର୍ମଚାରୀ ଥିଲେ। ତେଣୁ ମୁଁ ଚିନ୍ତା କରୁଥିବା ବ୍ୟବସାୟ ସହଜ ନ ଥିଲା। ଫଳରେ ମାମୁଙ୍କ ତତ୍ତ୍ୱାବଧାନରେ ରିୟଲ ଇଷ୍ଟେଟ୍ ବ୍ୟବସାୟରେ ପାଦ ଦେଲି।

**●ବ୍ୟବସାୟରେ ସଫଳତା ପରେ ବି ଶିକ୍ଷାୟତନ ସୃଷ୍ଟି କରିବାକୁ ମନ ବଳାଇଲେ କାହିଁକି?**
ମୁଁ ସେରାମିକ୍ ଟାଇଲ୍ ଓ ରିୟଲ୍ ଇଷ୍ଟେଟ୍ ବ୍ୟବସାୟରେ ସଫଳ ଥିଲି। ଏପରି କି ସାରା ରାଜ୍ୟରେ ମୋର ବ୍ୟବସାୟ ବଢ଼ିଚାଲିଥିଲା। ସ୍ନାତକୋତ୍ତର ସାଥୀ ଶିକ୍ଷାବିତ୍ ଜି.ଏସ୍. ପଟ୍ଟନାୟକଙ୍କ ସହ ବହୁ ସମୟରେ ସାକ୍ଷାତ ହେଉଥିଲା। ତାଙ୍କ କର୍ମସ୍ଥଳୀ ବିଦ୍ୟାଳୟକୁ ମଧ୍ୟ ମୁଁ ଯାଇଛି। ଆମେ ଦୁହେଁ କଟକରେ ସେଣ୍ଟ ଜାଭିୟର୍ ସ୍କୁଲ୍ ପ୍ରତିଷ୍ଠା କରିବାକୁ ଇଚ୍ଛା ପ୍ରକାଶ କଲୁ। ଏଥିପାଇଁ କେତେଜଣ ସମଭାବାପନ୍ନ ବ୍ୟକ୍ତିଙ୍କୁ ନେଇ ଏକ ଗ୍ରୁପ୍ ତିଆରି କଲୁ। ସେହି ସମୟରେ ଇଂଲିଶ୍ ମାଧ୍ୟମ ସ୍କୁଲ୍‌ଗୁଡ଼ିକୁ କିଛି ଅନୁଷ୍ଠାନ କବଳିତ କରି ରଖିଥିଲେ। ଏକ ନୂଆ ଦିଶାରେ ଶିକ୍ଷାନୁଷ୍ଠାନ ତିଆରି ବ୍ୟବସ୍ଥା ହେଲା।

**●ଅଭିଭାବକମାନେ ସେଣ୍ଟ ଜାଭିୟର ସ୍କୁଲ୍‌କୁ କାହିଁକି ପସନ୍ଦ କରନ୍ତି?**
ଶିକ୍ଷାୟତନ ଲାଗି ଗମନାଗମନ, ପିଲାଙ୍କ ଉନ୍ନତି ପାଇଁ ଅଭିଭାବକମାନଙ୍କ ସହ ସାକ୍ଷାତ ଓ ଶିକ୍ଷା ଛଡ଼ା ଅନ୍ୟାନ୍ୟ ବୌଦ୍ଧିକ ଉନ୍ନତିର ପାଠ୍ୟକ୍ରମ ସଂଯୋଗ ଆଦିକୁ ମୂଳମନ୍ତ୍ର କରିଛୁ। ମାତାପିତା ଓ ଶିକ୍ଷକଙ୍କ ମଧ୍ୟରେ ମାସିକ ଆଲୋଚନାରେ ନିର୍ଯ୍ୟାସକୁ ନେଇ ପିଲାଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଉ। ଅନଗ୍ରସର ପିଲାଙ୍କୁ ଅଧିକ ଧ୍ୟାନ ଦେବା ପାଇଁ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥାଏ। ଶିକ୍ଷା ସହିତ ସଙ୍ଗୀତ, ନୃତ୍ୟ, ତର୍କ, ଚିତ୍ରାଙ୍କନ ଆଦିରେ ଛାତ୍ରୀଛାତ୍ରଙ୍କୁ ଆଗକୁ ବଢ଼ିବା ପାଇଁ ସୁଯୋଗ ଦିଆଯାଏ।




**●ଗୋଟିଏ ପରେ ଗୋଟିଏ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବା ପଛର କାରଣ କ'ଣ?**
ସେଣ୍ଟ ଜାଭିୟର୍ସ ହାଇସ୍କୁଲ୍‌ର ଆଭିମୁଖ୍ୟ ହେଉଛି 'ସମସ୍ତଙ୍କ ପାଇଁ ଶିକ୍ଷା'। ଏହି ପରିପ୍ରେକ୍ଷୀରେ ଅନଗ୍ରସର ଅଞ୍ଚଳରେ ଇଂଲିଶ୍ ମାଧ୍ୟମ ଶିକ୍ଷାକୁ ସବୁ ବର୍ଗର ପିଲାଙ୍କ ପାଖରେ ପହଞ୍ଚାଇବା ପ୍ରୟାସ ଅବ୍ୟାହତ ରହିଛି। ଏଥିରୁ ମାଳ ଅଞ୍ଚଳ ଓ ମାଓବାଦୀ ଅଞ୍ଚଳ ମଧ୍ୟ ବାଦ୍ ପଡ଼ିନାହିଁ। କୌଣସି ପିଲା ଯେପରି ଶିକ୍ଷା ଅଧିକାରରୁ ବଞ୍ଚିତ ନ ହେବେ ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ଏବେ ଗ୍ରୁପ୍‌ର ଓଡ଼ିଶା ବ୍ୟତୀତ ଛତିଶଗଡ଼, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ଦିଲ୍ଲୀ, ଗୁଡ଼୍‌ଗାଓଁ ଓ ନଏଡାରେ ୬୪ଟି ସ୍କୁଲ୍ କାର୍ଯ୍ୟ କରୁଛି।

**●'କ୍ରିଷ୍ଣମୂର୍ତ୍ତି' ନାମରେ ବିଦ୍ୟାଳୟ ସ୍ଥାପନର ଉଦ୍ଦେଶ୍ୟ କ'ଣ?**
'କ୍ରିଷ୍ଣମୂର୍ତ୍ତି ୱାର୍ଲ୍ଡ ଅଫ୍ ସ୍କୁଲ୍' ଆମର ୫୧ତମ ସ୍କୁଲ୍। ଏହା ଏକ ଗ୍ରୁପ୍ କନ୍‌ସେପ୍ଟ ସ୍କୁଲ୍। ଏହାକୁ ସଂସ୍କୃତି ଓ ପରମ୍ପରା ବଜାୟ ରଖିବା ଲକ୍ଷ୍ୟରେ ପ୍ରତିଷ୍ଠା କରାଯାଇଛି। ପ୍ରାରମ୍ଭରେ ମାତାପିତାଙ୍କ ସେବା, ଧନ ଓ ଜନ ସଞ୍ଚୟ, ସମ୍ପର୍କ ଓ ସଂଯୋଗ, ପରିବେଶପ୍ରେମ, ଜାତୀୟତାବୋଧ ଆଦି ନୈତିକ ଶିକ୍ଷାର ଭିତ୍ତିଭୂମିକୁ ଗୁରୁତ୍ୱ ଦିଆଯାଇଥାଏ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଓ ଗଜପତିଙ୍କ ଭଳି ବିଶିଷ୍ଟ ବ୍ୟକ୍ତିଙ୍କ ସଦୁପଦେଶରେ ସ୍କୁଲ୍ ଚାଲିଛି। ଶାନ୍ତିର ପ୍ରତୀକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ପ୍ରତିଫଳନରେ ତାଙ୍କ ମୂର୍ତ୍ତି ପ୍ରତିଷ୍ଠିତ କରାଯାଇଛି।

**●ଆଗାମୀ ଲକ୍ଷ୍ୟ କ'ଣ ଅଛି ?**
ଆଗକୁ ଓଡ଼ିଶାର ସବୁ ଜିଲାର ପ୍ରମୁଖ ସ୍ଥାନରେ ସ୍କୁଲ୍ ପ୍ରତିଷ୍ଠାର ଯୋଜନା ରହିଛି। ପିଲାମାନଙ୍କୁ ଇଂଲିଶ୍ ମାଧ୍ୟମ ଶିକ୍ଷା ସହିତ ନୈତିକ ଆଦର୍ଶରେ ଅନୁପ୍ରାଣିତ କରିବାକୁ ଲକ୍ଷ୍ୟ ରଖିଛୁ।

**●କୋଭିଡ୍ ସମସ୍ୟାର ସମାଧାନ କିଭଳି କରିଥିଲେ?**
କୋଭିଡ୍ ସ୍ଥିତି ଅସମ୍ଭାଳ ହୋଇପଡ଼ିଥିଲା। ଦୀର୍ଘଦିନ ଧରି ସ୍କୁଲ୍ ବନ୍ଦ ରହିବାରୁ ବହୁ ଆର୍ଥିକ କ୍ଷତି ହୋଇଥିଲା। ସ୍କୁଲ୍‌ର ରକ୍ଷଣାବେକ୍ଷଣ, କମ୍ପ୍ୟୁଟର ଓ ଅନ୍ୟାନ୍ୟ ଲାବ୍ ଯନ୍ତ୍ରପାତିର ସୁରକ୍ଷା, ବସ୍ ଓ ଯାନବାହନ ବୀମା, ସୁରକ୍ଷା କର୍ମଚାରୀ ଓ ଶିକ୍ଷକମାନଙ୍କ ଦରମା ଦେବା କାଠିକର ଥିଲା। ପରେ ଅନ୍‌ଲାଇନ୍ ଶିକ୍ଷା ପ୍ରଚଳନରେ ଆବଶ୍ୟକ ସରଞ୍ଜାମ ମଧ୍ୟ କିଣିବାରେ ଅର୍ଥ ବ୍ୟୟ କରିବାକୁ ପଡ଼ିଥିଲା। ଏହି ସମୟରେ ନିଟ୍ ପାସ୍ କରିଥିବା ମୋର ଦୁଇପୁଅ ସମ୍ୟକ୍ ଓ ସାମର୍ଥ ଅନ୍‌ଲାଇନ୍ ଶିକ୍ଷା ଏବଂ ଡିଜିଟାଲ୍ ପାଠ୍ୟକ୍ରମ ପାଇଁ ଏସ୍ଏସ୍ ଇନୋଭେଶନ୍ ଲ୍ୟାବ୍ ସ୍ଥାପନ କରାଇ ସମାଧାନର ବାଟ ଦେଖାଇଥିଲେ।

**●ଶିକ୍ଷା ବ୍ୟତୀତ ଯୁବଗୋଷ୍ଠୀଙ୍କୁ କି ଉପଦେଶ ଦେବେ?**
ଯୁବଗୋଷ୍ଠୀ ନିଜ ବୁଦ୍ଧିବିଦ୍ୟା ବଳରେ ନୂଆ ଷ୍ଟାର୍ଟଅପ୍ ପ୍ରକଳ୍ପ ଆରମ୍ଭ କରି ଦେଶ ଓ ଜାତିର ଉନ୍ନତିରେ ସହାୟକ ହୁଅନ୍ତୁ। ଏହାଦ୍ୱାରା ସେମାନେ ଦେଶର ଆର୍ଥିକ ଓ ସାମାଜିକ ଉନ୍ନତିରେ ଭାଗୀଦାର ହୋଇପାରିବେ। ପିଲାମାନେ ବାହାର ଦେଶକୁ ନ ଯାଇ ଭାରତରେ କର୍ମନିଯୁକ୍ତି ସୃଷ୍ଟି କରନ୍ତୁ।

## ବୋଲେରୋ ଧକ୍କାରେ ମହିଳାଙ୍କ ମୃତ୍ୟୁ

**ଆସିକା,୨୫।୩ (ଡି.ଏନ.ଏ.):** ଗାଙ୍ଗପୁର ଥାନା ନିମିନା ଗ୍ରାମରେ ଶୁକ୍ରବାର ବୋଲେରୋ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସେହି ଗ୍ରାମର କାଇଁଚ ନାଇକ (୫୦)। କାଇଁଚ ଏକ ଭୋଜିରେ ଯୋଗଦେଇ ସ୍ୱାମୀଙ୍କ ଲାଗି ଭୋଜିଭାତ ନେଇ ଚାଲି ଚାଲି ଯାଉଥିଲା ବେଳେ ବୋଲେରୋ ଧକ୍କା ଦେଇଥିଲା। ତାଙ୍କୁ ପ୍ରଥମେ ବାଲିସିରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।






## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଡ଼ିଗଲେ ଶାରିଶୁଆ
ବସିଲେ ବାଉଁଶେ
ନଖ ପାଣି ମୁଖେ ମଲା
ଏ ଯୁବା ବୟସେ ।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ମନର ମଣିଷ ସହ ଭେଟ ହୋଇ ନ ପାରିଲେ ପ୍ରେମୀ ହତାଶ ହୋଇଯାଏ,ମନ ବେଦନାସିକ୍ତ ହୋଇଯାଏ। ପ୍ରେୟସୀର ପ୍ରିୟ ପାଇଁ ଦୀର୍ଘ ପ୍ରତୀକ୍ଷା କରିବାର ଅନୁଶୋଚନା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉପରେ କେଡ଼େ ସୁନ୍ଦର
ଭିତରେ ପୋଡା ଅଙ୍ଗାର ।**

ମହାକାଳ ଫଳ ଦେଖିବାକୁ କେତେ ସୁନ୍ଦର ଅଥଚ ଭିତରେ ପୋଡା ଅଙ୍ଗାର। ସେହିପରି ବାହାରେ ମିଷ୍ଟଭାଷୀ ବୋଲାଉଥିବା କିଛି ବ୍ୟକ୍ତି ଭିତରେ ଭିତରେ କପଟାଚରଣ କରୁଥିବାର ଦେଖିବାକୁ ମିଳୁଥିବାବେଳେ ଏମାନଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଦୂତୀଙ୍କ ସୋସିଆଲ ମିଡିଆ ପୋଷ୍ଟକୁ ନେଇ ବିବାଦ

**ଭୁବନେଶ୍ୱର, ୨୫।୩ (କ୍ରୀଡ଼ା ପ୍ରତିନିଧି)**

ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ସଫଳତା ଅର୍ଜନ କରି ରାଜ୍ୟ ଓ ଦେଶକୁ ଗର୍ବିତ କରିଥିବା ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଏବେ କିନ୍ତୁ ଭିନ୍ନ ଏକ କାରଣ ପାଇଁ ଚର୍ଚ୍ଚାରେ ରହିଛନ୍ତି। ତାଙ୍କର ଏକ ସୋସିଆଲ ମିଡିଆ ପୋଷ୍ଟକୁ ନେଇ ବିବାଦ ସୃଷ୍ଟି ହୋଇଛି। ଓଡ଼ିଶା ସରକାର ସାରା ରାଜ୍ୟରେ ଖେଳାଳିଙ୍କ ପାଇଁ ଭିତ୍ତିଭୂମି ତିଆରି କରିବାରେ ବ୍ୟସ୍ତ ଥିଲେ ହେଁ ଏପଟେ କ୍ରୀଡ଼ାବିତ୍‌ମାନେ ଦିନକୁ ଦିନ ହଜି ଗଲେଣି। ହକି ଇଣ୍ଡିଆ ପାଇଁ କୋଟିକୋଟି ଟଙ୍କାର ଅର୍ଥ ଅଛି, ମାତ୍ର ଆଥ୍‌ଲେଟିକ୍ସ ପାଇଁ କିଛି ନାହିଁ। ଖେଳକୁ ନେଇ ଏଠିସବୁ ରାଜନୀତି ଚାଲିଛି ବୋଲି ଦୂତୀ ଶୁକ୍ରବାର ନିଜ ଫେସ୍‌ବୁକ୍ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ବିଭିନ୍ନ ମହଲରୁ ପ୍ରତିକ୍ରିୟା ଆସିବା ପରେ ଦୂତୀ ଯଦିଓ ଏହି ପୋଷ୍ଟକୁ ହଟାଇ ଦେଇଥିଲେ ତେବେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଅଲିମ୍ପିଆନ ଦିଲୀପ ତିର୍କୀ ଏପରି ପୋଷ୍ଟକୁ ନାପସନ୍ଦ କରିଛନ୍ତି। ଜଣେ ଖେଳାଳି ଭାବେ ମୁଁ ଆଉ ଜଣେ ଖେଳାଳିଙ୍କ ଏଭଳି ମନ୍ତବ୍ୟକୁ ଘୋର ନିନ୍ଦା କରୁଛି। ରାଜ୍ୟ ସରକାର ପ୍ରତ୍ୟେକ ଖେଳକୁ ସମାନ ଗୁରୁତ୍ୱ ଦେଇ ଆସୁଛନ୍ତି। ଅଲିମ୍ପିକ୍ସରେ ମେଡାଲ ଜିତିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ। ଭୁବନେଶ୍ୱର (ଓଡ଼ିଶା)କୁ କାହିଁକି ସ୍ପୋର୍ଟ୍ସ କ୍ୟାପିଟାଲ କୁହାଯାଉଛି ତାହା କାହାକୁ ଅଛପା ନାହିଁ। କ୍ରୀଡ଼ା କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ଭାରତକୁ ପ୍ରଥମ ପରିଚୟ ହକି ହିଁ ଦେଇଛି। ଏଭଳି ମନ୍ତବ୍ୟ ଅନ୍ୟ ଖେଳାଳିଙ୍କ ପ୍ରତି ଗ୍ରହଣୀୟ ନୁହେଁ ବୋଲି ଦିଲୀପ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା, ଅନ୍ତର୍ଜାତୀୟ କ୍ରିକେଟର ତଥା ଜାତୀୟ ଚୟନକର୍ତ୍ତା ଦେବାଶିଷ ମହାନ୍ତି, ଅଲିମ୍ପିଆନ ଆଥଲେଟ୍ ଅନୁରାଧା ବିଶ୍ୱାଳ ମଧ୍ୟ ଏହାକୁ ନାପସନ୍ଦ କରିଛନ୍ତି। ଏଥିପାଇଁ ଦୂତୀ କ୍ଷମା ମାଗନ୍ତୁ ବୋଲି ପ୍ରକାଶ କରାଯାଇଛି। ଅନ୍ୟପକ୍ଷରେ ଦୂତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ମୋ କଥାକୁ କଦର୍ଥ କରାଯାଇଥିବାରୁ ମୁଁ ଅତ୍ୟନ୍ତ ମର୍ମାହତ। ଦେଶରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବାରେ ଓଡ଼ିଶା ନମ୍ବରୱାନ। କ୍ରୀଡ଼ାକ୍ଷେତ୍ରକୁ ଅବଦାନ ପାଇଁ ମୁଁ ସର୍ବଦା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇ ଆସିଛି। ଓଡ଼ିଶାର ସାଧାରଣ କ୍ରୀଡ଼ାବିତ୍‌ମାନେ ଉପକୃତ ହେବାଭଳି କିଛି ଯୋଜନା ପ୍ରସ୍ତୁତ କରାଯାଉ ବୋଲି ମୁଁ ନିବେଦନ କରୁଛି।




# ଭିଜିଲାନ୍ସ ଜାଲରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀ

**ମାଲକାନଗିରି, ୨୫।୩ (ଡି.ଏନ.ଏ.)**

ମାଲକାନଗିରି ଜିଲା ଗ୍ରାମ୍ୟ ନିର୍ମାଣ ବିଭାଜନ-୧ର ନିର୍ବାହୀଯନ୍ତ୍ରୀ ଆଶିଷ କୁମାର ଦାସ ଭିଜିଲାନ୍ସ ଜାଲରେ ପଡିଛନ୍ତି। ସେ ଶୁକ୍ରବାର ଡିସିବି ବ୍ୟାଙ୍କରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜମା କରିବାକୁ ଯାଇଥିବା ବେଳେ ଦୁର୍ନୀତି ନିବାରଣ ବିଭାଗ ଅଧିକାରୀମାନେ ଚଢାଉ କରି ତାଙ୍କୁ ଧରିଥିଲେ। ତାଙ୍କ ବାସଭବନ ଓ କାର୍ଯ୍ୟାଳୟ ଉପରେ ମଧ୍ୟ ଚଢାଉ କରାଯାଇଛି। ମାର୍ଚ୍ଚ ମାସରେ କେତେକ ଠିକାଦାରଙ୍କୁ ବିଲ୍ କରିଦେବାକୁ କହି ଦାସ ଏହି ଅର୍ଥ ପିସି ଆକାରରେ ନେଇଥିବା ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ମାଲକାନଗିରି, ନବରଙ୍ଗପୁର ଓ ଜୟପୁରର ଭିଜିଲାନ୍ସ ଟିମ୍ ମିଳିତ ଭାବେ ଚଢାଉ କରିଛନ୍ତି। ତାଙ୍କଠାରୁ ୧୦ ଲକ୍ଷ ୨୩ ହଜାର ୯୭୦ ଟଙ୍କା ଜବତ ହୋଇଛି। ଭିଜିଲାନ୍ସ ଡିଏସ୍‌ପିଙ୍କ କାର୍ଯ୍ୟାଳୟକୁ ନେଇ ତାଙ୍କୁ ଅଧିକ ପଚରାଉଚରା କରାଯାଉଛି।

## ପ୍ରଥମ ପୃଷ୍ଠାରୁ...

### ଭୋଟର ତାଲିକା ସହ ...

ଦେବାକୁ ନିର୍ବାଚନ କମିଶନଙ୍କୁ କୁହାଯାଇଛି।ଇଭିଏମ୍‌ଗୁଡ଼ିକର ସୋର୍ସ କୋଡ୍ ନିର୍ମାତା କମ୍ପାନୀ ପାଖରେ ରହିଛି ନା ଏହାକୁ ଇସିଙ୍କୁ ଦିଆଯାଇଛି ବୋଲି କଂଗ୍ରେସ ସଦସ୍ୟ ମନୀଷ ତିୱାରି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ରିଜିଜୁ କହିଥିଲେ, ଏହା ବିଚାରପତି ନିଯୁକ୍ତି ଭଳି। ସରକାର ବିଚାରପତିଙ୍କୁ ନିଯୁକ୍ତି ଦିଅନ୍ତି। ସେମାନେ ନିଯୁକ୍ତ ହେବା ପରେ ନିରପେକ୍ଷ ହୋଇଯାନ୍ତି। ସେହିପରି ଇଭିଏମ୍‌କୁ ନେଇ କେହି ପ୍ରଶ୍ନ କରିବା ଉଚିତ ନୁହେଁ ବୋଲି ରିଜିଜୁ କହିଥିଲେ। ବାଚସ୍ପତି ଓମ୍ ବିର୍ଲା ଏଥିରେ ହସ୍ତକ୍ଷେପ କରି କହିଥିଲେ, ଭାରତୀୟ ଗଣତନ୍ତ୍ର ଓ ନିର୍ବାଚନ ପ୍ରକ୍ରିୟାକୁ ସାରା ବିଶ୍ୱରେ ପ୍ରଶଂସା କରାଯାଉଛି। ସେ ବିଭିନ୍ନ ଦେଶକୁ ଗସ୍ତରେ ଯିବା ବେଳେ ସେଠାରେ ଲୋକମାନେ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଉଚ୍ଚ ସମ୍ମାନ ଦେଇଥାନ୍ତି ବୋଲି ବିର୍ଲା କହିଥିଲେ। ସେହିପରି ରିଜିଜୁ କହିଥିଲେ, ସୁସ୍ଥ ବ୍ୟବସ୍ଥା ମଧ୍ୟରେ ସର୍ବାଧିକ ମତଦାନ ସରକାର ଚାହାନ୍ତି। ଭାରତର ନିର୍ବାଚନ ବ୍ୟବସ୍ଥା ବିଶ୍ୱରେ ଶ୍ରେଷ୍ଠ ବୋଲି ସେ ମତ ଦେଇଥିଲେ।

### ଭୋଟକୁ ବାଧ୍ୟତାମୂଳକ କରିବା ପ୍ରସ୍ତାବ ନାହିଁ

**ନୂଆଦିଲ୍ଲୀ,୨୫।୩**

ଦେଶରେ ଭୋଟକୁ ବାଧ୍ୟତାମୂଳକ କରିବା ନିମନ୍ତେ ଆଇନ ଆଣିବା ଲାଗି କୌଣସି ପ୍ରସ୍ତାବ ନାହିଁ। ଶୁକ୍ରବାର ଲୋକ ସଭାରେ ଆଇନ ମନ୍ତ୍ରୀ କିରେନ ରିଜିଜୁ ଏହା କହିଛନ୍ତି। ବହୁସଂଖ୍ୟାରେ ଲୋକ ଭୋଟ ଦେଉନାହାନ୍ତି। ଭୋଟିଂ ସାର୍ଟିଫିକେଟ ନ ଥିଲେ ସେମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ଓ ସୁବିଧା ସୁଯୋଗରୁ ବଞ୍ଚିତ କରିବା ଲାଗି କୌଣସି ଯୋଜନା ନାହିଁ ବୋଲି ରିଜିଜୁ କହିଛନ୍ତି। ଭୋଟିଂକୁ ବାଧ୍ୟତାମୂଳକ କରିବା ଲାଗି ବିଭିନ୍ନ ସଂଗଠନ ଓ ରାଜ୍ୟ ସରକାର କେନ୍ଦ୍ରକୁ ପ୍ରସ୍ତାବ ଦେଇଛନ୍ତି କି ବୋଲି ଏକ ପ୍ରଶ୍ନର ଉତ୍ତରରେ ଆଇନମନ୍ତ୍ରୀ କହିଥିଲେ, ସେଭଳି କୌଣସି ପ୍ରସ୍ତାବ ଆସିନାହିଁ। ଲୋକ ସଭା ଓ ରାଜ୍ୟ ବିଧାନସଭା ନିର୍ବାଚନରେ ବହୁସଂଖ୍ୟାରେ ଲୋକ ଯେପରି ମତାଧିକାର ସାବ୍ୟସ୍ତ କରିବେ, ସେଥିପାଇଁ ନିର୍ବାଚନ କମିଶନ ବହୁବର୍ଷ ହେଲା ପ୍ରୋତ୍ସାହିତ କରିଆସୁଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନରେ ମତଦାନ ହାର ସର୍ବାଧିକ ୬୭ ପ୍ରତିଶତ ରହିଥିଲା।

### କଟାମୁଣ୍ଡ ଧରି ...

ସେ ଚିତ୍କାର କରୁଥିବାବେଳେ ପ୍ରଶାନ୍ତ ତାଙ୍କ ବେକକୁ ହାଣି ମୁଣ୍ଡଗଣ୍ଡି ଅଲଗା କରିଦେଇଥିଲେ। ସାଙ୍ଗରେ ଯାଇଥିବା ଝିଅଟି ଭୟଭୀତ ଅବସ୍ଥାରେ ଗାଁକୁ ଫେରି ପରିବାର ଲୋକଙ୍କୁ ଜଣାଇଥିଲେ। କିଛି ସମୟ ମଧ୍ୟରେ ପ୍ରଶାନ୍ତ ଲୁସିଙ୍କ ମୁଣ୍ଡକୁ ଗାମୁଛାରେ ଧରି ଗାଁରେ ପହଞ୍ଚିଥିଲେ। ତାଙ୍କ ସ୍ତ୍ରୀ ନଳକୂଅରୁ ପାଣି ନେଉଥିବା ବେଳେ ପ୍ରଥମେ ମୋତେ ପାଣି ଦେ ତା'ପରେ ଘରକୁ ନେବୁ କହି ପାଣି ପିଇ ରକ୍ତ ଭିଜା ହାତକୁ ଧୋଇଥିଲେ। ପରେ ସେ ଗାଁ ଦାଣ୍ଡରେ ଚିତ୍କାର କରି ମୁଣ୍ଡକୁ ଧରି ବୁଲୁଥିବାବେଳେ ପୂର୍ବରୁ ଛକି ବସିଥିବା ଯୁବକମାନେ ତାଙ୍କୁ କାବୁ କରି ଜମନକିରା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ପ୍ରଶାନ୍ତଙ୍କୁ ଗିରଫ କରି ଥାନାକୁ ନେଇଥିଲା। ପରିବାର ଓ ଗାଁ ଲୋକଙ୍କ କହିବା ଅନୁଯାୟୀ ପ୍ରଶାନ୍ତଙ୍କ ମାନସିକ ବିକୃତି ନ ଥିଲା କିମ୍ବା ଲୁସିଙ୍କ ପରିବାର ସହ କୌଣସି ଶତ୍ରୁତା ନ ଥିଲା। ହେଲେ ସେ ସବୁବେଳେ ଗଞ୍ଜେଇ ଓ ମଦ ସେବନ କରୁଥିଲେ। କୁଚିଣ୍ଡା ଏସଡ଼ିପିଓ ରାଜକୁମାର ମିଶ୍ର ପ୍ରେସ ବିଜ୍ଞପ୍ତି ଦେଇ କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ପରେ ଯାହାକିଛି ଜଣାପଡ଼ିବ। କୁଚିଣ୍ଡା ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଜମନକିରା ଥାନାରେ ଆଇପିସି ଦଫା ୩୦୨, ୨୦୧, ୩୪ରେ ମାମଲା (ନଂ.୩୨/୨୨) ରୁଜୁ ହୋଇଛି। ସୂଚନାଯୋଗ୍ୟ ପ୍ରଶାନ୍ତ ବିବାହିତ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ଓ ଗୋଟିଏ ଛୋଟ ଛୁଆ ଅଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ବହୁତ ଭଲ ରହିବ। ଆକସ୍ମିକ ଭାବରେ କୌଣସି ଭଲ ସମ୍ପର୍କ ଥିବା ବ୍ୟକ୍ତିଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। କିନ୍ତୁ ନିଜ ଲୋକମାନଙ୍କ ପରୋକ୍ଷ ଶତ୍ରୁତା ଚିନ୍ତାର କାରଣ ହୋଇପାରେ ।

**ବୃଷ** ନିଜ ସନ୍ତାନଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ବ୍ୟସ୍ତତା ପରିଲକ୍ଷିତ ହେବ । ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କେତେକ ସାଧାରଣ କଥାକୁ କେନ୍ଦ୍ରକରି କିମ୍ବା ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ** ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ଭାବୁଥିବେ ଗୋଟିଏ କଥା କିନ୍ତୁ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ୍ୟ ହେବେ। ଆଜି ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବେ। ଚେଷ୍ଟା କରୁଥିବା କାମରେ ସାମାନ୍ୟ ସଫଳତା ବିଳମ୍ବରେ ପାଇବେ।

**କର୍କଟ** ଯେ କୌଣସି ପରିସ୍ଥିତି ହେଉନା କାହିଁକି, ଆପଣଙ୍କ ପାଇଁ ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆକସ୍ମିକ ଭାବରେ ଦୂରରେ ରହୁଥିବା ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ସିଂହ** କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ସଭାସମିତିରେ ଆଲୋଚନା ସରଗରମ ହେବାର ସମ୍ଭାବନା ରହିଛି। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ । ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା** ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ। ଅପୂରଣୀୟ ଆଶା ମନରେ ବିଭିନ୍ନ ପ୍ରକାର ଆଶଙ୍କା ସୃଷ୍ଟି କରିବ। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଘର ଲୋକମାନଙ୍କୁ ଉପେକ୍ଷା କରି ପରକଥାରେ ପଡ଼ି ଭୁଲ ମାର୍ଗ ଅନୁସରଣ କରି ଅନୁତାପ କରିବାକୁ ପଡ଼ିପାରେ ।

**ତୁଳା** ପଛ କଥା ମନକୁ ନ ଆଣି ଯାହା କରିବା କଥା ଶୀଘ୍ର କରନ୍ତୁ। ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି। ସାୟାହ୍ନେ ପାରିବାରିକ ଅଶାନ୍ତି ହେତୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ଅତୀତ ଘଟଣା କିମ୍ବା ବିଭିନ୍ନ ପ୍ରକାର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ,ଅନ୍ୟଥା କଳହର ସମ୍ଭାବନା ରହିଛି । ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କଳା,ସଙ୍ଗୀତ,ଚଳଚ୍ଚିତ୍ର କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅସ୍ଥିରତାର ସମ୍ଭାବନା ରହିଛି। ପ୍ରକାଶନ, ପ୍ରଶାସନ, ଯାନବାହନ,ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଆଶା କରିଥିବା ଖବର ପାଇ ସାମୟିକ ଆନନ୍ଦ ଅନୁଭବ କରିବେ।

**ମକର** ଆଜି ମାନସିକ ସ୍ଥିରତା କେତେମାତ୍ରାରେ କ୍ଷୁଣ୍ଣ ହୋଇପାରେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖାଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ିବ। ବନ୍ଧୁଙ୍କ ସହାୟତାରେ ଦୂରଯାତ୍ରାର ସୁଯୋଗ ପାଇବେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ପୂର୍ଣ୍ଣମାତ୍ରାରେ ଉପଶମ ନ ହେଲେ ମଧ୍ୟ ପୂର୍ବାପେକ୍ଷା ନିୟନ୍ତ୍ରଣ ମଧ୍ୟରେ ରହିବ। ଆର୍ଥିକ ସ୍ଥିତି କ୍ରମଶଃ ଦୁର୍ବଳ ରହିବା କାରଣରୁ ସାମୟିକ ଚିନ୍ତା କରିବାକୁ ପଡ଼ିବ। ଆଜି ସହଜ ଓ ସୁବିଧାରେ ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ ହୋଇଯିବ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମୀନ** ନିଜ ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ବାଣିଜ୍ୟ,ବ୍ୟବସାୟରେ ସଫଳତା ହାସଲ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।


# classifieds Everyday
0674-2580101, 2549302

real estate

**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

Duplex available at Raghunathpur back side of Royal Lagoon, Patia, Bhubaneswar. 9861593321, 9348332283. D-23477

4500sqft. plot sale infrontof ASBM, Chandaka, At-Bhola. Contact: 9338572999. D-23424

**ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952.** D-73214

Booking open- 2BHK, 3BHK Apartment for sale near AIIMS Hospital & Doon International School (Patrapada, Bhubaneswar). Contact: 9090770637, 9938670164. D-71965

Ready 4BHK Duplex at Balianta. Land-1400 and Construction-2200 @85Lakh. Land Balianta @900, Pahala @1500, Patrapada @2000. 8984071303. D-23449

**Gharabari Plot for Sale near Pahala, Bhingarpur, Kesura (Bankual, Contact: 8144128238, 6371268258.** D-71962

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର Biggest commercial hub "Grand Bazar" ସମ୍ମୁଖରୁ ଅଳ୍ପଦୂରରେ ବାସୋପଯୋଗୀ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 6371200121. D-73205

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-23479

Cuttack town ପାଖ Gopalpur Balikudaରେ 56 (No) Municipality area, yellowzone plots କିଣି ସଙ୍ଗେସଙ୍ଗେ ଘର କରନ୍ତୁ। Contact: 9937450545. D-23473

**60ft. ପିଚୁ ରୋଡ୍‌କୁ ଲାଗି 18ଗୁଣ୍ଠ commercial Plot Bhubaneswar GIFT College ସାମ୍ନାରେ ତୁରନ୍ତ ବିକ୍ରିହେବ। per ଗୁଣ୍ଠ @900000/- Owner- 9437033320.** D-73213

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-23478

**5000sqft. (50ft. X100ft.) fully commercial developed 100% litigation free Gharabari, Yellowzone, Single Patta Owner plot for sale with 25ft. wide road at Dhauli Square just 3rd plot from Dhauli-Uttara NH. Price- Rs. 1,50,00,000/-. Contact: direct Owner- 9040026465 (BABU BABU).** D-23306

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ **Xavier University** ଏବଂ **Aditya Birla School** ପାଖରେ **possession** ପ୍ଲଟ୍ ମିଳୁଛି। **8249292535, 7377376856.** D-73215

ସୁନ୍ଦରପଦା ଏବଂ ବାଲିଅନ୍ତାରେ **developed, demarcated gharabari, electricity plot** କିଣନ୍ତୁ। **7008492511.** D-23475

construction

Do you want to construct dream house on your own plot for more details. Contact: K.K. Construction, 7008268129, 9439143273. D-71342

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-23456

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

healthcare

All types body massage with hiprofile smart lady room service available. 8917243035. D-71341

Refreshing your mind and body with the best therapy, 7873794731. D-23292

Newly open SPA positively health benefits expert therapist, Kalpana. 7846814019. D-71480

Newly open full body massage ladies and gents. 8327740003. D-71879

business

Channel Partner for FMCG Products, Monthly income upto 130000/-, +919938710216, info@highqmart.com. D-23397

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

In the Court of the Senior Civil Judge, Angul Civil Suit No.- 222/2019
Sipra Das ....Plaintiff
Vrs.
Santilata Das and another ....Defendants
(Notice Under Order, 5 rule 20 of C.P.C.)
To,
Sabita Das, D/o- Late Prafulla Kumar Das and W/o- Sanjaya Jena, of Amalapada 5th line, Angul Town, PO/PS/Dist.- Angul, Pin- 759122 (Defendant No.-2)

You are hereby summoned to appear before this Court in person or through your pleader on 13th day of May about 7AM. 'O' Clock in the forenoon to answer the claim for partition of the joint family properties pertaining to Khata No.- 432/486 of Mouza Angul Town and to file written statement of your defence and to produce all related document in your possession and power upon which you base your defence or claim for set-off or counter claim.

Take notice that in default of your appearance on the day before mentioned the suit will be heard and determined in your absence.

Given under my hand and the seal of the Court this 15th day of March 2022.

15.03.2022
Mrs. Lopamudra Malla, OJS (1), Senior Civil Judge, Angul
D-23472

## ସଂକ୍ଷେପରେ

### ରାସ୍ତାକଡ଼ରୁ ଶିଶୁକନ୍ୟା ଉଦ୍ଧାର

ଚଣ୍ଡିଖୋଲ,୨୫।୩(ଡି.ଏନ.ଏ.) ରାଜ୍ୟ ଓ କେନ୍ଦ୍ର ସରକାର କନ୍ୟା ସନ୍ତାନ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ବେଟି ବଚାଓ, ବେଟି ପଢ଼ାଓ ନାରା ଦିଆଯାଇ ଭାରତବର୍ଷରେ ସଚେତନତା ସୃଷ୍ଟି କରାଯାଉଛି। ସେଥିପାଇଁ ଗ୍ରାମାଞ୍ଚଳଠୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ନିମନ୍ତେ ଅଙ୍ଗନୱାଡ଼ି, ଆଶା ଆଦି ପଦବୀ ସୃଷ୍ଟି କରାଯାଇଛି। ଏହାପରେ ମଧ ଶିଶୁ କନ୍ୟାକୁ ଅବହେଳା କରାଯାଉଛି। ଯାହା ଦେଖିବାକୁ ମିଳିଛି ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମାଣ୍ଡୁକା ଗ୍ରାମରେ। ଶୁକ୍ରବାର ସକାଳେ ମାଣ୍ଡୁକା ପାହାଡ଼ର ରାସ୍ତାକଡ଼ରୁ ଏକ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ଗ୍ରାମର ମହିଳାମାନେ ରାସ୍ତାକଡ଼କୁ ଯିବା ସମୟରେ ଏକ ଶିଶୁ କନ୍ୟା ପଡ଼ିଥିବା ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ସେମାନେ ଗ୍ରାମର ଅଙ୍ଗନୱାଡ଼ି ଓ ଆଶାକର୍ମୀଙ୍କୁ ଖବର ଦେଇଥିଲେ। ସେମାନେ ଆସି ଶିଶୁ କନ୍ୟାଟିକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଉଦ୍ଧାର କରିଥିବା ମହିଳାମାନଙ୍କ କହିବା ଅନୁଯାୟୀ, କେହି ଶିଶୁକନ୍ୟାଟିକୁ ମେଡିକାଲରେ ଜନ୍ମ କଲାପରେ ଘରକୁ ନେଉଥିବାବେଳେ ରାସ୍ତାରେ ଫିଙ୍ଗିଦେଇ ଯାଇଛି। ଉଦ୍ଧାର ସମୟରେ ଶିଶୁଟି କାନ୍ଦୁଥିଲାବେଳେ ତା'ର ଚାରିକଡ଼ରେ ପିମ୍ପୁଡ଼ି ଲାଗିଯାଇଥିଲେ। ଏନେଇ ବାଲିଚନ୍ଦ୍ରପୁର ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ ତରଫରୁ ବାଲିଚନ୍ଦ୍ରପୁର ଥାନାକୁ ସୂଚନା ଦିଆଯାଇଛି। ପୋଲିସ ଖବର ପାଇବା ପରେ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଆଇନଶୃଙ୍ଖଳା କଥାରେ ଘେରିବ କଂଗ୍ରେସ

ଭୁବନେଶ୍ୱର, ୨୫।୩(ବ୍ୟୁରୋ): ଶୁକ୍ରବାର ଠାରୁ ବିଧାନସଭା ବଜେଟ୍ ଅଧିବେଶନ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଘେରିବା ପାଇଁ କଂଗ୍ରେସ ସଦସ୍ୟମାନେ ରଣନୀତି ପ୍ରସ୍ତୁତ କରିଛନ୍ତି। ଆଇନଶୃଙ୍ଖଳା, ଦୁର୍ନୀତି, ଚାଷୀ ଶୋଷଣ, ବେକାରୀ ସମସ୍ୟା ଆଦିରେ ଗୃହକୁ କଂଗ୍ରେସ ଅଚଳ କରିବ। ଶୁକ୍ରବାର ପୂର୍ବାହ୍ନରେ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବା ସହ ସରକାରଙ୍କୁ ଘେରିବା ନେଇ ରଣନୀତି ପ୍ରସ୍ତୁତ କରାଯାଇଛି। ବୈଠକରେ କଂଗ୍ରେସ ଦଳର ନେତା ନରସିଂହ ମିଶ୍ର ଅଧ୍ୟକ୍ଷତା କରି କହିଛନ୍ତି, ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଛି। ଆଇନଶୃଙ୍ଖଳା ପରିସ୍ଥିତି, ଦରଦାମ୍ ବୃଦ୍ଧି ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ। ସେହିପରି ବିଭିନ୍ନ ଜିଲାରେ ଚାଷୀମାନେ ଧାନର ଅଭାବୀ ବିକ୍ରିର ଶିକାର ହୋଇଛନ୍ତି। ନିର୍ବାଚନ ସମୟରେ ପୂର୍ବ ଏବଂ ପରବର୍ତ୍ତୀ ହିଂସା ପ୍ରସଙ୍ଗରେ ସରକାରୀ ଦଳକୁ କଂଗ୍ରେସ ସଦସ୍ୟ ଘେରିବେ ବୋଲି ସେ କହିଛନ୍ତି। ଅନ୍ୟପଟେ ମିଳିଥିବା ସୂଚନା ଅନୁଯାୟୀ, କଂଗ୍ରେସ ମୁଖ୍ୟତଃ କ୍ୟାମେରାମାନ ମାନସ ସ୍ୱାଇଁ ହତ୍ୟା ଘଟଣାରେ ଦୁଇଜଣ ମନ୍ତ୍ରୀଙ୍କ ନାଁ ବିଷୟରେ ଆଲୋଚନା ହେବା ଘଟଣାକୁ ଗୁରୁତ୍ତର ସହ ନେଇଛି। ଏହା ସାଙ୍ଗକୁ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଲୋକଙ୍କ ଉପରେ ଗାଡ଼ି ମଡାଇଦେବା ଘଟଣାରେ ମଧ ଗୃହରେ ବିରୋଧ କରିବା ଉପରେ ବିଚାର କରାଯାଇଛି। ଶନିବାର ଦଳ ପକ୍ଷରୁ ଧାନ ଉଠାଣ ନେଇ ମୁଲତବି ପ୍ରସ୍ତାବ କଂଗ୍ରେସ ଆଣିବ। ତେବେ ବିଭିନ୍ନ ପ୍ରସଙ୍ଗରେ ଗୃହରେ ଦଳ ତରଫରୁ ବିରୋଧ କରାଯିବ ନା ନାହିଁ ସେନେଇ ବିଧାନସଭାରେ ଶନିବାର ଆଲୋଚନା କରାଯିବ ବୋଲି କୁହାଯାଇଛି।

# ଏଏସ୍‌ଆଇ ନିଲମ୍ବିତ, ୨ ଅଭିଯୁକ୍ତ ଗିରଫ

## ବାଲିଘାଟ ବିବାଦରୁ ବୋମାମାଡ଼ ଘଟଣା

■ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

ଯାଜପୁର ଅଫିସ/ବିଞ୍ଝାରପୁର, ୨୫।୩(ଡି.ଏନ.ଏ.)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଫତେପୁରସ୍ଥିତ ଖରସ୍ରୋତା ନଦୀର ମନେଇ ବାଲିଘାଟଠାରେ ଗୁରୁବାର ବୋମାମାଡ଼ରେ ସୁରେନ୍ଦ୍ର ଦାଶ(୪୭)ଙ୍କ ମୃତ୍ୟୁ ଘଟଣାରେ ଯାଜପୁରର ସ୍ୱତନ୍ତ୍ର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ବିଷ୍ଣୁ ମଲ୍ଲିକ(ବିଷ୍ଣୁ) ଓ ଗିରିଧାରୀ ମଲ୍ଲିକ(ଟେରା)। ଏହାବାଦ ବିଞ୍ଝାରପୁର ଏଏସ୍‌ଆଇ କସ୍ତୁରୀ ଦାସଙ୍କୁ ନିଲମ୍ବନ କରାଯାଇଥିବା ଏସ୍‌ପି ରାହୁଲ ପିଆର୍ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀଙ୍କୁ ତୁରନ୍ତ ଗିରଫ, ବିଞ୍ଝାରପୁର ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ଶୁକ୍ରବାର ସକାଳ ୫ଟାରୁ କଲ୍ୟାଣପୁର ଗ୍ରାମବାସୀ ବାଲମୁକୁଳି ବଜାର ଓ ସାପ୍ତାହିକ ହାଟ ବନ୍ଦ କରିବା ସହ ମାଁସଡ଼ା ଛକରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଖବର ପାଇ ଏସପ୍ ରାହୁଲ୍ ପିଆର୍, ଅତିରିକ୍ତ ଏସ୍‌ପି ବାଉରିବନ୍ଧୁ ବେହେରା ଓ ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ, ତହସିଲଦାର ଦୀପକ କୁମାର ରାଉତ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ହଟିଥିଲା।

ଲୋକଙ୍କ ଅଭିଯୋଗ ଅନୁସାରେ, ଶାସକ ଦଳ ଓ ପ୍ରଶାସନିକ ଅଧିକାରୀଙ୍କ ସହଯୋଗରେ ମନେଇ ବାଲିଘାଟ ଦୀର୍ଘଦିନ ଧରି ବେଆଇନ ଭାବେ ଚାଲୁଥିଲା। ଏହି ବାଲିଘାଟକୁ ନିଲାମ କରିବାକୁ ଦିଆଯାଉ ନ ଥିଲା। ଏହାକୁ ଟେରା ଦୀର୍ଘବର୍ଷ ଧରି ନିଜ ଅକ୍ତିଆରରେ ରଖିଥିଲେ। ସେ ଏହି ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ବିକ୍ରି କରୁଥିଲେ। ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ତହସିଲ ଅଧିକାରୀ ଓ ବିଧାୟିକାଙ୍କ ଜାଣତରେ ଏହା ଚାଲିଥିଲା। ତେବେ ବିଭିନ୍ନସ୍ତରରେ ଏନେଇ ଅଭିଯୋଗ ହେବା ପରେ ବିକଳ୍ପ ରାସ୍ତା କରି ତହସିଲଦାର ଏହି ବାଲିଘାଟକୁ ନିଲାମ କରାଇଥିଲେ। ସୁରେନ୍ଦ୍ର ଓ ଅନ୍ୟ ୩ ଜଣ ସହଯୋଗୀ ଏହାର ଲିଜ ନେଇଥିଲେ। ମାତ୍ର ତୁରନ୍ତ ବାଲିଘାଟ ଛାଡ଼ି ଚାଲି ଯିବାକୁ ଟେରା ଓ ତାଙ୍କ ସହଯୋଗୀମାନେ ସୁରେନ୍ଦ୍ରଙ୍କୁ ଧମକଚମକ ଦେଉଥିଲେ। ଏପରି କି ଗତ ୧୯ ତାରିଖରେ ସୁରେନ୍ଦ୍ରଙ୍କ ଉପରେ ପ୍ରଥମେ ବୋମାମାଡ଼ ହୋଇଥିଲା। ହେଲେ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏନେଇ ସେ ବିଞ୍ଝାରପୁର ଥାନାରେ ଏତଲା ଦେଇଥିଲେ। କିନ୍ତୁ ତାଙ୍କ ଏତଲାକୁ ଗ୍ରହଣ ନ କରି ଏଏସ୍‌ଆଇ ଦାସ ଏହା ବୋମା ନୁହେଁ, ତାଳ ଫଟକା ବୋଲି କହିଥିଲେ। ଏପରି କି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଏସ୍‌ଆଇ ବେହେରା ସୁରେନ୍ଦ୍ରଙ୍କୁ ୫ ହଜାର ଟଙ୍କା ମାଗିଥିଲେ ବୋଲି ସୁରେନ୍ଦ୍ରଙ୍କ ପରିବାର ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସେହିପରି ଘଟଣା ପରେ ପୋଲିସର ଏକ ଟିମ୍ ଗୁରୁବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉକରି କଲ୍ୟାଣପୁର ଗ୍ରାମରୁ ଜଣେ, ଟିଣା ଗ୍ରାମରୁ ଜଣେ ଓ ମାଁସଡ଼ା ଗ୍ରାମରୁ ୨ ଜଣଙ୍କୁ ଉଠାଇଆଣି ଅଟକ ରଖିଥିଲା। ଅପରାହ୍ନ ୨ଟାରେ ମୁଖ୍ୟ ଅଭିଯୁକ୍ତ ଟେରା ଓ ସହଯୋଗୀ ବିଷ୍ଣୁଙ୍କୁ ବରୀ ଥାନା ଅଧୀନ ଭୁରୁଙ୍ଗା ଗ୍ରାମରୁ ଗିରଫ କରାଯାଇଛି। ବିଞ୍ଝାରପୁର ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି ବେହେରା ପ୍ରତିଶ୍ରୁତି ଦେଇଛନ୍ତି। ଦୀର୍ଘ ୮ ଘଣ୍ଟା ପରେ ଆନ୍ଦୋଳନକାରୀ ରାସ୍ତାରୁ ଉଠିଥିଲେ। ପରେ ସାଇଣ୍ଟିଫିକ୍ ଟିମ୍ ମନେଇ ଘାଟକୁ ଯାଇ ତଦନ୍ତକରି ଫେରିଛି। ଉକ୍ତ ଘଟଣା ନେଇ ଥାନାରେ ନଂ.୨୨୭/୨୨ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶଯୋଗ୍ୟ, ଗୁରୁବାର ସନ୍ଧ୍ୟାରେ ବାଲିଘାଟରେ ସୁରେନ୍ଦ୍ରଙ୍କୁ ଏକାକୀ ପାଇ ଟେରା ୨/୩ଟି ବୋମା ମାଡ଼ କରିଥିଲେ। ଏଥିରେ ସୁରେନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା।


ଗ୍ରାମବାସୀ ଯାଜପୁର-ସିଂହପୁର ମୁଖ୍ୟରାସ୍ତା ଅବରୋଧ କରିଛନ୍ତି।

# ବିଧାନସଭାରେ ଶୋକ

ଭୁବନେଶ୍ୱର,୨୫।୩(ବ୍ୟୁରୋ): ବିଧାନସଭାର ପୂର୍ବତନ ବାଚସ୍ପତି, ମନ୍ତ୍ରୀ, ସଦସ୍ୟ ଓ କରୋନା ଯୋଦ୍ଧାଙ୍କ ବିୟୋଗରେ ଗୃହରେ ଶୋକ କରାଯାଇଛି। ଶୁକ୍ରବାର ରାଜ୍ୟପାଳଙ୍କ ଅଭିଭାଷଣ ପରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ମୁଖ୍ୟମନ୍ତ୍ରୀ ପୂର୍ବତନ ବାଚସ୍ପତି ତଥା ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକ, ଦୁର୍ଯ୍ୟୋଧନ ମାଝି, ପୂର୍ବତନ ଉପମନ୍ତ୍ରୀ ଦେବରାଜ ସାହୁ, ପୂର୍ବତନ ସଦସ୍ୟ ଉଦୟ ନାରାୟଣ ଦେବ, ପୂର୍ବତନ ସଦସ୍ୟ ବିଜୟ କୁମାର ଜେନା, କାଙ୍ଗାଳି ଚରଣ ପଣ୍ଡା, ରାଜୀବ ଲୋଚନ ହୋତା, ଅଜିତ ଦାସ ଓ ପୂର୍ବତନ ସଦସ୍ୟା ରୋଶନୀ ସିଂଦେଓଙ୍କ ବିୟୋଗରେ ଶୋକପ୍ରକାଶ କରିବା ସହ ସଂକ୍ଷିପ୍ତ ରାଜନୈତିକ ଜୀବନୀ ବିଷୟରେ ଉଲ୍ଲେଖ କରିଥିଲେ। ସେହିପରି ବିରୋଧୀ ଦଳ ଉପନେତା ବିଷ୍ଣୁଚରଣ ସେଠୀ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ସିପିଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଶୋକବ୍ୟକ୍ତ କରିଥିଲେ। ଶେଷରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସ୍ୱର୍ଗତଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ବିଜେଡିରୁ ନିଲମ୍ବନ ସଂକ୍ରାନ୍ତ ଚିଠି ଆସିନି: ବାଚସ୍ପତି

## ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଗିରଫଦାରି ପ୍ରସଙ୍ଗ

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଗିରଫଦାରି ସମ୍ପର୍କରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହକୁ ସୂଚନା ଦେଇଛନ୍ତି। ଖୋର୍ଦ୍ଧା ଏସ୍‌ପିଙ୍କ ଏ ସଂକ୍ରାନ୍ତ ଚିଠି ବିଧାନସଭାକୁ ପ୍ରାପ୍ତ ହୋଇଥିବା ବାଚସ୍ପତି ଶୁକ୍ରବାର ଅପରାହ୍ନ ଅଧିବେଶନରେ ଅବଗତ କରାଇଥିଲେ। ସେ କହିଥିଲେ, ଗତ ୨୨ ତାରିଖରେ ବିଧାୟକଙ୍କୁ ପୋଲିସ ଭୁବନେଶ୍ୱରରୁ ଗିରଫ କରିଛି। ବାଣପୁର ଥାନାରେ ରୁଜୁ ହୋଇଥିବା ମାମଲା ଆଧାରରେ ଜଗଦେବଙ୍କୁ ଗିରଫ କରାଯାଇ ବାଣପୁର ଉପକାରାଗାରକୁ ପଠାଇ ଦିଆଯାଇଥିବା ଖୋର୍ଦ୍ଧା ଏସ୍‌ପି ୨୩ ତାରିଖରେ ଚିଠି ମାଧ୍ୟମରେ ଜଣାଇଛନ୍ତି। ତେବେ ଉକ୍ତ ଚିଠି ବିଧାନସଭା ପକ୍ଷରୁ କେଉଁ ତାରିଖରେ ଗ୍ରହଣ କରାଯାଇଛି ବୋଲି ବାଚସ୍ପତିଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ିଥିଲେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର। ସେ କହିଥିଲେ, ଯଦି ଉକ୍ତ ଚିଠି ୨୩ ତାରିଖ ପରିବର୍ତ୍ତେ ୨୫ ତାରିଖରେ ବିଧାନସଭାକୁ ପ୍ରାପ୍ତ ହୋଇଥିବ, ତା'ହେଲେ ଏହା ଗୃହର ସ୍ୱାଧିକାର ଭଙ୍ଗ ବୋଲି ଧରାଯିବ। ଏହାର ଅନୁଧ୍ୟାନ କରିବାକୁ ସେ ଦାବି କରିଥିଲେ। ଏଥିସହ ବିଧାୟକ ଜଗଦେବ ବିଜେଡି ଦଳରୁ ନିଲମ୍ବିତ ହେବା ସଂକ୍ରାନ୍ତରେ ଯେଉଁ ଖବର ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଛି, ତା'ର ଘୋଷଣା ଗୃହରେ ବାଚସ୍ପତି କରିଛନ୍ତି କି ବୋଲି ପଚାରିଥିଲେ। ବାଚସ୍ପତି ସ୍ପଷ୍ଟୀକରଣ ରଖି କହିଥିଲେ, ଗିରଫଦାରି ଚିଠିଟି ୨୩ ତାରିଖରେ ଟାଇପ ହୋଇଛି ଏବଂ ୨୫ ତାରିଖରେ ବିଧାନସଭା ସଚିବଙ୍କ ଦ୍ୱାରା ପ୍ରାପ୍ତ ହୋଇଛି। ବିଧାୟକ ଜଗଦେବଙ୍କ ନିଲମ୍ବନ ସମ୍ପର୍କରେ କୌଣସି ଚିଠି ଆମ ପାଖକୁ ଆସିନାହିଁ ବୋଲି ବାଚସ୍ପତି କହିଛନ୍ତି।

# ୩ ଅନାଥ ଶିଶୁଙ୍କୁ ଗଜପତି ଜିଲା ପ୍ରଶାସନକୁ ହସ୍ତାନ୍ତର

**ପାରଳାଖେମୁଣ୍ଡି,୨୫।୩(ଡି.ଏନ୍.ଏ.):** ଗଜପତି ଜିଲାର ରାୟଗଡ଼ ପଞ୍ଚାୟତ ସମିତି ଅଞ୍ଚଳର ଦମ୍ପତି ଅରୁଣାଞ୍ଚଳ ପ୍ରଦେଶରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସେମାନଙ୍କର ୪, ୫ ଏବଂ ୬ ବର୍ଷର ୩ ଜଣ ଝିଅ ମଧ ରହୁଥିଲେ। ଶିଶୁଙ୍କର ମା' ସୁମି ରାଇକାଙ୍କ ପୂର୍ବରୁ ମୃତ୍ୟୁ ଘଟିଥିବା ବେଳେ ପିତା ବିଜୟ ରାଇକା ୨୦୨୧ରେ ଅରୁଣାଚଳ ପ୍ରଦେଶରେ କୋଭିଡ୍‌ରେ ମୃତ୍ୟୁବରଣ କରିଥିଲେ। ଏହି ଅନାଥ ପିଲାମାନଙ୍କୁ ଅରୁଣାଚଳ ପ୍ରଦେଶର ଉପରସିଆଁ ଜିଲା ପ୍ରଶାସନ ଉଦ୍ଧାର କରି ସେଠାରେ ଥିବା ଶିଶୁ ମଙ୍ଗଳ ସମିତିରେ ହାଜର କରିଥିଲା। ପରେ ସେମାନଙ୍କୁ ପିଏମ କେୟାର୍ ଯୋଜନାରେ ଅନ୍ତର୍ଭୁକ୍ତ କରି ସେମାନଙ୍କର ଯତ୍ନ ନେବା ସହ ଗଜପତି ଜିଲା ପ୍ରଶାସନ ସହ ଯୋଗାଯୋଗ କରି ଶିଶୁମାନଙ୍କୁ ହସ୍ତାନ୍ତର କରାଯାଇଥିଲା। ବଡ଼ ଦୁଇଟି ଝିଅ ଓଡ଼ିଆ ଜାଣିନାହାନ୍ତି ଓ ହିନ୍ଦୀ କହୁଛନ୍ତି ସେଥିପାଇଁ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ସେମାନଙ୍କୁ ଅନଶୋ ଇଂରାଜୀ ମାଧ୍ୟମ ସ୍କୁଲରେ ନାମ ଲେଖାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ କର୍ତ୍ତୃପକ୍ଷ
fssai
ବିଶ୍ୱାସକୁ ପ୍ରେରିତ କରୁଛି, ସୁରକ୍ଷିତ ଓ ପୁଷ୍ଟିକର ଖାଦ୍ୟକୁ ସୁନିଶ୍ଚିତ କରୁଛି
ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର

**ଖାଦ୍ୟ ବ୍ୟବସାୟଗୁଡ଼ିକ ପାଇଁ ନୋଟିସ**
ଲାଇସେନ୍ସର ବାଧ୍ୟତାମୂଳକ ସଂଶୋଧନ ସଂକ୍ରାନ୍ତରେ
**ଶେଷ ତାରିଖ - ୩୧ ମାର୍ଚ୍ଚ, ୨୦୨୨**

**କେଉଁମାନଙ୍କୁ ଲାଇସେନ୍ସ ସଂଶୋଧନ କରିବାକୁ ହେବ?**

୧. ପୁରୁଣା ପଦ୍ଧତି (ଏଫ୍‌ଏଲ୍‌ଆର୍‌ଏସ୍‌ରୁ ମଞ୍ଜୁର ହୋଇଥିବା) ଜରିଆରେ ଜାରି କରାଯାଇଥିବା ଲାଇସେନ୍ସଧାରୀ ବିନିର୍ମାତା (ରିପ୍ୟାକର୍ ଓ ରିଲେବଲର୍‌ଙ୍କ ସମେତ)ଙ୍କୁ ଏଫ୍‌ଓଏସ୍‌ସିଓଏସ୍‌ର ଉତ୍ପାଦ ଚୟନ ପଦ୍ଧତିକୁ ବଦଳିବାକୁ ହେବ।

୨. ନ୍ୟୁଟ୍ରାସ୍ୟୁଟିକାଲ୍ସ, ହେଲ୍‌ଥ ସପ୍ଲିମେଣ୍ଟ, ସ୍ପେଶାଲ ଡାଏଟାରୀ ଏବଂ ମେଡିକାଲ୍ ୟୁଜ୍ ଫୁଡ୍‌ସ, ଫଙ୍କସନାଲ୍ ଏବଂ ନୋଭେଲ୍ ଫୁଡ୍‌ସ ରେଗୁଲେଶନ୍ ଅଧୀନରେ ଉତ୍ପାଦଗୁଡ଼ିକ ପାଇଁ ରାଜ୍ୟ ସରକାରଙ୍କ ଲାଇସେନ୍ସଧାରୀ ବିନିର୍ମାତାମାନଙ୍କୁ କେନ୍ଦ୍ରୀୟ ଲାଇସେନ୍ସକୁ ବଦଳିବାକୁ ହେବ।

- ସଂଶୋଧନ ପରେ ଲାଇସେନ୍ସ ନମ୍ବର ବଦଳିବ ନାହିଁ।
- ୧ ଏପ୍ରିଲ ୨୦୨୨ଠାରୁ ଉପରୋକ୍ତ ବିନିର୍ମାତା (ଯେଉଁମାନେ ସେମାନଙ୍କର ଲାଇସେନ୍ସ ପରିବର୍ତ୍ତନ କରି ନ ଥିବେ)ମାନଙ୍କୁ ସେମାନଙ୍କର ବିଦ୍ୟମାନ ଲାଇସେନ୍ସର ନବୀକରଣ ଦରଖାସ୍ତ ଦାଖଲ ପାଇଁ ଅନୁମତି ଦିଆଯିବ ନାହିଁ। ଲାଇସେନ୍ସ ସଂଶୋଧନ ପାଇଁ ଏଫ୍‌ଓଏସ୍‌ସିଓଏସ୍ ପୋର୍ଟାଲ୍ ଅର୍ଥାତ୍ https://foscos.fssai.gov.in ମାଧ୍ୟମରେ ଦରଖାସ୍ତ ଦାଖଲ କରନ୍ତୁ କିମ୍ବା କୌଣସି ପ୍ରଶ୍ନ ଥିଲେ ଆମକୁ @1800112100 ରେ କଲ୍ କରନ୍ତୁ।

କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସିଏସ୍)
ଏଫ୍‌ଏସ୍‌ଏସ୍‌ଏଆଇ
davp 17163/12/0019/2122

**ପୂର୍ବ ତଟ ରେଳପଥ**

ମାର୍ଚ୍ଚ-2022 ପାଇଁ ଡିପୋ ଏବଂ ମଣ୍ଡଳଗୁଡ଼ିକ ନିମନ୍ତେ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ ନିମନ୍ତେ ସଂଯୋଗପତ୍ର

ଇ-ନିଲାମର ଅତିରିକ୍ତ ଅନୁସୂଚୀ

| ମାସ | ମୁଖ୍ୟାଳୟ / ମଣ୍ଡଳ | ତାରିଖ |
|---|---|---|
| ମାର୍ଚ୍ଚ - 2022 | ସମ୍ବଲପୁର ମଣ୍ଡଳ | 31.03.2022 |

'ଯେପରି ଅଛି, ଯେଉଁଠାରେ ଅଛି' ଭିତ୍ତିରେ ସମ୍ବଲପୁର, ଖୋର୍ଦ୍ଧା ଏବଂ ୱାଲ୍ଟିୟର ମଣ୍ଡଳରେ ନଷ୍ଟ ହୋଇଥିବା ରୋଲିଂ ଷ୍ଟକ୍‌ସ (ଲୋକୋ, କୋଚ୍, ୱାଗନ), ସ୍କ୍ରାପ୍ ରେଲ, ବିବିଧ P.Way ଫିଟିଙ୍ଗସ (ସୁଇଚ, କ୍ରସିଙ୍ଗସ, ଫିସ୍ ପ୍ଲେଟସ, ସ୍ଲିପର, ଫିସ୍ ବୋଲ୍ଟ ଇତ୍ୟାଦି), ବିବିଧ ୱାର୍କସପ୍ ସ୍କ୍ରାପ (ଡ୍ରମ୍, ବଗି ଫ୍ରେମ୍, ବଫର କେସିଙ୍ଗ, ବଫର ପ୍ଲଙ୍ଗର, ଟର୍ଣ୍ଣିଙ୍ଗ ଏବଂ ବୋରିଙ୍ଗ ଇତ୍ୟାଦି), ବିବିଧ ଫେରସ୍, ନନ୍-ଫେରସ୍, ନନ୍ - ମେଟାଲିକ୍ ସ୍କ୍ରାପ, ନଷ୍ଟ ହୋଇଥିବା ମେସିନାରୀ ଏବଂ ପ୍ଲାଣ୍ଟସ, ନଷ୍ଟ ହୋଇଥିବା ଯାନ, ନଷ୍ଟ ହୋଇଥିବା ଅଫିସ୍ ଉପକରଣ ଏବଂ ରେଲୱେ ବିଦ୍ୟୁତୀକରଣର ସ୍କ୍ରାପ୍ ସାମଗ୍ରୀଗୁଡ଼ିକର ମଧ୍ୟ ପ୍ରସ୍ତାବିତ ନିଲାମ ବିକ୍ରୀ। ରେଳବାଇ ପ୍ରଶାସନର ଅନ୍ୟ ଆଇଟମଗୁଡ଼ିକୁ ମଧ୍ୟ ନିଲାମରେ ଅନ୍ତର୍ଭୁକ୍ତ କରିବାର ସ୍ୱତନ୍ତ୍ରତା ରହିଛି। ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ନିଲାମ କାଟ୍‌ଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ସଂପୃକ୍ତ ନିଲାମ ପରିଚାଳନା ପ୍ରାଧିକାରୀଙ୍କ କାର୍ଯ୍ୟାଳୟରେ କିମ୍ବା ଆମର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ହେବ।

PR - 922/M/21-22 — ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ସମ୍ବଲପୁର

**ସର୍ବସାଧାରଣ ଅଧିସୂଚନା**

ଦକ୍ଷିଣ ପୂର୍ବ ରେଳପଥର ନିମ୍ନଦର୍ଶିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳଧାରଣା ଏବଂ ପରିସରର ସମସ୍ତ ବ୍ୟବହାରକାରୀଙ୍କୁ ଏତଦ୍ୱାରା ନୋଟିସ ଦିଆଯାଉଛି ଯେ, ଧୁଟ୍ରା-ଆରଟିଏସ୍‌ଏସ୍‌ରୁ ପିଟିଏଫ୍‌ଇ ଏନ୍/ଏସ୍ ପର୍ଯ୍ୟନ୍ତ ଫିଡର୍ ଲାଇନ୍‌ରେ ତା୦୫।୦୪।୨୦୨୨ରିଖ କିମ୍ବା ତାହା ପରେ ଶକ୍ତି ସରବରାହ ଆରମ୍ଭ କରିଦିଆଯିବ। ତା୦୫।୦୪।୨୦୨୨ରିଖ ଓ ତା' ପରଠାରୁ, ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟରେ ଜୀବନ୍ତ ବିବେଚନା କରାଯିବ ଏବଂ କୌଣସି ଅଣପ୍ରାଧିକୃତ ବ୍ୟକ୍ତି କଥିତ ଓଭରହେଡ୍ ଲାଇନ୍ ନିକଟକୁ ଯିବେ ନାହିଁ କିମ୍ବା ତାହା ନିକଟରେ କାମ କରିବେ ନାହିଁ।

ସେକ୍ସନ

ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନରେ ରାଉରକେଲାରୁ ଝାରସୁଗୁଡ଼ା ମଧ୍ୟରେ ୩ୟ ଲାଇନ୍ ସଂକ୍ରାନ୍ତରେ ଧୁଟ୍ରାରୁ ପିଟିଏଫ୍‌ଇ ସ୍ଥାନଗୁଡ଼ିକ ମଧ୍ୟରେ ୨୫ କେଭି ଫିଡର୍ ଲାଇନ୍।

୧. ଅପ୍ ଲାଇନ୍ ଏଲ୍‌ଓସି ନଂ.୫୦୭/ଏଫ୍୧ ଚେନେଜ୍ ୫୦୭/୫୬୨ରୁ ଏଲ୍‌ଓସି ନଂ.୫୦୯/ଏଫ୍୧ ଚେନେଜ୍ ୫୦୯/୦୩.୨୦ କେଏସ୍‌କି ପ୍ରାନ୍ତ ପାଇଁ = ୧୪୫୯.୫୦ ମିଟର।
୨. ଡାଉନ୍ ଲାଇନ୍ ଏଲ୍‌ଓସି ନଂ. ୫୦୭/ଏଫ୍୪ ଚେନେଜ୍ ୫୦୭/୫୬୭ରୁ ଏଲ୍‌ଓସି ନଂ.୫୦୯/ଏଫ୍୪ ଚେନେଜ୍ ୫୦୯/୩୬.୬୦ କେଏସ୍‌କି ପ୍ରାନ୍ତ ପାଇଁ = ୧୪୭୦.୫୦ ମିଟର।
୩. ଅଲଟ୍ରାଟେକ୍ ସାଇଡିଂ ନଂ. ୫୦୭/ଏଫ୍୧ଏ ଚେନେଜ୍ ୫୦୭/୫୬୨ରୁ ଏଲ୍‌ଓସି ନଂ.୫୦୯/ଏଫ୍୩ଏ ଚେନେଜ୍ ୫୦୯/୧୨.୨୦ କେଏସ୍‌କି ପ୍ରାନ୍ତ ପାଇଁ = ୨୦୦୧.୪୦ ମିଟର।
୪. ୩ୟ ଲାଇନ୍ ଏଲ୍‌ଓସି ନଂ. ୫୦୭/ଏଫ୍୨ ଚେନେଜ୍ ୫୦୭/୫୫୮.୫୦ରୁ ଏଲ୍‌ଓସି ନଂ. ୫୦୯/ଏଫ୍୨୦ ଚେନେଜ୍ ୫୦୯/୫୫୬.୧୦ କେଏସ୍‌କି ପ୍ରାନ୍ତ ପାଇଁ = ୧୪୫୫.୫୦ ମିଟର।

(PR-703) ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ସିଓଏନ୍), ରାଉରକେଲା

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

**ଏସ୍.ଇ. ରେଳପଥ ଟେଣ୍ଡର**

ଟେଣ୍ଡର ରେଫରେନ୍ସ ନଂ.: ସିଓଏମ୍‌ଏମ୍‌ଏଲ୍.୧/ଏସ୍‌ଏଲ୍‌ଆର୍ ଲିଜିଂ/୦୧/୨୨, ତାରିଖ: ୨୩।୦୩।୨୦୨୨। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କାର୍ଯ୍ୟର ବର୍ଣ୍ଣନା: ପାଞ୍ଚବର୍ଷ ଅବଧି ପାଇଁ ଚକ୍ରଧରପୁର ଡିଭିଜନର ବିଭିନ୍ନ ଷ୍ଟେସନରୁ ଯାତ୍ରାରମ୍ଭ କରୁଥିବା ୧୯ ଗୋଟି ଟ୍ରେନ୍‌ର ୪୫ ଗୋଟି ଏସ୍‌ଏଲ୍‌ଆର୍ କମ୍ପାର୍ଟମେଣ୍ଟର ୪/୩.୯ ଏମ୍‌ଟି ଜାଗାକୁ ଲିଜ୍ ସୂତ୍ରରେ ଦିଆଯିବା। ବର୍ଗ: ଏସ୍‌ଏଲ୍‌ଆର୍ ଲିଜିଂ। ଯୋଗ୍ୟତା: କେବଳ ଚକ୍ରଧରପୁର ଡିଭିଜନର ବର୍ଗ ଏ କିମ୍ବା ବିରେ ପଞ୍ଜୀକୃତ ଲିଜ୍‌ଧାରୀ। ଅମାନତ ରାଶି: ₹୧,୦୦,୦୦୦/-। ଟେଣ୍ଡର କାଗଜପତ୍ର ମୂଲ୍ୟ: ₹୧,୦୦୦/- + ଟେଣ୍ଡର ଫର୍ମ ମୂଲ୍ୟ ଉପରେ ୧୮% ଜିଏସ୍‌ଟି। ଖୋଲାଯିବାର ତାରିଖ ଓ ସମୟ: ତା୨୫।୦୪।୨୦୨୨ରିଖ ୧୫.୩୦ ଘଟିକା। ୱେବ୍‌ସାଇଟ୍ ବିବରଣୀ: www.ireps.gov.in ସ୍ୱତନ୍ତ୍ର ଉପନିୟମ: ଟ୍ରେନ୍ ନମ୍ବର, ରହଣି, ସମୟ ଆଦିକୁ ବଦଳାଇବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ। (PR-705)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 48/ET/SBP/ENGG/2021-22, ତା. 22.03.2022 ରିଖ

1) ଇ-ଟେଣ୍ଡର ସଂ. 20-eT-SDENW-SBP-21
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ବିଭିନ୍ନ ଷ୍ଟେସନ ୟାର୍ଡ଼ଗୁଡ଼ିକ ଠାରେ 60 କି.ଗ୍ରା./52 କି.ଗ୍ରା.(ମୌଳିକ ଅବସ୍ଥାରେ) ଗ୍ଲୁଡ୍ ଇନ୍‌ସୁଲେଟେଡ୍ ଜଏଣ୍ଟଗୁଡ଼ିକର ଫାବ୍ରିକେସନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 59,65,968.40, EMD (ଟଙ୍କାରେ): 1,19,400/-, କାର୍ଯ୍ୟ ଶେଷ ହେବା ଅବଧି: 12 (ବାର) ମାସ।

2) ଇ-ଟେଣ୍ଡର ସଂ. 40-eT-DENS-SBP-21
କାର୍ଯ୍ୟର ନାମ: 03 (ତିନି) ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳରେ ବିଭିନ୍ନ ସେକ୍ସନଗୁଡ଼ିକ ଠାରେ USFD କାର୍ଯ୍ୟକଳାପର ବ୍ୟବହାର ନିମନ୍ତେ ଟିଟିଲାଗଡ଼ ଏବଂ କଣ୍ଟାବାଞ୍ଜି ଠାରେ ସିନିୟର ସେକ୍ସନ ଇଞ୍ଜିନିୟର (USFD) ଅଧୀନରେ ବିଭାଗୀୟ USFD ପାଇଁ ଆନୁମାନିକ 1 ଟନ୍ ବୋଝେଇ କ୍ଷମତା ବିଶିଷ୍ଟ 02(ଦୁଇ) ଗୋଟି ପିକ୍-ଅପ୍ ଭ୍ୟାନ (5 ସିଟର) ଭଡ଼ା ସୂତ୍ରରେ ନେବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 28,96,373.10, EMD (ଟଙ୍କାରେ): 58,000/-, କାର୍ଯ୍ୟ ଶେଷ ହେବା ଅବଧି: 36 (ଛତିଶ) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: (ଉଭୟ ଟେଣ୍ଡର ନିମନ୍ତେ) ତା.18.04.2022ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ସମ୍ବଲପୁର
PR-919/M/21-22

See Career Appointment on every Wednesday & Saturday

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. NO.: 518 of 2020**

Axis Bank Ltd ...Applicant
-Versus-
M/s. Abhishek and Co. & Others ...Defendants

To,
1. **M/s. Abhishek and Co.**, represented through its Partner **Mr. Susil Kumar Agarwal**, 149/8/4, Ward No.: 24, Malgodam, Cuttack-753003
2. **Susil Kumar Agarwal**, S/o- Motilal Agarwal, At: Ward No.-13, Cuttack Municipal Corporation, P.S.: Purighat, Cuttack-753001
3. **Madhumita Agarwal**, D/o- Samar Chandra Singh, Asha Apartment, 5th Floor, E/3, Kathagada Sahi, Cuttack-753001

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 518/2020** in the Court of the Debts of Recovery Tribunal, Cuttack for recovery of **Rs.61,62,392.22** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the publication or on **29.04.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 25th day of February, 2022.

Sd/- (M.K. Patnaik)
REGISTRAR

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7 CDA, CUTTACK, ODISHA**
**O.A. No. 484 OF 2020**

AXIS BANK Ltd ...Applicant
Versus
M/s. Solan Inn & Others ...Defendant(s)

To,
1- **Solan Inn**, Represented through its **Proprietor Mrs. Sujata Dash**, 61- Giridurga Tower, Unit-3 Kharavel Nagar, Bhubaneswar, Khurda, Odisha, 751001
2- **Sujata Dash**, W/o: Kamala Kanta Dash, Plot No.: 61- Hatasahi, Old Town, Bhubaneswar, Odisha
3- **Kamala Kanta Dash**, Plot No.: 61, Hatasahi, Old Town, Bhubaneswar, Odisha

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 484/20** in the court of the Debts Recovery Tribunal, Cuttack for recovery of **Rs.20,16,125/-** only together with current and future interest, costs and other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorised agent, in support of thelr defence to show cause within **30 days** from the publication or on **08.04.2022 at 10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 15th day of March 2022.

Sd/- (M.K. Patnaik)
REGISTRAR

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK , ODISHA**
**C-71, Sector-7, CDA,Cuttack-753014,Odisha**
**O.A.No. 179 / 2020**

Canara Bank
SME Mancheswar Branch,
Bhubaneswar ....Applicant
Vrs...
M/s.Sukanti Creation & Another ....Defendants
To
D.1 M/s.Sukanti Creation
Represented through its Proprietress
Sukanti Mahapatra
It's Office at: Plot No.572/1041, Lewis Road,
P.O : BJB Nagar, P. S : Badagada
District : Khordha, Pin Code No.751014
D.2. Sukanti Mahapatra
W/O : Kshetrabasi Mahapatra
At: Plot No.3538/4644,
Near Dolamandapa Sahi, Badagada,
Brit Colony, P. S : Badagada,
District: Khordha, Pin Code :751018

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in O.A.no.179 /2020 in the Court of the Debts Recovery Tribunal at Cuttack for a recovery of Rs.21,10,467.00 only,together with current and future interest, costs and other reliefs. The above mentioned defendants are therefore hereby directed to appear before this Tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on 17.05.2022 at 10.30 A.M.as to why reliefs prayed for should not be granted.
Take notice that in case of default the application will be heard and determined in their absence.
Given under my hand and seal of this Tribunal on this 15th day of March 2022.

Sd./- Registrar
Debts Recovery Tribunal, Cuttack

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK , ODISHA**
**C-71, Sector-7, CDA,Cuttack-753014,Odisha**
**O.A.No. 692/2019**

Canara Bank
Retail Asset Hub Branch
Bhubaneswar Applicant
Vrs...
Bikram Chandra Das & Others ....Defendants
To
D.1 Sri Bikram Chandra Das
S/O. Baidhar Das
D.2 Nini Das
D/O. Baidhar Das
Defendants No.1 & 2 residing
At: House No.98/N, Bidanasi Gopal Sahi
Sauchalaya Lane, District: Cuttack, Pin Code:753014
D.3 M/s. Manav Infracon (P) Limited
Represented through it's Managing Director
Sri Pankaj Kumar Rout
At: HIG-137, Lumbini Vihar
Chandrasekharpur, Bhubaneswar
District: Khurdha, Pin Code:751021

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in O.A.no.692 /2019 in the Court of the Debts Recovery Tribunal at Cuttack for a recovery of Rs.15, 02,419. 00 only together with current and future interest, costs and other reliefs. The above mentioned defendants are therefore hereby directed to appear before this Tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on 17.5.2022 at 10.30 A.M. as to why reliefs prayed for should not be granted.
Take notice that in case of default the application will be heard and determined in their absence.
Given under my hand and seal of this Tribunal on this 15th day of March 2022.

Sd./- Registrar
Debts Recovery Tribunal, Cuttack

ହତବୁଦ୍ଧି ହୋଇ ଯାଅନା। ଭୁଲିଯିବା ପାଇଁ ଚେଷ୍ଟା କରନା। ଅବଚେତନା ଭିତରକୁ ଖସିପଡନା। କାରଣ, ତୁମକୁ ଶେଷ ପର୍ଯ୍ୟନ୍ତ ଯିବାକୁ ହିଁ ପଡିବ। ... ଗୋଟିଏ ଦିନରେ କେହି ନିଜ ପ୍ରକୃତିକୁ ଜୟ କରିପାରେ ନାହିଁ। ଧୈର୍ଯ୍ୟ ଓ ସ୍ଥିର ସଂକଳ୍ପ ଥିଲେ ବିଜୟ ସୁନିଶ୍ଚିତ। –ଶ୍ରୀମା

# ନିଯୁକ୍ତି ରହସ୍ୟ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ପ୍ରତିରକ୍ଷା ଉତ୍ପାଦନ ସଚିବ ରାଜ କୁମାରଙ୍କ କାର୍ଯ୍ୟକାଳ ପୂରଣ ହେବା ପୂର୍ବରୁ ତାଙ୍କ ମୂଳ ରାଜ୍ୟ କ୍ୟାଡର୍ ଗୁଜରାଟକୁ ପଠାଇ ଦିଆଯିବା ପରେ ତିନି ମାସରୁ ଊର୍ଦ୍ଧ୍ୱ ହେବ ସେହି ପଦବୀ ଖାଲି ରହିଛି। ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନ ପରେ ସରକାର ଜଣେ ନିର୍ଦ୍ଦିଷ୍ଟ ଆଇଏଏସ୍ ଅଧିକାରୀଙ୍କୁ ଏହି ପଦବୀକୁ ଆଣିବାକୁ ଚାହିଁଥିବାରୁ ଏହା ପୂରଣ ହୋଇପାରିନାହିଁ ବୋଲି କେତେଜଣ ପର୍ଯ୍ୟବେକ୍ଷକ ଭାବୁଥିଲେ। କିନ୍ତୁ ନିର୍ବାଚନ ଶେଷ ହଲେ ବି ନିଯୁକ୍ତି ହୋଇପାରି ନାହିଁ ଓ ଏହା ରହସ୍ୟ ଘେରରେ ରହିଛି । ସେ ସମୟରେ ରାଜ କୁମାରଙ୍କୁ ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ଗୁଜରାଟ ପଠାଯାଇଥିଲା ବୋଲି ଅନୁମାନ କରାଯାଉଥିଲା। ସରକାର ମଧ୍ୟ ତାଙ୍କୁ ରାଜ୍ୟର ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତ କରିବା ପାଇଁ ଆଗ୍ରହୀ ଥିଲେ ବି ଏଥିପାଇଁ କୌଣସି ତତ୍ପରତା ନାହିଁ। ଅନ୍ୟପଟେ ନିର୍ବାଚନ ଶେଷ ହୋଇଥିଲେ ମଧ୍ୟ କେନ୍ଦ୍ର ରାଜ କୁମାରଙ୍କ ବଦଳରେ ଆଉ ଜଣେ ବାବୁଙ୍କ ନାମ ଘୋଷଣା କରୁନାହିଁ। ଯେ ପର୍ଯ୍ୟନ୍ତ ନିଯୁକ୍ତି ହୋଇନାହିଁ ସେ ଯାଏ ପ୍ରତିରକ୍ଷା ସଚିବ ଅଜୟ କୁମାରଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗର ଅତିରିକ୍ତ ଦାୟିତ୍ୱ ବହନ କରିବାକୁ ହେବ। ଦିନ ପରେ ଦିନ ଗଡି ଚାଲିଥିବାରୁ ନିଯୁକ୍ତି ପାଇବାକୁ ଥିବା ପ୍ରତିରକ୍ଷା ବାବୁଙ୍କୁ ନେଇ କଳ୍ପନାଜଳ୍ପନା ବଢ଼ିବାରେ ଲାଗିଛି। ଏହି ସମୟରେ ଏକ ସେକ୍ଟୋରାଲ ଗ୍ରୁପ୍ ଅଫ୍ ସେକ୍ରେଟାରିଜ୍ (ଏସ୍‌ଜିଓଏସ୍) କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କୁ ଭେଟିଛନ୍ତି। ୨୦୪୭ ସୁଦ୍ଧା ଭାରତ ପ୍ରତିରକ୍ଷା ଉତ୍ପାଦନ ୧୫୦ ବିଲିୟନକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖିବା ଏବଂ ବାର୍ଷିକ ରପ୍ତାନି କ୍ଷେତ୍ରରେ ୩୦ ବିଲିୟନ ଡଲାର ଟାର୍ଗେଟ ହାସଲ କରିବା ଦରକାର ବୋଲି ସେମାନେ ମତ ରଖିଛନ୍ତି। ବାସ୍ତବରେ ଏହି ଲକ୍ଷ୍ୟ ହାସଲ କରିବା ଯେତିକି ମହତ୍ତ୍ୱପୂର୍ଣ୍ଣ, ଏହାର ଦାୟିତ୍ୱ ନିର୍ବାହ ପାଇଁ ଜଣେ ଦକ୍ଷ ବ୍ୟକ୍ତିଙ୍କୁ ନିଯୁକ୍ତ କରିବା ତା'ଠାରୁ ଗୁରୁତ୍ୱପୂର୍ଣ୍ଣ।

### ଜମ୍ମୁକଶ୍ମୀରକୁ ଅଧିକ ପଦବୀ

କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି) କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁକଶ୍ମୀରର ପ୍ରଶାସନିକ କାର୍ଯ୍ୟରେ ଉନ୍ନତି ଆଣିବା ପାଇଁ ପଦକ୍ଷେପ ନେଇଛି। ଏଜିଏମ୍‌ୟୁଟି (ଅରୁଣାଚଳପ୍ରଦେଶ ଗୋଆ ମିଜୋରାମ ଆଣ୍ଡ୍ ୟୁନିୟନ ଟେରିଟୋରି) କ୍ୟାଡର୍‌ର ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍‌ଏସ୍‌ଙ୍କ ୧୮୯ ପଦବୀକୁ ଡିଓପିଟି ଔପଚାରିକ ଭାବେ ଜମ୍ମୁକଶ୍ମୀରକୁ ଆବଣ୍ଟନ କରିଛି। ଏହି ପଦକ୍ଷେପ ଏବଂ ଡିଓପିଟି ସଚିବ ପି.କେ. ତ୍ରିପାଠୀଙ୍କ ଦ୍ୱାରା ଅଧିସୂଚିତ ସଂଶୋଧିତ ସେବା ନିୟମଗୁଡ଼ିକ ଜମ୍ମୁକଶ୍ମୀରକୁ ଅନ୍ୟ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହ ସମକକ୍ଷ କରିପାରିବ। ବିଜ୍ଞପ୍ତି ଅନୁଯାୟୀ, ଏଜିଏମ୍‌ୟୁଟି କ୍ୟାଡର୍‌ର ୬୫ ସିନିୟର ଡ୍ୟୁଟି ପୋଷ୍ଟ ଭାରତୀୟ ପ୍ରଶାସନିକ ସେବାରେ, ୭୦ ଭାରତୀୟ ପୋଲିସ ସେବାରେ ଏବଂ ୫୮ ଭାରତୀୟ ବନ ସେବାରେ ଜମ୍ମୁକଶ୍ମୀରକୁ ଦିଆଯାଇଛି। ଜମ୍ମୁକଶ୍ମୀରର ଗୋଟିଏ ମୁଖ୍ୟ ସଚିବ ପଦବୀ, ୬ ପ୍ରିନ୍‌ସିପାଲ ସେକ୍ରେଟାରି, ଜଣେ ସ୍ପେଶିଆଲ ଟ୍ରବ୍ୟୁନାଲ ଚେୟାରମ୍ୟାନ, ପ୍ରିନ୍‌ସିପାଲ ସେକ୍ରେଟାରି ଟୁ ଗଭର୍ନର, ଚିଫ୍ ଇଲେକ୍ଟୋରାଲ ଅଫିସର (ସିଇଓ), ଜଣେ ପ୍ରିନ୍‌ସିପାଲ ରେସିଡେଣ୍ଟ କମିଶନର, ୯ କମିଶନର ସେକ୍ରେଟାରି, ୨ ଡିଭିଜନାଲ କମିଶନର ଏବଂ ୨୦ ଡେପୁଟି କମିଶନର ଆଦି ପଦବୀ ରହିବ । ସୂତ୍ରରୁ ଜଣାପଡ଼ିଛି ଯେ, ପୂର୍ବରୁ ଜମ୍ମୁକଶ୍ମୀର କ୍ୟାଡର୍‌ରେ ଥିବା ଅନେକ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ଏବେ ଏଜିଏମ୍‌ୟୁଟିରେ ମିଶିଯାଇଛନ୍ତି ଏବଂ ସେମାନଙ୍କୁ ଲଦାଖରେ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନ କେନ୍ଦ୍ର ଏବଂ ଲଦାଖରେ ଡେପୁଟେଶନରେ ଥିବା ଅଧିକାରୀମାନଙ୍କୁ ମିଶାଇ କେବଳ ୬୦ ଆଇଏଏସ୍ ଏବଂ ୬୪ ଆଇପିଏସ୍ ଜମ୍ମୁକଶ୍ମୀରରେ ରହିଛନ୍ତି।

### ଅବସର ପର ଦାୟିତ୍ୱ

ବରିଷ୍ଠ ବାବୁମାନଙ୍କ ମଧ୍ୟରୁ କେତେଜଣ ଅବସର ପରେ ମୋଦି ସରକାରରେ ନିଯୁକ୍ତି ପାଇ ନିଜକୁ ଖୁବ୍ ଦରକାରୀ ବାବୁ ଭାବେ ପ୍ରତିପାଦିତ କରି ଆସୁଛନ୍ତି। ଏବେ ପୂର୍ବତନ ଅର୍ଥ ସଚିବ ଦେବାଶିଷ ପଣ୍ଡା ଭାରତୀୟ ବୀମା ନିୟାମକ ଓ ବିକାଶ ପ୍ରାଧିକରଣ (ଆଇଆର୍‌ଡିଏଆଇ)ର ନୂଆ ଅଧ୍ୟକ୍ଷ ହୋଇଛନ୍ତି। ଏହି ପଦବୀରେ ଏସ୍.ସି. ଖୁଣ୍ଟିଆଙ୍କ କାର୍ଯ୍ୟକାଳ ଶେଷ ହେବାର ପାଖାପାଖି ୧୦ ମାସ ପରେ ପଣ୍ଡାଙ୍କୁ ନିଯୁକ୍ତି ମିଳିଛି। ଫଳରେ ନିଯୁକ୍ତି ବିଳମ୍ବକୁ ନେଇ ହେଉଥିବା ଆଲୋଚନାର ପରିସମାପ୍ତି ଘଟିଛି। ଅନ୍ୟ ଏକ ନିଷ୍ପତ୍ତି କ୍ରମେ ସରକାର ପୂର୍ବତନ ବେସାମରିକ ବିମାନ ଚଳାଚଳ ସଚିବ ପ୍ରଦୀପ ସିଂ ଖରୋଲାଙ୍କୁ ୩ ବର୍ଷ ପାଇଁ ନ୍ୟାଶନାଲ ରିକ୍ରୁଟ୍‌ମେଣ୍ଟ ଏଜେନ୍ସି (ଏନ୍‌ଆର୍‌ଏ)ର ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି। ସେ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକରେ ଗ୍ରୁପ୍ ସି ଓ ଗ୍ରୁପ୍ ଡି ପଦବୀ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ କମନ୍ ଏଲିଜିବିଲିଟି ଟେଷ୍ଟ (ସିଇଟି)ର ଦେଖାଶୁଣା କରିବେ। ସିଇଟିକୁ ବ୍ୟବସ୍ଥିତ କରିବା ଏବଂ ଷ୍ଟାଫ୍ ସିଲେକ୍‌ଶନ କମିଶନ, ରେଲୱେ ରିକ୍ରୁଟ୍‌ମେଣ୍ଟ ବୋର୍ଡ ଏବଂ ଇନ୍‌ଷ୍ଟିଟ୍ୟୁଟ ବ୍ୟାଙ୍କିଙ୍ଗ୍ ପର୍ସନାଲ ସିଲେକ୍‌ଶନ ଦ୍ୱାରା ପୂର୍ବରୁ ଚୟନ ହୋଇଥିବା ପ୍ରାର୍ଥୀମାନଙ୍କର ଏକ ଚୂଡାନ୍ତ ତାଲିକା ପ୍ରସ୍ତୁତ କରିବା ପାଇଁ ୨୦୨୦ରେ ଏନ୍‌ଆର୍‌ଏ ଗଠନ କରାଯାଇଥିଲା। ଏହା ବହୁ ପ୍ରକାର ନିଯୁକ୍ତି ପରୀକ୍ଷା ବ୍ୟବସ୍ଥାକୁ ହଟାଇବା ସହ ଏଥିରେ ସ୍ୱଚ୍ଛତା ଆଣିବ ବୋଲି ଆଶା କରାଯାଏ।

Email: dilipcherian@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 7 | 3 | 5 |
| | 1 | | | | | | | 9 |
| | 2 | | 9 | 4 | | | 8 | |
| | | | | | | | | |
| | | | 1 | | 5 | | 9 | |
| | | 4 | | | | 2 | 5 | |
| 5 | | | | | 7 | 8 | | |
| | | 3 | | 1 | | | | |
| | 9 | 1 | 2 | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 2 | 1 | 5 | 4 | 3 | 8 | 7 |
| 5 | 4 | 3 | 8 | 9 | 7 | 2 | 1 | 6 |
| 7 | 8 | 1 | 2 | 6 | 3 | 9 | 5 | 4 |
| 2 | 9 | 7 | 4 | 1 | 8 | 6 | 3 | 5 |
| 6 | 5 | 4 | 3 | 7 | 9 | 8 | 2 | 1 |
| 1 | 3 | 8 | 6 | 2 | 5 | 4 | 7 | 9 |
| 4 | 2 | 5 | 9 | 3 | 1 | 7 | 6 | 8 |
| 8 | 7 | 6 | 5 | 4 | 2 | 1 | 9 | 3 |
| 3 | 1 | 9 | 7 | 8 | 6 | 5 | 4 | 2 |

ଗତକାଲିର ଉତ୍ତର

# ଯୁଦ୍ଧରେ ହାରନ୍ତି ଜନତା



**ବିଚିତ୍ର ବିଶ୍ୱାଳ**

ରୁଷିଆ ଆକ୍ରମଣରେ ୟୁକ୍ରେନ୍ ଆଜି ଛାର୍‌ଖାର୍। ଅନେକ ଲୋକ ମୃତାହତ ହେଲେଣି। କେବଳ ସାମରିକସ୍ଥଳୀ ନୁହେଁ, ଅନେକ ସର୍ବସାଧାରଣ ସ୍ଥାନରେ ରୁଷିଆ ବୋମାମାଡ଼ କରୁଥିବାର ସୂଚନା ମିଳୁଛି। ଆକ୍ରମଣ ଭୟରେ ୟୁକ୍ରେନ୍‌ର ରାଜଧାନୀ ସମେତ ଅନେକ ବଡ଼ ବଡ଼ ସହରରୁ ଲୋକମାନେ ଦେଶ ବାହାରକୁ ପଳାୟନ କରୁଛନ୍ତି। ସାରା ବିଶ୍ୱ ସ୍ତବ୍ଧ ରୁଷ୍‌ର ଏପରି ଅମାନବିକ ଆକ୍ରମଣରେ। ଏତିକି ଧ୍ୱଂସରେ ରୁଷିଆର ମନ ଶାନ୍ତି ହୋଇନି ଯେ, ଦିନେ ଦୁଇ ଦିନ ଅନ୍ତରରେ ପରମାଣୁ ଯୁଦ୍ଧର ଧମକ ଦେଉଛି। ରୁଷିଆର ସାମ୍ରାଜ୍ୟବାଦୀ ଚରିତ୍ର ସାମ୍ନାରେ ଜାତିସଂଘର ଅସହାୟତା ଜଳ ଜଳ ଦେଖାଯାଉଛି। ସ୍ୱାଧୀନ ରାଷ୍ଟ୍ରଙ୍କୁ ନିଜ କବଳକୁ ଆଣିବାର ପ୍ରବୃତ୍ତି ତଥା ସେମାନଙ୍କ ଉପରେ ମାଲିକାନା ପ୍ରଦର୍ଶନ କରିବାର ସାମ୍ରାଜ୍ୟବାଦୀ ମାନସିକତା ବିଶ୍ୱ ପାଇଁ ନୂଆ ନୁହେଁ। ଏଭଳି ସାମ୍ରାଜ୍ୟବାଦୀ ଚରିତ୍ର ବହନ କରୁଥିବା ମୁଖ୍ୟ ଦେଶ ହେଉଛି ଆମେରିକା। ଆମେରିକାର ସାମ୍ରାଜ୍ୟବାଦୀ ଲୋଲୁପତାର ପରିଣାମ ସ୍ୱରୂପ ଆଜି ବିଶ୍ୱ ଯୁଦ୍ଧପ୍ରବଣ ହୋଇଛି ଓ ଆତଙ୍କବାଦୀଙ୍କ ଆକ୍ରମଣ ତୀବ୍ର ହୋଇଛି। ଲାଡେନ୍‌ର ଆତଙ୍କବାଦୀ ସଙ୍ଗଠନ ଆରମ୍ଭରୁ ଆମେରିକାର ପୃଷ୍ଠପୋଷକ ପାଇ ଓ ଆମେରିକା ଇଙ୍ଗିତରେ କାମ କରୁଥିଲା, ଯାହା ପରେ ଆମେରିକା ପାଇଁ ଘାତକ ସାବ୍ୟସ୍ତ ହୋଇଛି।

ସମ୍ପ୍ରତି ରୁଷିଆର ୟୁକ୍ରେନ୍ ଆକ୍ରମଣ ଯୋଗୁ ଆମେରିକା, ବ୍ରିଟେନ୍ ସମେତ କେତେକ ଦେଶ ରୁଷିଆ ଉପରେ ଅର୍ଥନୈତିକ ପ୍ରତିବନ୍ଧକ ଲଗାଇଛନ୍ତି। ତଥାପି ରୁଷିଆର ଆକ୍ରମଣ କମ୍ ହେଉନାହିଁ। ଏପରି ପରିସ୍ଥିତିରେ ଆମ ଦେଶର ଅନେକ ଲୋକ ଯୁଦ୍ଧ ବିରୋଧୀ ମନୋଭାବ ନେଇ ୟୁକ୍ରେନ୍‌ର ଜନସାଧାରଣଙ୍କ ପ୍ରତି ସମବେଦନା ପ୍ରକାଶ କରୁଛନ୍ତି। କିନ୍ତୁ ଅନ୍ୟପକ୍ଷରେ କିଛି ହିଂସାପିପାସୁ ଲୋକ କହୁଛନ୍ତି, ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରି ଭାରତ ପାକିସ୍ତାନ ଉପରେ ଆକ୍ରମଣ କରିବା ଉଚିତ। ଏପରି ଲୋକମାନଙ୍କର ମାନସିକତା ବୁଝିବା କଷ୍ଟକର। ଏମାନେ କାହା ପକ୍ଷରେ? ମଣିଷ ପକ୍ଷରେ ନା ମୃତ୍ୟୁ କିମ୍ବା ଧ୍ୱଂସ ପକ୍ଷରେ? କେମିତି ଏମାନେ ବୁଝିପାରୁନାହାନ୍ତି ଯେ, ଯୁଦ୍ଧ କେବେ ବି କୌଣସି ଦେଶର ଜନସାଧାରଣଙ୍କ ପାଇଁ ମଙ୍ଗଳଦାୟକ ହୋଇ ନ ଥାଏ! ସେ ଆକ୍ରମଣକାରୀ ଦେଶ ହେଉ ବା ଯାହା ଉପରେ ଆକ୍ରମଣ ହେଉଛି, ସେ ଦେଶ ହେଉ, ଯୁଦ୍ଧରେ ଉଭୟ ଦେଶର ଲୋକେ ହିଁ କ୍ଷତି ସହିଥାନ୍ତି। ଯୁଦ୍ଧ ହୁଏତ ଶାସକଙ୍କ ସ୍ୱାର୍ଥ ସାଧନ କରିପାରେ, କିନ୍ତୁ ଏହା ସବୁବେଳେ ଜନତାଙ୍କ ପାଇଁ ଯନ୍ତ୍ରଣାଦାୟୀ। ଯୁଦ୍ଧରେ ଯେକୌଣସି ବି ଦେଶ ଜିତୁ, କିନ୍ତୁ ସବୁବେଳେ ସବୁକ୍ଷେତ୍ରରେ ହାରିଯାଆନ୍ତି ଉଭୟ ଦେଶର ସାଧାରଣ ଜନତା। ସେମାନେ ଯୁଦ୍ଧରେ ସବୁବେଳେ କ୍ଷତି ହିଁ ସହନ୍ତି। ସମ୍ପ୍ରତି ଯୁଦ୍ଧ ଯୋଗୁ ୟୁକ୍ରେନ ଜନସାଧାରଣଙ୍କର ଯେତିକି କ୍ଷତି ସାଧନ ହେଉଛି, ସେହି ହିସାବରେ ଅସଲରେ ରୁଷିଆ ଜନସାଧାରଣ କ୍ଷତି ସହିବା ଆରମ୍ଭ କଲେଣି। ରୁଷିଆରେ ଦରଦାମ୍ ବଢ଼ିବା ଆରମ୍ଭ ହୋଇଗଲାଣି। ଯୁଦ୍ଧରେ ପୁଟିନ୍ ହୁଏତ ଜିତିପାରନ୍ତି, କିନ୍ତୁ ରୁଷିଆ ଜନତାଙ୍କ କିଛି ବି ଲାଭ ହେବନାହିଁ। ଯୁଦ୍ଧକୁ ବିରୋଧ କରି ରୁଷିଆରେ ସାଧାରଣ ଲୋକମାନଙ୍କର ପ୍ରତିବାଦ ମଧ୍ୟ ଜାରିରହିଛି।

ଯୁଦ୍ଧରେ ଯଦି କିଏ ଲାଭରେ ରୁହନ୍ତି, ସେମାନେ ହେଉଛନ୍ତି କ୍ଷମତାରେ ଥିବା ଶାସକ ଗୋଷ୍ଠୀ। କାରଣ ଯୁଦ୍ଧର ଦ୍ୱାହି ଦେଇ ଦୀର୍ଘ କାଳ କ୍ଷମତାରେ ରହିବା ସହଜ ହୋଇଥାଏ। କାରଣ ଯୁଦ୍ଧ ଯୋଗୁ ସାଧାରଣ ଲୋକଙ୍କ ମନରେ ଯେଉଁ ଅସୁରକ୍ଷାର ଭାବନା ଆସେ, ସେମାନେ ଆଉ ଶାସକ ବଦଳେଇବାକୁ ଚାହାନ୍ତି ନାହିଁ। ଶାସକ ମଧ୍ୟ ଲୋକଙ୍କ ଅସୁରକ୍ଷା ଭାବନାର ସୁଯୋଗ ନେଇ ନିଜକୁ ହିଁ ଏକମାତ୍ର ତ୍ରାଣକର୍ତ୍ତା ଭାବେ ପ୍ରଚାର କରନ୍ତି ଓ ଯୁଦ୍ଧର ଦ୍ୱାହିଦେଇ କ୍ଷମତାକୁ ଜାବୁଡ଼ି ଧରନ୍ତି। ସମ୍ପ୍ରତି ଆମ ଦେଶର ଯେଉଁ କିଛି ଲୋକ ରୁଷିଆର ଆକ୍ରମଣ ଦେଖି ଭାରତ ପାକିସ୍ତାନ ଉପରେ ଆକ୍ରମଣ କରୁ ବୋଲି କହୁଛନ୍ତି, ତା' ପଛରେ ଏପରି ଶାସକ ଗୋଷ୍ଠୀଙ୍କ ଏଜେଣ୍ଡା ଅଛି ବୋଲି ଅନୁମାନ କରାଯାଏ। କାରଣ ଯୁଦ୍ଧ ହେଲେ, ଏହା ସାଧାରଣ ଲୋକଙ୍କ ପାଇଁ ଲାଭଦାୟକ ହେଉ କି ନ ହେଉ କିନ୍ତୁ ଶାସକ ଗୋଷ୍ଠୀଙ୍କୁ ନିଜ ଚୌକିକୁ ସୁରକ୍ଷିତ ରଖିବାରେ ଅଧିକ ସହାୟକ ହେବ। ଆମ ଦେଶର ରାଜନୀତି ଉପରେ ଆଖି ପକେଇଲେ ବୁଝିବା ଯେ, ଗୋଟିଏ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ କ୍ଷମତାକୁ ଆସିଲେ ବାରମ୍ବାର ଆମକୁ ପାକିସ୍ତାନ ସହିତ ଯୁଦ୍ଧର କଥା ଶୁଣିବାକୁ ମିଳେ। ଏହା ପଛର ମାନସିକତା ହେଉଛି, ଲୋକଙ୍କ ଭାବନାକୁ ନିୟନ୍ତ୍ରଣ କରି କେବଳ କ୍ଷମତାକୁ ଜାବୁଡ଼ି ଧରିବା। ଲୋକଙ୍କର କ'ଣ ଲାଭ ହେବ କି କ୍ଷତି ହେବ, ତାହା ଶାସକ ଗୋଷ୍ଠୀଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ନୁହେଁ। ତାଙ୍କ ପାଇଁ ଏକମାତ୍ର ମହତ୍ତ୍ୱପୂର୍ଣ୍ଣ ବିଷୟ ହେଉଛି ଦୀର୍ଘ କାଳ ପର୍ଯ୍ୟନ୍ତ କ୍ଷମତାରେ ରହିବା। ସେଥିପାଇଁ ଦରକାର ପଡ଼ିଲେ ଗୋଟିଏ ଦୁଇଟି ଯୁଦ୍ଧର ନାଟକ ରଚନା କରିବା ବି ସେମାନଙ୍କ ପାଇଁ ଅସମ୍ଭବ ନୁହେଁ। ଯୁଦ୍ଧର ସବୁଠାରୁ ବଡ଼ କଥା ହେଉଛି, ଗୁଳି ମାରୁଥିବା ଓ ଗୁଳି ଖାଉଥିବା ଲୋକ ଉଭୟ ନିଜ ନିଜ ଦେଶ ପାଇଁ ସେପରି କରୁଛନ୍ତି ବୋଲି କହୁଥିଲେ ମଧ୍ୟ ଉଭୟ ଦଳର ଶାସକ ହିଁ ଯୁଦ୍ଧ ଯୋଗୁ ମୁନାଫାରେ ରୁହନ୍ତି।

ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ଲକ୍ଷ୍ୟ କରିବା କଥା ଯେ, ସ୍ୱେଚ୍ଛାଚାରୀ ଶାସକମାନେ ସବୁବେଳେ ଯୁଦ୍ଧକୁ ପସନ୍ଦ କରିଥାନ୍ତି। କାରଣ ଯୁଦ୍ଧ ଯୋଗୁ ସେମାନଙ୍କ ସ୍ୱେଚ୍ଛାଚାର ବିଷୟରେ ଆଲୋଚନା ବନ୍ଦ ହୋଇଯାଏ ଓ ସେମାନେ ନିଜକୁ ଲୋକମାନଙ୍କର ରକ୍ଷାକର୍ତ୍ତା ଭାବେ ପ୍ରତିପାଦିତ କରେଇବାରେ ସଫଳ ହୁଅନ୍ତି। ରୁଷିଆ ରାଷ୍ଟ୍ରପତି ପୁଟିନ୍ ଠିକ୍ ସେହି ଶ୍ରେଣୀରେ ଯିବେ। ସେ ନିଜ ହାତରେ ସମ୍ବିଧାନ ବଦଳେଇ ବଞ୍ଚିଥିବା ଯାଏ ରୁଷିଆର ରାଷ୍ଟ୍ରପତି ରହିବେ ବୋଲି ଘୋଷଣା କରିଛନ୍ତି। ଏମିତି ପରିସ୍ଥିତିରେ ରୁଷିଆ ଜନସାଧାରଣଙ୍କ ସମର୍ଥନକୁ ନିଜ ସପକ୍ଷରେ ରଖିବାକୁ ହେଲେ ପୁଟିନ୍‌ଙ୍କୁ ଏହି ଯୁଦ୍ଧ ଆହୁରି ଅଧିକ ସହାୟକ ହେବ। ସମ୍ପ୍ରତି ଯୁଦ୍ଧ ଯୋଗୁ ରୁଷିଆ ଜନସାଧାରଣଙ୍କ ମନରେ ଯେଉଁ ଅସୁରକ୍ଷାର ଭାବନା ଆସିବ ତାହା ହିଁ ପୁଟିନ୍‌ଙ୍କ ଚୌକିକୁ ଅଧିକ ମଜଭୁତ୍ କରିବ ଓ ଦୀର୍ଘଜୀବୀ କରିବ। ସିଧା କଥାରେ କହିଲେ ବର୍ତ୍ତମାନ ଯୁଦ୍ଧ ଯୋଗୁ ପୁଟିନ୍ ଲାଭରେ ରହିବେ।

ଏକଛତ୍ରବାଦୀ ଶାସକମାନଙ୍କର ଯୁଦ୍ଧପ୍ରବଣତା ଏକ ମୁଖ୍ୟ ଚରିତ୍ର। ଯୁଦ୍ଧ ଯୋଗୁ ଦେଶର ଅନ୍ୟାନ୍ୟ ବିକାଶ ପ୍ରସଙ୍ଗ ପଛକୁ ରହିଯିବ ଓ ଲୋକଙ୍କ ମନରେ ଛଦ୍ମ ରାଷ୍ଟ୍ରବାଦୀ ଭାବନା ବଢ଼ିବ, ଯାହା ପ୍ରକାରାନ୍ତରେ କ୍ଷମତାସୀନ ଶାସକଙ୍କୁ ଦୀର୍ଘକାଳ କ୍ଷମତାରେ ରଖିବା ପାଇଁ ସାହାଯ୍ୟ କରିବ। ଯେଉଁମାନେ ଭାରତ ବି ଯୁଦ୍ଧ କରୁ ବୋଲି କହୁଛନ୍ତି, ସେମାନେ କ'ଣ ଭାରତ ସେହି ରାସ୍ତାରେ ଯାଉ ବୋଲି ଚାହୁଁଛନ୍ତି ଓ ଭାରତରେ ଏକଛତ୍ରବାଦୀ ଶାସନର ସ୍ୱପ୍ନ ଦେଖୁଛନ୍ତି!

ଯୁଦ୍ଧ ଯୋଗୁ ଆଉ ଯେଉଁ ଗୋଷ୍ଠୀ ସବୁଠାରୁ ଅଧିକ ଲାଭବାନ୍ ହୁଅନ୍ତି, ସେମାନେ ହେଉଛନ୍ତି ଅସ୍ତ୍ରଶସ୍ତ୍ର କମ୍ପାନୀ। ଅସ୍ତ୍ରଶସ୍ତ୍ର କମ୍ପାନୀଗୁଡ଼ିକ ଚାହାନ୍ତି, ସାରା ବିଶ୍ୱରେ ସବୁବେଳେ ଯୁଦ୍ଧଜନିତ ଅସୁରକ୍ଷା ଭାବନା ଓ ଅଶାନ୍ତି ବଜାୟ ରହୁ। ଏହା ସେମାନଙ୍କ ବେପାରକୁ ବଢ଼େଇବ। ଯୁଦ୍ଧ ନ ହେଲେ ବା ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ନ ହେଲେ ଏହି କମ୍ପାନଗୁଡ଼ିକରେ ଅନାୟାସରେ ତାଲା ପଡ଼ିଯିବ। ତେଣୁ ଏମାନେ ବିଶ୍ୱକୁ ଯୁଦ୍ଧର ଘନଘଟାରୁ କେବେ ବି ମୁକ୍ତ ରଖିବାକୁ ଚାହାନ୍ତି ନାହିଁ। ଯୁଦ୍ଧ ଭଳି ପରିସ୍ଥିତି ବଜାୟ ରହିଲେ ଦେଶଗୁଡ଼ିକ ନିଜ ପ୍ରତିରକ୍ଷା ବଜେଟକୁ ଦୁଇ ଚାରି ଗୁଣା ବଢ଼େଇବେ। ଆଧୁନିକ ଅସ୍ତ୍ରଶସ୍ତ୍ର କିଣି ଗଚ୍ଛିତ ରଖିବେ। ପ୍ରକାରାନ୍ତରେ ମୁନାଫା କମ୍ପାନୀଗୁଡ଼ିକ ପାଖକୁ ଯିବ। ପ୍ରତିରକ୍ଷା ବଜେଟ ବଢ଼ିଲେ, ଧୀରେ ଧୀରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ କଲ୍ୟାଣ ପରି ବିଭାଗରୁ ଖର୍ଚ୍ଚ କାଟ ହେବ। କ୍ଷତି ଲୋକ ହିଁ ସହିବେ। ଶାସକ ଗୋଷ୍ଠୀ ସବୁବେଳେ ପ୍ରତିରକ୍ଷା ବଜେଟକୁ ବଢ଼େଇବାକୁ ଚାହେଁ। କାରଣ ପ୍ରତିରକ୍ଷା ବିଭାଗ ଗୋଟେ ଦୁହାଳିଆ ଗାଈ। ପ୍ରତିରକ୍ଷା ବିଭାଗରେ ବଜେଟ ବଢ଼ିଲେ ଦୁର୍ନୀତି କରିବାକୁ ସହଜ ହେବ। ତାହାର ହିସାବ ବି କାହାକୁ ଦେବାକୁ ପଡ଼ିବ ନାହିଁ। କାରଣ ପ୍ରତିରକ୍ଷାର ଅନେକ ଖର୍ଚ୍ଚ ଗୋପନୀୟ ରହିବା ବାଞ୍ଛନୀୟ ବୋଲି ଆମେ ଜାଣିଛେ। ଆମ ଦେଶରେ ବୋଫର୍ସ, ରାଫାଲ୍, କାର୍ଗିଲ୍ ଯୁଦ୍ଧ ସମୟରେ କଫିନ୍ କିଣା ଦୁର୍ନୀତି ବିଷୟରେ ସମସ୍ତେ ଅବଗତ।

ଅନ୍ୟ ଦୃଷ୍ଟିରୁ ଦେଖିଲେ, ଯୁଦ୍ଧ ଏକ ରକ୍ତପାତଭରା ରାଜନୀତି। ଅନେକ ଶାସକ ନିଜ ଶାସନକାଳକୁ ଲମ୍ବା କରିବା ପାଇଁ ଏହାକୁ ଚୟନ କରିଥାନ୍ତି। ଲୋକମାନଙ୍କ ମନରେ ମିଛ ରାଷ୍ଟ୍ରପ୍ରେମ ଭରି ତାଙ୍କ ଭାବନା ସହିତ ଖେଳି ଯୁଦ୍ଧ ରଚନା କରି ନିଜର ଶାସନ କରିବାର ସ୍ୱପ୍ନକୁ ଚରିତାର୍ଥ କରିଥାନ୍ତି। ଜନସାଧାରଣ ଏହାର ରହସ୍ୟକୁ ବୁଝିବା ଜରୁରୀ। ସେ ଯେଉଁ ଦେଶ ହେଉନା କାହିଁକି, ଯୁଦ୍ଧରେ ଜିତ୍ ହେଉ କି ହାର୍ ହେଉ, ଲୋକମାନଙ୍କର କିନ୍ତୁ ସବୁବେଳେ ହାର୍ ହିଁ ହୋଇଥାଏ। ତେଣୁ ଲୋକମାନେ ଶାସକ ଗୋଷ୍ଠୀଙ୍କ ମିଛ ପ୍ରଚାରରେ ଭାସି ନ ଯାଇ ଯୁଦ୍ଧକୁ ଚୟନ ନ କରି ଶାନ୍ତିକୁ ବାଛିବା ଉଚିତ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ–୯୪୩୮୪୬୮୪୭୪

### ଏଇ ଭାରତରେ

ମନ୍ଦିରରେ ଦିଅଁସେବା ପରେ ଫିଙ୍ଗି ଦିଆଯାଉଥିବା ଫୁଲକୁ ସଂଗ୍ରହ କରି ତାହାର ପୁନଃ ଉପଯୋଗ କରୁଛନ୍ତି ସୁରଟର ୨୨ ବର୍ଷୀୟା ଇଞ୍ଜିନିୟର ମୈତ୍ରୀ ଜରିୱାଲା। ସେ ଏହି ଫୁଲରୁ ୧୦ ପ୍ରକାର ଉତ୍ପାଦ ତିଆରି କରିବା ସହ ବର୍ଜ୍ୟ ସମସ୍ୟା ସମାଧାନ କରିପାରୁଛନ୍ତି। ଗତବର୍ଷ ହୋଲି ସମୟରେ ସେ ଶୁଖିଲା ଫୁଲରୁ ରଙ୍ଗ ପ୍ରସ୍ତୁତ କରି ତାଙ୍କ ବିଜ୍‌ନେସ (ଡ୍ରାଏଡ୍ ଫ୍ଲାୱାର୍ ବିଜ୍‌ନେସ)ର ପ୍ରଥମ ସଫଳତା ପାଇଥିଲେ। ପରେ ସେ ତାଙ୍କ କାର୍ଯ୍ୟକୁ ସମ୍ପ୍ରସାରିତ କରି କେତେଜଣ ଲୋକଙ୍କୁ ନିଯୁକ୍ତ କରିଛନ୍ତି ଏବଂ ଦିନକୁ ୭୦ କେ.ଜି. ବର୍ଜ୍ୟ ଫୁଲର ଉଚିତ ଉପଯୋଗ କରିପାରୁଛନ୍ତି। ମନ୍ଦିରରୁ ଫୁଲ ସଂଗ୍ରହ କରିବା ଲାଗି ସୁରଟ ନଗର ନିଗମର ଅନୁମତି ନେଇଛନ୍ତି। ବର୍ତ୍ତମାନ ସହରର ୧୦ଟି ମନ୍ଦିରରୁ ଫୁଲ ସଂଗ୍ରହ କରାଯାଉଛି। ମୈତ୍ରୀ ଏବଂ ତାଙ୍କ ଟିମ୍ ଏହିସବୁ ଫୁଲରୁ ଅତର, ମହମବତି, ଅଗରବତି, ଜିଆଖତ ଏବଂ ହୋଲି ସମୟରେ ଜୈବିକ ରଙ୍ଗ ପ୍ରସ୍ତୁତ କରୁଛନ୍ତି। ସବୁଠୁ ବଡ଼ କଥା ହେଉଛି ଏସବୁ ଜିନିଷ ଲୋକମାନେ ହାତରେ ତିଆରି କରୁଛନ୍ତି, କୌଣସି ମେଶିନ ବ୍ୟବହାର କରାଯାଉନାହିଁ। ସବୁ ଖର୍ଚ୍ଚ ବାଦ୍ ସେ ଏହି ବିଜ୍‌ନେସରୁ ମାସକୁ ୩୦ରୁ ୪୦ ହଜାର ଟଙ୍କା ରୋଜଗାର କରୁଛନ୍ତି। ଏହି କାର୍ଯ୍ୟ ସକାଶେ ଗୁଜରାଟ ସରକାର ତାଙ୍କୁ 'ରିସାଇକ୍ଲିଂ ହିରୋ' ଭାବେ ସମ୍ମାନିତ କରିଛନ୍ତି।

### ଚିରନ୍ତନୀ

ଜଡ଼ର ଦେହେ ଜଗାଇ ନବ
ସ୍ପନ୍ଦନ ହେ ସ୍ପନ୍ଦନ
ପଉଷ–ଶେଷ ସନ୍ଧ୍ୟା ଘେନ
ବନ୍ଦନ!

–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଛୋଟ କାନ୍ଧ, ବଡ଼ ବୋଝ



**ସୁପ୍ରଭା ବେହେରା**

ସେଦିନ ଅଭ୍ୟାସ କାର୍ଯ୍ୟ କରି ନ ଥିବା ପ୍ରତ୍ୟେକ ପିଲାଙ୍କୁ ଶ୍ରେଣୀଗୃହରେ ଦଣ୍ଡ ସ୍ୱରୂପ କାନ ଧରି ଛିଡ଼ାହେବାକୁ କହିଲି। ସମସ୍ତେ ନିଜ ନିଜର ସଫେଇ ଦେବାକୁ କିଛି କହିଲେ। କିନ୍ତୁ ନିଜ ସପକ୍ଷରେ ଏକା କହିପାରିଲାନି ମାଧବୀ। କହିଥାନ୍ତା ବା କେମିତି? ପ୍ରଥମ ଥର କି ଦ୍ୱିତୀୟ ଥର ପାଠରେ ଅବହେଳା ହୋଇଥିଲେ, କିଛି ଗୋଟିଏ କହି ଦେଇ ଖସି ଯାଇଥା'ନ୍ତା। କିନ୍ତୁ କ୍ରମାଗତ ଭାବରେ ବର୍ଷ ବର୍ଷ ଧରି ସେ ଏମିତି ପାଠରେ ଅବହେଳା କରିଆସିଛି। ବର୍ଷର କେତୋଟି ଦିନ ମାତ୍ର ତ ସେ ବିଦ୍ୟାଳୟରେ ଉପସ୍ଥିତ ରହେ । ସେ କିଛି କହିବାକୁ ଚାହୁଁଥିଲା। ମୋ ଆଖିର ମୁଦ୍ରା ହୁଏତ କଠୋର ଥିଲା। ତା' ଭିତରେ ତା' ଅସହାୟ ଚାହାଣି ଓ ନୀରବତା କେମିତି ଗୋଟେ ପାଣିଚିଆ ହୋଇଗଲା। ମୋ ହୃଦୟକୁ କିନ୍ତୁ ତାହା ବିଗଳିତ କଲା। ମୁଁ ତାକୁ କେଉଁ ଏକ ଫାଙ୍କା ସମୟ ଦେଖି ଡାକିଲି। ଖୁବ୍ କୋମଳ କଣ୍ଠରେ ପ୍ରଶ୍ନ ରଖିଲି, ଯେମିତି ଡରି ନ ଯାଏ। ଆଚ୍ଛା ମାଧବୀ, କିଛି ଖାଇଛୁ ସକାଳୁ? ସେ ମୁଣ୍ଡ ହଲାଇଲା। ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ସରିଲେ ସେ ଖାଇ ନେବ ବୋଲି ତା' ମା' ତାକୁ ସେତେବେଳ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଛି। ମୁଁ ପୁଣି କଥା ଲମ୍ବେଇଲି, ପାଠ ପଢ଼ିବାକୁ ତୋର ମନ ହୁଏନି? ତା' ଆଖିରେ ଆଶାର ଏକ ତରଙ୍ଗ ଖେଳିଗଲା, କିଛି କ୍ଷଣ ପରେ ମିଳାଇଗଲା। ଯାହାର ଅର୍ଥ ଥିଲା ବୋଧହୁଏ, ସବୁ ସ୍ୱପ୍ନର ଡେଣା ନ ଥାଏ। ସବୁ ସ୍ୱପ୍ନ କଅଁଳିବାକୁ ଉପଯୁକ୍ତ ପାଣିପାଗ ନ ଥାଏ। ମାଧବୀ କଥାରୁ ଯାହା ଜାଣିଲି, ସେମାନେ ଚାରି ଭାଇ ଭଉଣୀ। ମାଧବୀ ସେମାନଙ୍କ ମଧ୍ୟରେ ବଡ଼। ବାପା ଦିନମଜୁରିଆ, ଯେଉଁ ଦିନ ଯେଉଁଠି କାମ ମିଳେ। ମା' ଅନ୍ୟ ଘରେ ପାଇଟି କରିନିଏ। ଦିନ ସାରା ମାଧବୀକୁ ନିଜ ଘର ସମ୍ଭାଳିବାକୁ ହୁଏ। ଯେମିତିକି ଦୂର ନଳକୂପରୁ ପାଣି ଆଣି ରଖିବା, ଘରଦ୍ୱାର ସଫା କରିବା, ଘରର ବାସନ ଓ କପଡ଼ା ସଫା ରଖିବା ସହ ଚାଉଳ ମୁଠାଏ ଫୁଟାଇ ଭାଇ ଭଉଣୀଙ୍କୁ ଖୁଆଇବା। ମା'ବାପା ରାତିରେ ଘରକୁ ଫେରନ୍ତି। ଯେଉଁ ଦିନ ବାପାକୁ କାମ ମିଳେନି ଘରେ ରହେ, ମାଧବୀ ବିଦ୍ୟାଳୟକୁ ଚାଲିଆସେ। ସହପାଠୀ, ଶ୍ରେଣୀଗୃହ, କଳାପଟା, ପାଠବହି ଦେଖିଲେ ତା'ର ମନରେ ପାଠ ପଢ଼ିବାର ଇଚ୍ଛା ଗଜୁରି ଉଠେ କିନ୍ତୁ ଘରକୁ ଗଲେ ତା'ର ଟିକି କାନ୍ଧ ଉପରେ ପୁଣି ତାକୁ ଟେକି ଧରିବାକୁ ହୁଏ ହର୍କୁଲେସ ଭଳି ଏକ ବିଶାଳ ପୃଥିବୀକୁ। ସେହି ବୋଝ ଭିତରେ ପାଠ ପଢ଼ିବାର ସ୍ୱପ୍ନ ଉପଯୁକ୍ତ ପରିବେଶ ନ ପାଇ ମଉଳି ଯାଏ।

ଏହା ତ ଗୋଟିଏ ମାଧବୀର କଥା। ଖୋଜି ବସିଲେ ସେଇ ଗୋଟିଏରେ ଯୋଡି ହେବେ କୋଟିଏ। ଶାନ୍ତି ପାଇଁ ନୋବେଲ ବିଜେତା ମଲାଲା ୟୁସୁଫ୍‌ଜାଇଙ୍କ ଅନୁସାରେ, ଗୋଟିଏ ପିଲା, ଗୋଟିଏ ଶିକ୍ଷକ, ଗୋଟିଏ ବହି ଏବଂ ଗୋଟିଏ କଲମ ସାରା ବିଶ୍ୱକୁ ବଦଳାଇ ପାରେ, ଆଉ ତାହାର ଅମୋଘ ଅସ୍ତ୍ର ହେଉଛି ଶିକ୍ଷା। ମାନବ ସମ୍ବଳର ଏକ ବିରାଟ ଭାଗହେଉଛନ୍ତି ଏହି ପିଲାମାନେ। ଶିକ୍ଷା ଅଧିକାର ଅଧିନିୟମ ଅନୁସାରେ, ୬ରୁ ୧୪ ବର୍ଷ ପିଲାଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଥିଲେ ମଧ୍ୟ କାଗଜକଲମର ରୂପରେଖଠାରୁ ବାସ୍ତବତାର ରୂପ ଅଲଗା। ସମଗ୍ର ଶିକ୍ଷା ବ୍ୟବସ୍ଥାରେ ଦୁଇଟି ମୁଖ୍ୟ ଚାବି ହେଲା ବିଦ୍ୟାଳୟରେ ନାମଲେଖା ଓ ପିଲାଙ୍କ ଅବଧାରଣ କିନ୍ତୁ ଯାହା ମୁଖ୍ୟ ସମସ୍ୟା ତା' ହେଲା ଅଧାରୁ ପାଠ ଛାଡିବା। ଅନେକ ପିଲାଙ୍କ ନାଁ ଖାଲି ଉପସ୍ଥାନ ଖାତାରେ ଗଡୁଥିଲେ ମଧ୍ୟ ବିଦ୍ୟାଳୟକୁ ଆସି ପାଠ ପଢୁ ନ ଥିବା ପିଲା ଅନେକ। କେବେ ସେମାନେ ପଲିଥିନ ଗୋଟାଉ ଥାନ୍ତି ତ କେତେବେଳେ କେଉଁ ହୋଟେଲର ଅଇଁଠା ବାସନ ସଫା କରୁଥିବାର ଚିତ୍ର ମିଳେ। କେବେ ମା'ବାପାଙ୍କ କାମରେ ସାହାଯ୍ୟ କରନ୍ତି, ପୁଣି କେବେ ଅଭିଶପ୍ତ ଶୈଶବ ହଜି ଯାଏ ପରିବାର ପ୍ରତିପୋଷଣର ଗୁରୁଦାୟିତ୍ୱରେ। ବେଲୁନ ଧରି ଖେଳିବା ବୟସରେ ବେଲୁନ ବିକ୍ରି କରେ ରାଜରାସ୍ତାରେ। ବିଦ୍ୟାଳୟରେ ବାରମ୍ବାର ଅନୁପସ୍ଥିତି ଫଳରେ ପାଠ ସହ ସମ୍ପର୍କ ରହେ ନାହିଁ। ସେଥିପାଇଁ ଅନ୍ୟ ସହପାଠୀଙ୍କ ଆଗରେ ତାକୁ ହୀନମନ୍ୟତାର ଅନୁଭବ ଆସେ। ତେଣୁ ତା'ର ବିଦ୍ୟାଳୟରେ ମନ ଲାଗେ ନାହିଁ ଏବଂ କିଛିଦିନ ପରେ ସେ ପାଠରେ ଡୋରି ବାନ୍ଧି ଦିଏ। ଏଏସ୍‌ଇଆର୍ (ଆନୁଆଲ ଷ୍ଟାଟସ୍ ଅଫ୍ ଏଜୁକେଶନାଲ ରିପୋର୍ଟ)ର ୨୦୨୧ ପରିସଂଖ୍ୟାନର ଚିତ୍ର କହେ, ମହାମାରୀ ଯୋଗୁ ବିଦ୍ୟାଳୟରେ ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢ଼ି ଯାଇଛି। ୨୦୧୮ରେ ବିଦ୍ୟାଳୟ ଛାଡୁଥିବା ପିଲାଙ୍କ ସଂଖ୍ୟା ୨.୫ ପ୍ରତିଶତ ଥିବାବେଳେ ତାହା ୨୦୨୧ରେ ୪.୫ପ୍ରତିଶତକୁ ବୃଦ୍ଧି ଘଟିଛି, ଯେଉଁ ପରିସଂଖ୍ୟାନକୁ ନିକଟ ଅତୀତରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପାର୍ଲାମେଣ୍ଟରେ ଉପସ୍ଥାପନ କରିଥିଲେ। ଦେଶରେ ୧୦ଲକ୍ଷ ପିଲା ଏଯାଏ ବିଦ୍ୟାଳୟର ଦୁଆର ମାଡି ନାହାନ୍ତି। ସେହି ପିଲାମାନଙ୍କ ମଧ୍ୟରେ ୫୩ ପ୍ରତିଶତ ବାଳିକା ଅଛନ୍ତି। ବିଦ୍ୟାଳୟ ରୂପାନ୍ତରଣ, ମଧ୍ୟାହ୍ନ ଭୋଜନ, ମାଗଣା ପୋଷାକ ଓ ବହି, ପାଠପଢାର ନୂତନ ପଦ୍ଧତି, ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ସ୍ଥାନ ସଂରକ୍ଷଣ ସବୁ ମୂଲ୍ୟହୀନ, ଯେପର୍ଯ୍ୟନ୍ତ ପିଲା ନିୟମିତ ବିଦ୍ୟାଳୟକୁ ଆସିବ ନାହିଁ। ପ୍ରଥମତଃ ଅଭିଭାବକଙ୍କ ମନରେ ଶିକ୍ଷାର ଗୁରୁତ୍ୱ ଉପରେ ସଚେତନତା ଆବଶ୍ୟକ। ସେମାନେ ଅନୁଭବ କରିବା ଦରକାର ସେମାନଙ୍କ ପିଲାମାନଙ୍କର କଅଁଳ କାନ୍ଧ ଘରର ବୋଝ ଉଠାଇବା ପାଇଁ ନୁହେଁ ବରଂ ସ୍କୁଲ ବ୍ୟାଗ୍ ଉଠାଇବା ଲାଗି। ଜାତୀୟ ଶିକ୍ଷାନୀତି ୨୦୨୦, ଆଶା ରଖିଛି ଯେ ୨୦୩୦ ବେଳକୁ ଶତ ପ୍ରତିଶତ ପିଲା ବିଦ୍ୟାଳୟରେ ଥିବେ, ଅଧାରୁ ପାଠ ଛାଡିବା ପିଲାଙ୍କ ସଂଖ୍ୟା ସମ୍ପୂର୍ଣ୍ଣ କମିଯିବ। ଏଥିପାଇଁ ସମସ୍ତଙ୍କ ପ୍ରୟାସ ଲୋଡ଼ା।

ମୋ–୯୦୪୦୩୬୦୨୫୯

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରତିଶ୍ରୁତି ପାଣିର ଗାର ନ ହେଉ

ମହାଶୟ,

ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଆଜିକାଲିର ଏକ ସାଧାରଣ ଘଟଣା ହୋଇଗଲାଣି। ନିର୍ବାଚନ ସମୟରେ ଲୋକଙ୍କଠାରୁ ଭୋଟ ଆଦାୟ କରିବା ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ଭୋଟରଙ୍କୁ ଘିଅ, ମହୁରେ ଭସାଇଦେବାର ମୋହ ଦେଖାଇ ଆସୁଛନ୍ତି। ମାତ୍ର ନିର୍ବାଚନ ଜିଣି କ୍ଷମତାକୁ ଆସିବା ପରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପାସୋରି ଦେଉଛନ୍ତି। କାଳେ ଲୋକେ ପ୍ରତିଶ୍ରୁତି କଥା ମନେ ପକାଇବେ, ସେଥିପାଇଁ କେତେକ ନେତା ଲୋକଙ୍କଠାରୁ ଦୂରେଇ ରହିବାକୁ ପସନ୍ଦ କରୁଛନ୍ତି। ମାତ୍ର ଏହାଫଳରେ ଲୋକଙ୍କ ମନରେ ରାଜନେତାଙ୍କ ପ୍ରତି ଅବିଶ୍ୱାସର ବାତାବରଣ ସୃଷ୍ଟି ହେଉଛି। ରାଜନୈତିକ ଦଳଗୁଡ଼ିକ ଭୋଟ ପାଇଁ ଲୋକଙ୍କୁ ଭେଳିକି ନ ଦେଖାଇ ଯେତିକି କାମ କରିପାରିବେ, ତାହା ସ୍ପଷ୍ଟ କରିବା ଦରକାର। ନିର୍ବାଚନରେ ଲୋକଙ୍କୁ ଯେତେସବୁ ପ୍ରତିଶ୍ରୁତି ଦିଆଯାଉଛି ତାହା ପୂରଣ ନ ହେବା ଫଳରେ ଜନଅସନ୍ତୋଷ ବୃଦ୍ଧି ପାଉଛି। ଏପରିକି ସମୟ, ସୁଯୋଗ ଆସିଲେ ଲୋକେ ପ୍ରତିଶ୍ରୁତିକୁ ପାସୋରି ଦେଉଥିବା ଦଳ ଓ ନେତାଙ୍କୁ ନିର୍ବାଚନରେ ଉଚିତ ଜବାବ ଦେବାକୁ ପଛଘୁଞ୍ଚା ଦେଉ ନାହାନ୍ତି। ଲୋକଙ୍କ ଭୋଟ ଦ୍ୱାରା କ୍ଷମତାସୀନ ହେଉଥିବା ରାଜନୈତିକ ଦଳଗୁଡ଼ିକ ଲୋକଙ୍କର ଆସ୍ଥାଭାଜନ ହେବାର ଆବଶ୍ୟକତା ରହିଛି। ସେଥିପାଇଁ ଦେଇଥିବା ପ୍ରତିଶ୍ରୁତିକୁ ପାସୋରି ନ ଦେଇ ଏହାକୁ ପୂରଣ କରିବା ଦରକାର। ନେତା ଓ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ଏହା ହେଉଛି ଏକ ବଳିଷ୍ଠ ମାଧ୍ୟମ। ଜନତା ନେତାଙ୍କୁ ବାଛୁଥିବାରୁ ସେମାନଙ୍କୁ ଦେଉଥିବା ପ୍ରତିଶ୍ରୁତିକୁ କାର୍ଯ୍ୟରେ ପରିଣତ କରିବାର ଆବଶ୍ୟକତା ରହିଛି।

–ସୁଧାଂଶୁ ମହାପାତ୍ର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

### ଏତେ ବାହ୍ୟ ଆଡ଼ମ୍ବର କାହିଁକି

ନିର୍ବାଚନ ଆସିଲେ ପ୍ରାର୍ଥୀମାନେ ଅଯଥା ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରି ବିରାଟ ଶୋଭାଯାତ୍ରା ସହିତ ବାଣ ବାଦ୍ୟ ବଜାଇ ନିଜ ସମର୍ଥିତ ଲୋକଙ୍କୁ ଖାଇବା ପିଇବା ଓ କିଛି ପକେଟ ଗୁଞ୍ଜା ଦେଇ ଆଡମ୍ବର ସହକାରେ ବିଭିନ୍ନ ପ୍ରକାର ତର୍ଣ୍ଣିଫଟା ସ୍ଲୋଗାନ ଦେଇ ରାସ୍ତାଘାଟ କମ୍ପାଇ ଦେଉଛନ୍ତି। ଏଥିପାଇଁ ବେଳେ ବେଳେ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଏଥିରେ ଆତସବାଜି ମଧ୍ୟ ବାଦ୍ ପଡୁନି। ସତେଯେମିତି ରାଜା ଗଡ଼ ଜିତି ଆସୁଛନ୍ତି। ଠିକ୍ ସେମିତି ପ୍ରାର୍ଥୀ ନିର୍ବାଚିତ ହୋଇଗଲେ କଥା ସରିଲା– ଅବସ୍ଥା ଅଣାୟତ୍ତ– ମଦ ମାଂସର ଆସର ଜମିଯାଉଛି। ଏତେ ଧୁମ୍‌ଧାମ ସହିତ ଯେଉଁ ଶୋଭାଯାତ୍ରା ହେଉଛି ଏଥିରେ ଆତ୍ମତୃପ୍ତି ମିଳୁଛି ନା ବାହାଦୁରି ଦେଖାଇବା ପାଇଁ ଏପରି କରାଯାଉଛି। ଲୋକେ ତ ପ୍ରାର୍ଥୀଙ୍କର ଦକ୍ଷତା, ଗୁଣଗରିମାକୁ ଦେଖି ଭୋଟ ଦେବେ। ସୁତରାଂ ଏଭଳି ନାଟକ ବାହ୍ୟଆଡମ୍ବର ନିରର୍ଥକ ନୁହେଁ କି ?

–ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୩୦ ଜିଲା ପରିଷଦ ଉପସଭାପତି: ସବୁଠି ବିଜେଡି


ରଶ୍ମିତା ସେଠୀ
ଅନୁଗୋଳ


ଅନୁସୂୟା ପ୍ରଧାନ
ବାଲେଶ୍ୱର


ଚୁନିବାଳା ବିଶ୍ୱାଳ
ଭଦ୍ରକ


ବିପିନ ସିଂ ବଡ୍ରା
ମୟୂରଭଞ୍ଜ


ସୋମନାଥ ଦାସ
କେନ୍ଦୁଝର


ଗଣେଶ୍ୱର ବରାଳ
ଯାଜପୁର


ଅଶୋକ ପ୍ରତିହାରୀ
କେନ୍ଦ୍ରାପଡ଼ା


ସୁଜାତା ମହାନ୍ତି
ଜଗତ୍‌ସିଂହପୁର


ବିଷ୍ଣୁପ୍ରିୟା ବେହେରା
ନୟାଗଡ଼


ଗୋପୀନାଥ ମହାରଣା
ଖୋର୍ଦ୍ଧା


ସୁଭଦ୍ରା ଦାସ
କଟକ


ସ୍ୱାଧୀନ ନାୟକ
ପୁରୀ


ବିଳାସିନୀ ସେଠୀ
ଢେଙ୍କାନାଳ


ବର୍ଷାରାଣୀ ମୁଣ୍ଡ
ଦେବଗଡ଼


ମାଧବ ମିର୍ଦ୍ଧା
ସମ୍ବଲପୁର


ଅକ୍ଷୟ ସାହୁ
ଝାରସୁଗୁଡ଼ା


ଶଙ୍କର୍ଷଣ ପ୍ରଧାନ
ବୌଦ୍ଧ


ଦୀପିକା କୌଶଲ୍ୟା
ନୂଆପଡ଼ା


କମଳ ଲାକ୍ରା
ସୁନ୍ଦରଗଡ଼


ଝସକେତନ ବଘାର
ସୁବର୍ଣ୍ଣପୁର


ମିଥିଳା ମାଝି
ବଲାଙ୍ଗୀର


ସୁଧୀରା ମେହେର
କଳାହାଣ୍ଡି


ସାଧବାଣୀ ନାୟକ
କନ୍ଧମାଳ


ଏସ୍ ରାଜେଶ୍ୱରୀ ଦୋରା
ଗଞ୍ଜାମ


ଶକୁନ୍ତଳା ମଲ୍ଲିକ
ଗଜପତି


ଲିପିକା ବରେଇ
ନବରଙ୍ଗପୁର


ପତିତପାବନ ବୈଦ୍ୟ
ମାଲକାନଗିରି


ରାଧାଗୋବିନ୍ଦ ସାମନ୍ତରାୟ
କୋରାପୁଟ


ସନ୍ତୋଷ ସୁନା
ରାୟଗଡ଼ା


ମୋହନ ଲୁହା
ବରଗଡ଼

## ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଯୋଗୀ

### କେଶବ ମୌର୍ଯ୍ୟ, ବ୍ରଜେଶ ପାଠକ ଉପମୁଖ୍ୟମନ୍ତ୍ରୀ

ଲକ୍ଷ୍ନୌ,୨୫।୩(ପି.ଟି.)

ଯୋଗୀ ଆଦିତ୍ୟନାଥ କ୍ରମାଗତ ଦ୍ୱିତୀୟ ଥର ପାଇଁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ଅଟଳ ବିହାରୀ ବାଜପେୟୀ ଇକାନା ଷ୍ଟାଡିୟମରେ ଏଥିପାଇଁ ଆୟୋଜିତ ମେଗା ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପାର ଶୀର୍ଷ ନେତାମାନେ ଯୋଗଦେଇଥିଲେ। କେଶବ ପ୍ରସାଦ ମୌର୍ଯ୍ୟ ଏବଂ ବ୍ରଜେଶ ପାଠକ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେଶ ଖାନ୍ନା, ସୂର୍ଯ୍ୟପ୍ରତାପ ସାହି, ସ୍ୱତନ୍ତ୍ର ଦେବ ସିଂ, ବେବି ରାଣୀ ମୌର୍ଯ୍ୟ, ଏ.କେ. ଶର୍ମା ପ୍ରମୁଖ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ସେହିପରି ଭାଜପାର ସହଯୋଗୀ ଅପ୍‌ନା ଦଳ (ସୋନେଲାଲ୍)ରୁ ଆଶିଷ ପଟେଲ ଏବଂ ନିଶାଦ ପାର୍ଟି ମୁଖ୍ୟ ସଞ୍ଜୟ ନିଶାଦ ମଧ୍ୟ ମନ୍ତ୍ରୀ ଭାବେ ଶପଥ ନେଇଥିବା ଜଣାପଡ଼ିଛି। ନିର୍ବାଚନ ପୂର୍ବରୁ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିବା ଜିତିନ ପ୍ରସାଦଙ୍କୁ ମନ୍ତ୍ରୀ କରାଯାଇଛି। ସେହିପରି ଏକମାତ୍ର ମୁସଲମାନ ଭାବେ ଡାନିସ୍ ଆଜାଦ ଅନ୍‌ସାରୀ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। ଆଇପିଏସ୍ ଅଫିସରରୁ ରାଜନେତା ହୋଇଥିବା ଅସୀମ ଅରୁଣ, ଦୟାଶଙ୍କର ସିଂ, ନୀତୀନ ଅଗ୍ରୱାଲ ଏବଂ କଲ୍ୟାଣ ସିଂଙ୍କ ନାତି ସନ୍ଦିପ ସିଂଙ୍କୁ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) କରାଯାଇଛି।

ଉତ୍ସବରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ୟତୀତ ଭାଜପା ଶାସିତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଧ୍ୟ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିଲେ। ଗୁରୁବାର ଉତ୍ତରପ୍ରଦେଶ ଭାଜପା ବିଧାୟକ ଦଳ ବୈଠକ ବସି ଆଦିତ୍ୟନାଥଙ୍କୁ ସର୍ବସମ୍ମତିକ୍ରମେ ନେତା ନିର୍ବାଚନ କରାଯାଇଥିଲା। ଏହା ପରେ ସେ ସରକାର ଗଠନ ଲାଗି ରାଜ୍ୟପାଳଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ୪୦୩ ଆସନ ବିଶିଷ୍ଟ ୟୁପି ବିଧାନସଭାରେ ଭାଜପା ନେତୃତ୍ୱାଧୀନ ମେଣ୍ଟକୁ ୨୭୩ ଆସନ ମିଳିଥିଲା। କେବଳ ଭାଜପା ୨୫୫ ଆସନରେ ଜିତିଥିବାବେଳେ ସହଯୋଗୀ ଅପ୍‌ନା ଦଳ (ଏସ୍) ଏବଂ ନିଶାଦ ପାର୍ଟିକୁ ୧୮ଟି ଆସନ ମିଳିଥିଲା। କ୍ରମାଗତ ଦ୍ୱିତୀୟ ଥର ନିର୍ବାଚନ ଜିତି ଉତ୍ତରପ୍ରଦେଶରେ ସରକାର ଗଢ଼ିବା ୪ ଦଶନ୍ଧି ମଧ୍ୟରେ ପ୍ରଥମ ଘଟଣା।


ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ପାଠ କରୁଛନ୍ତି ଯୋଗୀ ଆଦିତ୍ୟନାଥ

## ୩ ବୁଥ୍‌ରେ ସାନି ମତଦାନ

ଭଦ୍ରକ ଅଫିସ,୨୫।୩

ଭଦ୍ରକ ପୌରପାଳିକାର ୨୪ ନଂ ୱାର୍ଡର ୬୫, ୬୬ ଏବଂ ୬୭ ନମ୍ବର ବୁଥ୍‌ରେ ଶୁକ୍ରବାର ସାନି ମତଦାନ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି ୩ ବୁଥ୍‌ରେ ଭୋଟଗ୍ରହଣ ଚାଲିଥିଲା। ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଗୋଟିଏ ପ୍ଲାଟୁନ ଫୋର୍ସ, ୩ ଜଣ ଡିଏସ୍‌ପି, ୮ ଏସ୍‌ଆଇ ଓ ସବ୍‌ଇନ୍ସପେକ୍ଟର ଓ ଅତିରିକ୍ତ ଏସ୍‌ପି ଯତୀନ କୁମାର ପଣ୍ଡା ଉପସ୍ଥିତ ରହି ନଜର ରଖିଥିଲେ। ସୂଚନାଯୋଗ୍ୟ, ଗୁରୁବାର ନିର୍ବାଚନ ପାଇଁ ଭୋଟଗ୍ରହଣ ଚାଲିଥିବା ବେଳେ ଏହି ୩ ବୁଥ୍‌ରେ ରିଗିଂ ନେଇ ଅଭିଯୋଗ ହୋଇଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଅଫିସ ପିଅନ ପାଇଁ ମହିଳା ଏବଂ ଝିଅ ପିଲା ଆବଶ୍ୟକ ।
ରହିବା ପାଇଁ ଘର + ଖାଇବା + ୭୫୦୦/–
ଫୁଲନଖରା, କଟକ
ଯୋଗାଯୋଗ-7809525452

CIVIL ENGINEER REQUIRED
Requirement of CIVIL ENGINEER having experience minimum 3 years in all type of civil structure work.
Contact:
SLK CONSTRUCTION
7381750240 & 9437257161

WANTED
JMG HEROMOTOCORP is looking for One Senior Accounts / Accounts Executive / Computer Operator / Sales Executive both Male/ Female. If you are Interested Please Walk-in for Interview from 25.03.2022 to 30.03.2022 at 10.30 am. Contact -8093080013, email. jobs@jmggroup.co.in, Address - Bajrakabati Canal Road, Professorpara, Cuttack.

କୋଏମ୍ବାଟୁର, ତାମିଲନାଡୁ ସ୍ଥିତ ଏକ ଖ୍ୟାତନାମା ଇଞ୍ଜିନିୟରିଂ କମ୍ପାନୀ
ତୁରନ୍ତ ୧୦୦ ଜଣ କର୍ମଚାରୀ
ଆବଶ୍ୟକ କରୁଛି ।
ଅଭିଜ୍ଞତା ଭିତ୍ତିରେ ଦରମା ଦିଆଯିବ ।
ବ୍ରୋକର ସ୍ୱାଗତ ।
ଯୋଗାଯୋଗ ଠିକଣା:
ଆମ୍‌ଟେକ୍ସ ଇଞ୍ଜିନିୟରିଂ,
668/3, କୁଲାଥୁର, ନୀଲାମ୍ବୁର,
କୋଏମ୍ବାଟୁର, ତାମିଲନାଡୁ - 641062
ଫୋନ୍: 97885 79968, 99948 33885

କର୍ମଚାରୀ ଆବଶ୍ୟକ
ପୁରୀ ସହରସ୍ଥିତ ଏକ ପ୍ରତିଷ୍ଠିତ ଗେଷ୍ଟହାଉସ ଏବଂ ଘର ପାଇଁ କର୍ମଚାରୀ ଆବଶ୍ୟକ । କେୟାରଟେକର ଓ ରୋଷେୟାଙ୍କ ନିମନ୍ତେ ରହିବା ଓ ଖାଇବାର ବ୍ୟବସ୍ଥା ଅଛି । କାର୍ଯ୍ୟ ଅନୁଯାୟୀ ଦରମା । ପୁରୀ ଜିଲ୍ଲା ବାସିନ୍ଦାଙ୍କୁ ଅଗ୍ରାଧିକାର ଦିଆଯିବ ।
ତୁରନ୍ତ ଯୋଗାଯୋଗ କରନ୍ତୁ
ମୋବାଇଲ-୭୯୭୮୧୪୨୬୪୨
ସୁପରଭାଇଜର-୧, କେୟାରଟେକର-୧, ରୋଷେୟା-୧

## ପଞ୍ଜାବ ବିଧାୟକଙ୍କୁ ଗୋଟିଏ ଟର୍ମ ପାଇଁ ମିଳିବ ପେନ୍‌ସନ

ଚଣ୍ଡିଗଡ଼,୨୫।୩

ପଞ୍ଜାବର ସମସ୍ତ ବିଧାୟକ ଏବଂ ପୂର୍ବତନ ବିଧାୟକମାନେ ଯେତେଥର ବିଧାନସଭାକୁ ନିର୍ବାଚିତ ହୋଇଥାନ୍ତୁ ନା କାହିଁକି, ଗୋଟିଏ ଟର୍ମ ପାଇଁ ପେନ୍‌ସନ ପାଇବେ। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଶୁକ୍ରବାର ଏହା ଘୋଷଣା କରିଛନ୍ତି। ଏକାଧିକ ଥର ନିର୍ବାଚିତ ହୋଇଥିବା ବିଧାୟକମାନେ ପ୍ରତି ଥର ଲାଗି ଅଲଗା ପେନ୍‌ସନ ସୁବିଧା ପାଉଥିଲେ। ଏଭଳି ସୁବିଧା ଆଉ ମିଳିବ ନାହିଁ। ସେହିପରି ବିଧାୟକମାନଙ୍କ ପରିବାରକୁ ମିଳୁଥିବା ଭତ୍ତା ହ୍ରାସ ପାଇବ ବୋଲି ମାନ୍ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି।

ଗୋଟିଏ ଟର୍ମ ପାଇଁ ପେନ୍‌ସନ ବ୍ୟବସ୍ଥା କରାଯିବା ଦ୍ୱାରା ବଳକା ରାଜସ୍ୱକୁ ଜନକଲ୍ୟାଣ କାର୍ଯ୍ୟରେ ବିନିଯୋଗ କରାଯିବ। ବିଧାୟକମାନେ ଭୋଟ ପାଇବା ପାଇଁ ଲୋକଙ୍କ ପାଖରେ ହାତଯୋଡ଼ି ସେବା କରିବାର ସୁଯୋଗ ଦେବାକୁ ଅନୁରୋଧ କରିଥାନ୍ତି। କିନ୍ତୁ ଏକାଧିକ ଥର ଜିତିଥିବା ଏହି ବିଧାୟକମାନେ ମାସିକ ପେନ୍‌ସନ ବାବଦରେ ଲକ୍ଷାଧିକ ଟଙ୍କା ପାଇଥାନ୍ତି। ଜଣେ ଜଣେ ବିଧାୟକ ୩.୫୦ ଲକ୍ଷରୁ ୫.୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପେନ୍‌ସନ ପାଉଛନ୍ତି। ଫଳରେ ରାଜ୍ୟ ରାଜକୋଷ ଉପରେ କୋଟି କୋଟି ଟଙ୍କାର ବୋଝ ପଡ଼ୁଛି। ସମସ୍ତ ବିଧାୟକଙ୍କ ପାଇଁ ଗୋଟିଏ ଟର୍ମ ପେନ୍‌ସନ ବ୍ୟବସ୍ଥା ଦ୍ୱାରା ବହୁ କୋଟି ଟଙ୍କା ସଞ୍ଚୟ ହୋଇପାରିବ ବୋଲି ମାନ୍ କହିଛନ୍ତି।

ଗୋଟିଏ ଟର୍ମ ବିଧାୟକଙ୍କୁ ମାସିକ ୭୫ ହଜାର ଟଙ୍କା ପେନ୍‌ସନ ମିଳିଥାଏ। ଅଧିକ ଥର ନିର୍ବାଚିତ ହେଲେ ପେନ୍‌ସନର ୬୬ ପ୍ରତିଶତ ଅତିରିକ୍ତ ଭାବେ ମିଳିଥାଏ। ବିଧାନସଭାକୁ ୧୧ ଥର ନିର୍ବାଚିତ ହୋଇଥିବା ଶିରୋମଣି ଅକାଳୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂ ବାଦଲ ପେନ୍‌ସନ ଗ୍ରହଣ କରିବେ ନାହିଁ ବୋଲି କିଛିଦିନ ପୂର୍ବରୁ ଘୋଷଣା କରିବା ସହ ତାଙ୍କ ପେନ୍‌ସନ ବାବଦ ଅର୍ଥକୁ ସମାଜ କଲ୍ୟାଣ କାର୍ଯ୍ୟରେ ବିନିଯୋଗ କରିବାକୁ ରାଜ୍ୟ ସରକାରଙ୍କୁ କହିଥିଲେ।


ଭଗୱନ୍ତ ମାନ୍

## ଟିକିଟିରେ ବିଜେଡି କରିଛି ବୁଥ୍ ରିଗିଂ

### ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କଲା ଭାଜପା

ଭୁବନେଶ୍ୱର, ୨୫।୩(ବ୍ୟୁରୋ)

ଚଳିତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡିର କର୍ମୀମାନଙ୍କ ଗୁଣ୍ଡାଗର୍ଦ୍ଦି ସବୁ ସୀମାକୁ ଟପିଯାଇଛି। ଏଥିରେ ସେମାନଙ୍କୁ ପୋଲିସ ଓ ପ୍ରଶାସନ ସମ୍ପୂର୍ଣ୍ଣ ସହାୟତା କରୁଛି। ପ୍ରଶାସନର ଉପସ୍ଥିତିରେ ଶାସକ ଦଳ ନେତା ଓ କର୍ମୀମାନେ ବ୍ୟାପକ ମାତ୍ରରେ ବୁଥ୍ ରିଗିଂ କରିବା ସତ୍ତ୍ୱେ ବିଶୃଙ୍ଖଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବିଜେଡିର ସମସ୍ତ ଅଗଣତାନ୍ତ୍ରିକ ଓ ହିଂସା କାର୍ଯ୍ୟକଳାପ ପ୍ରସଙ୍ଗରେ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ରାଜ୍ୟରେ ନିର୍ବାଚନୀ ହିଂସାକାଣ୍ଡ କ୍ରମାଗତ ବଢ଼ୁଛି। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଏବଂ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ସରକାରୀ କର୍ମଚାରୀ ଓ ଏଭଳି ଅଗଣତାନ୍ତ୍ରିକ କାର୍ଯ୍ୟରେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ରାଜ୍ୟ ନିର୍ବାଚନ କମିଶନ ଗ୍ରହଣ କରନ୍ତୁ। ଗଞ୍ଜାମ ଜିଲା ଟିକିଟି ଏନ୍‌ଏସି ନିର୍ବାଚନ ସମୟରେ ଶାସକ ବିଜେଡି ତରଫରୁ ଯେଉଁଭଳି ବୁଥ୍ ରିଗିଂ କରାଗଲା ଏବଂ ଏହାକୁ ବିରୋଧ କରିବାରୁ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଉପରେ ଯେଉଁଭଳି ମରଣାନ୍ତକ ଆକ୍ରମଣ କରାଗଲା, ତାହା ଅତ୍ୟନ୍ତ ନିନ୍ଦନୀୟ ଓ ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ଏହି ପ୍ରସଙ୍ଗରେ ଭାଜପାର ଏକ ପ୍ରତିନିଧି ଦଳ ଶୁକ୍ରବାର ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିବା ସହିତ ଦୋଷୀଙ୍କ ବିରୋଧରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି କରିଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ୱକିଶୋର କୁମାର ପ୍ରଧାନ
ଗୁଣାଦୋଳ, ଗୋବିନ୍ଦପୁର, କଟକ
ଆବିର୍ଭାବ: ୧୨।୦୨।୧୯୫୬
ତିରୋଧାନ: ୧୬।୦୩।୨୦୨୨
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପତ୍ନୀ: ଭାରତୀ, ସାନଭାଇ: ଅଶୋକ, ଅନୋଜ, ଭଉଣୀ: ନିବେଦିତା, ବିସ୍ମିତା, ଭିଣୋଇ: ଟିକି, ଟୁବୁଲା, ଝିଅ: ଇଶାନୀ, ଆଇସିକା, ଐଶ୍ୱର୍ଯ୍ୟା, ଭାଇଁ: ଅରବିନ୍ଦ, ସତ୍ୟବ୍ରତ, ନାତୁଣୀ: ସିଦ୍ଧି, ପରିବାରବର୍ଗ ତଥା ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୭୩୩୦୩

ସ୍ମୃତି ଅର୍ଘ୍ୟ
ପ୍ରଥମ ଶ୍ରାଦ୍ଧବାର୍ଷିକୀ

ୱରାଜକିଶୋର ନାୟକ
କୁଚିଣ୍ଡା, ସମ୍ବଲପୁର (ନାଲ୍‌କୋ, ଅନୁଗୋଳ)
ଆବିର୍ଭାବ : ୧୨.୦୪.୧୯୬୨
ତିରୋଧାନ : ୨୬.୦୩.୨୦୨୧
ରାଜା, ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ତୁମ ଅବର୍ତ୍ତମାନରେ ଯେଉଁ କ୍ଷତି ହୋଇଛି ତାହା ଅପୂରଣୀୟ। ତୁମ ସ୍ନେହ, ପ୍ରେମ, ଶ୍ରଦ୍ଧା ଓ ନିଷ୍ଠା ସବୁଦିନ ଅଭୁଲା ହୋଇ ରହିବ। ତୁମ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲେଇଙ୍କ ନିକଟରେ ପ୍ରାର୍ଥନା।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ପତ୍ନୀ-ଶୈବାଳିନୀ, ପୁତ୍ର- ଦେବାଶିଷ(ଆଲୋକ)
ଧ-୭୧୯୬୬

## ରାଜ୍ୟରେ ନିର୍ବାଚନୀ ହିଂସା

## ବିଜେଡି-ଭାଜପା ଦୋଷ ଲଦାଲଦି

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ପଞ୍ଚାୟତ ପରେ ପୌର ନିର୍ବାଚନରେ ବି ବ୍ୟାପକ ହିଂସାକାଣ୍ଡ ଘଟିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ରାଜନୈତିକ ହିଂସା ସୀମା ଅତିକ୍ରମ କରିସାରିଥିବା ବେଳେ ରାଜ୍ୟର ଆଇନଶୃଙ୍ଖଳା ଉପରେ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତିଦିନ ଗଣମାଧ୍ୟମରେ ରାଜନୈତିକ ହିଂସା ମୁଖ୍ୟ ପ୍ରସଙ୍ଗ ପାଲଟିଛି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, କ୍ଷମତାରେ ରହିବାର ନିଶା ଯୋଗୁ ଓଡ଼ିଶାରେ ବର୍ତ୍ତମାନ ପଶ୍ଚିମବଙ୍ଗ ଭଳି ସ୍ଥିତି ସୃଷ୍ଟି ହୋଇଛି। ବିରୋଧୀ ପ୍ରାର୍ଥୀଙ୍କୁ ଧମକ ଓ ମରଣାନ୍ତକ ଆକ୍ରମଣ ଘଟଣା ରାଜ୍ୟକୁ ଅଶାନ୍ତରେ ପରିଣତ କରିଥିବା ବେଳେ ପୋଲିସ ଏବଂ ପ୍ରଶାସନର ବିଶ୍ୱସନୀୟତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାଟଣାଗଡ଼ରେ ଟଙ୍କା ବଣ୍ଟନ କରି ଭୋଟରଙ୍କୁ ପ୍ରଭାବିତ କରିବା, ଭୁବନେଶ୍ୱର ଝାରପଡ଼ାର ଏକ ବୁଥ୍‌ରେ ଏଜେଣ୍ଟ ଜଣକ ବାହାରେ ରହି ଭୋଟରଙ୍କୁ ଭୋଟ ଦେବା ପାଇଁ ପ୍ରବର୍ତ୍ତାଇବା, ଢେଙ୍କାନାଳ ପୌରାଞ୍ଚଳର ୧୫ ନମ୍ବର ୱାର୍ଡରେ ବିଜେଡି କର୍ମୀଙ୍କ ଦ୍ୱାରା ବୁଥ୍ ରିଗିଂ, ଯାଜପୁର ଜିଲା ବିଞ୍ଝାରପୁର ଅଞ୍ଚଳରେ ବୋମାମାଡ଼ ଘଟଣା ଚିନ୍ତାର କାରଣ ସାଜିଛି ବୋଲି ସେ କହିଛନ୍ତି। ଏହିପରି ଅନେକ ଘଟଣାର ପ୍ରମାଣ ସହ ଅଭିଯୋଗ ସତ୍ତ୍ୱେ ରାଜ୍ୟ ନିର୍ବାଚନ କମିଶନ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ଭାଜପା ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ପୌର ନିର୍ବାଚନର ଫଳାଫଳ ଶନିବାର ପ୍ରକାଶ ପାଇବାକୁ ଯାଉଛି। ପଞ୍ଚାୟତ ନିର୍ବାଚନ ଭଳି ଏହି ନିର୍ବାଚନରେ ମଧ୍ୟ ବଡ଼ ପରାଜୟର ସମ୍ମୁଖୀନ ହେବାକୁ ଯାଉଥିବା ଜାଣିବା ପରେ ଭାଜପା ନେତାମାନେ ହତାଶ ହୋଇ ପଡ଼ିଛନ୍ତି। ଏବେ ସେମାନେ ନିଜ ମୁଣ୍ଡରୁ ପରାଜୟର ଦୋଷ ଖସାଇବାକୁ ବିଭିନ୍ନ ଆଳ ଖୋଜୁଛନ୍ତି। ଭାଜପା ସଭାପତି ବିଜେଡି ବିରୋଧରେ ଯେଉଁସବୁ କପୋଳକଳ୍ପିତ ଅଭିଯୋଗ ଆଣିଛନ୍ତି, ତାହା ହାସ୍ୟାସ୍ପଦ ଏବଂ କେବଳ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ଉଦ୍ଦିଷ୍ଟ ବୋଲି ରାଜ୍ୟବାସୀ ଭଲଭାବେ ଜାଣିଛନ୍ତି। ରାଜ୍ୟ ଭାଜପାର ପ୍ରରୋଚନାରେ ଯୋଜନାବଦ୍ଧ ଭାବେ ବିଜେଡି କର୍ମୀଙ୍କଠାରୁ ନେଇ ପୋଲିସ, ଖବରଦାତା, ସରକାରୀ ଅଫିସର ଏବଂ ସାଧାରଣ ଜନତାଙ୍କ ଉପରେ ବର୍ବରୋଚିତ ଆକ୍ରମଣ କରାଯାଇଥିଲା। ଏପରିକି ଭଦ୍ରକ ଜିଲାର ଧାମନଗର ବ୍ଲକରେ ବିଜେଡି କର୍ମୀଙ୍କୁ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କ ଉପସ୍ଥିତିରେ ଭାଜପା କର୍ମୀମାନେ ପିଟିପିଟି ନିର୍ମମ ଭାବେ ହତ୍ୟା କରିଥିଲେ। ବର୍ତ୍ତମାନ ପୌର ନିର୍ବାଚନରେ ବଡ଼ ପରାଜୟ ଆଶଙ୍କାରେ ନିଜର ସ୍ଥିତି ରକ୍ଷା ପାଇଁ ଭାଜପା ବିଭିନ୍ନ ଆଳ ଖୋଜୁଛି ବୋଲି ଲେନିନ୍ କହିଛନ୍ତି।

# ଚେନ୍ନାଇ-କୋଲକାତା ଉଦ୍‌ଘାଟନୀ ମ୍ୟାଚ ଆଜି

**ମୁମ୍ବାଇ, ୨୫।୩ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୫ତମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଗତଥରର ଚାମ୍ପିୟନ ଚେନ୍ନାଇ ସୁପରକିଙ୍ଗ୍ସ (ସିଏସ୍‌କେ) ଓ କୋଲକାତା ନାଇଟ ରାଇଡର୍ସ (କେକେଆର୍) ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ଏହି ମ୍ୟାଚ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହା ପରଦିନ ଅର୍ଥାତ୍ ୨୭ ତାରିଖରେ ଲିଗ୍‌ର ସବୁଠାରୁ ସଫଳ ଦଳ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚ ମୁମ୍ବାଇର ବ୍ରାବୋର୍ନ ଷ୍ଟାଡିୟମରେ ଆୟୋଜନ ହେବ।

**ଆଇପିଏଲ-୧୫**





ଅଭ୍ୟାସ ଅବସରରେ ଦୁଇ ଅଧିନାୟକ ରବୀନ୍ଦ୍ର ଜାଡେଜା ଓ ଶ୍ରେୟାସ ଆୟାର।

୨୦୧୧ ପରେ ପ୍ରଥମଥର ପାଇଁ ୧୦ଟି ଦଳକୁ ନେଇ ଏଥର ଆଇପିଏଲ ହେବାକୁ ଯାଉଛି। ବିଶ୍ୱ କ୍ରିକେଟର ସବୁଠାରୁ ବ୍ୟୟବହୁଳ ଏହି ଟି୨୦ ଲିଗ୍‌ରେ ଏଥର ୨ଟି ନୂଆ ଦଳ ଲକ୍ଷ୍ନୌ ସୁପରଜିଆଣ୍ଟ୍ସ ଓ ଗୁଜରାଟ ଟାଇଟାନ୍ସକୁ ଦେଖିବାକୁ ମିଳିବ। ୧୪ ବର୍ଷ ସମୟ ଲାଗିଥିଲେ ହେଁ ଆଇପିଏଲ୍ ବିଶ୍ୱସ୍ତରରେ ଲୋକପ୍ରିୟ ହୋଇଛି। ଆଇକନିକ୍ ମାଞ୍ଚେଷ୍ଟର ୟୁନାଇଟେଡ ମାଲିକ ଏଥର ଆଇପିଏଲ୍‌ରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ଆରପିଏସ୍‌ଜି ଗ୍ରୁପ୍ ଏବଂ ବ୍ରିଟେନ-ଭିତ୍ତିକ ସିଭିସି ଗ୍ରୁପ୍‌ଠାରୁ ବିଡ୍‌ରେ ହାରି ଯାଇଥିଲେ। ଦେଶରେ କୋଭିଡ୍ ସ୍ଥିତିରେ ଉନ୍ନତି ଆସିଥିବାରୁ ୨ ବର୍ଷ ବ୍ୟବଧାନରେ ଭାରତରେ ସମ୍ପୂର୍ଣ୍ଣଭାବେ ହେବାକୁ ଯାଉଛି। କେବଳ ସେତିକି ନୁହେଁ ଷ୍ଟାଡିୟମରେ ୨୫ ପ୍ରତିଶତ ଦର୍ଶକଙ୍କୁ ମଧ୍ୟ ଅନୁମତି ମିଳିଛି। ୧୦ ଦଳ ବିଶିଷ୍ଟ ହୋଇଥିବାରୁ ଲିଗ୍‌ର ଦଳ ସଂଖ୍ୟା ୬୦ରୁ ୭୪କୁ ବୃଦ୍ଧି ପାଇଛି। ଏଥର ଆଇପିଏଲ୍ ୨ ମାସରୁ ଊର୍ଦ୍ଧ୍ୱ ସମୟଧରି ଅନୁଷ୍ଠିତ ହେବ। ତେବେ ନୂଆ ଫର୍ମାଟ ଅନୁସାରେ ପ୍ରତି ଦଳ ଲିଗ୍ ପର୍ଯ୍ୟାୟରେ ୧୪ଟି ଲେଖାଏ ମ୍ୟାଚ ଖେଳିବେ। ତେବେ ଲିଗ୍‌ର ଅବଧି ଦୀର୍ଘ ହୋଇଥିବାରୁ ଏହା କ୍ରିକେଟର କ୍ୱାଲିଟି ଉପରେ ପ୍ରଭାବ ପକାଉଛି କି ନାହିଁ ତାହା ସମୟ କହିବ।

୨୦୨୧ ସଂସ୍କରଣରେ ଭାରତୀୟ କ୍ରିକେଟ ବୋର୍ଡ ଅନେକ କିଛି ଶିଖିବାକୁ ପାଇଛି। ବାୟୋ-ବବଲ୍ ମଧ୍ୟରେ କରୋନା ସଂକ୍ରମଣ ଯୋଗୁ ଲିଗ୍‌କୁ ଅଧାରୁ ବନ୍ଦ ରଖିବାକୁ ପଡ଼ିଥିଲା ଏବଂ ୪ ମାସ ପରେ ଏହାକୁ ୟୁଏଇରେ ସମ୍ପୂର୍ଣ୍ଣ କରାଯାଇଥିଲା। ଏଥର କିନ୍ତୁ ଦଳଗୁଡ଼ିକୁ ବିମାନରେ ବିଭିନ୍ନ ସ୍ଥାନକୁ ଯିବାକୁ ପଡ଼ିବ ନାହିଁ। କାରଣ ସମସ୍ତ ଲିଗ୍ ଗେମ୍ ମହାରାଷ୍ଟ୍ରର ୪ଟି ଭେନ୍ୟୁ (ମୁମ୍ବାଇରେ ୩ ଓ ପୁଣେରେ ୧)ରେ ଅନୁଷ୍ଠିତ ହେବ। ପିଚ୍‌ର ପ୍ରକୃତିକୁ ବଜାୟ ରଖିବା କ୍ୟୁରେଟରଙ୍କ ପାଇଁ ଚ୍ୟାଲେଞ୍ଜ ହେବ ନିଶ୍ଚିତ। ତେବେ ଟୁର୍ନାମେଣ୍ଟର ପ୍ରଥମାର୍ଦ୍ଧ ହାଇ ସ୍କୋରିଂ ହେବ ବୋଲି ଆକଳନ କରାଯାଉଛି। ହେଲେ ୱାଙ୍ଖଡେ, ସିସିଆଇ ଓ ଡି.ୱାଇ. ପାଟିଲ ଷ୍ଟାଡିୟମର ଲାଲ୍ ମାଟିରେ ବଲ୍ ଅଧିକ ବାଉନ୍ସ ହେବା ସମ୍ଭାବନା ରହିଛି। ସେହିପରି ପୁଣେର କଳା ମାଟିରେ ବଲ୍ ଟର୍ନ ନେବା ଆଶା କରାଯାଉଛି। ୨ଟି ନୂଆ ଫ୍ରାଞ୍ଚାଇଜ୍ ଦଳ ସାମିଲ ହୋଇଥିବାରୁ ମେଗା ନିଲାମ ପୂର୍ବରୁ ପୁରୁଣା ଦଳଗୁଡ଼ିକ ଅଧିକାଂଶ ଖେଳାଳିଙ୍କୁ ରିଲିଜ କରିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଭିନ୍ନ ଭିନ୍ନ ଦଳରେ ସ୍ଥାନ ପାଇଥିବାରୁ ଏଥର ଲିଗ୍ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେବା ସମ୍ଭାବନା ଅଛି। ଚଳିତ ବର୍ଷ ଶେଷ ଭାଗରେ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ ହେବାର ଅଛି। ତେଣୁ ଏହି ଆଇପିଏଲ୍ କେତେକ ଭାରତୀୟ ଖେଳାଳିଙ୍କ ଭାଗ୍ୟ ନିର୍ଦ୍ଧାରଣ କରିପାରେ।

ଆଇପିଏଲ-୧୫ର ସମସ୍ତ ମ୍ୟାଚ ମୁମ୍ବାଇରେ ହେବାର ଥିଲେ ହେଁ ମୁମ୍ବାଇ ଇଣ୍ଡିଆନ୍ସକୁ ଘରୋଇ ପରିବେଶରୁ ଅଧିକ ଫାଇଦା ମିଳିବ ବୋଲି ଭାବିବା ଠିକ୍ ନୁହେଁ ବୋଲି ଅଧିନାୟକ ରୋହିତ ଶର୍ମା କହିଛନ୍ତି। ମୁମ୍ବାଇ ଦଳରେ ରୋହିତଙ୍କ ସମେତ କିରନ ପୋଲାର୍ଡ, ସୂର୍ଯ୍ୟକୁମାର ଯାଦବ, ଯଶପ୍ରୀତ୍ ବୁମ୍‌ରା ଓ ଇଶାନ କିଶନ ଥିଲେ ହେଁ ପାଣ୍ଡ୍ୟା ବ୍ରଦର୍ସ (ହାର୍ଦ୍ଦିକ-କୃନାଲ) ଓ ଟ୍ରେଣ୍ଟ ବୋଲ୍ଟ ନାହାନ୍ତି। ତେଣୁ ପୂର୍ବରୁ ଦଳ ଯେତେ ଶକ୍ତିଶାଳୀ ମନେ ହେଉଥିଲା ଏବେ ତାହା ହେଉନାହିଁ। ଫାଫ୍ ଡୁପ୍ଲେସି ଯଦିଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳର ଅଧିନାୟକ ମନୋନୀତ ହୋଇଛନ୍ତି ତେବେ ସମସ୍ତଙ୍କ ନଜର ବିରାଟ କୋହଲିଙ୍କ ଉପରେ ରହିବ। ନେତୃତ୍ୱର ଚାପ ନ ଥିବାରୁ କୋହଲି କିଭଳି ବ୍ୟାଟିଂ କରୁଛନ୍ତି ତାହା ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି।

**ଚର୍ଚ୍ଚାରେ ଧୋନୀ**

ଚେନ୍ନାଇ ସୁପରକିଙ୍ଗ୍ସର ଅଧିନାୟକ ପଦ ଛାଡ଼ି ମହେନ୍ଦ୍ର ସିଂ ଧୋନୀ ଏବେ ଚର୍ଚ୍ଚାରେ ଅଛନ୍ତି। ଏହି ହାଇ ପ୍ରୋଫାଇଲ୍ ଲିଗ୍‌ରେ ରବୀନ୍ଦ୍ର ଜାଡେଜା ପ୍ରଥମଥର ପାଇଁ ଧୋନୀଙ୍କ ସ୍ଥାନରେ ଅଧିନାୟକ ଦାୟିତ୍ୱ ତୁଲାଇବେ। ଏବେ ଧୋନୀ ପୂରା ସିଜନ ଖେଳୁଛନ୍ତି କି ନାହିଁ ତା' ଉପରେ ସମସ୍ତଙ୍କ ନଜର ରହିଛି। ଆଇପିଏଲ୍ ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ୪୦ ବର୍ଷୀୟ ଧୋନୀ ସିଏସ୍‌କେ ଅଧିନାୟକ ପଦରୁ ଓହରି ଯାଇଛନ୍ତି। ଜାଡେଜାଙ୍କ ସହିତ ଶ୍ରେୟାସ ଆୟାର, ଲୋକେଶ ରାହୁଲ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମଧ୍ୟ ଅଧିନାୟକ ଦକ୍ଷତା ବଢ଼ାଇବାର ସମୟ ଆସିଛି।




ପାକିସ୍ତାନ ବିପକ୍ଷରେ ଟେଷ୍ଟ ସିରିଜ ବିଜୟୀ ଅଷ୍ଟ୍ରେଲିଆ ଦଳ।

# ସିନ୍ଧୁ, ପ୍ରଣୟ ସେମିଫାଇନାଲରେ

**ବାସେଲ, ୨୫।୩ (ପି.ଟି.)**

ଡବଲ ଅଲିମ୍ପିକ୍ ମେଡାଲିଷ୍ଟ ପି.ଭି. ସିନ୍ଧୁ ଏବଂ ଏଚ୍.ଏସ୍. ପ୍ରଣୟ ସୁଇସ୍ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ସିନ୍ଧୁ ମହିଳା ସିଙ୍ଗଲ୍ସ ମ୍ୟାଚରେ ୫ମ ସିଡ୍ କାନାଡ଼ାର ମିଚେଲି ଲୀଙ୍କୁ ୨୧-୧୦, ୨୧-୧୯ ପଏଣ୍ଟରେ ପରାସ୍ତ କରିଥିଲେ। ବିଜୟ ପାଇଁ ମାତ୍ର ୩୬ ମିନିଟ ସମୟ ନେଇଥିବା ସିନ୍ଧୁ ଶନିବାର ହେବାକୁଥିବା ସେମିଫାଇନାଲରେ ଅଣସିଡେଡ ଥାଇଲାଣ୍ଡର ସୁପାନିଦା କାଟେଥୋଙ୍ଗ୍‌ଙ୍କୁ ଭେଟିବେ। ଅନ୍ୟପକ୍ଷରେ ପ୍ରଣୟ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ସାଥି ଖେଳାଳି ତଥା ପୂର୍ବତନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ପାରୁପଲ୍ଲୀ କାଶ୍ୟପଙ୍କୁ ୨୧-୧୬, ୨୧-୧୬ରେ ହରାଇ ଦେଇଛନ୍ତି। ବିଜୟ ପାଇଁ କାଶ୍ୟପ ୪୩ ମିନିଟ ସମୟ ନେଇଥିଲେ। ଇଣ୍ଡୋନେସିଆର ଆଣ୍ଟୋନୀ ସିନିସୁକା ଜିନ୍‌ଟିଙ୍ଗ ଓ ସମିର ବର୍ମାଙ୍କ କ୍ୱାର୍ଟର ଫାଇନାଲର ବିଜେତାଙ୍କୁ ପ୍ରଣୟ ସେମିଫାଇନାଲରେ ଭେଟିବେ।

# ୟୁଥ୍, ଜୁନିୟରରେ ଅଜୟ ବାବୁଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୫।୩ (କ୍ରୀଡ଼ା ପ୍ରତିନିଧି)**




ଭାରୋତ୍ତୋଳନ ଅବସରରେ ଭି. ଅଜୟ ବାବୁ।

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଭାରତୀୟ ଭାରୋତ୍ତୋଳନ ମହାସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କିଟ୍ ଇନ୍‌ଡୋର ହଲ୍‌ରେ ଚାଲିଥିବା ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଶୁକ୍ରବାର ୮୧କେଜି ଓଜନ ବର୍ଗର ଉଭୟ ୟୁଥ୍ ଓ ଜୁନିୟର ପୁରୁଷ ବିଭାଗରେ ମଧ୍ୟପ୍ରଦେଶର ଭି. ଅଜୟ ବାବୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଏହି ଓଜନ ବର୍ଗର ସିନିୟରରେ ଏସ୍‌ଏସ୍‌ସିବିର ଅଜୟ ସିଂ ଏବଂ ଆନ୍ତଃରାଜ୍ୟ ପୁରୁଷ ସିନିୟରରେ

**ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ**

ହରିୟାଣାର ଦୀପକ ଲାଥେର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୁରୁଷ ୟୁଥ୍ ବର୍ଗରେ ମୋଟ ୨୯୫ କେଜି ଉତ୍ତୋଳନ କରି ଅଜୟ ବାବୁ ସ୍ୱର୍ଣ୍ଣ, ୨୮୦ କେଜି ଉତ୍ତୋଳନ କରି ଆନ୍ଧ୍ରପ୍ରଦେଶର ଜି. ରବି କୁମାର ରୌପ୍ୟ ଏବଂ ତେଲେଙ୍ଗାନାର ଡି.ଗଣେଶ ୨୭୬ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ପୁରୁଷ ଜୁନିୟର ବର୍ଗରେ ମଧ୍ୟ ଅଜୟ ବାବୁ ସମାନ ୨୯୫ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଆସାମର ତ୍ରିଦୀପ ବ୍ରାଉ ୨୯୨କେଜି ଉତ୍ତୋଳନ କରି ରୌପ୍ୟ ଏବଂ ଛତିଶଗଡ଼ର ଭାବଶ ସାରଙ୍ଗ ୨୮୩ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

ସିନିୟର ପୁରୁଷ ୮୧ କେଜି ଓଜନ ବର୍ଗରେ ଏସ୍‌ଏସ୍‌ସିବିର ଅଜୟ ସିଂ ମୋଟ ୩୧୫ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ, ୩୧୪ କେଜି ଉତ୍ତୋଳନ କରି ହରିୟାଣାର ଦୀପକ ଲାଥେର ରୌପ୍ୟ ଏବଂ ୩୦୧ କେଜି ଉତ୍ତୋଳନ କରି ମହାରାଷ୍ଟ୍ରର ଅଭିଷେକ ନିପାନେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଆନ୍ତଃରାଜ୍ୟ ପୁରୁଷ ସିନିୟର ୮୧ କେଜି ଓଜନ ବର୍ଗରେ ହରିୟାଣାର ଦୀପକ ଲାଥେର ସ୍ୱର୍ଣ୍ଣ, ମହାରାଷ୍ଟ୍ରର ଅଭିଷେକ ନିପାନେ ରୌପ୍ୟ ଏବଂ ଆସାମର ପପୁଲ ଚେଙ୍ଗନି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

# ଏପ୍ରିଲ ୧୫ରୁ ଇଣ୍ଡିଆନ ଓମେନ୍ସ ଲିଗ୍ ଫୁଟବଲ

**ଭୁବନେଶ୍ୱର, ୨୫।୩**

ଦୁଇବର୍ଷର ବ୍ୟବଧାନ ପରେ ଇଣ୍ଡିଆନ ଓମେନ୍ସ ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ପ୍ରତିଯୋଗିତାର ୫ମ ସଂସ୍କରଣ ଭୁବନେଶ୍ୱରର ୩ଟି ଭେନ୍ୟୁରେ ଏପ୍ରିଲ ୧୫ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଉଣ୍ଡ ରବିନ ଫର୍ମାଟରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ଏହାର ଚାମ୍ପିୟନ ଏଫ୍‌ସି ଓମେନ୍ସ କ୍ଲବ ଚାମ୍ପିୟନଶିପ୍‌ର ପରବର୍ତ୍ତୀ ସଂସ୍କରଣ ଖେଳିବା ସୁଯୋଗ ପାଇବ। ୧୧ ମ୍ୟାଚ ପରେ ଯେଉଁ ଦଳ ସର୍ବାଧିକ ପଏଣ୍ଟ ପାଇବ ତାକୁ ବିଜେତା ଘୋଷଣା କରାଯିବ। ମ୍ୟାଚଗୁଡ଼ିକ କଳିଙ୍ଗ ଷ୍ଟାଡିୟମ, ୭ମ ବାଟାଲିୟନ ଗ୍ରାଉଣ୍ଡ ଓ କ୍ୟାପିଟାଲ ପଡ଼ିଆରେ ଅନୁଷ୍ଠିତ ହେବ। ଗତ ଓଡ଼ିଶା ଓମେନ୍ସ ଲିଗ୍‌ରେ ଚାମ୍ପିୟନ ହୋଇଥିବା ଓଡ଼ିଶା ପୋଲିସ ଓ ରନର୍ସଅପ୍ ସ୍ପୋର୍ଟ୍ସ ଓଡ଼ିଶା ଦଳ ରାଜ୍ୟ ପକ୍ଷରୁ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ପ୍ରତିନିଧିତ୍ୱ କରିବ। ଏହା ବ୍ୟତୀତ ଗତଥରର ଚାମ୍ପିୟନ ଗୋକୁଲମ୍ କେରଳ ଏଫ୍‌ସି, ହନ୍ସ ଓମେନ୍ ଏଫ୍‌ସି (ଦିଲ୍ଲୀ), କିକ୍‌ଷ୍ଟାର୍ଟ ଏଫ୍‌ସି (କର୍ଣାଟକ), ସେଥୁ ମଦୁରାଇ (ତାମିଲନାଡୁ), ପିଆଇଏଫ୍‌ଏ ସ୍ପୋର୍ଟ୍ସ କୋଲାବା ଏଫ୍‌ସି (ମହାରାଷ୍ଟ୍ର), ମାତା ରୁକ୍ମିଣୀ ଏଫ୍‌ସି (ଛତିଶଗଡ଼), ସିରଭୋଡେମ୍ ସ୍ପୋର୍ଟ୍ସ କ୍ଲବ (ଗୋଆ), ଇଣ୍ଡିଆନ ଆରୋଜ (ଏଆଇଏଫ୍‌ଏଫ୍ ଡେଭ୍‌ଲପ୍‌ମେଣ୍ଟାଲ ଟିମ୍), ଏସ୍‌ଏସ୍‌ବି ଓମେନ୍ ଏଫ୍‌ସି (ପଶ୍ଚିମବଙ୍ଗ) ଏବଂ କ୍ୱାଲିଫାୟର୍ସର ଏକ କ୍ଲବ ଅଂଶଗ୍ରହଣ କରିବ।




## ପ୍ରବୋଧଙ୍କୁ ଗୁରୁଦାୟିତ୍ୱ



**ଭୁବନେଶ୍ୱର, ୨୫।୩ (କ୍ରୀଡ଼ା ପ୍ରତିନିଧି):** ନାଗାଲାଣ୍ଡର କୋହିମାଠାରେ ସାଉଥ୍ ଏସିଆନ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍ ଆସନ୍ତା ଏପ୍ରିଲ ୨୬ରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ଚାମ୍ପିୟନଶିପ୍ ପରିଚାଳନା ପାଇଁ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶାର ଅନ୍ତର୍ଜାତୀୟ ଟେକ୍ନିକାଲ ଅଫିସିଆଲ ପ୍ରବୋଧ କୁମାର ମହାନ୍ତିଙ୍କୁ ମନୋନୟନ କରାଯାଇଛି। ଏପରି ଏକ ସମ୍ମାନଜନକ ଦାୟିତ୍ୱ ପାଇଥିବାରୁ ପ୍ରବୋଧଙ୍କୁ ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ୍, କୋଷାଧ୍ୟକ୍ଷ ଅଧିପ ଦାସ ଅଭିନନ୍ଦନ ଜଣାଇଛନ୍ତି।

# ସେମିରେ କେନ୍ଦ୍ରାପଡ଼ା

**ଧର୍ମଶାଳା, ୨୫।୩(ଡି.ଏନ.ଏ.)**

ଯାଜପୁର ଜିଲା ଧର୍ମଶାଳା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ବାଣୀପୀଠ ଖେଳ ପଡ଼ିଆରେ ଚାଲିଥିବା ୨୪ତମ ଡିଫା କପ୍ ଓ ଚତୁର୍ଥ ରଞ୍ଜିତ ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ଦିବସ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି।

**ରାଜ୍ୟସ୍ତରୀୟ ଡିଫା କପ୍**

ଏଥିରେ ଅଲ୍‌ଟିମେଟ ଚାମ୍ପିୟନ କଟକକୁ ୦-୧ ଗୋଲରେ ପରାସ୍ତ କରି ୟୁନାଇଟେଡ କ୍ଲବ କେନ୍ଦ୍ରାପଡ଼ା ସେମିଫାନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ କେନ୍ଦ୍ରାପଡ଼ା ଟିମ୍‌ର ସେକ୍ ଅଜିମ୍ ଗୋଟିଏ ଗୋଲ ଦେଇଥିଲେ। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ନ ପାରିବା ଫଳରେ କେନ୍ଦ୍ରାପଡ଼ା ଟିମ୍ ବିଜୟୀ ହୋଇଥିଲା। ଲାଲବାହାଦୁର ହାଇସ୍କୁଲର ପ୍ରଧାନଶିକ୍ଷକ ଅମ୍ବୁଜ କୁମାର ଦାସ ଅତିଥି ଭାବେ ଯୋଗଦେଇ ବିଜୟୀ ଟିମ୍‌ର ଅଜିମଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଚିତ୍ତରଞ୍ଜନ ଓଝା, ସଲିମ ଅହମ୍ମଦ ପରିଚାଳନା କରିଥିଲେ। ଦେବେନ୍ଦ୍ର ଜେନା ଓ ଶୈଳେଶ ପାଣି ଲାଇନରେ ସହାୟତା କରିଥିଲେ। ଶନିବାର ପ୍ରତାପ କ୍ଲବ ଭୁବନେଶ୍ୱର ଓ ଆୟୋଜକ ଡିଫା ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଡିଫା ସଭାପତି ପ୍ରମୋଦ ଦାସ ଓ ସମ୍ପାଦକ ପ୍ରବୋଧ ପାତ୍ର ସୂଚନା ଦେଇଛନ୍ତି।

# ଆରାଧ୍ୟା ବର୍ମା ଚାମ୍ପିୟନ

**ଭୁବନେଶ୍ୱର, ୨୫।୩ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ଟେନିସ ପ୍ରତିଭା ଆରାଧ୍ୟା ବର୍ମା ନିଜ କ୍ୟାରିୟରରେ ଆଉ ଏକ ସଫଳତା ଫର୍ଦ୍ଦ ଯୋଡ଼ିଛନ୍ତି। ହରିୟାଣାର କର୍ନଲରେ ଅନୁଷ୍ଠିତ ସିଏସ୍ ୭ ସର୍ବଭାରତୀୟ ଟେନିସ ଚାମ୍ପିୟନଶିପ୍‌ରେ ୧୬ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଚାମ୍ପିୟନ ଓ ଡବଲ୍ସରେ ରନର୍ସଅପ୍ ହୋଇଛନ୍ତି। ସିଙ୍ଗଲ୍ସ ଫାଇନାଲରେ ସେ ଗୁଜରାଟର ପିଆ ମିସ୍ତ୍ରୀଙ୍କୁ ୬-୪, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ଡବଲ୍ସରେ ସେ ପଶ୍ଚିମବଙ୍ଗର ତମନ୍ନା ସାହାଙ୍କୁ ସାଥିକରି ଖେଳିଥିଲେ। ମାତ୍ର ଆରାଧ୍ୟା-ତମନ୍ନା ଯୋଡ଼ି ଡବଲ୍ସ ଫାଇନାଲରେ ମହାରାଷ୍ଟ୍ରର ଅଭିପ୍ସା ମଲିକ ଓ ଗୁଜରାଟର ପିଆ ମିସ୍ତ୍ରୀଙ୍କଠାରୁ ୪-୬, ୭-୫, ୪-୧୦ ସେଟ୍‌ରେ ହାରି ଯାଇଥିଲେ। ଗତ ୩ ସପ୍ତାହ ମଧ୍ୟରେ ଆରାଧ୍ୟା ୮ଟି ଟାଇଟଲ ଜିତି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ରାଜ୍ୟର ପ୍ରତିଷ୍ଠିତ କୋଚ୍ ଫରହାନ ଅଲୀଙ୍କଠାରୁ ଆରାଧ୍ୟା ପ୍ରଶିକ୍ଷଣରତ।




ପୁରସ୍କାର ସହ ଆରାଧ୍ୟା ବର୍ମା (ବାମ)।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୬/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Saturday, March 26/2022 Page 16 ₹ 7.00 | ପୃଷ୍ଠା-୧



**ଅଭିନୟ ଛାଡ଼ିଲେ ଅନଘା**

ଲୋକପ୍ରିୟ ଧାରାବାହିକ 'ଅନୁପମା'ରେ ନନ୍ଦିନୀ ଚରିତ୍ରରେ ଅଭିନୟ କରୁଥିବା ଅନଘା ଭୋସଲେ ସବୁଦିନ ପାଇଁ ଅଭିନୟ ଜଗତ ଛାଡ଼ିଲେ।

୦୨

୦୮

**ପ୍ରଣବଙ୍କୁ ସ୍ୱର୍ଣ୍ଣ ପଦକ**

ଦୁବାଇରେ ଅନୁଷ୍ଠିତ ଫାଜା ଅନ୍ତର୍ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୧୦୦ ମିଟର ପୁରୁଷ ଟି୬୩/୬୪ ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭାରତର ପ୍ରଣବ ପ୍ରଶାନ୍ତ ଦେଶାଇ।



# ବସ୍ତିରେ ହେବ ବିଜୁ ଆଦର୍ଶ କଲୋନୀ

## ରାଜ୍ୟ ବିକାଶର କଥା କହିଲେ ରାଜ୍ୟପାଳ

- ୨୦୨୨ ଶେଷ ସୁଦ୍ଧା ସହର, ୨୦୨୪ ସୁଦ୍ଧା ଗ୍ରାମାଞ୍ଚଳର ସବୁ ପରିବାରକୁ ପାନୀୟ ଜଳ
- ୫ ଲକ୍ଷ କ୍ଷେତ ପୋଖରୀ ସୃଷ୍ଟି ଲକ୍ଷ୍ୟ



ବିଧାନସଭାରେ ଶୁକ୍ରବାର ଅଭିଭାଷଣ ଦେଉଛନ୍ତି ରାଜ୍ୟପାଳ ଗଣେଶୀ ଲାଲ, ନିକଟରେ ଅଛନ୍ତି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର।

**ଭୁବନେଶ୍ୱର,୨୫ା୩(ବ୍ୟୁରୋ)**

ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ଯୋଗାଣ, ଭିତ୍ତିଭୂମି, କୋଭିଡ୍ ପରିଚାଳନା, ଖାଦ୍ୟ ସୁରକ୍ଷା ଯୋଜନାରେ ଗରିବଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ, ପକ୍କାଘର, ମହିଳା ସଶକ୍ତୀକରଣ, ଜଳସେଚନ, କ୍ରୀଡ଼ାର ବିକାଶ, ଗରିବ, ଆଦିବାସୀ, ଅସହାୟଙ୍କ ପାଇଁ ଅନେକ ବିକାଶମୂଳକ ପଦକ୍ଷେପ ନିଆଯାଇଛି। କୋଭିଡ୍ ମହାମାରୀ ସତ୍ତ୍ୱେ ରାଜ୍ୟ ଅର୍ଥନୀତିକୁ ଗତିଶୀଳ କରାଯାଇପାରିଛି। ସମସ୍ତଙ୍କୁ ବିନା ଖର୍ଚ୍ଚରେ ସ୍ୱାସ୍ଥ୍ୟସେବା ଯୋଗାଇବା ନିଶ୍ଚିତ କରାଯାଇଛି। ରାଜ୍ୟ ସରକାର ରାଜ୍ୟପାଳ ରାଜ୍ୟପାଳ ଗଣେଶୀ ଲାଲଙ୍କ ମୁହଁରେ ବିଧାନସଭାରେ ବିକାଶର ଏଭଳି ଗୋଲାପି ଚିତ୍ର ଥୋଇଛନ୍ତି।

ବିଧାନସଭାର ସ୍ୱଳ୍ପକାଳୀନ ବଜେଟ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପୂର୍ବାହ୍ନ ୧୧ଟାରେ ଜାତୀୟ ସଙ୍ଗୀତ ଗାନ ପରେ ରାଜ୍ୟପାଳଙ୍କ ଅଭିଭାଷଣରୁ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟପାଳ ଅଭିଭାଷଣରେ କହିଛନ୍ତି ଯେ, ରାଜ୍ୟର ୮ ସହରକୁ ବସ୍ତିଶୂନ୍ୟ ମାନ୍ୟତା ଦିଆଯାଇଛି। ବସ୍ତି ଉନ୍ନତୀକରଣ ଏବଂ ଅଣତାଲିକାକରଣ ମାଧ୍ୟମରେ ୧.୭୦ ଲକ୍ଷ ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ ୧୧୪ ସହରର ୨୯୭୪ ବସ୍ତିରେ 'ବିଜୁ ଆଦର୍ଶ କଲୋନୀ' ସ୍ଥାପନ କରାଯିବ। ରାଜ୍ୟର ମୋଟ ୧୧୪ଟି ସହରାଞ୍ଚଳ ମଧ୍ୟରୁ ୬୩ ସହରରେ ଶତପ୍ରତିଶତ ଘର ସମେତ ଭୁବନେଶ୍ୱର ଓ କଟକ ସହରର ପ୍ରତ୍ୟେକ ଘରକୁ ପାଣି ପାଇପ୍ ସଂଯୋଗ ହୋଇଛି। ☞ପୃଷ୍ଠା-୫

## ବିଧାନସଭା ଆସିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୫ା୩(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବର୍ଷକ ପରେ ଚଳିତ ବିଧାନସଭା ବଜେଟ ଅଧିବେଶନରେ ଯୋଗ ଦେଇଛନ୍ତି। ୨୦୨୦ ମାର୍ଚ୍ଚରେ ରାଜ୍ୟରେ କୋଭିଡ୍-୧୯ ମହାମାରୀ କଟକଣା ଲାଗୁ ହୋଇଥିଲା। ଶେଷ ଥର ଲାଗି ୨୦୨୧ ଫେବୃୟାରୀ ୧୮ରେ ରାଜ୍ୟପାଳଙ୍କ ଅଭିଭାଷଣ ପାଇଁ ମୁଖ୍ୟମନ୍ତ୍ରୀ ବିଧାନସଭା ଆସିଥିଲେ। ଶୁକ୍ରବାରଠାରୁ ବିଧାନସଭାର ସ୍ୱଳ୍ପକାଳୀନ ବଜେଟ ଅଧିବେଶନ କୋଭିଡ୍ କଟକଣା ମଧ୍ୟରେ ଆରମ୍ଭ ହୋଇଛି। କୋଭିଡ୍ ଯୋଗୁ ଦୀର୍ଘଦିନ ଧରି ଦଳୀୟ ବିଧାୟକ ଓ ନେତାମାନଙ୍କଠାରୁ ସେ ପ୍ରତ୍ୟକ୍ଷ ଭାବେ ଦୂରେଇ ରହିଥିଲେ। ମୁଖ୍ୟମନ୍ତ୍ରୀ ଶୁକ୍ରବାର ପୂର୍ବାହ୍ନରେ ବିଜେଡି ବିଧାୟକ ଦଳ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ବୈଠକରେ ଉପସ୍ଥିତ ରହି ଅଧିବେଶନ ସମୟରେ ବିରୋଧୀ ଦଳର କିଭଳି ମୁକାବିଲା କରାଯିବ ସେ ନେଇ ପରାମର୍ଶ ଦେଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ବିଧାନସଭାକୁ ଆସୁ ନ ଥିଲେ ମଧ୍ୟ ଭର୍ଚୁଆଲରେ ଗୃହ କାର୍ଯ୍ୟରେ ସାମିଲ ହେଉଥିଲେ।

## ଆଜି ପୌର ନିର୍ବାଚନ ଭୋଟ ଗଣତି

**ଭୁବନେଶ୍ୱର, ୨୫ା୩(ବ୍ୟୁରୋ)**

ସରିଛି ପୌର ନିର୍ବାଚନ। ଶନିବାର ୬,୪୧୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଧାମନଗର ଏନ୍‌ଏସି ବ୍ୟତୀତ ମତଗ୍ରହଣ ହୋଇଥିବା ୫୮ ଏନ୍‌ଏସି, ୪୭ ମ୍ୟୁନିସିପାଲିଟି ଏବଂ ୩ଟି ମହାନଗର ନିଗମରେ ଭୋଟ ଗଣତି ପୂର୍ବାହ୍ନ ୮ଟାରୁ ହେବ। ପ୍ରଥମେ ପୋଷ୍ଟାଲ ବାଲଟ୍, ଏହାପରେ ଇଭିଏମ୍ ଭୋଟ୍ ଗଣତି କରାଯିବ। ୧୦୮ ପୌରାଞ୍ଚଳର ଭୋଟଗଣତି କେନ୍ଦ୍ରରେ ତିନି ଥାକିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏନ୍‌ଏସି ପାଇଁ ୨ଟି, ମ୍ୟୁନିସିପାଲଟି ପାଇଁ ୫ଟି ଏବଂ ମହାନଗର ନିଗମ ପାଇଁ ୧୨ଟି ଟେବୁଲ ବ୍ୟବସ୍ଥା ହୋଇଛି। ଅଧ୍ୟକ୍ଷ/କାଉନ୍‌ସିଲର ପ୍ରାର୍ଥୀ, ମେୟର/କର୍ପୋରେଟର ପ୍ରାର୍ଥୀଙ୍କ ପାଇଁ ପୃଥକ୍ ଟେବୁଲ ହୋଇଛି। ପ୍ରତି ଟେବୁଲରେ ଜଣେ ଲେଖାଏ କାଉଣ୍ଟିଂ ସୁପରଭାଇଜର, ଜଣେ ସହକାରୀ ନିୟୋଜିତ ରହିବେ। ପ୍ରତ୍ୟେକ ରାଉଣ୍ଡ ପରେ ଫଳାଫଳ ଘୋଷଣା କରାଯିବ। ଗଣତି କେନ୍ଦ୍ରରେ ସିସିଟିଭି ଏବଂ ଭିଡିଓଗ୍ରାଫି ବ୍ୟବସ୍ଥା କରାଯାଇଛି। ଭଦ୍ରକ ଜିଲାର ନବଗଠିତ ଧାମନଗର ଏନ୍‌ଏସିରେ ଭୋଟଗଣତି ହେବନାହିଁ। ୬ଟି ୱାର୍ଡରେ ପୁନଃ ମତଦାନ ହେବାକୁ ଥିବାରୁ ଏଠାରେ ଗଣନା କାର୍ଯ୍ୟ ସ୍ଥଗିତ ରଖାଯାଇଛି। ଚଳିତ ପୌର ନିର୍ବାଚନରେ ୩୨ ସହରାଞ୍ଚଳର ୭୦ କାଉନ୍‌ସିଲର ପ୍ରାର୍ଥୀ, ବ୍ରହ୍ମପୁର ମହାନଗର ନିଗମର ୩ କର୍ପୋରେଟର ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଅଛନ୍ତି। ନିର୍ଦ୍ୱନ୍ଦ୍ୱ କାଉନ୍‌ସିଲର ପ୍ରାର୍ଥୀଙ୍କ ମଧ୍ୟରେ ଶାସକ ବିଜେଡିର ୬୬, କଂଗ୍ରେସର ଜଣେ, ଭାଜପାର ଜଣେ ଏବଂ ଅନ୍ୟ ୨ଜଣ ସ୍ୱାଧୀନ ପ୍ରାର୍ଥୀ। ଗଞ୍ଜାମ ଜିଲାରୁ ସର୍ବାଧିକ ୪୧ ଜଣ ନିର୍ଦ୍ୱନ୍ଦ୍ୱ ଅଛନ୍ତି। ଚଳିତ ପୌର ନିର୍ବାଚନରେ ୬୫% ମତଦାନ ହୋଇଛି।

## ପେଟ୍ରୋଲ ୮୬, ଡିଜେଲ ୮୫ ପଇସା ବୃଦ୍ଧି

**ନୂଆଦିଲ୍ଲୀ,୨୫ା୩:** ଦୀର୍ଘଦିନ ଧରି ସ୍ଥିର ରହିଥିବା ପେଟ୍ରୋଲ ଓ ଡିଜେଲ ମୂଲ୍ୟ ଚଳିତ ବର୍ଷ ମାର୍ଚ୍ଚ ୨୨ରେ ପ୍ରଥମ ଥର ପାଇଁ ବୃଦ୍ଧି ପାଇଥିଲା। ଏପରିକି ଉଭୟ ମଙ୍ଗଳବାର ଓ ବୁଧବାର ତେଲ ଦର ବଢ଼ିଥିବା ବେଳେ ଗୁରୁବାର ପୂର୍ବପରି ସ୍ଥିର ରହିଥିଲା। ଦିନକର ବିରତି ପରେ ପୁଣି ଥରେ ତୈଳ ଦର ବୃଦ୍ଧି ପାଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମର ସୂଚନା ଅନୁସାରେ ଶୁକ୍ରବାର ଭୁବନେଶ୍ୱରରେ ପେଟ୍ରୋଲ ୮୬ ପଇସା ଓ ଡିଜେଲ ୮୫ ପଇସା ବଢ଼ିଛି। ଏହି ଦର ବୃଦ୍ଧି ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୦୪.୩୭ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ଲିଟର ପିଛା ୯୪.୧୮ ଟଙ୍କାରେ କାରବାର ହେଉଛି। ଗତ ୪ଦିନ ମଧ୍ୟରେ ଏହା ୩ୟ ଥର ପାଇଁ ଦର ବୃଦ୍ଧି କରାଯାଇଛି। ଅପରପକ୍ଷରେ ନୂଆଦିଲ୍ଲୀରେ ମଧ୍ୟ ଉଭୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ୮୦ ପଇସା ଲେଖାଏ ବୃଦ୍ଧି ଘଟିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୭.୮୧ ଟଙ୍କା ଏବଂ ଡିଜେଲ ଲିଟର ପିଛା ୮୯.୦୭ ଟଙ୍କାରେ ପହଞ୍ଚିଛି। ଏହି ଦର ବୃଦ୍ଧି ଫଳରେ ନୂଆଦିଲ୍ଲୀରେ ଚଳିତ ସପ୍ତାହରେ ୨.୪୦ ଟଙ୍କା (୩ଥରରେ ଉଭୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି) ☞ପୃଷ୍ଠା-୫

## ସର୍ଭିସ୍ ରିଭଲଭର ଗୁଳି ଫୁଟି ଆଇଆଇସିଙ୍କ ମୃତ୍ୟୁ

**ଆସିକା,୨୫ା୩(ଡି.ଏନ୍.ଏ.)**



ଦେବ କୁମାର ଗମାଙ୍ଗ

ସର୍ଭିସ ରିଭଲଭରରୁ ଗୁଳି ଫୁଟି ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅଧିକାରୀ (ଆଇଆଇସି) ଦେବ କୁମାର ଗମାଙ୍ଗଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ଅପରାହ୍ନ ପ୍ରାୟ ସାଢେ ୧ଟାରେ ଗାଙ୍ଗପୁର ଥାନା ପରିସରରେ ଥିବା ଆଇଆଇସିଙ୍କ କ୍ୱାର୍ଟର୍ସରେ ଏହି ଅଭାବନୀୟ ଘଟଣା ଘଟିଛି। ଆଇଆଇସିଙ୍କ ଅଣ୍ଟା ତଳକୁ ଗୁଳି ବାଜିଛି। ତେବେ ଗୁଳି କିଭଳି ଫୁଟିଲା ତାହା ସ୍ପଷ୍ଟ ହୋଇନାହିଁ। ଘଟଣାର ତଦନ୍ତ କରାଯିବ ବୋଲି ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଆଇଆଇସି ଗମାଙ୍ଗ ଖାଇବା ପାଇଁ କ୍ୱାର୍ଟର୍ସକୁ ଯାଇଥିଲେ। ସେଠାରେ ତାଙ୍କର ମା' ମଧ୍ୟ ଥିଲେ। ଅସୁସ୍ଥତା କାରଣରୁ ମା' କିଛିଦିନ ହେଲା ପାଖରେ ରହି ଚିକିତ୍ସିତ ହେଉଥିଲେ। ଆଇଆଇସି କ୍ୱାର୍ଟର୍ସକୁ ଆସିବାର କିଛି ସମୟ ପରେ ହଠାତ୍ ଗୁଳି ଶବ୍ଦ ଶୁଣାଯିବାରୁ ଥାନାର ଅନ୍ୟ କର୍ମଚାରୀମାନେ କ୍ୱାର୍ଟର୍ସ ନିକଟକୁ ଆସି ପହଞ୍ଚିଥିଲେ। ସେଠାରେ ଆଇଆଇସିଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ତୁରନ୍ତ ଗାଙ୍ଗପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଗଞ୍ଜାମ ଏସ୍‌ପି ରଏ, ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ଦଳାଇ, ବିଜୟ କୁମାର ମଲ୍ଲିକ, ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ, ଭଞ୍ଜନଗର ☞ପୃଷ୍ଠା-୫




# ଗୋପରେ ପ୍ରାକୃତିକ ଗ୍ୟାସ୍, ତୈଳ ସନ୍ଧାନ

## ସାଟେଲାଇଟ୍‌ରେ ଆସିଲା ଚିତ୍ର




**ଗୋପ,୨୫ା୩(ଡି.ଏନ୍.ଏ.)**

ପୁରୀ ଜିଲା ଗୋପ ବ୍ଲକ ମହଲପଡା ପଞ୍ଚାୟତର ଚିତେରା ଓ ଗୋପ ପଞ୍ଚାୟତର କୁଶୁପୁର ଅଞ୍ଚଳରେ ପ୍ରାକୃତିକ ଗ୍ୟାସ ସହିତ ତୈଳର ସନ୍ଧାନ ଚାଲିଛି। ଏ ନେଇ ସାଟେଲାଟ ମାଧ୍ୟମରେ ଚିତ୍ର ମିଳିଛି। ଏହି ସାଟେଲାଇଟ୍ ଚିତ୍ର ମାଧ୍ୟମରେ ତୈଳ ଓ ପ୍ରାକୃତିକ ଗ୍ୟାସ ଥିବା ଜଣାପଡିବା ପରେ ଅଏଲ ଇଣ୍ଡିଆ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଅଏଲ ଇଣ୍ଡିଆ ସିଜିଏମ ବି.ଏନ୍. ସାହୁ କହିଛନ୍ତି। ପ୍ରକାଶ ଯେ, ୨୦୨୦ ମସିହାରେ ଅଏଲ ଇଣ୍ଡିଆ ପକ୍ଷରୁ ଗୋପ ବ୍ଲକ ଓ କୋଣାର୍କ ଏନ୍‌ଏସି ଅଞ୍ଚଳରେ ଦୀର୍ଘଦିନ ଧରି ସର୍ଭେ କରିବା ସହ ଖନନ କରାଯାଇଥିଲା। ଦୀର୍ଘଦିନ ଧରି ଏହାର ପରୀକ୍ଷାନିରୀକ୍ଷା କରାଯିବା ପରେ ଗୋପ ବ୍ଲକର ଏହି ଅଞ୍ଚଳରେ ପ୍ରାକୃତିକ ଗ୍ୟାସ ସହିତ ତୈଳ ଥିବା ଜଣାପଡିଥିଲା। ଅଏଲ ଇଣ୍ଡିଆ ପକ୍ଷରୁ ମଧ୍ୟ କେଉଁ ସ୍ଥାନରେ ଅଧିକ ପରିମାଣର ଏହି ଗ୍ୟାସ ଓ ତୈଳ ଥିବା ଚିତ୍ର ଆସିବା ପରେ ପ୍ରାଥମିକ ଭାବେ ବିଭାଗ ପକ୍ଷରୁ କାର୍ଯ୍ୟ କରାଯାଇଛି। ଏପରି ସାଟେଲାଇଟ୍ ଚିତ୍ର ଆସିବା ପରେ ଗୁରୁବାର ଏକ ଟିମ୍ ଗୋପ ବ୍ଲକର ଉକ୍ତ ଦୁଇଟି ପଞ୍ଚାୟତରେ ପହଞ୍ଚି ପ୍ରାଥମିକ ପର୍ଯ୍ୟାୟରେ ବୁଲିବା ସହ ପଞ୍ଚାୟତର ଲୋକ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି। ତୈଳ, ପ୍ରାକୃତିକ ଗ୍ୟାସ ଥିବା ସ୍ଥାନରେ ପ୍ରଥମ ପର୍ଯ୍ୟାୟରେ ୭ ଏକର ଜମି ନିଆଯାଇ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି। ଆଉ ମଧ୍ୟ ଏହି ଅଞ୍ଚଳରେ ସାଧାରଣ ଲୋକଙ୍କ ଜମିଗୁଡିକୁ ଲିଜ୍ ଭାବେ ୩ ବର୍ଷ ନିଆଯାଇ କାର୍ଯ୍ୟ କରାଯିବ ବୋଲି କୁହାଯାଇଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଅଏଲ ଇଣ୍ଡିଆ ସିଜିଏମ ବି.ଏନ୍. ସାହୁଙ୍କୁ ଯୋଗାଯୋଗ କରିବାରେ ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟ ହାତକୁ ନିଆଯାଇଛି। ଖୁବ୍‌ଶୀଘ୍ର ମଧ୍ୟ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ଦେଇଛନ୍ତି।

## ତୃତୀୟ ଦିନ ଲାଗି ଶେୟାର ବଜାର ହ୍ରାସ

**ମୁମ୍ବାଇ:** ସପ୍ତାହର ଶେଷ କାରବାର ଦିନ ଅର୍ଥାତ୍ ଶୁକ୍ରବାର ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟି ଲାଲ୍ ସଙ୍କେତରେ କାରବାର ବନ୍ଦ କରିଛି। ଚଳିତ ସପ୍ତାହରେ କ୍ରମାଗତ ତୃତୀୟ ଦିନ ଲାଗି ସେୟାରବଜାର ହ୍ରାସ ଘଟିଥିବା ସୂଚନା ମିଳିଛି। ଶୁକ୍ରବାର ବଜାର କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୦.୪୧% ଅର୍ଥାତ୍ ୨୩୩.୪୮ ପଏଣ୍ଟ ହ୍ରାସ ଘଟି ୫୭,୩୬୨.୨ରେ ବନ୍ଦ ହୋଇଥିବା ବେଳେ ନିଫ୍ଟିରେ ୦.୪୦% ଅର୍ଥାତ୍ ୬୯.୭୫ ପଏଣ୍ଟ କମି ୧୭,୧୫୩ରେ କାରବାରେ ଶେଷ କରିଛି। ନିଫ୍ଟିରେ ବ୍ୟାଙ୍କ, ଅଟୋମୋବାଇଲ୍ସ, ଫାର୍ମା ଏବଂ ଫାଇନାନ୍ସିଆଲ ଇଣ୍ଡେକ୍ସରେ ହ୍ରାସ ଘଟିଥିବା ସହିତ ଆଇଟି ଇଣ୍ଡେକ୍ସରେ ୧% ହ୍ରାସ ଘଟିଛି।

## ସଂକ୍ଷେପରେ

### ଓଏନ୍‌ଡିସିରେ ୧୦ କୋଟି ନିବେଶ କରିବ ପିଏନ୍‌ବି

**ନୂଆଦିଲ୍ଲୀ,୨୫।୩:** ଭାରତ ସରକାରଙ୍କ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଓପନ୍ ନେଟ୍‌ୱାର୍କ ଫର୍ ଡିଜିଟାଲ କମର୍ସ(ଓଏନ୍‌ଡିସି) ନାମରେ ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ୍(ପିଏନ୍‌ବି) ୧୦ କୋଟି ଟଙ୍କା ନିବେଶ କରିବ । ପୂର୍ବରୁ ହୋଇଥିବା ଏକ ବୈଠକରେ ପିଏନ୍‌ବି ବୋର୍ଡ ପକ୍ଷରୁ ଓଏନ୍‌ଡିସିରେ ୧୦ କୋଟିର ନିବେଶ ଏବଂ ୯.୫% ଇକ୍ୱିଟି ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ପ୍ରଥମ କିସ୍ତିରେ ପିଏନ୍‌ବି ଓଏନ୍‌ଡିସିର ୫.୯୭% ଅଂଶଧନ ହାସଲ କରିବ । ଓଏନ୍‌ଡିସି ଓପନ୍ ନେଟ୍‌ୱାର୍କକୁ ପ୍ରୋମୋଟ୍ କରିବା ଉଦ୍ଦେଶ୍ୟରେ ଡିଜିଟାଲ ନେଟ୍‌ୱାର୍କ ଜରିଆରେ ଜିନିଷ ଏବଂ ସେବା ପ୍ରଦାନ କରିବା ଦୃଷ୍ଟିକୋଣକୁ ଗୁରୁତ୍ୱ ଦେବା ଦିଗରେ କାର୍ଯ୍ୟ କରିବ।

### ୮୮୧୫କୋଟି ଟଙ୍କା ପୈଠ କଲା ଏୟାରଟେଲ୍

**ନୂଆଦିଲ୍ଲୀ,୨୫।୩:** ଟେଲିକମ୍ କମ୍ପାନୀ ଭାରତୀ ଏୟାରଟେଲ୍, ୨୦୧୫ରେ ନିଲାମ ପ୍ରକ୍ରିୟାରୁ ହାସଲ କରିଥିବା ସ୍ପେକ୍ଟ୍ରମ୍ ବକେୟାର ୮୮୧୫ କୋଟି ଟଙ୍କା ସମୟ ପୂର୍ବରୁ ପୈଠ କରିଦେଇଛି। ଏହି ଆର୍ଥିକ ବକେୟା ୨୦୨୬-୨୭ ଏବଂ ୨୦୨୭-୨୮ ବର୍ଷରେ ପୈଠ ଧାର୍ଯ୍ୟ ଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଗତ ୪ମାସ ମଧ୍ୟରେ ଏୟାରଟେଲ୍ ପକ୍ଷରୁ ସରକାରଙ୍କୁ ୨୪,୩୩୪ କୋଟି ଟଙ୍କା ପୈଠ କରାଯାଇଛି। ବିଳମ୍ବିତ ପ୍ରଦାନରେ ୧୦% ସୁଧ ହାରକୁ ଏଡ଼ାଇବା ପାଇଁ ଏହି ସମସ୍ତ ଅର୍ଥକୁ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ପୈଠ କରାଯାଇଛି। ଉକ୍ତ ସୁଧ ଅର୍ଥ ଦ୍ୱାରା କମ୍ପାନୀ ନିକଟରେ ଆର୍ଥିକ ଫ୍ଲୋ ବଢ଼ିବ। ଏହା କମ୍ପାନୀର ୪ଜି କଭରେଜ୍‌କୁ ବଢ଼ାଇବା ସହିତ ଆଗାମୀ ଦିନରେ ୫ଜି ସ୍ପେକ୍ଟ୍ରମ୍‌ର ନିଲାମୀରେ ମଧ୍ୟ ସହଯୋଗ କରିବ। କମ୍ପାନୀର କହିବା ଅନୁସାରେ, ଏୟାରଟେଲ୍ ନିଜ ପୁଞ୍ଜି ସଞ୍ଚରନା ମାଧ୍ୟମରେ ଆର୍ଥିକ ଭରଣା ପାଇଁ ଧ୍ୟାନ ଦେଉଛି। ଏହା କାଷ୍ଟ ଅଫ୍ ଫାଇନାନ୍ସକୁ ଅନୁକୂଳିତ କରିବା ସହିତ ସୁଧ ଦେବାରୁ ରକ୍ଷା କରିବ।

# ନିବେଶକଙ୍କଠାରୁ ୧,୨୯୦ କୋଟି ଉଠାଇଲା ରୁଚି ସୋୟା

**ନୂଆଦିଲ୍ଲୀ,୨୫।୩**




ବିଭିନ୍ନ ବ୍ୟବସାୟ ସହ ସମ୍ପୃକ୍ତ ଏଫ୍‌ଏମ୍‌ସିଜି ଏବଂ ଏଫ୍‌ଏମ୍‌ଏଚ୍‌ଜି କମ୍ପାନୀ ପତଞ୍ଜଳି ଆୟୁର୍ବେଦର ରୁଚି ସୋୟା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ସର୍ବସାଧାରଣରେ ଅଧିକ ପୁଞ୍ଜିନିବେଶ ପାଇଁ ଆହ୍ୱାନ କରିବା (ଏଫ୍‌ପିଓ) ପୂର୍ବରୁ ଆଙ୍କର ଇନ୍‌ଭେଷ୍ଟରମାନଙ୍କଠାରୁ ୧,୨୯୦ କୋଟି ଟଙ୍କା ସଂଗ୍ରହ କରିଥିବା ବାବା ରାମଦେବ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ଉଦ୍‌ବୋଧନ ଦେଇ ରାମଦେବ କହିଥିଲେ, ଆଗାମୀ ୫ ବର୍ଷ ମଧ୍ୟରେ ପତଞ୍ଜଳି ଆୟୁର୍ବେଦ ଓ ରୁଚି ସୋୟା ଇଣ୍ଡିଆକୁ ଦେଶର ସର୍ବବୃହତ ଏଫ୍‌ଏମ୍‌ସିଜି କମ୍ପାନୀରେ ପରିଣତ କରିବା ଲାଗି ଲକ୍ଷ୍ୟ ରଖାଯାଇଛି।

ରୁଚି ସୋୟା କମ୍ପାନୀ ମୁଖ୍ୟତଃ ୪ଟି ବ୍ୟବସାୟ ଉପରେ ଗୁରୁତ୍ୱ ଦେବ। ସେଗୁଡ଼ିକ ହେଲା ଖାଇବା ତେଲ, ଖାଦ୍ୟ ଓ ଏଫ୍‌ଏମ୍‌ସିଜି, ପୌଷ୍ଟିକ ଔଷଧୀୟ ସାମଗ୍ରୀ ଏବଂ ପାମ୍ ତେଲ ପ୍ଲାଣ୍ଟେଶନ। ହରିଦ୍ୱାରର ପତଞ୍ଜଳି ଗ୍ରୁପ୍ ଅଧୀନରେ ଅନେକ କମ୍ପାନୀ ପର୍ଯ୍ୟାୟ ଭିତ୍ତିରେ ତାଲିକାଭୁକ୍ତ ହୋଇଛନ୍ତି। ପତଞ୍ଜଳି ଗ୍ରୁପ୍‌ର ପ୍ରାରମ୍ଭିକ ପବ୍ଲିକ୍ ଅଫର କେବେ ଆରମ୍ଭ ହେବ ତାହା ରାମଦେବ କହିନାହାନ୍ତି। ପତଞ୍ଜଳି ଗ୍ରୁପ୍‌ର ବର୍ତ୍ତମାନର ରାଜସ୍ୱ ଏବଂ ସେକ୍ଟରରେ ଏହାର ର୍‍ୟାଙ୍କ ସମ୍ପର୍କରେ ପ୍ରଶ୍ନ ହେବାରୁ ଯୋଗଗୁରୁ କହିଥିଲେ, ରୁଚି ସୋୟା ସମେତ ପତଞ୍ଜଳିର ମିଳିତ କାରବାର ୩୫,୦୦୦ କୋଟି ଟଙ୍କାରୁ ଅଧିକ। ଏଫ୍‌ଏମ୍‌ସିଜି ଏବଂ ଖାଦ୍ୟ ବ୍ୟବସାୟ କ୍ଷେତ୍ରରେ ଏହା ଏଚ୍‌ୟୁଏଲ୍ ପରେ ଦ୍ୱିତୀୟ ସ୍ଥାନରେ ରହିଛି। ପତଞ୍ଜଳି ଏହାର ସମସ୍ତ ଖାଦ୍ୟ ବ୍ୟବସାୟକୁ ରୁଚି ସୋୟା ଇଣ୍ଡଷ୍ଟ୍ରିଜ୍‌ରେ ମିଶାଇଦେବ ବୋଲି ରାମଦେବ ଘୋଷଣା କରିଛନ୍ତି। ଗତବର୍ଷ ପତଞ୍ଜଳି ଏହାର ବିସ୍କୁଟ ବ୍ୟବସାୟକୁ ରୁଚି ସୋୟାକୁ ୬୦ କୋଟି ଟଙ୍କାରେ ହସ୍ତାନ୍ତର କରିଥିଲା। ଏହି କମ୍ପାନୀ ଦେଶର ସର୍ବବୃହତ ବ୍ରାଣ୍ଡେଡ୍ ଅଏଲ୍ ପ୍ୟାକେଜ୍‌ଡ ଫୁଡ୍ କମ୍ପାନୀର ସ୍ୱୀକୃତି ପାଇଛି। ରୁଚି ଗୋଲ୍ଡ, ମହାକୋଷ, ସନ୍‌ରିଚ୍, ରୁଚି ଷ୍ଟାର ଏବଂ ରୁଚି ସନ୍‌ଲାଇଟ୍ ବ୍ରାଣ୍ଡ ନାମରେ ଏହା ପାମ୍, ସୋୟାବିନ୍, ଶୋରିଷ, ସୂର୍ଯ୍ୟମୁଖୀ, କପାମଞ୍ଜି ଆଦି ବିଭିନ୍ନ ଖାଇବା ତେଲର ବ୍ୟବସାୟ କରୁଛି।

## ସୁଜୁକିର ମେଗା ସମର ଚେକ୍ ଅପ୍ କ୍ୟାମ୍ପ




**ଭୁବନେଶ୍ୱର,୨୫।୩**

ସୁଜୁକି ଟୁ ହ୍ୱିଲର୍ସ ପକ୍ଷରୁ ମାର୍ଚ୍ଚ ୨୫ ଏବଂ ୨୬ରେ ଭୁବନେଶ୍ୱର ଏବଂ କଟକରେ ମେଗା ସମର ଚେକ୍ ଅପ୍ କ୍ୟାମ୍ପ ଆୟୋଜନ କରାଯାଉଛି। ଟୁଇନ୍ ସିଟିର ସୁଜୁକି ଅଧିକୃତ ଡିଲରଶିପ୍‌ଗୁଡ଼ିକରେ ଏହି କ୍ୟାମ୍ପ ଆୟୋଜତ ହେଉଛି। ଦୁଇଦିନିଆ କ୍ୟାମ୍ପରେ ୧୫୦୦ ବାଇକ୍‌ର ରିପୋର୍ଟିଂ ଲକ୍ଷ୍ୟ ରଖାଯାଇଥିବା ସହିତ ଗ୍ରାହକଙ୍କୁ ଉତ୍ତମ ସର୍ଭିସ୍ ଯୋଗାଇଦେବା ଲକ୍ଷ୍ୟରେ ଅନେକ ଅଫର ମଧ୍ୟ ଦିଆଯାଇଛି। ଏହି କ୍ୟାମ୍ପକୁ ନେଇ ଗ୍ରାହକମାନେ ଭଲ ପ୍ରତିକ୍ରିୟା ରଖିଛନ୍ତି।

# ପ୍ରେଷ୍ଟିଜ୍‌ର ନୂଆ ମିକ୍ସର ଗ୍ରାଇଣ୍ଡରର ବଜାର ପ୍ରବେଶ

**ନୂଆଦିଲ୍ଲୀ,୨୫।୩**




ଟିଟିକେ ପ୍ରେଷ୍ଟିଜ୍‌ର ନୂତନ ଉତ୍ପାଦ 'ସୁପର୍ବ ୫୦୦ୱାଟ୍' ମିକ୍ସର ଗ୍ରାଇଣ୍ଡର ନିକଟରେ ବଜାର ପ୍ରବେଶ ହୋଇଛି। ଏହା ବିଶେଷକରି ଦୀର୍ଘ ସ୍ଥାୟିତ୍ୱ,ସୁନ୍ଦର କଳେବର, ସ୍ୱାଚ୍ଛନ୍ଦ୍ୟ ଏବଂ ସ୍ଥାନ ସଞ୍ଚୟକାରୀ ବୈଶିଷ୍ଟ୍ୟ ଆଦି ୪ଟି ସ୍ତମ୍ଭ ଉପରେ ନିର୍ମାଣ କରାଯାଇଛି। କମ୍ପାନୀ ପକ୍ଷରୁ ଅତି ସୁନ୍ଦର ଭାବେ ଡିଜାଇନ କରାଯାଇଥିବା ଏହି ମଡେଲରେ ଆକର୍ଷଣୀୟ ଡୁଆଲ ଟୋନ୍ ଫିନିଶରେ ଆସୁଛି। ଏହାର ଗଠନ ଏବଂ ଷ୍ଟାଇଲିଶ ଜାର୍ ହ୍ୟାଣ୍ଡେଲ ଅତ୍ୟନ୍ତ ସୁବିଧାଜନକ ଏବଂ ଆରାମଦାୟକ ଭାବେ ହାତମୁଠାରେ ଧରି ରଖିବା ଭଳି ହୋଇଛି। ଓଭରଲୋଡ୍ ସୁରକ୍ଷା ବୈଶିଷ୍ଟ୍ୟ ମିକ୍ସର ଗ୍ରାଇଣ୍ଡରରେ ଯେକୌଣସି ପ୍ରକାର ଓଭରଲୋଡ୍ ପ୍ରତି ନଜର ରଖିଥାଏ। ସେହି ସମୟରେ ମଜଭୁତ ଏବଂ ଦମ୍‌ଦାର କପଲର୍ସ ସ୍ଥାୟୀ ଏବଂ ଏହା ଜୀବଦ୍ଦଶାରେ ଦୀର୍ଘସ୍ଥାୟୀ। ସୁପର୍ବରେ ୩ଟି ଷ୍ଟେନ୍‌ଲେସ ଷ୍ଟିଲ୍ ବହୁ ଉଦ୍ଦେଶ୍ୟ ସାଧନକାରୀ ବ୍ଲେଡ୍ ଏବଂ ୩ ଉଚ୍ଚ ଗୁଣମାନର ଷ୍ଟେନ୍‌ଲେସ୍ ଷ୍ଟିଲ ମିରର ଫିନିଶ ଜାର୍ ରହିଛି ଯଥା–ଶୁଷ୍କ ଗ୍ରାଇଣ୍ଡିଂ, ଆର୍ଦ୍ର ଗ୍ରାଇଣ୍ଡିଂ ଏବଂ ଚଟଣି ପ୍ରମୁଖ। ଟିଟିକେ ପ୍ରେଷ୍ଟିଜ୍‌ର ସୁପର୍ବ ଆଇଏସ୍ଆଇ ପ୍ରମାଣପତ୍ର ପ୍ରାପ୍ତ ଏବଂ ୨ ବର୍ଷର ୱାରେଣ୍ଟି ସହିତ ଆସୁଛି। ଅନ୍ୟତମ ବହୁ ଉଦ୍ଦେଶ୍ୟ ସାଧନକାରୀ ଏକ ରୋଷେଇ ଉପକରଣ ଭାବରେ ଏକ ମିକ୍ସର ଗ୍ରାଇଣ୍ଡର ମସଲା, ଚଟଣି, ଦୋସା ଏବଂ ଇଡ୍‌ଲି ଆଣ, ସୁପ୍, ସ୍ମୁଦିଜ, ମିଲ୍କସେକ, ତରକାରି ଏବଂ ଅନ୍ୟାନ୍ୟ ରାନ୍ଧଣା ପ୍ରସ୍ତୁତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଛି। ସୁପର୍ବ ୫୦୦ୱାଟ୍ ଖୁଚୁରା ମୂଲ୍ୟ ୩,୭୪୫ ଟଙ୍କା ରହିଛି ଏବଂ ଏହା ପ୍ରେଷ୍ଟିଜ୍ ଏକ୍ସକ୍ଲୁସିଭ ଷ୍ଟୋର ସମୂହ ସହ ଦେଶର ବଛାବଛା ଡିଲରସ୍ଥଳ ଏବଂ ଏକ୍ସକ୍ଲୁସିଭ ଇ–ଷ୍ଟୋର ଓ ଅନ୍ୟ ଅଗ୍ରଣୀ ଇ–କମର୍ସ ସାଇଟ୍‌ଗୁଡିକରେ ମଧ୍ୟ ଉପଲବ୍ଧ ହେଉଛି।

## ବିମାନ କ୍ରୟରେ ୧୦ ବିଲିୟନ ଡଲାର ନିବେଶ କରିବ ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ,୨୫।୩**

ଟାଟା ଗ୍ରୁପ୍ ମାଲିକାନାରେ ଚାଲିଥିବା ଏୟାର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ୩୦ଟି ୱାଇଡ୍ ବଡି ବିମାନ କିଣାଯିବା ସମ୍ପର୍କରେ ବିଚାର କରାଯାଉଛି। ଏ ସମ୍ପର୍କରେ ସୂଚନା ଦେଇ ଏୟାରବସ୍ ଏସ୍‌ଇର ଏ୩୫୦ ଜେଟ୍ ଇଞ୍ଜିନ୍‌ମେକର କହିଛନ୍ତି, ଏହା ଆନ୍ତର୍ଜାତିକ ବିକାଶରେ ବୃଦ୍ଧି ପାଇଁ ସହଯୋଗ କରିବ। ଏହାଛଡ଼ା ଏୟାର ଇଣ୍ଡିଆ ୩୦ ଏୟାରକ୍ରାଫ୍ଟ ଭଳି ଏକ ବଡ଼ ଧରଣର କ୍ରୟ କରିବା ଲକ୍ଷ୍ୟରେ ଥିବା ରୋଲ୍ସ–ରଏସ୍ ହୋଲ୍ଡିଂସ୍ ପିଏଲ୍‌ସି ପାଇଁ ଏସିଆ ପାସିଫିକ୍‌ର ବରିଷ୍ଠ ଉପସଭାପତି କ୍ରିସ୍ ଡେଭି କହିଛନ୍ତି। ୨୦୧୮ ଷ୍ଟିକର ପ୍ରାଇସ୍ ଅନୁସାରେ ୨୦ ସଂଖ୍ୟକ ଏ୩୫୦–୧୦୦ ଜେଟ୍‌ର ମୂଲ୍ୟ ୯.୫ ବିଲିୟନ ଡଲାର ହେବାକୁ ଥିବା ବେଳେ ଅଧିକ ସଂଖ୍ୟକ ବିମାନ କ୍ରୟରେ ବଡ଼ ପରିମାଣର ଡିସ୍‌କାଉଣ୍ଟ ମିଳିବ ବୋଲି ଆଶା କରାଯାଉଛି।

## ଇଣ୍ଡିଆନ୍ ବ୍ୟାଙ୍କର ସିଏସ୍ଆର୍ କାର୍ଯ୍ୟକ୍ରମ




କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ

**ଭୁବନେଶ୍ୱର,୨୫।୩**

ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳନ ସହ ବ୍ୟାଙ୍କର କର୍ପୋରେଟ ଦାୟିତ୍ୱବୋଧ କାର୍ଯ୍ୟକ୍ରମ (ସିଏସ୍ଆର୍) ଜରିଆରେ ଶୁକ୍ରବାର ବିବିଧ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଇଣ୍ଡିଆନ୍ ବ୍ୟାଙ୍କର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ପକ୍ଷରୁ ସ୍ପର୍ଶ ହସ୍ପିଟାଲ ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ଓ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ମହାପ୍ରବନ୍ଧକ ମନୋଜ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଆର୍. ଶ୍ରୀନିବାସନ୍, ଉପ ମହାପ୍ରବନ୍ଧକ ମନୋରଞ୍ଜନ ଦାସ, ସହାୟକ ମହାପ୍ରବନ୍ଧକ ମନୋରଞ୍ଜନ ସାହୁ, ମୁଖ୍ୟ ପ୍ରବନ୍ଧକ ବିଦ୍ୟାଭୂଷଣ ସେନାପତିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ତଥା ଅନ୍ୟ କର୍ମଚାରୀ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅପରପକ୍ଷରେ କ୍ୟାପିଟାଲ ହସ୍ପିଟାଲ ସହଯୋଗରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଇଣ୍ଡିଆନ୍ ବ୍ୟାଙ୍କର କର୍ମଚାରୀମାନେ ସ୍ୱଇଚ୍ଛାରେ ରକ୍ତଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପରିଶେଷରେ ବ୍ୟାଙ୍କ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ଫୁରସତ୍

# ଲୁଧିଆନାର 'ମିରାକଲ୍ ବଏ'



**ଲୁଧିଆନା:** ଦୃଢ଼ ମନୋବଳ ଦ୍ୱାରା ଅସମ୍ଭବ କାର୍ଯ୍ୟ କରାଯାଇପାରେ। ଲୁଧିଆନାର ମିରାକଲ୍ ବଏ'ଙ୍କ କାହାଣୀ ଏହି ଉକ୍ତି ପାଇଁ ଉପଯୁକ୍ତ ଉଦାହରଣ। ନାମ ତାଙ୍କର କମଲଜିତ୍ ସିଂ କିନ୍ତୁ ସମସ୍ତେ ତାଙ୍କୁ 'ମିରାକଲ୍ ବଏ' ଭାବେ ଜାଣନ୍ତି। ଜନ୍ମବେଳୁ ହାତ ନାହିଁ। କିନ୍ତୁ ହାତରେ କରାଯାଉଥିବା ସମସ୍ତ କାମ ସେ ଗୋଡ଼ ଦ୍ୱାରା କରନ୍ତି। ଲେଖାଲେଖି ମଧ୍ୟ ସେ ତାଙ୍କ ଗୋଡ଼ରେ କରନ୍ତି। ୧୫ ବର୍ଷୀୟ କମଲଜିତ୍ ଗୋଲ୍ଡେନ୍ ଆର୍ଥ କନ୍‌ଭେଣ୍ଟ ସ୍କୁଲରେ ୯ମ ଶ୍ରେଣୀରେ ପାଠ ପଢ଼ନ୍ତି। ତାଙ୍କର ଗୋଡ଼ ମଧ୍ୟ ଅସମ୍ପୂର୍ଣ୍ଣ । ଗୋଡ଼ରେ ଅଛି ମାତ୍ର ଦୁଇଟି ଅଙ୍ଗୁଳି; ଯାହାକୁ ସେ ଲେଖିବାରେ ବ୍ୟବହାର କରନ୍ତି। ଚଳିତବର୍ଷ ଆଇସିଏସ୍‌ଇ ପରୀକ୍ଷାରେ ୫୬.୬୬% ମାର୍କ ରଖି ସେ ଉତ୍ତୀର୍ଣ୍ଣ ହୋଇଛନ୍ତି । ପ୍ରାରମ୍ଭିକ ସମୟରେ ଗୋଡ଼ ଅଙ୍ଗୁଳି ସାହାଯ୍ୟରେ ଲେଖିବା କଷ୍ଟକର ହୋଇଥିବାବେଳେ ବର୍ତ୍ତମାନ ଏହା ତାଙ୍କ ଅଭ୍ୟାସ ପାଲଟିଯାଇଛି। ଆଉ ଏବେ ପାଦ ଅଙ୍ଗୁଳିରେ ଲେଖିବାରେ ତାଙ୍କୁ କୌଣସି ପ୍ରକାର ଅସୁବିଧା ହେଉ ନ ଥିବା ସେ କୁହନ୍ତି।

କମଲଜିତ୍‌ଙ୍କ ବାପା ସନ୍ତୋଷ ସିଂ ଜଣେ ୱେଲଡିଂ ମିସ୍ତ୍ରି। ମା' ପ୍ରୀତ କୌର ଗୃହିଣୀ ହୋଇଥିବାବେଳେ କମଲଜିତ୍‌ଙ୍କର ଜଣେ ସାନ ଭାଇ ଅଛନ୍ତି, ଯେ ୭ମ ଶ୍ରେଣୀରେ ପଢୁଛନ୍ତି। ୪ର୍ଥ ଶ୍ରେଣୀ ପର୍ଯ୍ୟନ୍ତ କମଲଜିତ ସରକାରୀ ସ୍କୁଲରେ ପାଠ ପଢ଼ିଥିବାବେଳେ ଏକ ଏନ୍‌ଜିଓର ସହାୟତା କ୍ରମେ ସେ କନଭେଣ୍ଟ ସ୍କୁଲରେ ପଢ଼ିବାର ସୁଯୋଗ ପାଇଲେ। ଏନ୍‌ଜିଓ ଛଡ଼ା କମଲଜିତ୍‌ଙ୍କୁ କୌଣସି ପ୍ରକାର ସରକାରୀ ସହାୟତା ମିଳି ନ ଥିବା ବାପା ସନ୍ତୋଷ କହିଛନ୍ତି। ପଢ଼ା ବ୍ୟତୀତ ଖେଳିବା ଓ ଗୀତ ଶୁଣିବାରେ ତାଙ୍କର ଖୁବ୍ ଆଗ୍ରହ। ଫୁଟବଲ ଖେଳିବା ତାଙ୍କୁ ବହୁତ ପସନ୍ଦ କିନ୍ତୁ କମଲଜିତ୍ ଠିକ୍‌ରେ ଚାଲିପାରୁ ନ ଥିବାବେଳେ ଫୁଟବଲ ଖେଳିବା ତାଙ୍କ ପାଇଁ ସ୍ୱପ୍ନ ବୋଲି ସେ କୁହନ୍ତି। ଭବିଷ୍ୟତରେ ସେ ଜଣେ ଶିକ୍ଷକ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି।



## ଅଭିନୟ ଛାଡ଼ିଲେ ଅନଘା

ମୁମ୍ବାଇ: ଲୋକପ୍ରିୟ ଟେଲିଭିଜନ ଧାରାବାହିକ 'ଅନୁପମା'ରେ ନନ୍ଦିନୀ ଭୂମିକାରେ ଅଭିନୟ କରୁଥିବା ଅନଘା ଭୋସଲେ ସବୁଦିନ ପାଇଁ ମନୋରଞ୍ଜନ ଜଗତ ଛାଡ଼ିବାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଅନଘା ଶୁକ୍ରବାର ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭାବବିହ୍ୱଳ ପୋଷ୍ଟ ମଧ୍ୟ ଶେୟାର କରିଛନ୍ତି । ଯେଉଁଥିରେ ସେ ଲେଖିଛନ୍ତି ଯେ, ଅନୁପମା ଧାରାବାହିକ ଏବଂ ମୋ ଅଭିନୀତ ଚରିତ୍ରକୁ ଆପଣମାନେ ବହୁତ ଭଲପାଇବା ଦେଇଛନ୍ତି ; ଯାହା ପାଇଁ ମୁଁ ସବୁବେଳେ ଋଣୀ ହୋଇ ରହିବି । ମୋ ଆତ୍ମସନ୍ତୋଷ ପାଇଁ ମୁଁ ଏ ପ୍ରକାର ବଡ଼ ନିଷ୍ପତ୍ତି ନେଇଛି। ମୁଁ ସବୁ ଦିନ ପାଇଁ ଫିଲ୍ମ ଓ ଟେଲିଭିଜନ ଜଗତ ଛାଡୁଛି। ଜାଣିଛି ସମସ୍ତଙ୍କୁ ନିଜ ନିଜ କର୍ମ କରିବାର ଅଛି, କିନ୍ତୁ ଯାହା ଦ୍ୱାରା ଆମ ଭାବନା ଈଶ୍ୱର ଭକ୍ତି ପ୍ରଭାବିତ ହୁଏ ତାହାକୁ ଛାଡ଼ିଦେବା ଜରୁରୀ। ନିଜ ଧାର୍ମିକ ବିଶ୍ୱାସ ଏବଂ ଆଧ୍ୟାତ୍ମିକତା ପାଇଁ ଏହି ନିଷ୍ପତ୍ତି ନେଇଥିବା ଉକ୍ତ ପୋଷ୍ଟରେ ସେ ଲେଖିଛନ୍ତି। ରାଜଶ୍ରୀ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ' ଦାଦୀ ଅମ୍ମା ଦାଦୀ ଅମ୍ମା ମାନ୍ ଜାଓ ' ଧାରାବାହିକ ଜରିଆରେ ଅଭିନୟ ଜଗତକୁ ପ୍ରବେଶ କରିଥିଲେ ଅନଘା। ପରବର୍ତ୍ତୀ ମୁହୂର୍ତ୍ତରେ ସେ ରୂପାଲୀ ଗାଙ୍ଗୁଲିଙ୍କ ଦ୍ୱାରା ଅଭିନୀତ ସିରିଏଲ୍ 'ଅନୁପମା'ରେ ନନ୍ଦିନୀ ଭୂମିକାରେ ନଜରକୁ ଆସିଥିଲେ।

# ଚୋର ଧରିଲା ସାଟେଲାଇଟ୍ ଚିତ୍ର



**ଲଣ୍ଡନ:** ଗୁଗଲ ସାଟେଲାଇଟ ଇମେଜ୍ ଏତେ ଛୋଟ ହୋଇଥାଏ ଯେ, ତାହାକୁ ଖାଲି ଆଖିରେ ଦେଖିବା କଷ୍ଟକର। କିନ୍ତୁ ଏହି ଗୁଗଲ ଆର୍ଥ ଇମେଜ୍ ସାହାଯ୍ୟରେ ଲଣ୍ଡନର ଅକ୍ସଫୋର୍ଡ ପୋଲିସ ଜଣେ ଚୋରକୁ ଗିରଫ କରିଛି। ଘଟଣାଟି ପଢ଼ିଲାବେଳେ ଅଜବ ଲାଗୁଥିଲେ ମଧ୍ୟ ସତ। ଲଣ୍ଡନର ୫୪ ବର୍ଷୀୟ ବ୍ୟକ୍ତି ଜଣକ ଦୀର୍ଘ ୫ ବର୍ଷରୁ ସାଇକେଲ, ବାଇକ୍ ଆଦି ଚୋରି କରିଆସୁଥିଲେ। ସେ ଚୋରି କରୁଥିବା ଜିନିଷଗୁଡିକ ନିଜ ଘର ପଛପଟେ ଏକତ୍ର କରି ରଖିଥିଲେ। ୫୦୦ରୁ ଊର୍ଦ୍ଧ୍ୱ ବାଇସାଇକେଲ, ବାଇକ୍ ଓ ଅନ୍ୟ ସବୁ ଉପକରଣ ଗଦା କରି ରଖିଥିଲେ ; ଯାହା ଏକ ପାହାଡ଼ ଆକାର ଧାରଣ କରିଥିଲା। ତେବେ ଚୋରି ଜିନିଷ ଗୁଡ଼ିକର ପରିମାଣ ଏତେ ଅଧିକ ଥିଲା ଯେ, ତାହାକୁ ଗୁଗଲ ମ୍ୟାପ୍ ସାଟେଲାଇଟ୍ କ୍ୟାପଚର କରିଥିଲା। ପୂର୍ବରୁ ୧୬୭ ବାଇସାଇକେଲ ଚୋରି ଭିଯୋଗରେ ୨୦୧୭ରେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କୁ ଜାମିନ ମିଳିଥିଲା। ୩୨ ବର୍ଷ ଧରି ସେଠାରେ ରହୁଥିବା ୫୩ ବର୍ଷୀୟ କୋଲିନ ବଟଲର କୁହନ୍ତି, ଲେନ୍‌ରେ ରହୁଥିବା ଲୋକମାନେ ବ୍ୟକ୍ତିଙ୍କ ଏ ପ୍ରକାର ଅସ୍ୱାଭାବିକ କାର୍ଯ୍ୟ ପାଇଁ ବହୁବାର ଅଭିଯୋଗ କରିଥିଲେ ସୁଦ୍ଧା ଏହାର କୌଣସି ସୁଫଳ ମିଳି ନ ଥିଲା। କେତେବେଳେ ରାତି ଅଧରେ ତ ଆଉ କେବେ ଦିନବେଳା ସାଇକେଲ ଓ ବାଇକ୍ ଲଦା ହୋଇଥିବା ବଡ଼ ଗାଡ଼ି ଏଠାକୁ ଆସୁଥିବା କୋଲିନ କହିଛନ୍ତି। ପାହାଡ଼ ଆକାରରେ ଜିନିଷ ଗଦା ହେବା କାରଣରୁ ଏଠାରେ ମୂଷାଙ୍କ ଉପଦ୍ରବ ବଢିଯାଇଛି। ବାରଣ ସତ୍ତ୍ୱେ ମଧ୍ୟ ବ୍ୟକ୍ତି ଜଣକ ଏ ନେଇ କୌଣସି ପ୍ରତିକାର କରୁ ନ ଥିବା କୋଲିନ କହିଛନ୍ତି। ଅକ୍ସଫୋର୍ଡ ପୋଲିସ ଏ ମାମଲା ନେଇ ଗୁଗଲ ସାଟେଲାଇଟ୍ ଇମେଜ୍‌କୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଥିଲା। ଏହି ଫଟୋ ଏବେ ସୋସିଆଲ ମିଡିଆ ୟୁଜରମାନଙ୍କ ଦୃଷ୍ଟି ଆକର୍ଷଣ କରିଛି।

## କେଶରେ ଅଙ୍କାଯାଉଛି ଛବି



**ମାନିଲା:** ରଙ୍ଗତୂଳୀ ବ୍ୟତୀତ ଆଉ କୌଣସିଥିରେ ଛବି ଆଙ୍କିବା କଥା ହୁଏତ କେହି ଭାବି ନ ଥିବେ। ରଙ୍ଗ ପରିବର୍ତ୍ତେ ନିଜ କେଶରେ ଛବି ତିଆରି କରୁଛନ୍ତି ଫିଲିପିନୋର ଜଣେ କଳାକାର ଜେଷ୍ଟୋନି ଗାର୍ସିଆ। କେଶରେ ଛବି ଆଙ୍କିବା ପାଇଁ ଗାର୍ସିଆଙ୍କୁ ଅତିବେଶିରେ ୨ରୁ ୫ ଘଣ୍ଟା ସମୟ ଲାଗିଥାଏ। ଜାର୍ସିଆ ପେସାରେ ଜଣେ ନାବିକ ହୋଇଥିବାବେଳେ ୧୨ ମାସରୁ ୮ ମାସ ତାଙ୍କୁ ଜାହାଜରେ ବିତାଇବାକୁ ପଡ଼େ। ଚିତ୍ର ଆଙ୍କିବା ତାଙ୍କୁ ଖୁବ୍ ପସନ୍ଦ ହୋଇଥିବା କାରଣରୁ କିଛି କେଶ ସଂଗ୍ରହ କରି ସେ ତାଙ୍କ ସହ ଜାହାଜକୁ ନେଇଯାନ୍ତି। ରଙ୍ଗତୂଳୀ, ପେନ୍‌ସିଲ୍‌ରେ ସେ ଚିତ୍ର ଆଙ୍କୁଥିବାବେଳେ ୨୦୨୧ରୁ ସେ କେଶରେ ଚିତ୍ର ଆଙ୍କିବାର ଭିନ୍ନ ଧାରା ଆରମ୍ଭ କରିଥିଲେ।

# ରକ୍ତରେ ପ୍ଲାଷ୍ଟିକ୍ କଣିକା




**ଆମଷ୍ଟରଡାମ୍:** ବର୍ତ୍ତମାନ ସମୟରେ ସାରା ବିଶ୍ୱରେ ପ୍ଲାଷ୍ଟିକର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ଏହା ଶରୀର ଉପରେ ନକାରାତ୍ମକ ପ୍ରଭାବ ପକାଇବା କଥା ଜାଣି ମଧ୍ୟ ଆମ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ୍‌ର ବ୍ୟବହାର ବଢ଼ିଚାଲିଛି। ମନୁଷ୍ୟ ରକ୍ତରେ କ୍ଷତିକାରଣ ପ୍ଲାଷ୍ଟିକ କଣିକା ଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ନେଦରଲାଣ୍ଡ ରାଜଧାନୀ ଆମଷ୍ଟରଡାମ୍‌ରେ ଥିବା ଭିରିଜେ ୟୁନିଭରସିଟି ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନ ରିପୋର୍ଟ ଅନୁସାରେ, ମନୁଷ୍ୟ ରକ୍ତରେ ପ୍ଲାଷ୍ଟିକର କ୍ଷୁଦ୍ର କଣିକା ଥିବା ଜଣାପଡ଼ିଛି। ରକ୍ତ ଜରିଆରେ ଏହି ପ୍ଲାଷ୍ଟିକ୍ କଣିକାଗୁଡ଼ିକ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରେ ଜମା ହେବା ଫଳରେ ବହୁ ଦୁଃସାଧ୍ୟ ରୋଗ ଭିଆଉଥିବା କୁହାଯାଇଛି। ୨୨ ଜଣଙ୍କ ରକ୍ତ ନମୁନାକୁ ନେଇ ଏହି ଅଧ୍ୟୟନ କରାଯାଇଥିବାବେଳେ ୮୦% ଲୋକଙ୍କ ରକ୍ତରୁ ପ୍ଲାଷ୍ଟିକର କ୍ଷୁଦ୍ର କଣିକା ମିଳିଥିଲା। ରକ୍ତରେ ପ୍ଲାଷ୍ଟିକ୍ କଣିକା ମିଳିବା ଦ୍ୱାରା କେଉଁ ରୋଗର ସମ୍ଭାବନା ରହିଛି ତାହା ବିସ୍ତୃତ ଭାବେ ଅଧ୍ୟୟନ ରିପୋର୍ଟରେ ଉଲ୍ଲେଖ କରାଯାଇ ନ ଥିଲେ ମଧ୍ୟ ଏହା ଶରୀର ପକ୍ଷେ ନିହାତି ଭାବେ କ୍ଷତିକାରକ। ଦିନ ବିତିବା ସହ ରକ୍ତରେ ଏହାର ପରିମାଣ ବୃଦ୍ଧି ପାଇବ। ଏହାଦ୍ୱାରା ମନୁଷ୍ୟ ଶରୀର ଏକ ବଡ଼ ରୋଗକୁ ସ୍ୱାଗତ କରିବା କଥାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ। ରକ୍ତ ନମୁନାରେ ପ୍ଲାଷ୍ଟିକ ମିଳିଥିବାବେଳେ ବର୍ତ୍ତମାନ ସୁଦ୍ଧା ଅଧ୍ୟୟନ ସମ୍ପୂର୍ଣ୍ଣ ହୋଇ ନ ଥିବା ଇକୋଟୋକ୍ସିକୋଲୋଜିଷ୍ଟ ଡିକ୍ ଭେଥକ୍ କହିଛନ୍ତି। ରକ୍ତରୁ ମିଳିଥିବା ମାଇକ୍ରୋ ପ୍ଲାଷ୍ଟିକ ସାଧାରଣତଃ ପାଣି ବୋତଲ, ପ୍ୟାକ୍ଡ ଖାଦ୍ୟ ଜରିଆରେ ମନୁଷ୍ୟ ଶରୀରରେ ପ୍ରବେଶ କରିଥିବା ରିପୋର୍ଟରେ କୁହାଯାଇଛି। ପ୍ୟୁରିଫାଏଡ୍ ଜଳରେ ମଧ୍ୟ ପ୍ଲାଷ୍ଟିକ୍ କଣିକା ଥିବା କୁହାଯାଉଛି। ତେବେ ପ୍ଲାଷ୍ଟିକ ବ୍ୟବହାର ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ହିଁ ଏହାର ଏକମାତ୍ର ସମାଧାନ ବୋଲି ନ୍ୟୁୟର୍କ ଷ୍ଟେଟ୍ ୟୁନିଭରସିଟିର ଅଧ୍ୟାପକ ଶେରୀ ମାସୋନ କହିଛନ୍ତି।

## ସଂକ୍ଷେପରେ

### ଗୋଷ୍ଠୀ ସଂଘର୍ଷ, ୪ ଗିରଫ

**ବରୀ,୨୫ା୩(ଡି.ଏନ.ଏ.):** ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କଳାମାଟିଆ ପଞ୍ଚାୟତର ତଳକାଇପଡା ଗ୍ରାମରେ ଜମିଜମା ଘଟଣାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଅମର ସେଠୀ(୨୮)। ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନଂ.୮୭/୨୨ରେ ଏକ ମାମଲାରା ରୁଜୁ କରିବା ସହ ଘଟଣାରେ ସମ୍ପୃକ୍ତ ସରୋଜ ସେଠୀ(୪୭), ରମାକାନ୍ତ ସେଠୀ(୩୮), ସମୀର ସେଠୀ(୨୭) ଓ ମାନସୀ ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଛି। ତେବେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସ୍ଆଇ ନାରଣ ପ୍ରସାଦ ବେହେରା ସୂଚନା ଦେଇଛନ୍ତି।

### ବୋଲେରୋ ଧକ୍କାରେ ଜଣେ ମୃତ

**ଚଣ୍ଡିଖୋଲ,୨୫ା୩(ଡି.ଏନ୍.ଏ.):** ବଡ଼ଚଣା ଥାନା ସିହା ପଞ୍ଚାୟତ ଅଧୀନ ଗୋଡ଼ିମାଗୁରା ଛକ ନିକଟରେ ଏକ ବୋଲେରୋ ଧକ୍କାରେ ଗୁରୁତର ହୋଇଥିବା ଜଣେ ବାଇକ୍ ଆରୋହୀଙ୍କ କଟକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ଘଟିଛି। ପୋଲିସ ବୋଲେରୋଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଗତ ବୁଧବାର ବୈରୀ ଥାନା ଶାଳପଡ଼ା ପଞ୍ଚାୟତ ଅଧୀନ ଜିଆଗୋଡ଼ା ଗ୍ରାମର ରଞ୍ଜନ ନାୟକ(୪୮) ଏକ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିଲେ। ଗୋଡ଼ିମଗୁରା ଛକ ନିକଟରେ (ଓଡି-୦୫-ଏସ-୮୦୮୩) ବୋଲେରୋ ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ।

### ଗୋକର୍ଣ୍ଣିକା ଉତ୍ସବରେ ଯୋଗଦେବେ ଆନ୍ଧ୍ର ରାଜ୍ୟପାଳ

**ଧର୍ମଶାଳା,୨୫ା୩(ଡି.ଏନ.ଏ.):** ଗୋକର୍ଣ୍ଣିକା ସାହିତ୍ୟ ସମାଜ ଜାରକାର ବିଷୁବ ସମ୍ମାନ ସମ୍ବର୍ଦ୍ଧନା ଓ ପୁସ୍ତକ ଉନ୍ମୋଚନ ପର୍ବ ଆସନ୍ତା ୩୧ ତାରିଖ ଗୁରୁବାର ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ପୂର୍ବାହ୍ନ ୧୦ ଘଟିକାରେ ଅନୁଷ୍ଠିତ ହେବ। ଉତ୍ସବରେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେବେ। ବରେଣ୍ୟ ଅତିଥିଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ବିଜୟାନନ୍ଦ ସିଂହ ଯୋଗଦେବେ। ଏହି ଅବସରରେ ଚଳିତ ବର୍ଷର ଗୋକର୍ଣ୍ଣିକା ବିଷୁବ କବିତା ସମ୍ମାନରେ କବି ବିଷ୍ଣୁ ସେଠୀ, ଡ. ହରିଶ୍ଚନ୍ଦ୍ର ବେହେରା, ଡ. ନାରାୟଣ ପଣ୍ଡା ସମ୍ବର୍ଦ୍ଧିତ ହେବେ। ସେହିପରି ଗୋକର୍ଣ୍ଣିକା ସମ୍ମାନରେ ରାମକୋ ଏଭିପି ଅଜିତ କୁମାର ପାଲ, ଗୋକର୍ଣ୍ଣିକା ସେବା ସମ୍ମାନରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ସମ୍ପାଦକ ହିମାଂଶୁ ଶେଖର ସାହୁ ଓ ଗୋକର୍ଣ୍ଣିକା ଜ୍ଞାନବିଜ୍ଞାନ ସମ୍ମାନରେ ଅନ୍ତର୍ଜାତୀୟ କୃତୀଛାତ୍ର ଏସ୍ ପଡିହାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ଅବସରରେ ପ୍ରମୁଖ ଲେଖକଙ୍କ ୫ଟି ପୁସ୍ତକ ସମେତ ଗୋକର୍ଣ୍ଣିକାର ବିଷୁବ ସଂଖ୍ୟା ଉନ୍ମୋଚିତ ହେବ। ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହେବ ବୋଲି ସଭାପତି ରମାକାନ୍ତ ଜେନା ଓ ସମ୍ପାଦକ ହୃଷୀକେଶ ସାମଲ ଜାରକାଠାରେ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ଜନଶୁଣାଣି

**ରସୁଲପୁର,୨୫ା୩(ଡି.ଏନ.ଏ.)**

ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ସମସ୍ତଙ୍କୁ ରୋଜଗାର ଓ ଖାଦ୍ୟ ନିଶ୍ଚିତ କରାଯିବା ଆବଶ୍ୟକତା ରହିଛି। ଏହି ଆବଶ୍ୟକତାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍ଜିଏନ୍ଆର୍ଇଜିଏସ୍) ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଜରିଆରେ ପୂରଣ କରାଯାଇ ପାରିବ। ଏହି ୨ଟି ଯୋଜନା ଗରିବ ଲୋକଙ୍କୁ ରୋଜଗାର ଓ ଖାଦ୍ୟ ଯୋଗାଇବାର ଏକ ବଳିଷ୍ଠ ମାଧ୍ୟମ। ଶୁକ୍ରବାର ରସୁଲପୁର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଏମ୍ଜିଏନ୍ଆର୍ଇଜିଏସ୍ ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ପର୍କିତ ଜନଶୁଣାଣି ଶିବିରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ ଏକଥା କହିଛନ୍ତି।

ବୈଠକରେ ସମିତି ଅଧକ୍ଷ ଅରୁଣ କୁମାର ରାଉତ ଅଧକ୍ଷତା କରିଥିଲେ। ଏହି ଆର୍ଥିକ ବର୍ଷରେ ପଞ୍ଚାୟତ ସମିତିର ୨୮ଟି ପଞ୍ଚାୟତରେ ମୋଟ ୨୬୨୪୩ଟି



ଜନ ଶୁଣାଣିରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଜନ ପ୍ରତିନିଧି।

ଜବକାର୍ଡ ପ୍ରଦାନ କରାଯାଇଥିବା ବେଳେ ୨,୨୩,୧୬୮ଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି। ବ୍ଲକ ଅଞ୍ଚଳରେ ୨୧୪୩ଟି ଏମ୍ଜିଏନ୍ଆର୍ଇଜିଏସ ହାତକୁ ନିଆଯାଇ ସେ ଦିଗରେ ଆନୁମାନିକ ୮କୋଟି ଟଙ୍କା ବ୍ୟୟ କରାଯାଇଛି। ଏହି ଅର୍ଥରେ ବିଭିନ୍ନ ପଞ୍ଚାୟତରେ ୭୪୭ଟି ସ୍ଥାୟୀ ସମ୍ପତ୍ତି ସୃଷ୍ଟି କରାଯାଇଛି। ଏହି କ୍ରମରେ ବ୍ଲକ ଅଞ୍ଚଳରେ ଲକ୍ଷ୍ମୀନଗର ପଞ୍ଚାୟତରେ ସର୍ବାଧିକ ୧୮,୩୬୭ଟି ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ବେଳେ ମହେଶ୍ୱରପୁର ପଞ୍ଚାୟତରେ ସର୍ବନିମ୍ନ ୧୧୪୦ଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି ବୋଲି ବ୍ଲକ ଏପିଓ ଶୁଚିସ୍ମିତା ଜେନା ପ୍ରକାଶ କରିଥିଲେ। ବ୍ଲକ ଅଞ୍ଚଳରେ ଖାଦ୍ୟ ସୁରକ୍ଷା ଯୋଜାନକୁ ନେଇ ୧୭୬ଟି ସମସ୍ୟା ଚିହ୍ନଟ କରାଯାଇଥିଲା। ସେଗୁଡ଼ିକୁ ସମାଧାନ ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଜିଲା ସାମାଜିକ ସମୀକ୍ଷକ ସତ୍ୟନାରାୟଣ ବେହେରା ମତ ରଖିଛନ୍ତି। ବୈଠକରେ ବିଡିଓ ଉମାକାନ୍ତ ପରିଡା, ବ୍ଲକ ସହକାରୀ ଯନ୍ତ୍ରୀ ସୋନାଲି ଧଳ ପ୍ରମୁଖ ଉଭୟ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ମତ ରଖିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, କନିଷ୍ଠଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ୍ୟ ରୋଜଗାର ସେବକ ଯୋଗ ଦେଇଥିଲେ। ଅଧକ୍ଷ ରାଉତ ବ୍ଲକ ଅଧୀନ ସମସ୍ତ ପଞ୍ଚାୟତରେ ଏମ୍ଜିଏନ୍ଆର୍ଇଜିଏସ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ନବନିର୍ବାଚିତ ଜନ ପ୍ରତିନିଧିଙ୍କ ସହଯୋଗ କାମନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଯୌତୁକ ନିର୍ଯାତନା ଅଭିଯୋଗ

**ପାଣିକୋଇଲି,୨୫ା୩ (ଡି.ଏନ.ଏ.)**

କନ୍ୟା ସନ୍ତାନ ଜନ୍ମ ପରେ ମହିଳାଙ୍କୁ ଅଧିକ ଯୌତୁକ ଦାବିରେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆ ଯାଇଥିବା ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ଏକ ମାମଲା ନଂ.୬୪/୨୨ ରୁଜୁ କରି ତଦନ୍ତ ଜାରି ରଖିଛି। ଉକ୍ତ ଥାନା ଦାମୋଦରପୁର ଗ୍ରାମର ଧନେଶ୍ୱର ସ୍ୱାଇଁଙ୍କ ସ୍ତ୍ରୀ ଲିପିଙ୍କ ଅଭିଯୋଗ ମୁତାବକ, ୪ ବର୍ଷ ତଳେ ସେ ଦାମୋଦରପୁର ଗ୍ରାମର ମଧୁସୂଦନ ସ୍ୱାଇଁଙ୍କ ପୁଅ ଧନେଶ୍ୱରଙ୍କୁ ବିବାହ କରିଥିଲେ। ବିବାହ ସମୟରେ ନଗଦ ୧ ଲକ୍ଷ ଟଙ୍କା ସହ ୫୦ ଗ୍ରାମର ସୁନା ଅଳଙ୍କାର ଓ ଆସବାବପତ୍ର ଦିଆଯାଇଥିଲା। ବିବାହର ପ୍ରଥମ ଦୁଇ ବର୍ଷ ଭଲରେ କଟିଥିଲା। ପରେ ଲିପି ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଏହାପରଠୁ ଶ୍ୱଶୁର ମଧୁସୂଦନ, ଶାଶୁ ସତ୍ୟଭାମା ଓ ସ୍ୱାମୀ ଧନେଶ୍ୱର ତାଙ୍କ ଉପରେ ନିର୍ଯାତନା ଆରମ୍ଭ କରିଥିଲେ। ଏପରି କି ଲିପିଙ୍କୁ ବେପାର ପାଇଁ ୨ ଲକ୍ଷଟଙ୍କା ବାପଘରୁ ଆଣିବାକୁ ଚାପ ପକାଯାଉଥିଲା। ଗତ ୨୦ ତାରିଖରେ ଯୌତୁକ ଦାବିରେ ଲିପିଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ସେ ଚେତାଶୂନ ହୋଇପଡ଼ିଥିଲେ। ଖବର ପାଇ ତାଙ୍କ ବାପା ଚକ୍ରଧର ପହଞ୍ଚିବାରୁ ତାଙ୍କୁ ମଧ ଏକ ଟାଙ୍ଗିଆରେ ଆକ୍ରମଣ କରାଯାଇଥିଲା। ଗୁରୁତର ଅବସ୍ଥାରେ ସେ ଖସି ଆସି ପୋଲିସ ଜରିଆରେ ଝିଅକୁ ଉଦ୍ଧାର କରିଥିଲେ। ପରେ ଏନେଇ ଲିପି ଥାନାରେ ଅଭିଯୋଗ କରିଥିଲେ।

# ଗଣେଶ୍ୱର ଯାଜପୁର ଜିଲା ପରିଷଦ ଉପସଭାପତି



ନବ ନିର୍ବାଚିତ ଜିଲା ପରିଷଦ ଉପସଭାପତିଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

**ଯାଜପୁର ଟାଉନ,୨୫ା୩ (ଡି.ଏନ.ଏ.)**

ଯାଜପୁର ଜିଲା ପରିଷଦ ଉପସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ଗଣେଶ୍ୱର ବରାଳ। ଶୁକ୍ରବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଉପସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକମାତ୍ର ପ୍ରାର୍ଥୀ ଭାବେ ବିଜୁ ଜନତା ଦଳରୁ ଗଣେଶ୍ୱର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ନିର୍ବାଚିତ ସମୟ ପରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ବରାଳଙ୍କୁ ନିର୍ବାଚିତ ଉପସଭାପତି ଭାବେ ଘୋଷିତ କରିଥିଲେ। ଏହି ନିର୍ବାଚନ ସମୟରେ ବିଜୁ ଜନତା ଦଳର ସଭାପତି ସରୋଜ ମହାପାତ୍ର, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଯୁବ ବିଜେଡି ସଭାପତି ପ୍ରତାପ ମହାନ୍ତି ଓ ସମସ୍ତ ଜିଲା ପରିଷଦର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ନିର୍ବାଚିତ ହେବାପରେ ବରାଳ ଜିଲାର ସମସ୍ତ ବିଧାୟିକାବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଯାଜପୁର ଜିଲା ବଡ଼ଚଣା ନିର୍ବାଚନମଣ୍ଡଳୀର ୧୭ନଂ. ଜୋନ୍‌ରୁ ପ୍ରଥମଥର ଜିଲା ପରିଷଦ ଭାବେ ବରାଳ ନିର୍ବାଚିତ ହୋଇଛନ୍ତି।

# ଏସ୍‌ପିଙ୍କୁ ଭେଟି ତଦନ୍ତ ଦାବି କଲେ ଗ୍ରାମବାସୀ



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ

**ପାଣିକୋଇଲି,୨୫ା୩ (ଡି.ଏନ.ଏ.)**

### ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିବା ଘଟଣା

ସୁକନ୍ଦା ଥାନା ଅନ୍ତର୍ଗତ ହାତିବାରୀ ଗ୍ରାମର ପଦ୍ମନାଭ ନାୟକଙ୍କ ପୁଅ ପ୍ରହଲ୍ଲାଦ(୨୨)ଙ୍କ ମୃତଦେହ ଗତ୧୮ ତାରିଖ ରାତିରେ ନଦୀ ଆରପଟ ଏକ ବରଗଛରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ତେବେ ଡଙ୍ଗା ଚଳାଇ ଶିଖି ନ ଥିବା ପ୍ରହଲ୍ଲାଦ ନଦୀ ଆରପଟକୁ ଗଲେ କିପରି ବୋଲି ପ୍ରଶ୍ନ ଉଠିଥିଲା। ପରବର୍ତ୍ତୀ ଅବସ୍ଥାରେ ମୃତ୍ୟୁର ପୂର୍ବ ଦିନ ମେଳଣରେ କିଛି ଲୋକଙ୍କ ସହ ପ୍ରହଲ୍ଲାଦଙ୍କ ବଚସା ହେବା ସହ ମାରପିଟ ହୋଇଥିବା ଅଭିଯୋଗ ହୋଇଥିଲା। ଏହାପରେ ଗଣ୍ଡଗୋଳକାରୀଙ୍କ ମଧ୍ୟରୁ କୁନା ନାୟକ, ବୁନା ନାୟକ, ଅକ୍ଷୟ ରାଉତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ସେମାନେ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ବୋଲି ମାନିଥିଲେ। କିନ୍ତୁ ଏହା ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହୋଇଛି। ହାତୀବାରି ଗ୍ରାମର ସୁବ୍ରତ ସାହୁ ଏହି ହତ୍ୟାକାଣ୍ଡର ମୂଳ ଷଡ଼ଯନ୍ତ୍ରକାରୀ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି, ପ୍ରହଲ୍ଲାଦଙ୍କ ସୁବ୍ରତଙ୍କ ଝିଅଙ୍କ ସହିତ ପ୍ରେମ ସମ୍ପର୍କ ଥିଲା। ଯାହାକୁ ନେଇ ପ୍ରହଲ୍ଲାଦଙ୍କୁ ସବୁ ଦିନ ପାଇଁ ରାସ୍ତାରୁ ହଟାଇବାକୁ ହତ୍ୟା କରାଯାଇଛି। ସୁବ୍ରତ ଏହି ହତ୍ୟାକାଣ୍ଡ ଘଟାଇ ଖସିଯିବାକୁ ବସିଛନ୍ତି। ତେଣୁ ସୁବ୍ରତ ଓ ତାଙ୍କ ପରିବାରକୁ ତଦନ୍ତ ପରିସରଭୁକ୍ତ କଲେ ଘଟଣାର ପର୍ଦ୍ଦାଫାଶ ହୋଇପାରିବ ବୋଲି ମୃତକଙ୍କ ପରିବାର ଦାବି କରିଛନ୍ତି। ଏନେଇ ଗ୍ରାମବାସୀ ଏସ୍‌ପି ରାହୁଲ ପିଆରଙ୍କୁ ଭେଟିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗକୁ ପୋଲିସ ଗୁରୁତର ସହ ନେଇଥିବା ଜଣାପଡିଛି। ସୂଚନାଧିକାର କର୍ମୀ କାଳନ୍ଦୀ ମଲ୍ଲିକ, ଶରତ ପାତ୍ର, ମନୋଜ କୁମାର ନାଥ, ବିଦ୍ୟାଧର ମହାନ୍ତି, ବଟକୃଷ୍ଣ ମହାନ୍ତି, ଜ୍ଞାନରଞ୍ଜନ ବେହୁରା, ଅର୍ଜୁନ ଭୂତିଆ, ଇତିଶ୍ରୀ ପାତ୍ର, ରଞ୍ଜିତା ବେହେରା ଓ ଡାଙ୍ଗି ଦଳାଇଙ୍କ ସମେତ ଶତାଧିକ ଗ୍ରାମବାସୀ ଆସି ଏସ୍‌ପିଙ୍କୁ ଭେଟିଥିଲେ।

# ଲିଜ୍‌ପ୍ରାପ୍ତ କଳାପଥର ଖାଦାନକୁ ବିରୋଧ

### ରାସ୍ତା କାଟିଲେ, ପୋଲିସ ପୋତିଲା

**କବାଟବନ୍ଧ,୨୫ା୩ (ଡି.ଏନ.ଏ.)**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ରାହାଡ଼ପୁର ପାହାଡ଼ରେ କଳାପଥର ଲିଜ୍‌କୁ ନେଇ ବିବାଦ ଘନୀଭୂତ ହୋଇଛି। ପଞ୍ଚାୟତ ନିର୍ବାଚନ ପରେ ଏହି ପାହାଡ଼ର ସରକାରୀ ଅନୁମତିପ୍ରାପ୍ତ କଳାପଥର ଖାଦାନ (ଖାତା ନମ୍ବର ୩୦, ପ୍ଲଟ ନମ୍ବର ୧୫ ଓ ୧୬) ରାସ୍ତାକୁ କେତେଜଣ କାଟି ଦେଇଥିଲେ। ଏହାପରେ ଲିଜ୍‌ଧାରୀ ପ୍ରହ୍ଲାଦ ଲେଙ୍କାଙ୍କୁ ପଥର ପରିବହନରେ ବାଧା ଉପୁଜିଥିଲା। ଏନେଇ ଧର୍ମଶାଳା ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ତାଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୋଲିସ ସହଯୋଗରେ ପୁଣି ରାସ୍ତାକୁ ସମତଳ କରାଯାଇଥିଲା।

### ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

**ଯାଁଳା,୨୫ା୩ (ଡି.ଏନ୍.ଏ.)**

ଇନ୍‌ଫୋଭ୍ୟାଲି ଥାନା ମଦନପୁର ପଞ୍ଚାୟତ କାଇମାଟିଆ ଅଞ୍ଚଳରୁ ଶୁକ୍ରବାର ଯାଁଳା ଫାଣ୍ଡି ପୋଲିସ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ରାୟଗଡ଼ାର ମନୋହର ଚୌଧୁରୀ । ସୂଚନା ମୁତାବକ, ମନୋହର ମଦନପୁର ଅଞ୍ଚଳରେ ଥିବା ଏକ ଘରୋଇ କଲେଜରେ ଏମ୍‌ବିଏ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ।

# ଖାନାବାଡ଼ିରେ ବିଶ୍ୱଶାନ୍ତି ହନୁମାନ ଯଜ୍ଞ

**ରସୁଲପୁର,୨୫ା୩ (ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ଖାନାବାଡ଼ି ଗ୍ରାମରେ ୭ମ ବାର୍ଷିକୀ ବିଶ୍ୱଶାନ୍ତି ହନୁମାନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୨ଦିନ ବ୍ୟାପି ଅନୁଷ୍ଠିତ ଯଜ୍ଞୋତ୍ସବ ଅବସରରେ ୫ଜଣ ଯାଜ୍ଞିକ ପଣ୍ଡିତ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ସୁରେଶ କୁମାର ସାହୁ ଓ ନିରୂପମା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଯଜ୍ଞ ଉତ୍ସବର ପ୍ରଥମ ଦିବସରେ ଶୁଭାଧିବାସ, ଅଙ୍କୁରାପୋଣ, କଳସ ଶୋଭାଯାତ୍ରା, ଯଜ୍ଞାଅଗ୍ନି ସ୍ଥାପନ କରାଯାଇଥିଲା। କଳସାଧାରୀ ଖରସ୍ରୋତା ନଦୀରୁ ଜଳପୂର୍ଣ୍ଣ କଳସ ଆଣି ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ କରାଯାଇଥିଲା। ଗରୁବାର ପ୍ରଭୁ ବଜରଙ୍ଗବାଳିଙ୍କ ନିକଟରେ ପଞ୍ଚକର୍ମ କରାଯିବା ସହ ସୂର୍ଯ୍ୟ ପୂଜା, ଗୋ-ପୂଜା, ଗୁରୁ ପୂଜା ଆଦି କର୍ମକାଣ୍ଡରୁ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ପ୍ରଭୁଙ୍କଷୋଡ଼ଶହ ଉପଚାର ପୂଜା, ବଡ଼ସିଂହାର ବେଶରେ ଭୂଷିତ କରାଯାଇ ସନ୍ଧ୍ୟା ସମୟରେ ମହାଆଳତି ହୋଇଥିଲା। ଯଜ୍ଞ କୁଣ୍ଡରେ ୧୪୦୦ ଯଜ୍ଞା ଆହୁତି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ



ଗୀତା ଯଜ୍ଞ, ଗାୟତ୍ରୀ ଯଜ୍ଞ, ବେଦ ଯଜ୍ଞ ଆଦି ଅନୁଷ୍ଠିତ ହେବା ସହ ପୂର୍ଣ୍ଣାହୁତି କାର୍ଯ୍ୟ ସୁଚାରୁ ରୂପରେ ଅନୁଷ୍ଠିତ ହୋଇଥିଲା। ଯାଜ୍ଞିକ ପଣ୍ଡିତ ଆଲୋକ ପଣ୍ଡିତ ଓ ସହଯୋଗୀ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଭଳି ସାଂସ୍କୃତିକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଗ୍ରାମବାସୀ ରାଜେନ୍ଦ୍ର ସାହୁ, ମହେନ୍ଦ୍ର ସାହୁ, ପବିତ୍ର ସାହୁ, ରବୀନ୍ଦ୍ର ସାହୁ ପ୍ରମୁଖ ଯଜ୍ଞକାର୍ଯ୍ୟକୁ ପରିଚାଳନା କରିଥିଲେ।

# ନୀଳାଚଳ ଜମିରୁ ମୋରମ ଲୁଟ୍

### ତହସିଲଦାରଙ୍କ ନାଁରେ ସଙ୍ଗିନ ଅଭିଯୋଗ

**ଯାଜପୁର ଅଫିସ,୨୫ା୩**

ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟର ଲୁଟ୍‌କୁ ଦମନ ଏବଂ ରାଜସ୍ୱ କ୍ଷତିକୁ ରୋକିବା ପାଇଁ ୨୦୧୭ ଡିସେମ୍ବରରେ ତତ୍କାଳୀନ ରାଜସ୍ୱ ସଚିବ ଚନ୍ଦ୍ରଶେଖର କୁମାର ୬ଟି ଜିଲାକୁ ନେଇ ଏକ ଟାସ୍କଫୋର୍ସ ଗଠନ କରିଥିଲେ। ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ଯାଜପୁର ସମେତ ୩ ଜିଲାରେ ଟାସ୍କଫୋର୍ସ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିନେଇ ରାଜ୍ୟ ସରକାର ୧୦ କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ। ହେଲେ ଟାସ୍କଫୋର୍ସ ତ ଦୂରର କଥା ଯାଜପୁର ଜିଲା ସୁକିନ୍ଦା ତହସିଲ ପ୍ରଶାସନ ବେଆଇନ ଲଘୁ ଖଣିଜ ଦ୍ରବ୍ୟ ମୋରମ୍ ଉତ୍ତୋଳନକୁ ସହଯୋଗ କରୁଥିବା ଅଭିଯୋଗ ହେଉଛି। ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନଆଇଏନ୍ଏଲ୍) ଜମିରୁ ୪/୫ ସ୍ଥାନରୁ ବ୍ୟାପକ ମୋରମ ଲୁଟ ହେଉଥିଲେ ହେଁ ତହସିଲଦାର ନୀରବଦ୍ରଷ୍ଟା ସାଜିଛନ୍ତି। ଏନେଇ ସ୍ଥାନୀୟ ଏକ ସଂଗଠନ ପକ୍ଷରୁ ଶୁକ୍ରବାର ସୁକିନ୍ଦା ତହସିଲଦାରଙ୍କୁ ମେଲ୍ ଯୋଗେ ଶରତ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ନାଁରେ ଅଭିଯୋଗ କରାଯାଇଥିଲା। ହେଲେ ତହସିଲଦାର କୁଆଡ଼େ ଶରତଙ୍କୁ ଫୋନ ଯୋଗେ କିଛି ଦିନ ବିରତ ରହିବାକୁ ପରାମର୍ଶ ଦେଇଥିବା ଅଭିଯୋଗ ହୋଇଛି। ଏପରି କି ଅଭିଯୋଗକାରୀ ଶୁକ୍ରବାର ଅପରାହ୍ନ ୨ଟା ୩୧ ମିନିଟରେ ପୁଣି ସୁକିନ୍ଦା ତହସିଲଦାରଙ୍କୁ ଇମେଲ୍ କରିଥିଲେ। ଇତିମଧ୍ୟରେ ସାରଙ୍ଗପୁର ଗ୍ରାମ ନିକଟ ଏନଆଇଏନ୍ଏଲ ପଡ଼ିଆ ଜମିରୁ ଲକ୍ଷାଧିକ ଟଙ୍କାର ମୋରମ ଲୁଟ ହୋଇ ସାରିଛି। ଏଥିପାଇଁ କୌଣସି ସରକାରୀ ଅନୁମତି ନିଆଯାଇ ନାହିଁ। ଏନ୍ଆଇଏନ୍ଏଲ୍ ବିକ୍ରି ହୋଇ ସାରିଥିବାବେଳେ ଉକ୍ତ ଜମିରୁ କିଭଳି ମୋରମ ଲୁଟ୍ ହେଲା ଏବଂ ତହସିଲଦାର ନୀରବ ରହିଲେ ତାହା ତଦନ୍ତ ସାପେକ୍ଷ। ତେଣୁ ଆବଶ୍ୟକ ତଦନ୍ତ କରି ଉଭୟ ତହସିଲଦାର ଓ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ସୁକିନ୍ଦା ତହସିଲଦାର କାବେରୀ ମୁଦୁଲିଙ୍କୁ ପଚାରିବାରେ ତାଙ୍କ ନାମରେ ହୋଇଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ମୋରମ୍ ଲୁଟ୍ ନେଇ ସେ କିଛି ଅଭିଯୋଗ ପାଇନାହାନ୍ତି, ଅଭିଯୋଗ ମିଳିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ପ୍ରଶାସନ ଶୁଣିଲାନି, ରାସ୍ତାକୁ ଓହ୍ଲାଇଲେ ଗ୍ରାମବାସୀ

**ଚଢେଇଧରା,୨୫ା୩ (ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚଢ଼େଇଧରା-ଢେଙ୍କାନାଳ ରାସ୍ତାର ବାରମାଣଠାରେ ଶୁକ୍ରବାର ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି। ଫଳରେ ଦୀର୍ଘ ୭ ଘଣ୍ଟା ଧରି ରାସ୍ତାରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ିମୋଟର ଅଟକି ରହିଥିଲା। ସ୍ଥାନୀୟ ଲୋକେ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀ କେହି ଘଟଣା ସ୍ଥଳକୁ ଆସି ନ ଥିଲେ। ଶେଷରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବାବୁଲି ସାମଲ ପହଞ୍ଚି ପ୍ରଶାସନ ସହାୟତାରେ ଘଟଣାର ସମାଧାନ କରିବାକୁ କହିଥିଲେ। ଏହାପରେ ରାସ୍ତାରୋକୋ ହଟିଥିଲା। ସୂଚନା ଅନୁସାରେ, ଏହି ଗ୍ରାମଦେଇ



ଲୋକେ ରାସ୍ତା ଅବରୋଧ କରିଛନ୍ତି।

ଯାତାୟାତ କରୁଥିବା ଭାରିଯାନ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଦୁଇ ପାର୍ଶ୍ୱରେ ଘର ରହିଥିବାରୁ ଗାଡିରୁ ବାହାରୁ ଥିବା ଧୂଳି ଓ ଧୂଆଁ ଲୋକଙ୍କ ଘରେ ପଶିବା ସହିତ ପାନୀୟ ଜଳରେ ମିଶୁଛି। ଯଦ୍ୱାରା ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ଏହାର ସମାଧାନ ଲାଗି ସେମାନେ ପ୍ରଶାସନକୁ ଜଣାଇଥିଲେ। ତେବେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିବାକୁ ଶେଷରେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇଥିଲେ।

# ବାଲିସାହି ଦୋଳ ମେଳଣ ଉଦ୍‌ଯାପିତ

**ଜେନାପୁର,୨୫ା୩ (ଡି.ଏନ୍.ଏ.)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ ମା' ବାଘୁଆ ବ୍ରାହ୍ମଣୀ ଦେବୀ ପୂଜା କମିଟି ଆନୁକୂଲ୍ୟରେ ଚାଲିଥିବା ୫୦ତମ ବାଲିସାହି ମେଳଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଧର୍ମଶାଳା ବ୍ଲକ ଚେୟାରମ୍ୟାନ ପ୍ରଭାତ କୁମାର ବଳବନ୍ତରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସଭାରେ ୧୧ନଂ. ଜୋନ ଜିଲା ପରିଷଦ ସଭ୍ୟ ସୁଧାଂଶୁ ଶେଖର ସାହୁ, ଧର୍ମଶାଳା ବ୍ଲକ ନବନିର୍ବାଚିତ ଉପାଧ୍ୟକ୍ଷା ବିଶ୍ୱ ବିଜୟିନୀ ମିଶ୍ର, ବରିଷ୍ଠ ଖବରଦାତା ବେଣୁଧର ପଣ୍ଡା,ଏମ୍‌ପି ପ୍ରତିନିଧି ଉତ୍କଳମଣି ଦାସ, ଅଞ୍ଜିରା ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ କୁମାର ସାହୁ ଓ ବାଲିସାହି ମେଳଣର ବହୁ ବରିଷ୍ଠ ବ୍ୟକ୍ତି ଯୋଗଦେଇଥିଲେ। ଏହି ମେଳଣରେ ମୁରାରିପୁର ଗ୍ରାମ ଠାକୁର ଥାନପତିଙ୍କ ସମେତ ଆଉ ୧୦ ଠାକୁର ଗୁରୁବାର ରାତିରେ ବିମାନରେ ଆସି ଯୋଗଦେଇଥିଲେ। ସୁସଜ୍ଜିତ ବିମାନଗୁଡିକରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସ୍ଥାନ ପାଇଥିଲା। ବାଜା, ବାଣ, ରୋଶଣି, ଘୋଡାନାଚ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ବିମାନଗୁଡ଼ିକୁ ଅଣାଯାଇଥିଲା। ଶୁକ୍ରବାର ସକାଳୁ ସଂକୀର୍ତ୍ତନ ମଣ୍ଡଳୀ ହରିଗୀତର ତାଳେ ତାଳେ କୀର୍ତ୍ତନ ଓ ଅବିର ଖେଳି ଦୋଳ ବିମାନଗୁଡ଼ିକୁ ମା'ବ୍ରହ୍ମଣୀ ଦେବୀ ମନ୍ଦିର ସମ୍ମୁଖରେ ପହଞ୍ଚାଇଥିଲେ। ଦୋଳ ବିମାନ ଏକତ୍ରିତ ହେବାପରେ



ମେଳଣରେ ସାମିଲ ହୋଇଥିବା ବିମାନ।

ଠାକୁରଙ୍କୁ ଭୋଗ ନୈବେଦ୍ୟ ସହ ଦକ୍ଷିଣା ପ୍ରଦାନ କରାଯାଇଥିଲା। ସମସ୍ତ ବିମାନ ମୁରାରିପୁର ବିମାନ ଥାନପତିଙ୍କ ସହ ଆସନ ଅଳଙ୍କୃତ କରିଥିଲେ। ପରେ ଦୋଳ ବିମାନଗୁଡ଼ିକର ମୁଖ୍ୟ ପରିଚାଳକମାନଙ୍କୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ମେଳଣ ପରିଚାଳନାରେ କମିଟି ସଭାପତି ବଟକୃଷ୍ଣ ପଣ୍ଡା, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଅକ୍ଷୟ ପ୍ରଧାନ, ବାଇଧର ସାହୁ, ରଘୁନାଥ ପ୍ରଧାନ, ପାଣ୍ଡବ ଚରଣ ବେହେରା, କୈଳାସଚନ୍ଦ୍ର ରାଉତ, ବଂଶୀଧର ମହାରଣା, କାଙ୍ଗାଳି ଚରଣ ସେଠୀ, ପ୍ରତାପ ପ୍ରଧାନ, ପ୍ରଫୁଲ ସାହୁ ଓ ପବିତ୍ର ସାହୁ ସମେତ ବାଘୁଆ ବ୍ରାହ୍ମଣୀ ଦେବୀ ମେଳଣ କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଜେନାପୁର ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

## ସଂକ୍ଷେପରେ

### ଏଆଇସିସିର ନୀରଜ ଡାଙ୍ଗୀଙ୍କ ୨ ଦିନିଆ ଓଡ଼ିଶା ଗସ୍ତ

ଭୁବନେଶ୍ୱର,୨୫।୩(ବ୍ୟୁରୋ): ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କରାଯାଉଥିବା ସଭ୍ୟ ସଂଗ୍ରହ ଅଭିଯାନର ସମୀକ୍ଷା କରିବା ପାଇଁ ଏଆଇସିସି ପକ୍ଷରୁ ନିଯୁକ୍ତ ପ୍ରଦେଶ ନିର୍ବାଚନ ଅଧିକାରୀ ନୀରଜ ଡାଙ୍ଗୀ ୨ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଗସ୍ତ ବେଳେ ଏଆଇସିସି ସମ୍ପାଦକ ରୁଦ୍ର ରାଜୁ ମଧ ସାଥିରେ ରହିବେ। ଡାଙ୍ଗୀ ଓ ରୁଦ୍ର ୨୬ ତାରିଖ ଶନିବାର ଭୁବନେଶ୍ୱରରେ ପହଞ୍ଚିବା ପରେ ୨୭ ତାରିଖ ରବିବାର ୧୦ଟାରୁ କଂଗ୍ରେସ ଭବନ କାର୍ଯ୍ୟାଳୟରେ ନେତୃବୃନ୍ଦଙ୍କ ସହ ସଭ୍ୟ ସଂଗ୍ରହ ଅଭିଯାନ ତଥା ସାଙ୍ଗଠନିକ ନିର୍ବାଚନ ସମ୍ପର୍କରେ ଆଲୋଚନା କରିବେ। ପରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ କାର୍ଯ୍ୟକରୀ ସଭାପତି ଚିରଞ୍ଜୀବ ବିଶ୍ୱାଳଙ୍କ ସହିତ ସ୍ୱତନ୍ତ୍ର ଆଲୋଚନାର କାର୍ଯ୍ୟକ୍ରମ ରହିଛି।

### ୪ ଭାଇଙ୍କୁ ହତ୍ୟା ଘଟଣା ହତ୍ୟାକାରୀମାନେ ଗିରଫ ନ ହେବା ଯାଏ ଦୋକାନ ବନ୍ଦ

ହିଞ୍ଜିଳିକାଟୁ,୨୫।୩(ଡି.ଏନ.ଏ.)- ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅନ୍ତର୍ଗତ ପିତଳ ଛକରେ ମଙ୍ଗଳବାର ବିଳମ୍ବିତ ରାତିରେ ସଂଘବଦ୍ଧ ଆକ୍ରମଣରେ ନରେନ୍ଦ୍ରପୁରର ୪ ଭାଇଙ୍କ ମୃତ୍ୟୁ ଘଟିଥିଲା। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ , ପିତଳ ଛକରେ ଥିବା ମଦ ଦୋକାନ ଉଚ୍ଛେଦ ଓ ପୋଲିସ ପାଣ୍ଠି ପ୍ରତିଷ୍ଠା ଦାବିରେ ବୁଧବାର ରାସ୍ତା ଅବରୋଧ ହୋଇଥିଲା ଏଥିସହ ଦୋକାନ ବଜାର ମଧ ବନ୍ଦ ରହିଥିଲା। ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ବିଗ୍ରେଶ କୁମାର ରାୟ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ଓ ଦାବିକୁ ସମର୍ଥନ ପରେ ରାସ୍ତାରୋକୋ ହଟିଥିଲା। ହେଲେ ଅଭିଯୁକ୍ତମାନେ ଗିରଫ ନହେବା ପର୍ଯ୍ୟନ୍ତ ପିତଳ ଛକରେ ରହିଥିବା ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରଖିବାକୁ ମାଲିକମାନେ କହିଛନ୍ତି। ବୁଧବାରଠାରୁ ଶୁକ୍ରବାର ଲଗାତାର ତିନି ଦିନ ଧରି ପିତଳ ଛକରେ ରହିଥିବା ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଛି।

### ଝରଣା କୂଳରେ ନରକଙ୍କାଳ

ନୂଆଗଡ,୨୫।୩: ଗଜପତି ଜିଲା ନୂଆଗଡ ବ୍ଲକର ବଡପଦା ଗ୍ରାମ ନିକଟଝରଣା କୂଳରେ ଶୁକ୍ରବାର ଏକ ନରକଙ୍କାଳ ଦେଖିବାକୁ ମିଳିଛି। ସେହି କଙ୍କାଳ ଗ୍ରାମର ଜଣେ ଯୁବକଙ୍କର ବୋଲି ଚର୍ଚ୍ଚା ହେଉଛି। ଖଜୁରୀପଦାର ଜଣେ ମାନସିକ ବିକାରଗ୍ରସ୍ତ ଯୁବକ ଗତ ମାସକ ତଳେ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ଖଜୁରିପଦା ଫାଣ୍ଡିରେ ନିଖୋଜ ଏତଲା ଦେଇଥିଲେ। ପୋଲିସ ନଂ.୨/୨୨ରେ ମାମଲା ରୁଜୁ କରି ଖୋଜାଖୋଜି କରିଥିଲା। ଶୁକ୍ରବାର ଅଞ୍ଚଳର କିଛି ପିଲା ମାଛ ଧରିବା ପାଇଁ ଉକ୍ତ ଝରଣା କୂଳକୁ ଯାଇଥିଲେ। ସେଠାରେ କଙ୍କାଳକୁ ଦେଖି ଭୟଭୀତ ହୋଇଯାଇଥିଲେ। ଖବର ପାଇ ଗାଁ ଲୋକମାନେ ପହଞ୍ଚି ନରକଙ୍କାଳକୁ ଦେଖିଥିଲେ। ତେବେ କଙ୍କାଳର ହାତରେ ଥିବା ଟାଟୁ ଏବଂ ପିନ୍ଧିଥିବା ପେଣ୍ଟକୁ ଦେଖି ସେହି କଙ୍କାଳଟି ଲିଟୁ ଦଳାଇ ବୋଲି ଚିହ୍ନଟ କରିଥିଲେ। ଖଜୁରିପଦା ଫାଣ୍ଡି ଅଧିକାରୀ ଡି ଗଜପତି ଦୋରାଙ୍କ ପାଖରେ ଏ ନେଇ କୌଣସି ସୂଚନା ନ ଥିବା ସେ କହିଛନ୍ତି।

# ‘ମୋ ଶବ ଏ ପାପୀଙ୍କୁ ଦେବ ନାହିଁ’

## ହତ୍ୟା ପୂର୍ବରୁ ଚିଠି ଲେଖିଥିଲେ ମାନସ

ଭୁବନେଶ୍ୱର, ୨୫।୩ (ବ୍ୟୁରୋ)

ନୟାଗଡ଼ ଜିଲା ରଣପୁର ଥାନା ମଝିଆଖଣ୍ଡ ଗୋଡ଼ିପୋଖରୀ ଗ୍ରାମର କ୍ୟାମେରାମ୍ୟାନ ମାନସ ସ୍ୱାଇଁ ଅପହରଣ ଓ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ବିଭିନ୍ନ ଦିଗକୁ ନେଇ ଖୋଳତାଡ ଚଳାଇଛି। ଗୋଟିଏ ଟିମ୍ ରାଜ୍ୟ ଭିତରେ ତଦନ୍ତ କରୁଥିବାବେଳେ ଅନ୍ୟ ଏକ ଟିମ୍ ରାଜ୍ୟ ବାହାରେ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ ଓ ତାଙ୍କ ସହଯୋଗୀଙ୍କୁ ଖୋଜାଖୋଜି କରୁଛି। ତେବେ ଏହା ଭିତରେ ହତ୍ୟା ମାମଲାର ଆଉ ଏକ ରହସ୍ୟ ପଦାକୁ ଆସିଛି। ହତ୍ୟା ପୂର୍ବରୁ ମାନସ ମୃତ୍ୟୁର ଆଭାସ ପାଇଥିଲେ ବୋଲି ଜଣାପଡିଛି।



ମାନସଙ୍କୁ ଚାନ୍ଦବାଲିରୁ ଅପହରଣ ପରେ ଭୁବନେଶ୍ୱରର ଏୟାରଫିଲ୍ଡ ଥାନା ଅଞ୍ଚଳରେ ଥିବା ଦୟାଲ ବୃଦ୍ଧାଶ୍ରମରେ ୩ଦିନ ରଖାଯାଇ ପ୍ରବଳ ମାଡ଼ ମରାଯିବା ସହ ଅକଥନୀୟ ନିର୍ଯାତନା ଦିଆଯାଇଥିଲା। ସେଠାରେ ତାଙ୍କୁ ହତ୍ୟା କରାଯାଇ ନୟାଗଡ଼ ଜିଲା ରଣପୁର ବ୍ଲକ୍ ଅନ୍ତର୍ଗତ ନରେନ୍ଦ୍ରପୁର ବୋଧିପାଟଣା ଜଙ୍ଗଲରେ ପୋତି ଦିଆଯାଇଥିଲା। ତେବେ ଦୟାଲ ଆଶ୍ରମରେ ନିର୍ଯାତନା ସମୟରେ ମାନସ ୩ ଫର୍ଦ୍ଦ ବିଶିଷ୍ଟ ଏକ ଚିଠି ଲେଖିଥିଲେ। ଆଶ୍ରମର କେୟାରଟେକର ଉକ୍ତ ଚିଠିକୁ ପାଇଥିବା ଗଣମାଧମ ଆଗରେ କହିବା ପରେ ଏବେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ତାଙ୍କ କହିବା ଅନୁଯାୟୀ, ଆଶ୍ରମର ଉପର ମହଲାରେ ଝାଡୁ କରୁଥିବାବେଳେ ଏକ ଜରିରେ ଗୁଡ଼ାଯାଇଥିବା ଚିଠିକୁ ସେ ପାଇଥିଲେ। ସେଥିରେ ମାନସ ନିଜ ନାମ, ବାପା ଓ ଗାଁର ନାମ ସହ ମୋବାଇଲ ନମ୍ବର ଉଲ୍ଲେଖ କରି ଲେଖିଥିଲେ ଯେ, ମୋତେ ଅପହରଣ କରାଯାଇଛି। ଆଶ୍ରମରେ ରଖି ମାଡ଼ ମରାଯିବା ସହ ମୋଠାରୁ ମୋବାଇଲ, କ୍ୟାମେରା, ବ୍ୟାଙ୍କ ପାସବୁକ୍, ୪ ହଜାର ଟଙ୍କା ନେଇଯାଇଛନ୍ତି। ଯଦି ମୁଁ ମରିଯାଏ, ତେବେ ମୋ ଶବ ଏ ପାପୀମାନଙ୍କୁ ଦେବ ନାହିଁ, ଗାଁକୁ ପଠାଇ ଦେବ ବୋଲି ମାନସ ଚିଠିରେ ଲେଖିଥିଲେ। ସବୁ ଫର୍ଦ୍ଦରେ ସମାନ କଥା ଲେଖାଯାଇଥିଲା। ଅତ୍ୟଧିକ ଭୟ ଓ ଛାନିଆରେ ମାନସ ବାରମ୍ବାର ତାହାକୁ ଲେଖିଥିବା ଜଣାପଡୁଛି। ତେବେ ଉକ୍ତ ଚିଠିକୁ କେୟାରଟେକର ପଢ଼ିବା ପରେ ଆଶ୍ରମ ତଥା ୱେବ୍ ପୋର୍ଟାଲ ‘ସମ୍ପୂର୍ଣ୍ଣ’ର ମାଲିକାଣୀ ଶର୍ମିଷ୍ଠାଙ୍କୁ ଦେଇଥିଲେ। ଏଥିସହ ଆଶ୍ରମକୁ ଅନେକ ବଡ଼ ବଡ଼ିଆ ଲୋକ ଆସୁଥିଲେ ବୋଲି ସେ କହିଛନ୍ତି। ଏହି ଚିଠି ଓ କେୟାର ଟେକରଙ୍କ ବୟାନ କହୁଛି ମାନସଙ୍କୁ ଶର୍ମିଷ୍ଠା ଓ ଅନ୍ୟ ଅଭିଯୁକ୍ତମାନେ କେତେ ନିଷ୍ଠୁର ଭାବେ ହତ୍ୟା କରିଛନ୍ତି। ଏବେ ଶର୍ମିଷ୍ଠା, ଉକ୍ତ ଚିଠି ଓ ଯେଉଁ ଟିପ୍ ପାଇଁ ଏସବୁ ଘଟଣା ଘଟିଛି ସେସବୁ ଏବେ କେଉଁଠି ତାହା ସବୁଠାରୁ ବଡ଼ ପ୍ରଶ୍ନ ହୋଇଛି।

## ପଳାସପୁର ଗାଁରେ କ୍ରାଇମ୍ବ୍ରାଞ୍ଚ ଟିମ୍ର ତଦନ୍ତ

ଚାନ୍ଦବାଲି,୨୫।୩ (ଡି.ଏନ.ଏ.)

 କ୍ୟାମେରାମ୍ୟାନ ମାନସ ସ୍ୱାଇଁ ଅପହରଣ ଓ ହତ୍ୟା ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚର ୫ ଜଣିଆ ଟିମ୍ ଗୁରୁବାର ଭଦ୍ରକରେ ପହଞ୍ଚି ଏସ୍ପି ଚରଣ ସିଂ ମୀନାଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ଚାନ୍ଦବାଲି ଥାନାକୁ ଯାଇ ମାନସ ହତ୍ୟା ମାମଲାରେ ସମସ୍ତ କାଗଜପତ୍ର ଯାଞ୍ଚ କରିଛନ୍ତି। ଟିମ୍ର ଅଧିକାରୀମାନେ ଗୁରୁବାର ସେଠାରେ ରାତ୍ରିଯାପନ କରି ଶୁକ୍ରବାରଠାରୁ ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରିଛନ୍ତି। ଏକ ବାହାଘର ଭିଡିଓ ଶୁଟିଂ ପାଇଁ ଯାଇଥିବାବେଳେ ମାନସଙ୍କୁ ଚାନ୍ଦବାଲି ପଳାସପୁର ଗାଁରୁ ତାଙ୍କୁ ଅପହରଣ କରାଯାଇଥିଲା। କ୍ରାଇମ୍ବ୍ରାଞ୍ଚ ଟିମ୍ ସହ ଚାନ୍ଦବାଲି ଥାନା ଅଧିକାରୀ କରୁଣାକର ରାଉତ ଓ ମତୋ ଫାଣ୍ଡି ଅଧିକାରୀ ବୁଦ୍ଧିରାମ ମହାନ୍ତି ଉକ୍ତ ଗାଁକୁ ଯାଇ ସ୍ଥାନୀୟ ଲୋକଙ୍କୁ ଘଟଣା ବିଷୟରେ ପଚାରି ବୁଝିଥିଲେ। ପ୍ରତ୍ୟକ୍ଷଦର୍ଶୀ କୁହାଯାଉଥିବା ଏକ ୱେବ୍ଚ୍ୟାନେଲର ସ୍ଥାନୀୟ ପ୍ରତିନିଧି ଓ ବିବାହ ଫଟୋ ଉଠାଇବା ଲାଗି ଯୋଗାଯୋଗ କରିଥିବା ଷ୍ଟୁଡିଓ ମାଲିକଙ୍କ ବୟାନ ରେକର୍ଡ କରିଛି ଟିମ୍। ଶର୍ମିଷ୍ଠା ୩ଜଣ ପୁରୁଷ ଓ ଜଣେ ମହିଳାଙ୍କ ସହ କାର୍ ନେଇ ସେଠାକୁ ଯାଇଥିଲେ। ରାତି ୧୧ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରହିଥିଲେ। ୩ଜଣ ଯୁବକ ମାନସଙ୍କୁ ଧରି ଗାଡ଼ିରେ ବସାଇବାକୁ ଚେଷ୍ଟା କରୁଥିଲେ ମଧ ସେ ବସୁ ନ ଥିଲେ। ଶର୍ମିଷ୍ଠା ତାଙ୍କୁ ଚାପୁଡ଼ା ପରେ ଧକ୍କା ମାରି କାର୍ ଭିତରକୁ ପୂରାଇ ଦେଇଥିଲେ। ପରେ ପ୍ରବଳ ମାଡ଼ ମାରି ସେମାନେ ଅପହରଣ କରି ନେଇଥିଲେ ବୋଲି ସ୍ଥାନୀୟ ଜଣେ ପ୍ରତ୍ୟକ୍ଷଦର୍ଶୀ ଗଣମାଧମ ଓ କ୍ରାଇମବ୍ରାଞ୍ଚ ଟିମ୍ ଆଗରେ କହିଛନ୍ତି।



କ୍ରାଇମବ୍ରାଞ୍ଚ ଟିମ୍ ଲୋକଙ୍କ ବୟାନ ରେକର୍ଡ କରୁଛି।

### ଶର୍ମିଷ୍ଠାଙ୍କୁ ଖୋଜି ପାଉନି କ୍ରାଇମବ୍ରାଞ୍ଚ

ମାନସ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ଓ ତାଙ୍କ ମହିଳା ସହଯୋଗୀ ଏବେ କେଉଁଠି ତାହା ଜଣାପଡ଼ିନାହିଁ। ଚାନ୍ଦବାଲି ପୋଲିସ ଶର୍ମିଷ୍ଠାଙ୍କୁ ଧରିବାରେ ବିଫଳ ହେବା ପରେ ବୁଧବାରଠାରୁ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ଭାର ନେଇଛି। ଶର୍ମିଷ୍ଠାଙ୍କୁ ଠାବ କରିବାକୁ ପ୍ରୟାସ କରୁଥିଲେ ମଧ ତାଙ୍କ ପତ୍ତା ମିଳିପାରୁନାହିଁ। ଶର୍ମିଷ୍ଠା ଓଡ଼ିଶା ବାହାରକୁ ପଳାଇଥିବା ସନ୍ଦେହ କରି କ୍ରାଇମବ୍ରାଞ୍ଚର ଅନ୍ୟଏକ ଟିମ୍ ଅନ୍ୟ ରାଜ୍ୟକୁ ଯାଇଛି। ଇତିମଧରେ ଶର୍ମିଷ୍ଠା ରୂପ ବଦଳାଇ ଲୁଚି ରହିଥିବା ଆଉଏକ ଚର୍ଚ୍ଚା ଚାଲିଥିବାବେଳେ କ୍ରାଇମବ୍ରାଞ୍ଚର ତଦନ୍ତ ଉପରେ ମଧ ପ୍ରଶ୍ନବାଚୀ ସୃଷ୍ଟି ହେବାରେ ଲାଗିଛି।

### ମାଡ଼ମାରି ଅପହରଣ କରିଥିଲେ ଶର୍ମିଷ୍ଠା : ପ୍ରତ୍ୟକ୍ଷଦର୍ଶୀ

### ନିରଞ୍ଜନ ବୁଢ଼ା କହିବାରୁ ମୋ ପୁଅ ପଇସା ଦେଇଛି

ଶର୍ମିଷ୍ଠାଙ୍କୁ ଫେରାର ହେବାରେ ସହଯୋଗ କରିଥିବା ଦର୍ଶାଇ ପୋଲିସ ତାଙ୍କ ଭାଇ ପରମେଶ୍ୱରଙ୍କୁ ବିଜୟୱାଡ଼ାରୁ ଗିରଫ କରିଛି। ହେଲେ ପୁଅର କିଛି ଦୋଷ ନ ଥିବା ତାଙ୍କ ମା’ ବାସନ୍ତି ରାଉତ କହିଛନ୍ତି। ଭାଇ ହିସାବରେ ଶର୍ମିଷ୍ଠାଙ୍କ ପାଖକୁ ୧୦ ହଜାର ଟଙ୍କା ପଠାଇଥିଲେ ପରମେଶ୍ୱର। ଘଟଣା ବିଷୟରେ ମୋ ପୁଅ କିଛି ଜାଣିନାହିଁ। ଶର୍ମିଷ୍ଠା ବି ମାଗିନାହିଁ। ଭଉଣୀ ସମସ୍ୟାରେ ଥିବା ନିରଞ୍ଜନ ବୁଢ଼ା କହିବାରୁ ମୋ ପୁଅ ପଇସା ଦେଇଛି। ଶର୍ମିଷ୍ଠା ବି ମାଗି ନାହିଁ। ମୋ ପୁଅ ନିର୍ଦ୍ଦୋଷ। ଶର୍ମିଷ୍ଠା ଯଦି ଦୋଷୀ ସାବ୍ୟସ୍ତ ହୁଏ ତାକୁ ଉପଯୁକ୍ତ ଶାସ୍ତି ମିଳୁ। ସେ ଆତ୍ମସମର୍ପଣ କରୁ ବୋଲୁ ତାଙ୍କ ମା’ କହିଛନ୍ତି। ସୂଚନାଯୋଗ୍ୟ, ମାନସ ହତ୍ୟା ଘଟଣାରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ ଗିରଫ ହୋଇ ଏବେ ଜେଲ୍ରେ ଅଛନ୍ତି।



## ଡିବିରି ଧୂଆଁରେ ଯୋଗୀଙ୍କ ଛବି

**ଦୀପକଙ୍କ ନିଆରା ପ୍ରୟାସ**

କଟକ ଅଫିସ, ୨୫।୩

ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଯୋଗୀ ଆଦିତ୍ୟନାଥ ଦ୍ୱିତୀୟ ଥର ପାଇଁ ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ତାଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ କଟକ ଖାଞ୍ଜିରିମଙ୍ଗଳା ଅଞ୍ଚଳର ଦୀପକ ବିଶ୍ୱାଳ ଚିତ୍ରକଳା ମାଧମରେ ଭିନ୍ନ ପ୍ରୟାସ କରିଛନ୍ତି। ସେ ଡିବିରି ଧୂଆଁରେ ଯୋଗୀଙ୍କର ଛବି ଆଙ୍କିଛନ୍ତି। ଏହାକୁ ଆଙ୍କିବାରେ ସେ କୌଣସି କାନ୍ଭାସ୍, ରଙ୍ଗ କିମ୍ବା ତୂଳୀ ବ୍ୟବହାର କରିନାହାନ୍ତି। ଡିବିରିରୁ ବାହାରୁଥିବା ଧୂଆଁରୁ ଡବ୍ଲ୍ୟୁବିସି ବୋର୍ଡରେ ଯୋଗୀଙ୍କ ଛବି ଆଙ୍କିଛନ୍ତି। ଏଥିପାଇଁ ତାଙ୍କୁ ୨ ଘଣ୍ଟା ସମୟ ଲାଗିଥିଲା। ଏହା ବ୍ୟତୀତ କେବଳ କଳାରଙ୍ଗର ନୁହେଁ, ବିଭିନ୍ନ ରଙ୍ଗର ଧୂଆଁକୁ ବ୍ୟବହାର କରି ସେ ଅନେକ ଚିତ୍ର ଆଙ୍କିଛନ୍ତି। ଏପରି କି ଧୂଆଁକୁ ନେଇ ସେ ଗବେଷଣା ଜାରି ରଖିଛନ୍ତି। କେଉଁଥିରୁ କେଉଁ ରଙ୍ଗର ଧୂଆଁ ବାହାରୁଛି। ଅଧିକ ରଙ୍ଗର ଧୂଆଁ ବ୍ୟବହାର କରି ଚିତ୍ରକଳା ପ୍ରସ୍ତୁତ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି। ଏଥିସହ ଭାରତରେ ପ୍ରଥମ ଥର ପାଇଁ ଥ୍ରୀଡି ସ୍ମୋକ୍ ଆର୍ଟ ସେ ପ୍ରସ୍ତୁତ କରୁଛନ୍ତି। ଏନେଇ ଦୀପକ କହିଛନ୍ତି, ମୁଁ ପ୍ରସ୍ତୁତ କରିଥିବା ଛବିକୁ ଯୋଗୀ ଆଦିତ୍ୟନାଥଙ୍କ ନିକଟରେ ଉପସ୍ଥାପନ କରିବାକୁ ଆଶା ରଖିଛି। ସୁଯୋଗ ମିଳିଲେ ନିଶ୍ଚିତ ଯିବି।

## ଅଜାଙ୍କ ଅଟୋ ଓଲଟି ନାତି ମୃତ

ବାରିପଦା ଅଫିସ,୨୫।୩

୬ମାସର ନାତିକୁ ଅଟୋରେ ବସାଇ ଅଜା ବୁଲାଇ ନେଉଥିବା ବେଳେ ଭାରସାମ୍ୟ ହରାଇ ଅଟୋ ଓଲଟି ପଡ଼ିବାରୁ ନାତିର ମୃତ୍ୟୁ ହୋଇଛି। ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ତୁଳସୀଚଉରା ନିକଟରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ଶିଶୁ ପୁତ୍ର ଜଣକ ହେଲେ ଏ.ଅଲ୍ଲୀଙ୍କ ପୁଅ ଅମନ୍। ସୂଚନା ଅନୁଯାୟୀ, ଶୁକ୍ରବାର ଅମନଙ୍କୁ ଏକ ବାଟରି ଚାଳିତ ଅଟୋରେ ବସାଇ ତାଙ୍କ ଅଜା ବୁଲାଇବାକୁ ନେଉଥିଲେ। ତେବେ ଖରାପ ରାସ୍ତା ଯୋଗୁ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଅଜାଙ୍କ କୋଳରେ ବସିଥିବା ନାତି ଅମନ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପିଆରଏମ୍ ମେଡ଼ିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଟାଉନ ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ୨୮ରେ ମିଳିତ ମଞ୍ଚର ଦୁଇଦିନିଆ ଧର୍ମଘଟ

ଭୁବନେଶ୍ୱର,୨୫।୩(ବ୍ୟୁରୋ)

ମାର୍ଚ୍ଚ ୨୮ ଓ ୨୯ ଦୁଇଦିନ ବ୍ୟାପୀ ଟ୍ରେଡ ୟୁନିୟନ ଓ କର୍ମଚାରୀ ଫେଡେରେଶନ ମିଳିତ ମଞ୍ଚ ପକ୍ଷରୁ ସର୍ବଭାରତୀୟ ସାଧାରଣ ଧର୍ମଘଟ ଡାକରା ଦିଆଯାଇଛି। ଦେଶରେ ସେବା କ୍ଷେତ୍ରରେ ନିଯୁକ୍ତ ଅଙ୍ଗନୱାଡି, ଆଶା, ମଧାହ୍ନଭୋଜନ କର୍ମୀ ସମେତ ସମସ୍ତ ଶ୍ରମିକଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ସର୍ବନିମ୍ନ ମଜୁରି, ସାମାଜିକ ସୁରକ୍ଷା ପ୍ରଦାନ ସମେତ ୧୨ଦଫା ଦାବି ନେଇ ଏହି ଧର୍ମଘଟ ହେବ। ଏହି ଧର୍ମଘଟକୁ ସଫଳ କରିବାକୁ ମିଳିତ ମଞ୍ଚ ପକ୍ଷରୁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି। ଏ ନେଇ ଖାରବେଳ ନଗରସ୍ଥିତ ଶ୍ରମିକ ଭବନ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମିଳିତ ସଂଗଠନ ପକ୍ଷରୁ କେନ୍ଦ୍ରରେ ଭାଜପା ସରକାରଙ୍କ ନୀତିକୁ ଶ୍ରମିକ, କୃଷକ, ଜନବିରୋଧୀ ବୋଲି କୁହାଯିବା ସହ କର୍ପୋରେଟ ସପକ୍ଷବାଦୀ ନୀତି ବୋଲି କୁହାଯାଇଛି। ଫଳରେ ଦେଶର ଜନଗଣଙ୍କ ଜୀବନ ଜୀବିକା ଓ ଦେଶର ଅର୍ଥନୀତିକୁ ଧ୍ୱଂସ ମୁହଁକୁ ଟାଣି ହୋଇଯାଉଛି ବୋଲି ଅଭିଯୋଗ କରାଯାଇଛି। ଧର୍ମଘଟ ଦୁଇଦିନ ରେଳଷ୍ଟେଶନ, ଏୟାରପୋର୍ଟ, ଅଫିସ ଦପ୍ତରରେ ପିକେଟିଂ, ରାଜପଥ ଅବରୋଧ, ରାସ୍ତାରୋକ କରାଯିବ। ଗ୍ରାମାଞ୍ଚଳରେ ମଧ ଏହି ୨ଦିନ ଧାରଣା, ବିକ୍ଷୋଭ କରାଯିବା ନେଇ ସୂଚନା ଦିଆଯାଇଛି। ସମ୍ମିଳନୀରେ ଆଇଏନଟିୟୁସିର ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ସାଧାରଣ ସମ୍ପାଦକ କିଶୋର ଜେନା, ଏଆଇଟିୟୁସି ନେତା ନାରାୟଣ ରେଡ୍ଡୀ, ବିଜୟ ଜେନା, ଏଚଏମ୍ଏସ୍ର ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ଯୁଗଳ କିଶୋର ନାୟକ, ସିଆଇଟିୟୁର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ଏଆଇୟୁଟିୟୁସିର ନେତା ନିରଞ୍ଜନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବେହେରା, ଏଆଇସିସିଟିୟୁର କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ସେଠୀ ଓ ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡା, ଟିୟୁସିସିର ରାଜ୍ୟ ଆବାହକ ଜ୍ୟୋତିରଞ୍ଜନ ମହାପାତ୍ର, ଏଲ. ପି.ଏଫ୍ ରାଜ୍ୟ ସଭାପତି ବିରେନ୍ଦ୍ର ପ୍ରସାଦ ଦାସ ଓ ସମ୍ପାଦକ ମନୋରଞ୍ଜନ ମହାରଣା, ପରିଲତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସରପଞ୍ଚ ପ୍ରାର୍ଥୀଙ୍କ ପରିବାର, ସମ୍ପର୍କୀୟଙ୍କୁ ବାସନ୍ଦ

ପାପଡ଼ାହାଣ୍ଡି,୨୫।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ହାତୀବେଢ଼ା ପଞ୍ଚାୟତରୁ ଗତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ଭାବେ ଲଢ଼ିଥିବା ବଡ଼ ପାଞ୍ଜାରିଆଗୁଡାର ରାମଚନ୍ଦ୍ର ମାଝି ଓ ତାଙ୍କ ଶଳା ଭଗବାନ ନାୟକଙ୍କ ପରିବାରକୁ ବାସନ୍ଦ କରାଯାଇଛି। ଉଭୟ ପରିବାର ଏବେ ମାନସିକ ଦୁଶ୍ଚିନ୍ତାରେ ରହୁଥିବାବେଳେ ନ୍ୟାୟ ପାଇଁ ସେମାନେ ଏକ ଭିଡିଓ ଜାରି କରି ନିବେଦନ କରିଛନ୍ତି।

ବଡ଼ ପାଞ୍ଜାରିଆଗୁଡା ଗ୍ରାମର କିଛି ଦୂରରେ ସିନ୍ଧିଭଟ୍ଟା ଗାଁ ଜଙ୍ଗଲ ରହିଛି। ଏହି ଜଙ୍ଗଲରୁ ବଡ଼ ପାଞ୍ଜାରିଆଗୁଡ଼ା ଗ୍ରାମବାସୀ ପତ୍ର ଓ ଦାନ୍ତକାଠି ସଂଗ୍ରହ କରି ଚଳୁଥିଲେ। ୩ମାସ ପୂର୍ବରୁ ସିନ୍ଧିଭଟ୍ଟା ଗ୍ରାମବାସୀ ଜଙ୍ଗଲରେ ନ ପଶିବାକୁ ବଡ଼ ପାଞ୍ଜାରିଆଗୁଡ଼ା ଗ୍ରାମବାସୀଙ୍କୁ ତାଗିଦ କରିଥିଲେ। ଏହି ସମୟରେ ରାମଚନ୍ଦ୍ର ସିନ୍ଧିଭଟ୍ଟା ଗ୍ରାମବାସୀଙ୍କ କଥାରେ ସହମତି ଜଣାଇଥିଲେ। ସେବେଠାରୁ ବଡ଼ ପାଞ୍ଜାରିଆଗୁଡ଼ା ଗ୍ରାମବାସୀ ସେମାନଙ୍କ ସହ କଥାବାର୍ତ୍ତା କରୁନାହାନ୍ତି ବୋଲି ରାମଚନ୍ଦ୍ର କହିଛନ୍ତି। ଯିଏ କେହି ସେମାନଙ୍କ ସହ କଥା ହେବ ତାଙ୍କୁ ୫ଶହ ଟଙ୍କା ଜରିମାନା ଦେବାକୁ ପଡିବ ବୋଲି କୁହାଯାଇଛି। ଗ୍ରାମର ମଲା ଦଶାହ କାର୍ଯ୍ୟରେ ତାଙ୍କ ଘରୁ ଦିଆଯାଇଥିବା ଚାଉଳ ଓ ଟଙ୍କା କେହି ଗ୍ରହଣ କରୁନାହାନ୍ତି। ତିନୋଟି ଦଶାହ କାର୍ଯ୍ୟରେ ତାଙ୍କୁ ଏପରି ବାସନ୍ଦ କରାଯାଇଛି ବୋଲି ରାମଚନ୍ଦ୍ର କହିଛନ୍ତି। ଗ୍ରାମର କେହି ବ୍ୟକ୍ତି ରାମଚନ୍ଦ୍ରଙ୍କ ଘରକୁ କାମ କରିବା ଲାଗି ଯାଉନାହାନ୍ତି। ଲୋକମାନଙ୍କ ଏତାଦୃଶ୍ୟ ବ୍ୟବହାର ପାଇଁ ମାନସିକ ଦୁଶ୍ଚିନ୍ତାରେ ଅଛୁ ବୋଲି ଭାଇରାଲ ଭିଡିଓରେ ରାମଚନ୍ଦ୍ରଙ୍କ ସ୍ତ୍ରୀ ବାସନ୍ତି ଓ ପୁଅ ନିତ୍ୟା କହିଛନ୍ତି। ଶୀଘ୍ର ନ୍ୟାୟ ପ୍ରଦାନ କରିବାକୁ ସେମାନେ ଭିଡିଓରେ ପ୍ରଶାସନକୁ ନିବେଦନ କରିଛନ୍ତି। ସୂଚନାନୁଯାୟୀ, ରାମଚନ୍ଦ୍ର, ତାଙ୍କ ସ୍ତ୍ରୀ ବାସନ୍ତୀ ପୂର୍ବରୁ ସରପଞ୍ଚ ଥିଲେ। ଘଟଣା ସମ୍ପର୍କରେ ବିଡିଓ ରଞ୍ଜିତା ମଲ୍ଲିକଙ୍କୁ ମୋବାଇଲ୍ ନଂ.୯୪୩୭୨୯୩୮୫୪ରେ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ।



ରାମଚନ୍ଦ୍ର ମାଝିଙ୍କ ପରିବାର

### ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକୁ ନେଇ ବିବାଦ

## ଶୌଚାଳୟ ବାରଣ୍ଡାରେ ପ୍ରସବ

ଢେଙ୍କାନାଳ ଅଫିସ, ୨୫।୩

ଡାକ୍ତରଖାନାରେ ପ୍ରସବ ହେବ ସୁରକ୍ଷିତ। ଗର୍ଭବତୀଙ୍କୁ ସୁବିଧାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇବା, ସନ୍ତାନ ଜନ୍ମ ସମୟରେ ସର୍ବାଧିକ ସତର୍କତା ଅବଲମ୍ବନ କରିବା, ଟିକାଠାରୁ ଆରମ୍ଭ କରି ନିଃଶୁଳ୍କ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସରକାର ଖର୍ଚ୍ଚ କରୁଛନ୍ତି ବିପୁଳ ଅର୍ଥ। ହେଲେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୋଷ୍ଠୀ ଚିକିତ୍ସାଳୟରେ ଶୁକ୍ରବାର ଦେଖିବାକୁ ମିଳିଛି ଏହାର ବିପରୀତ ଚିତ୍ର। ଡାକ୍ତର, କର୍ମଚାରୀ ଠିକ୍ ସମୟରେ ଚିକିତ୍ସା ସହାୟତା ଯୋଗାଇ ନ ଦେବା ଫଳରେ ଶୌଚାଳୟ ବାରଣ୍ଡାରେ ଜଣେ ଗର୍ଭବତୀ ସନ୍ତାନ ପ୍ରସବ କରିଛନ୍ତି। ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବାର ପ୍ରାଣକେନ୍ଦ୍ର କୁହାଯାଉଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଅବ୍ୟବସ୍ଥା ସୁରକ୍ଷିତ ମାତୃତ୍ୱ ଅଭିଯାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅଭିଯୋଗ ଅନୁଯାୟୀ, ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ବୁଢ଼ାପଙ୍କ ଗ୍ରାମର ଦୁଷ୍ମନ୍ତ ନାୟକଙ୍କ ସ୍ତ୍ରୀ ଶୈଳ ନାୟକଙ୍କ ଶୁକ୍ରବାର ଭୋର ୪ଟାରେ ଗର୍ଭଯନ୍ତ୍ରଣା ଆରମ୍ଭ ହୋଇଥିଲା। ଜନନୀ ଏକ୍ସପ୍ରେସ୍ ସହାୟତାରେ ପରିବାର ଲୋକେ ତାଙ୍କୁ ସକାଳ ୭ଟା ସୁଦ୍ଧା ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେତେବେଳେ ଡାକ୍ତରଖାନାରେ କେହି ନ ଥିଲେ। ଷ୍ଟାଫ୍ ନର୍ସଙ୍କ ଦେଖା ମିଳି ନ ଥିଲା। ଅପରେଶନ ଗୃହରେ ତାଲା ପଡ଼ିଥିଲା। ଫଳରେ ଶୈଳ ବାଧ୍ୟ ହୋଇ ଶୌଚାଳୟ ସମ୍ମୁଖ ବାରଣ୍ଡାରେ ବିଶ୍ରାମ ନେଇଥିଲେ। ପ୍ରସବ ବେଦନାରେ ଛଟପଟ ହୋଇ ସେ ସେଠାରେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ଏଭଳି ବିପଦ ସମୟରେ ମେଡିକାଲ କର୍ମଚାରୀଙ୍କ ଦେଖା ମିଳି ନ ଥିବାବେଳେ ସହାୟତାର ହାତ ବଢ଼ାଇଥିଲେ ଜଣେ ସଫେଇ କର୍ମଚାରୀ। ଏଭଳି ଅଭାବନୀୟ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସ କୁହନ୍ତି, ଘଟଣା ସମ୍ପର୍କରେ ସୂଚନା ମିଳିଛି। ସମ୍ପୃକ୍ତ ଷ୍ଟାଫ୍ ନର୍ସ ଗୁରୁବାର ଦିନ ଏବଂ ରାତିରେ ଡ୍ୟୁଟିରେ ଥିଲେ। ସକାଳେ ଫ୍ରେଶ୍ ହେବାକୁ ଯାଇଥିବାବେଳେ ଏହି ଘଟଣା ଘଟିଛି। ଏଭଳି ସମ୍ବେଦନଶୀଳ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।



ପ୍ରସବ ପରେ ବାରଣ୍ଡାକୁ ସଫା କରାଯାଉଛି।

- ଓଡ଼ାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭାବନୀୟ ଘଟଣା
- ଡାକ୍ତରଙ୍କ ଅନୁପସ୍ଥିତିକୁ ନେଇ ତୀବ୍ର ଅସନ୍ତୋଷ

**ପ୍ରଥମ ପୃଷ୍ଠାରୁ...**

## ବସ୍ତିରେ ହେବ ବିଜୁ...

୨୦୨୨ ଶେଷ ସୁଦ୍ଧା ରାଜ୍ୟର ସମସ୍ତ ସହରାଞ୍ଚଳର ସବୁ ଘରକୁ ପାଇପ୍ ଜଳ ଯୋଗାଣ ସଂଯୋଗ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ସେହିପରି ରାଜ୍ୟ ସରକାର ୨୦୨୪ ସୁଦ୍ଧା ସମସ୍ତ ଗ୍ରାମୀଣ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ରାଜ୍ୟପାଳ କହିଛନ୍ତି। ଗ୍ରାମାଞ୍ଚଳର ସମସ୍ତ ଗୃହହୀନ ଓ କଚ୍ଚାଘରେ ରହୁଥିବା ପରିବାରକୁ ପକ୍କାଘର ଯୋଗାଇବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ୨୦୧୪-୧୫ ପରଠୁ ପ୍ରାୟ ୩୧,୦୫୦କୋଟି ଟଙ୍କା ବ୍ୟୟରେ ୩୧ ଲକ୍ଷ ପକ୍କାଘର ନିର୍ମାଣ କାର୍ଯ୍ୟ ସ୍ୱଚ୍ଛତାର ସହିତ ସମ୍ପୂର୍ଣ୍ଣ କରାଯାଇଛି। ହିତାଧିକାରୀଙ୍କ ପାଇଁ 'ବିଜୁ ପକ୍କାଘର ପ୍ରୋତ୍ସାହନ ନୀତି' ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଏକ ଅନୁକରଣୀୟ ଉଦାହରଣ ସୃଷ୍ଟି କରିଛି। ୪ରୁ ୬ମାସ ମଧ୍ୟରେ ନିଜର ପକ୍କାଘର ନିର୍ମାଣ କରିଥିବା ୭.୮୨ ଲକ୍ଷ ହିତାଧିକାରୀଙ୍କୁ ୧୨୮୩ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯାଇଛି। ସେହିପରି ବିଭିନ୍ନ ଗ୍ରାମୀଣ ଆବାସ ଯୋଜନାରେ ସାମିଲ ହେବାକୁ ୧୨.୨୫ଲକ୍ଷ ଯୋଗ୍ୟ ପରିବାରକୁ ଚିହ୍ନଟ କରାଯାଇଛି। ୨୦୧୪ରୁ ଏ ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମୀଣ ଆବାସ ଯୋଜନାରେ ପକ୍କାଘର ପାଇଥିବା ହିତାଧିକାରୀଙ୍କୁ ସେମାନଙ୍କର ଘର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ବିଜୁ ପକ୍କାଘର ଯୋଜନାରେ ୩ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଦିଆଯାଇଛି। ଏ ବାବଦରେ ୩୧ ଲକ୍ଷ ପରିବାରକୁ ୧୪୪୪ କୋଟି ଟଙ୍କା ଦିଆଯାଇଛି। ରାଜ୍ୟପାଳ କହିଛନ୍ତି ଯେ, ରାଜ୍ୟରେ ଖାଦ୍ୟ ସୁରକ୍ଷା ଯୋଜନାରେ ୭୯.୩୨% ଜନସଂଖ୍ୟାକୁ ଅନ୍ତର୍ଭୁକ୍ତ କରାଯାଇଛି। କେନ୍ଦ୍ର ସରକାରଙ୍କ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୯୩.୨୪ଲକ୍ଷ ପରିବାରର ୩.୨୬କୋଟି ଲୋକ ଓ ରାଜ୍ୟର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ୨.୧୮ଲକ୍ଷ ପରିବାରର ୭.୧୫ଲକ୍ଷ ହିତାଧିକାରୀ ସାମିଲ ହୋଇଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୯୨.୬୦ ଲକ୍ଷ ପରିବାରର ୩.୨୪ କୋଟି ହିତାଧିକାରୀ ହୋଇଛନ୍ତି। ତେବେ କରୋନା କାଳରେ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ଯୋଜନାରୁ ୧.୩୫ ଲକ୍ଷ ପରିବାରର ପ୍ରାୟ ୩.୮୩ ଲକ୍ଷ ହିତାଧିକାରୀଙ୍କୁ ବାଦ୍ ଦେଇଥିବା ବେଳେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୬୪ ହଜାର ପରିବାରକୁ ସାମିଲ କରାଇଛନ୍ତି।

ରାଜ୍ୟପାଳ କହିଛନ୍ତି ଯେ, ୨୦୨୧ରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଥିଲା। ସାମ୍ପ୍ରଦାୟିକ ଉତ୍ତେଜନା, ଶ୍ରମିକ ଓ ସେବା ସଂଗଠନର ଆନ୍ଦୋଳନ, ଛାତ୍ର ବିଶୃଙ୍ଖଳା ଆଦିକୁ ଆପୋସ ଆଲୋଚନା ଓ ପୋଲିସର ସତର୍କତାମୂଳକ ପଦକ୍ଷେପ ମାଧ୍ୟମରେ ସମାଧାନ ହୋଇଛି। ଜନଜାତି, ଦଳିତ, ମହିଳା, କୃଷକ, ଦୁର୍ବଳ ଶ୍ରେଣୀ, ବରିଷ୍ଠ ନାଗରିକ ଓ ସଂଖ୍ୟାଲଘୁ ସମୁଦାୟର ଆନ୍ଦୋଳ, ଧର୍ମଘଟ ଓ ପ୍ରତିବାଦକୁ ପ୍ରଶମିତ ପାଇଁ ନିରପେକ୍ଷ ବିଚାର ଓ ସହାନୁଭୂତି ପ୍ରଦର୍ଶନ କରାଯାଇଛି। ୫ ବର୍ଷରେ ମାଓବାଦୀ ପ୍ରଭାବିତ ଜିଲା ସଂଖ୍ୟା ୨୧ରୁ ୧୦କୁ ହ୍ରାସ ପାଇଛି। ୫ ବର୍ଷ ମଧ୍ୟରେ ପୋଲିସ ବାହିନୀରେ ୪୨୦୫ ସଂଖ୍ୟକ ବିଭିନ୍ନ ପଦବୀ ସୃଷ୍ଟି ହୋଇଛି। ୨୯ଟି ନୂଆ ଥାନା, ୫ଟି ଫାଣ୍ଡି ଓ ଗୋଟିଏ ଟାଉନ୍ ଫାଣ୍ଡି ଖୋଲାଯାଇଛି।

ରାଜ୍ୟପାଳ କହିଛନ୍ତି ଯେ, ୨୦୨୦-୨୧ରେ କାଳିଆ ଯୋଜନାରେ ରାଜ୍ୟର ୫୪ ଲକ୍ଷ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କୁ ସହାୟତା ଦିଆଯାଇଥିବାବେଳେ ୨୦୨୧ ଡିସେମ୍ବର ସୁଦ୍ଧା ଅଧିକ ୩ଲକ୍ଷ ଅର୍ଥାତ୍ ୫୭ଲକ୍ଷ ଚାଷୀଙ୍କୁ ସହାୟତା ଯୋଗାଇ ଦିଆଯାଇଛି। ରାଜ୍ୟରେ ଅଧିକ ସଂଖ୍ୟକ ବନ୍ଦର ନିର୍ମାଣକୁ ପ୍ରୋତ୍ସାହନ କରିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ୧୪ଟି ଅଣପ୍ରମୁଖ ବନ୍ଦର ସ୍ଥାନ ଚିହ୍ନଟ ହୋଇଛି। ଭଦ୍ରକର କାଣୀନାଳୀଠାରୁ କେନ୍ଦ୍ରାପଡ଼ାର ତାଳଚୁଆ, ଖୋର୍ଦ୍ଧାର ବାଲୁଗାଁଠାରୁ ବ୍ରହ୍ମଗିରିର କୃଷ୍ଣପ୍ରସାଦ ପର୍ଯ୍ୟନ୍ତ ଅନ୍ତର୍ଦ୍ଦେଶୀୟ ଜଳପଥ ପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ 'ସାଗରମାଳା' ପ୍ରୋଜେକ୍ଟରେ ବିକଶିତ କରାଯିବ।

ସେହିପରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୦୨୦-୨୧ରେ ୫୮୪୦ କୋଟି ଟଙ୍କା ବ୍ୟୟରେ ୨୧ କୋଟି ଶ୍ରମ ଦିବସ ସୃଷ୍ଟି ହୋଇଥିବାବେଳେ ୨୦୨୧-୨୨ ଆର୍ଥିକବର୍ଷରେ ୨୦୨୧ ଡିସେମ୍ବର ସୁଦ୍ଧା ୧୭କୋଟି ଶ୍ରମ ଦିବସ ସୃଷ୍ଟି ହୋଇପାରିଛି। ଗତବର୍ଷର ଶ୍ରମ ଦିବସକୁ ଅତିକ୍ରମ ପାଇଁ ଆଉ ୪କୋଟି ଶ୍ରମ ଦିବସର ଲକ୍ଷ୍ୟ ହାସଲ କରିବାକୁ ପଡ଼ିବ। ଏସବୁ ବ୍ୟତୀତ ରାଜ୍ୟପାଳ କହିଛନ୍ତି ଯେ, 'ଆଦର୍ଶ ବରପୁତ୍ର ଗ୍ରାମ' ଯୋଜନାରେ ରାଜ୍ୟର ୧୧୭ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ତାଲିକା ପ୍ରସ୍ତୁତ ହୋଇ ସେମାନେ ଜନ୍ମ ନେଇଥିବା ଗାଁକୁ ଆଦର୍ଶ ଗାଁରେ ବିକଶିତ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ମନୋଜ ଦାସ ଓ ମନ୍ମଥ ଦାସଙ୍କ ଗାଁ ବାଲେଶ୍ୱରର ଶଙ୍ଖାରୀକୁ ବିକଶିତ କରାଯାଉଛି।

ବିଧାନସଭାର ବଜେଟ ଅଧିବେଶନରେ ଅଭିଭାଷଣ ସମୟରେ ରାଜ୍ୟପାଳ କହିଥିଲେ ଯେ 'ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା' ଏବଂ 'ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା, ପ୍ରତ୍ୟେକ ଜୀବନ ଆମ ପାଇଁ ମୂଲ୍ୟବାନ' ନୀତି ଆଧାରରେ ସରକାର ରାଜ୍ୟର ଜନସାଧାରଣ ଆବଶ୍ୟକ କରୁଥିବା ସାର୍ବଜନୀନ, ସମୁଚିତ ସୁଲଭ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିଛନ୍ତି। ରାଜ୍ୟର ସ୍ୱାସ୍ଥ୍ୟସେବା ଅନୁଷ୍ଠାନଗୁଡ଼ିକର ସାମଗ୍ରିକ ରୂପାନ୍ତରଣ ଯୋଗୁ ଜନସାଧାରଣ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବା ଅନୁଷ୍ଠାନଗୁଡ଼ିକ ଉପରେ ଅତୁଟ ବିଶ୍ୱାସ ଏବଂ ଆସ୍ଥା ସ୍ଥାପନ କରିଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶାର ଅଭୂତପୂର୍ବ ଅଗ୍ରଗତି ମୁଖ୍ୟତଃ ୧୫ଟିରୁ ଅଧିକ ବୃହତ୍ ଯୋଜନାର କାର୍ଯ୍ୟକାରିତା ଏବଂ ଅନେକ ଫଳପ୍ରସୂ ସ୍ୱାସ୍ଥ୍ୟସେବା ସୁଦୃଢ଼ୀକରଣ ପଦକ୍ଷେପ ଦ୍ୱାରା ସମ୍ଭବ ହୋଇପାରିଛି।

ସେହିପରି ସମସ୍ତଙ୍କୁ ବିନା ଖର୍ଚ୍ଚରେ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସରକାର 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' କରିଛନ୍ତି। ଏହି ଯୋଜନାରେ ୯୬ ଲକ୍ଷ ଆର୍ଥିକ ଦୁର୍ବଳ ପରିବାରକୁ ସ୍ମାର୍ଟ ହେଲ୍‌ଥ କାର୍ଡ ପ୍ରଦାନ କରିଛନ୍ତି। ରାଜ୍ୟରେ ଓ ରାଜ୍ୟ ବାହାରେ ଚିହ୍ନଟ ହୋଇଥିବା ଅତ୍ୟାଧୁନିକ ଘରୋଇ ଚିକିତ୍ସାଳୟରେ ଜଟିଳ ରୋଗର ଚିକିତ୍ସା ପାଇଁ ପ୍ରତ୍ୟେକ ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ଏବଂ ମହିଳା ସଦସ୍ୟାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି ବୋଲି ରାଜ୍ୟପାଳ କହିଛନ୍ତି। ରାଜ୍ୟରେ କୋଭିଡ୍ ଟିକାକରଣ ଅଭିଯାନରେ ୫ କୋଟିରୁ ଊର୍ଦ୍ଧ୍ୱ ଟିକା ପ୍ରଦାନ କରାଯାଇଛି।

ରାଜ୍ୟ ସରକାର ବଜେଟରେ ପୁଞ୍ଜି ଲଗାଣ ଓ ଭିତ୍ତିଭୂମି ଉନ୍ନୟନ ଉପରେ ଗୁରୁତ୍ୱ ଦେଇଛନ୍ତି। ୨୦୨୧ ଡିସେମ୍ବର ସୁଦ୍ଧା ରାଜ୍ୟରେ ୧୭୧ଟି ପୋଲ ନିର୍ମାଣ ହୋଇଥିବା ବେଳେ ୮୧୫ କିଲୋମିଟର ରାସ୍ତାର ଉନ୍ନତୀକରଣ କରାଯାଇଛି। ୧୫,୦୧୨ କିଲୋମିଟର ହାଇଟେନସନ ଲାଇନ ଓ ୨୨,୪୭୩ ମେଗା ଭୋଲ୍‌ଟ ଆମ୍ପିୟର କ୍ଷମତା ବିଶିଷ୍ଟ ବ୍ୟବସ୍ଥା କରି ଓଡ଼ିଶା ବିଦ୍ୟୁତ୍ ବଳକା ରାଜ୍ୟରେ ପରିଣତ ହୋଇପାରିଛି। ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନାରେ ୨ ହଜାର ପରିବାରକୁ ବିଜୁଳି ଖର୍ଚ୍ଚ ଯୋଗାଇ ଦିଆଯାଇଛି। ରାଜ୍ୟରେ ୨୪,୩୪୧ କୋଟି ଟଙ୍କାର ପୁଞ୍ଜିନିବେଶ କରି ୫ ଲକ୍ଷ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା କରାଯାଇଛି। ମାଣ୍ଡିଆ ଓ ବାଜରାକୁ ଉପଯୁକ୍ତ ମାନ୍ୟତା ଦେଇ ଜାତିସଂଘ ୨୦୨୩ ବର୍ଷକୁ ଅନ୍ତର୍ଜାତୀୟ ମିଲେଟ ବର୍ଷ ଭାବେ ଘୋଷଣା କରିଛନ୍ତି। ୨୦୨୪ ସୁଦ୍ଧା ରାଜ୍ୟ ସରକାର ୫ ଲକ୍ଷ କ୍ଷେତ ପୋଖରୀ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଗତ ୨ ବର୍ଷ ମଧ୍ୟରେ ୬୬,୭୪୦ କ୍ଷେତ ପୋଖରୀ ସୃଷ୍ଟି କରାଯାଇଛି। ଭୂପୃଷ୍ଠର ଜଳ ସଂରକ୍ଷଣ ପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୩୦ଟି ଅନ୍ତଃ ନଦୀ ଜଳାଶୟ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସବୁଜ ପରିବେଶ ଯୋଜନା ପାଣ୍ଠି ସହାୟତାରେ ରାଜ୍ୟର ୧୫ ଜିଲାରେ ୭୭୯ କ୍ଷୁଦ୍ର ଜଳସେଚନ ଓ ପଞ୍ଚାୟତ ପୋଖରୀ ଜରିଆରେ ଭୂତଳ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ରାଜ୍ୟପାଳ କହିଛନ୍ତି।

ମଧୁବାବୁ ପେନ୍‌ସନ ଯୋଜନାରେ ଅସହାୟା, ପରିତ୍ୟକ୍ତା ଓ ବିବାହ ବିଚ୍ଛେଦ ଘଟିଥିବା ମହିଳାଙ୍କୁ ଭତ୍ତା ଦେବାର ବ୍ୟବସ୍ଥା କରାଯାଇଛି। ମୋ ସ୍କୁଲ ଅଭିଯାନରେ ରାଜ୍ୟର ୩୧୪ ବ୍ଲକରେ ୬, ୬୪୭ ହାଇସ୍କୁଲ ଓ ୨୬,୦୩୦ ପ୍ରାଥମିକ ସ୍କୁଲକୁ ରୂପାନ୍ତରଣ କରାଯାଇଛି ବୋଲି ରାଜ୍ୟପାଳ କହିଛନ୍ତି।

## ପେଟ୍ରୋଲ ୮୬...

ବଢ଼ିଛି। ସେହିଭଳି ଦେଶର ପ୍ରମୁଖ ମହାନଗର ମୁମ୍ବାଇ, କୋଲକାତା ଓ ଚେନ୍ନାଇ ଭଳି ସହରରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୧୨.୫୧ ଟଙ୍କା, ୧୦୭.୧୮ ଟଙ୍କା ଏବଂ ୧୦୩.୬୭ ଟଙ୍କାରେ ବିକ୍ରି ହେଉଛି। ସେହିପରି ଉପରୋକ୍ତ ମହାନଗରନିଗମଗୁଡ଼ିକରେଡିଜେଲମୂଲ୍ୟଲିଟରପିଛା୯୬.୭୦ ଟଙ୍କା, ୯୨.୨୨ ଟଙ୍କା ଏବଂ ୯୩.୭୧ ଟଙ୍କାରେ ପହଞ୍ଚିଛି।

ସୂଚନାଯୋଗ୍ୟ, ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ଲାଗି ରହିଥିବା ଯୁଦ୍ଧର ପ୍ରଭାବ ଅନ୍ତର୍ଜାତୀୟ ତୈଳ ବଜାର ଉପରେ ପଡୁଛି। ଏପରିକି ଓପେକ୍ ଦେଶଗୁଡ଼ିକ ମଧ୍ୟରେ ଅନେକ ପ୍ରକାର ସମସ୍ୟା ସୃଷ୍ଟି ସହ ତୈଳ ଦର ଉପରେ ବିଶେଷ ପ୍ରଭାବ ପକାଉଛି। ଫଳରେ ଅଶୋଧିତ ତୈଳ ଦର କ୍ରମାଗତ ଭାବେ ବଢ଼ିଚାଲିଛି। ଏହାର ପ୍ରଭାବ ଭାରତୀୟ ବଜାରରେ ପଡ଼ିବା ସହ ଉଭୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ମଧ୍ୟ ଉଚ୍ଚ ପରିମାଣରେ ବଢ଼ିଚାଲିଛି। ଏହି ଦର ବୃଦ୍ଧି ଯୋଗୁ ଖାଉଟି ପୁଣି ଥରେ ଅତିରିକ୍ତ ଖର୍ଚ୍ଚ ଭାର ବହନ କରିବେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏପରିକି ତୈଳ ଦର ବୃଦ୍ଧି ଯୋଗୁ ସମସ୍ତ ଅତ୍ୟାବ୍ୟଶକ ସାମଗ୍ରୀର ଦର ବୃଦ୍ଧି ହେବା ଯଥେଷ୍ଟ ସମ୍ଭାବନା ରହିଛି। କ୍ରମାଗତ ତୈଳ ଦର ବୃଦ୍ଧି ହେଲେ ସବୁ ସ୍ତର ଓ କ୍ଷେତ୍ରରେ ଦର ବୃଦ୍ଧିର ପ୍ରଭାବ ପଡ଼ିବ ଏବଂ ଖାଉଟିଙ୍କ ଉପରେ ଏହା ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ପଡ଼ିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ସର୍ଭିସ ରିଭଲଭର...

ଏସଡିପିଓ ଶୁଭ୍ରାଂଶୁ ମିଶ୍ର, ପୁରୁଷୋତ୍ତମପୁର ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ, ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚିଥିଲେ। ଗମାଙ୍ଗଙ୍କ ମରଶରୀରକୁ ଡାକ୍ତରଖାନାର ଏକ ଗୃହରେ ରଖାଯାଇଛି। ନବରଙ୍ଗପୁର ଜିଲା ପୋଲିସ ମୁଖ୍ୟାଳୟରେ ଇନ୍ସପେକ୍ଟର ଥିବା ତାଙ୍କ ସ୍ତ୍ରୀ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ଘଟଣା ସମ୍ପର୍କରେ ଗଞ୍ଜାମ ଏସ୍‌ପି ରଏଙ୍କୁ ପଚାରିବାରେ, ଆଇଆଇସି ଗମାଙ୍ଗ ଗତ କିଛି ମାସ ହେଲା ମାନସିକ ଦୁଶ୍ଚିନ୍ତା ମଧ୍ୟରେ ରହୁଥିଲେ ବୋଲି ପ୍ରକାଶ କରିଛନ୍ତି। ତେବେ ତଦନ୍ତ ପରେ ଗୁଳିମାଡ଼ର କାରଣ ଓ କେତୋଟି ଗୁଳି ବାଜିଛି ତାହା ସ୍ପଷ୍ଟ ହେବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ରାୟଗଡା ଜିଲା ରାମନାଗୁଡ଼ା ବ୍ଲକ କୁଜେନ୍ଦ୍ରୀ ପଞ୍ଚାୟତ କଇଠପଦର କୁଡ଼ିଆ ହେଉଛି ଆଇଆଇସିଗମାଙ୍ଗଙ୍କ ନିଜଗ୍ରାମ। ବାପାଦିଗାମ୍ବରଗମାଙ୍ଗ କୋରାପୁଟ ଜିଲା ଜୟପୁର ଆକାଶବାଣୀ କେନ୍ଦ୍ରରେ କାର୍ଯ୍ୟ କରନ୍ତି। ୩ ବର୍ଷର ଯାଆଁଳା ପୁଅ ଓ ପରିବାରର ଅନ୍ୟ ସମସ୍ତେ ଜୟପୁରରେ ରହୁଛନ୍ତି। ନବରଙ୍ଗପୁର ଜିଲା ରାଇଘରରୁ ସବ୍‌ଇନ୍ସପେକ୍ଟର ଭାବେ ଚାକିରି ଆରମ୍ଭ କରିଥିବା ଗମାଙ୍ଗ ପଟ୍ଟାଙ୍ଗୀ ଓ ଲକ୍ଷ୍ମୀପୁରରେ ଥାନା ଅଧିକାରୀ ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ। ଗତ ଡିସେମ୍ବର ୧୯ ତାରିଖରେ ସେ ଗାଙ୍ଗପୁର ଥାନାକୁ ବଦଳି ହୋଇ ଆସିଥିଲେ। ଜଣେ କର୍ତ୍ତବ୍ୟନିଷ୍ଠ ଓ ଦକ୍ଷ ପୋଲିସ ଅଧିକାରୀ ଭାବେ ଅଞ୍ଚଳରେ ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କ ମୃତ୍ୟୁରେ ଗାଙ୍ଗପୁର ଥାନା ଇଲାକାରେ ଗଭୀର ଶୋକ ପ୍ରକାଶ ପାଇଛି।


**ODISHA PUBLIC SERVICE COMMISSION, CUTTACK**

**NOTICE**

**No.2854/PSC, Dt.25.03.22**
**(1R-83-21/22) (DR-V)**

**No.D-370:**It is for information of all concerned that, the candidate bearing following PPSAN is called for interview as per the programme drawn below for recruitment to the post of Associate Professor "Sarva Darshan", pursuant to the advertisement No. 06 of 2021-2022.

| Date | Time of Interview | PPSAN |
|---|---|---|
| 06.04.2022 | 10.30 A.M. | 00086695 = 01 Candidate |

**The candidates are advised to produce following documents at the time of interview: -**
**1. All original Research Publications/Books.**
**2. Photocopy of front and back cover pages of published books-04 sets.**
**3. Photocopies of 10 best original publications-04 sets**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission half an hour before the commencement of interview on the scheduled date & time as mentioned above. Every candidate is strictly advised to adhere to the COVID guidelines as notified by the Government from time to time while attending the interview process.

**Sd./- Secretary**
**OIPR-12002/11/0296/2122**

**ODISHA PUBLIC SERVICE COMMISSION, CUTTACK**

**NOTICE**

**No.2858/PSC, Dt.25.03.22**
**(1R-56-21/22) (DR-V)**

**No.D-368:**It is for information of all concerned that, pursuant to the advertisement No. 08 of 2020-2021, 12 (twelve) candidates, bearing following PPSAN have been allowed to face the interview to determine their eligibility for recruitment to the post of Assistant Professor in "Sarva Darshan". The Interview in respect of the following candidates will be held in the office of the Commission at 19, Dr. P. K. Parija Road, Cuttack - 753001 on 06.04.2022 as per the programme mentioned below.

| Date | Time of Interview | PPSAN of Candidates |
|---|---|---|
| 06.04.2022 | 11.30 A.M. | 00081076, 00089798, 00090196, 00092892, 00086028 & 00091716 = 06 Candidates |
| | 02.30 P.M. | 00099134, 00080221, 00086180, 00088594, 00090889 & 00088578 = 06 Candidates |

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection to interview.

The candidates are advised to report in the office of the Commission half an hour before the commencement of interview on the scheduled date & time as mentioned above. Every candidate is strictly advised to adhere to the COVID guidelines as notified by the Government from time to time while attending the interview process.

THE CANDIDATES ARE FURTHER ADVISED TO BRING THREE SETS OF XEROX COPIES OF PUBLISHED RESEARCH PAPERS AS EARLIER PRODUCED DURING DOCUMENT VERIFICATION.

**NOTE: - THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**Sd./- Secretary**
**OIPR-12002/11/0297/2122**

**CENTRAL MINE PLANNING & DESIGN INSTITUTE LIMITED**
**(A Subsidiary of Coal India Ltd.)**
**Gondwana Place, Kanke Road, Ranchi-834031, Jharkhand, India**

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal **https://gem.gov.in**."

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SAMBALPUR**
**E-mail:serwcirclesbp@yahoo.com**
**No.697/RWCSBP //Dated 24.03.2022**

**No.O-1878:**Due to un-avoidable circumstances the tender for BID ID No. Bridge tender online RWCSBP-51/2021-22 invited vide this Office e-procurement No.555, Dt.09.03.2022 is hereby cancelled.

**Sd./- Chief Construction Engineer**
**Rural Works Circle, Sambalpur**
**OIPR-25091/11/0070/2122**

**SHREE JAGANNATH TEMPLE OFFICE**
**GRAND ROAD, PURI-752001, ODISHA**

**Shree Jagannath Temple Office, Puri**

Auction Sale Notice No.01/2021-22 (Elect) 2525
Dt.23.03.2022
"For Dismantled Electrical Materials Laying at different locations of Shree Mandir & Bhakta Niwas".
Visit Website: www.shreejagannath.in
Last date : 26.04.2022 by 3.30 P.M.

**Sd./- Administrator**
**Shri Jagannath Temple, Puri**

**Odisha State Health & Family Welfare Society**
**Dept. of Health & Family Welfare, Govt. of Odisha**
**Annex Building of SIH&FW, Nayapalli, Unit-8,**
**Bhubaneswar-751012, Phone/Fax: 0674- 2392479/80/88**

**Advt.No. 03/22** **Date:25.03.2022**

**TENDER CALL NOTICE FOR PRINTING & SUPPLY OF BOOKLET, REGISTER & CARDS**

**No.E-961:**Sealed tenders are invited from registered printing agencies (with GST registration having GSTIN) having adequate experience in taking up the works of composing / proof reading / designing & printing. Details regarding the printing of items and terms & conditions may be downloaded from the website www.nhmodisha.gov.in (Under Link: "Tender"). The tender should reach the office of the undersigned by 5th April 2022 (till 3 PM). The Tender will be opened at 4 PM on 5th April 2022. The undersigned reserves the right to reject any or all the tenders / cancel the tender without assigning any reason thereof.

**Sd./-Mission Director, NHM, Odisha**
**OIPR-10084/11/0034/2122**

**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint venture)**
**Corporate Office : Burla, Dist.-Sambalpur (Odisha)-768017**

**NOTICE INVITING TENDER**
**Tender Notice No. TPWODL/PJ/O/SU/ 107**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

**Rate Contract for Supply of 250KVA & 1000KVA, 11KV/0.433KV and 100KVA, 33/0.433KV, 3-Ph, Cu. Wound, BIS Energy Efficiency Lev-II Rating Distribution Transformer.**

Interested bidders to submit Tender Participation Fee and Authorization Letter through email on or before 06th April 2022, **15:00Hrs**, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**

**OFFICE OF THE ROURKELA MUNICIPAL CORPORATION: ROURKELA**

**INVITATION FOR BID**

**No.3015, Dated:24.03.2022**
**Bid Identification No. :- MC/RMC/12/2022**

**No.C-1988:**The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online mode. Bid Identification **No. MC/RMC/12/2022** for **02 no.** Civil work with value of Rs.3.35 Crore to **Rs.3.65 Crore.**

1. Bid documents will be available in website **www. tendersorissa.gov.in** from 25.03.2022.
2. Bids must be submitted on "online" on or before 08.04.2022 by 17.00 hours.
3. Bids shall be opened at 11.00 hours on11.04.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in.**

**Sd./-Municipal Commissioner**
**Rourkela Municipal Corporation**
**OIPR-13131/11/0068/2122**

**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
**OFFICE OF THE SUPERINTENDENT'S, VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR) ODISHA-768017**
**E.mail: suptd.vimsar@gmail.com**
**Telephone No.0663-2430435**
**No.4302/VIMSAR Dated, Burla, the 24th March,2022**

**TENDER CALL NOTICE**

**No.E-960:**Sealed Tenders are hereby invited by the undersigned from the Authorized Dealers/EPM Rate contract holders and Registered firms under GST Act with validity for one year for supply of 1.5 Ton & 2.00 Ton Split type & Window type A.C. machines with voltage stabiliser to this hospital, so as to reach this office of the Superintendent, VSS Institute of Medical Sciences & Research, Burla on or before **dt 30.04.2022** up to **11.00 A.M.** through Regd.Post/ Speed Post/Couriers only and that will be opened at 11.30 A.M. in the same day.

The Terms & Conditions of the tender call notice along with the technical specifications can be downloaded from Dist. website **www.Sambalpur.nic.in.**

The undersigned/committee reserves the full right to accept in full or reject any or all the tenders without assigning any reason thereof.

**Sd./- Superintendent**
**VSS Inst. of Med. Sc & Research, Burla**
**OIPR-10026/11/0031/2122**

**ROURKELA SMART CITY LIMITED, Rourkela**
**Udit Nagar, Rourkela-769012,**
**Email: rourkelascl@gmail.com**
**BID ID: - RSCL/617/2022** **DATE: 23.03.2022**

**NOTICE INVITING TENDER**
**NATIONAL COMPETITIVE BIDDING**

**No.C-1977:**The Chief Executive Officer, RSCL invites bids from eligible contractors for the following project:

| Sl. No. | Name of the Projects | Estimated Cost of the Project Rs. |
|---|---|---|
| 1 | Implementation of Spalsh Pool project in front of RMC on Percentage Rate Basis | 0.23 Cr. |
| 2 | Development and Beautification of BSNL Chowk and Biju Pattnaik Chowk, Chhend on Percentage Rate Basis | 0.38 Cr. |

The Tender Fees of Rs.7,100/- each to be deposited with the bid which is Non-refundable. The complete BID documents can be viewed/downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 26.03.2022 to 11.04.2022 (upto 17:00 Hrs. 1ST). Pre-Bid Meeting will be held on 30.03.2022 at 12.30 P.M. in the Conference Hall of RSCL. For queries, intending bidder may contact General Manager (E&T) vide Phone no. 8249833105 and Manager-MISvide Phone No. 7008285260 and Email Id:rourkelascl@gmail.com.

**Sd./- Chief Executive Officer**
**Rourkela Smart City Limited**
**OIPR-13080/11/0026/2122**

**ODISHA MINING CORPORATION LIMITED**
**OMC House,Bhubaneswar-751001,Odisha**
**CIN:U13100OR1956SGC000313, www.omcltd.in**
OMC | ODISHA NEW OPPORTUNITIES — Mining Happiness

**NIT No.14/OMC/CIVIL/2022**

**No.CAD-3290:**Tender for the following works are invited online through e-procurement portal of Govt. of Odisha.

| Sl. No. | Name of the Work | Time period of the work (in month) | EMD online | Cost of Bid document (Rs.) Online |
|---|---|---|---|---|
| 1 | Installation, testing & commissioning of 20 KLD STP at Jagar Camp of Gandhamardan Mines & 30 KLD STP at Salandi vihar Colony of Bangur Mines in the dist of Keonjhar along with 03 years operation & maintenance contract. | 06 (Six) | 60,000/- | 10,000/- + 18% GST |
| 2 | Installation, testing & commissioning of 30 KLD STP at Khandadhar Mines in the dist of Sundargarh along with 03 years operation & maintenance contract. | 04 (Four) | 40,000/- | 10,000/- + 18% GST |
| 3 | Installation, testing & commissioning of 10 KLD STP at Kodingamali Mines in the dist of Koraput along with 03 years operation & maintenance contract. | 03 (Three) | 20,000/- | 16,000/- + 18% GST |

1.Availability of Bid document in Govt. e-procurement portal from dt.29.03.2022 to 07.04.2022 up to 5.00 PM. 2.Last date of on-line submission of tender in the portal is dt 07.04.2022 up to 5.00 PM. 3.Date of opening of Technical Bid is dtd 08.04.2022 at 11.00 AM. All other details can be seen from bid documents available at Govt. website www.tendersodisha.gov.in. The Odisha Mining Corporation Ltd. reserves the right to reject any or all tenders without assigning any reason thereof.

**CGM (Civil)**
**OIPR-30005/11/0276/2122**

**PANCHAYAT RAJ & DRINKING WATER DEPARTMENT**
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RWS&S DIVISION, NABARANGPUR**
**Tel. (06858) 222643, E-mail: eerwss_ngp@rediffmail.com / eerwssngp@gmail.com**

**INVITATION FOR BIDS**
**No.: RWSS_NGP_ONLINE_22/2021-22 DATED: 17.03.2022**

No.O-1871:- The Superintending Engineer RWS&S Division, Nabarangpur on behalf of Additional Chief Engineer, RWSS Circle, Koraput invites percentage rate bid through e-procurement in double cover system according to norm of e-procurement system in online mode.

1. Name of works: As mentioned in Table "A" which includes construction of different capacity ESR/OGR, laying of pipe line, FHTC and its ancillary work in commissioned pipe water supply scheme of different Block in the Nabarangpur District (Clubbed up projects). 2. No. of works: 04 (Four) Nos. (Detailed in Tender Call Notice available in the website). 3. Estimated cost: As mentioned in Table "A". 4. Tender paper cost : As mentioned in Table "A". 5. Class of contractor: As mentioned in Table "A". 6. Period of completion: 365 days. 7. Critical dates: * Further details can be seen in the bidding documents, which is available in the e-procurement portal **https:// www.tenderodisha.gov.in.** * Subsequent corrigendum if required shall be appeared in the website. *Authority reserves the right to reject any or all tenders without assigning any reason thereof.

| Procurement Officer | Bid Identification No. | Availability of tender online for bidding | | Last date of seeking tender clarification | Last date of receipt of confirmation letter & other documents | Date of opening of bid |
|---|---|---|---|---|---|---|
| | | From | To | | | |
| Superintending Engineer, RWSS Division, Nabarangpur | RWSS_NGP_ ONLINE_22 of 2021-22 | 19.04.2022 at 11.00 A.M. | 30.04.2022 at 05.00 P.M. | 29.04.2022 upto 5.30 P.M. | 30.04.2022 upto 05.30 P.M. | 04.05.2022 at 11.00 A.M. |

**Sd./- Superintending Engineer, RWS&S Division, Nabarangpur**
OIPR-25028/11/0020/2122

## ସଂକ୍ଷେପରେ

### ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ରାଜନଗର, ୨୫ା୩ (ଡି.ଏନ.ଏ.):** ରାଜନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହାୟତାରେ ଆୟୋଜିତ ଶିବିରକୁ ରାଜନଗର ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ତହସିଲଦାର ଭୋଳାନାଥ ସେଠୀ, ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ମଣ୍ଡଳ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ବାଜ୍‌ମ ଆରା ବେଗମ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ, ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ଏଥିରେ ୪୩୧ଜଣ ଭିନ୍ନକ୍ଷମଙ୍କୁ ଡାକ୍ତରମାନେ ପରୀକ୍ଷା କରିଥିଲେ। ଏହାକୁ ମନୋଜ କୁମାର ବେହେରା, ଶୀତଲ କୁମାର ଜେନା, ଅତିଶ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

### ୧୨୯ ଭିନ୍ନକ୍ଷମ ଚିହ୍ନଟ

**ନାଉଗାଁ, ୨୫ା୩ (ସ୍ୱ.ପ୍ର.):** ନାଉଗାଁ ବ୍ଲକ ପରିସରରେ ଶୁକ୍ରବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ରଶ୍ମିରେଖା ମଲ୍ଲିକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପବିତ୍ର ଦାସ, ଜୟକ୍ରିଷ୍ଟ ସ୍ୱାଇଁ, ଦେବାଶିଷ ସ୍ୱାଇଁ, ଶ୍ରୀନିବାସ ବେହେରା, ପ୍ରସନ୍ନଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ସମୁଦାୟ ୧୬୧ ଜଣ ଭିନ୍ନକ୍ଷମଙ୍କ ନାମ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ଅସ୍ଥିଶଲ୍ୟ ବିଭାଗରୁ ୭୮, ଶ୍ରବଣ ୪୩, ଦୃଷ୍ଟିଶକ୍ତି ୩, ମାନସିକ ବିକାରଗ୍ରସ୍ତ ୪୧ ଓ ଥାଲାସିମିଆରେ ୩ ଜଣଙ୍କୁ ମିଶାଇ ମୋଟ୍ ୧୨୯ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୩୨ ଜଣଙ୍କୁ ବାଦ୍ ଦିଆଯାଇଥିଲା।

### କ୍ଲଷ୍ଟରସ୍ତରୀୟ ସୁରକ୍ଷା, ନିରାପତ୍ତା ପ୍ରଶିକ୍ଷଣ ଶିବିର

**ରାଜନଗର, ୨୫ା୩(ଡି.ଏନ.ଏ.):** ରାଜନଗର ବ୍ଲକ ଖମାରସାହି ପଞ୍ଚାୟତ ନାଗାନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ସୁରକ୍ଷା ଓ ନିରାପତ୍ତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସିଆରସିସି ନିରଜ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ମିଶ୍ର, ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଆଦିତ୍ୟ ନାରାୟଣ ପ୍ରଧାନ, ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ସହକାରୀ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ମହାନ୍ତି, ଖମାରସାହି ସରପଞ୍ଚ ଅନସୂୟା ବିଶ୍ୱାଳ, ଡାଙ୍ଗମାଳ ସରପଞ୍ଚ ଦ୍ରୌପଦୀ ସେଠୀ, ପରିଚାଳନା କମିଟି ସଭାପତି କାର୍ତ୍ତିକ ଚନ୍ଦ୍ର ବେହେରା, ତାଲଚୁଆ ମେରାଇନ ଥାନା ଏଏସ୍‌ଆଇ ବାବୁରାମ ହେମ୍ବ୍ରମ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ନିରାପତ୍ତା ଓ ଆଇନଗତ ସହାୟତା ସମ୍ପର୍କରେ କହିଥିଲେ। ଏଥିରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ଦିଆଯାଇଥିଲା। ଓମ୍ ପ୍ରକାଶ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଶୀଲ ମଣ୍ଡଳ ଧନ୍ୟବାଦ ନେଇଥିଲେ।

# ବାଧୁଛି ଖରା: ଗଛ କାଟିଦେଲେ, ଲଗାଇଲେନି

**କେନ୍ଦ୍ରାପଡ଼ା ଅଫିସ, ୨୫ା୩**

**କଟକ-ଚାନ୍ଦବାଲି ରାସ୍ତା**
- ବନୀକରଣ ଅର୍ଥ ଯାଇଛି କୁଆଡ଼େ ବୋଲି ପ୍ରଶ୍ନ
- ଅନଶନ, ଧାରଣା ପରେ ବି ପ୍ରଶାସନ ନୀରବ


କଟକ- ଚାନ୍ଦବାଲି ରାସ୍ତା କଡରେ ଗୋଟିଏ ବି ଗଛ ନାହିଁ।

କେନ୍ଦ୍ରାପଡ଼ା ଜିଲାରେ ଖରାର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସରେ ପହଞ୍ଚିବା ଏକ ସାଧାରଣ ଘଟଣା। ଏହା ଜାଣିବା ସତ୍ତ୍ୱେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥରେ ବନୀକରଣ ପାଇଁ ପଦକ୍ଷେପ ନିଆଯାଉନାହିଁ। ୧୫ ବର୍ଷ ପୂର୍ବେ ଏହି ରାସ୍ତାର ନବୀକରଣ ସମୟରେ କଟା ଯାଇଥିବା ଗଛ ଅଦ୍ୟାବଧି ଭରଣା ହୋଇନାହିଁ। ଚଳିତବର୍ଷ ରାଜ୍ୟ ରାଜପଥର ଯାତ୍ରୀଙ୍କୁ ଖରା ବାଧିବ ବୋଲି ସାଧାରଣ ଲୋକ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢ଼ୀ କହିଛନ୍ତି, ୨୦୦୬ ରେ ଏହି ରାସ୍ତାକୁ ରାଜ୍ୟ ରାଜପଥର ମାନ୍ୟତା ଦେଇ ନବୀକରଣ କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହିବର୍ଷ ଟେଣ୍ଡର ହୋଇ ମାତ୍ର ୩ ବର୍ଷ ମଧ୍ୟରେ ପ୍ରଶସ୍ତ ରାସ୍ତା ସହ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଠିକା ସଂସ୍ଥା ସହ ଚୁକ୍ତି ହୋଇଥିଲା। ଏଥିପାଇଁ ସେହି ସମୟରେ କଟକ ଓ କେନ୍ଦ୍ରାପଡ଼ା ଜିଲାର ୯୫ଟି ଗ୍ରାମର ଜନବସତିକୁ ସ୍ଥାନାନ୍ତର ସହ ଦୋକାନ ବଜାର ଭଙ୍ଗାଯାଇ ଜମି ଅଧିଗ୍ରହଣ ହୋଇଥିଲା। ଏପରିକି ରାସ୍ତା ପ୍ରଶସ୍ତୀକରଣ ପାଇଁ ୬୪ଟି ଧର୍ମ ପୀଠ ଓ ଅନୁଷ୍ଠାନ ସ୍ଥାନାନ୍ତର ହୋଇଥିଲା। ଏହାସହ କଟକ ଜିଲାର ଜଗତପୁରଠାରୁ ଭାୟା କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ ଦେଇ ଚାନ୍ଦବାଲି ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଥିବା ବହୁ ପ୍ରାଚୀନ ଚାକୁଣ୍ଡା, ଆମ୍ବ, ଲିମ୍ବ, କରଞ୍ଜ ଆଦି ଗଛକୁ କଟାଯାଇଥିଲା। ଏପରିକି ରାଜକନିକା ବ୍ଲକ ଅଞ୍ଚଳରେ ଥିବା ହଜାର ହଜାର ଫଳନ୍ତି ନଡ଼ିଆ ଗଛକୁ କଟାଯାଇଛି। ଏହି ଘଟଣାକୁ ଇତିମଧ୍ୟରେ ୧୫ ବର୍ଷ ବିତିଛି। ବିଭିନ୍ନ କାରଣରୁ କାର୍ଯ୍ୟ ବନ୍ଦ ରହିଥିବା ଏହି ରାସ୍ତାର ନିର୍ମାଣ ୪ ବର୍ଷ ପୂର୍ବେ ସରିଛି। ରାସ୍ତା ନିର୍ମାଣ ପରେ ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଗୋଟିଏ ବି ଗଛ ନାହିଁ। ଫଳରେ ଚଳିତ ଖରାଦିନ ଯାତ୍ରୀଙ୍କ ପାଇଁ କାଳ ହୋଇଥିବା ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ବାନାମ୍ବର ସାହୁ କୁହନ୍ତି, ରାସ୍ତା ନବୀକରଣ ସମୟରେ ପରିବେଶକୁ ବିଶେଷ ଭାବେ ଧ୍ୟାନ ଦିଆଯାଇଥାଏ। ରାସ୍ତା ପାର୍ଶ୍ୱରୁ ଗୋଟିଏ ଗଛ କଟାଗଲେ ୧୦ ଗୁଣା ଗଛ ଲଗାଇବାକୁ ପ୍ରାବଧାନ ଅଛି। ଯାହା କଟକ -ଚାନ୍ଦବାଲି ରାଜ୍ୟ ରାଜପଥରେ ଲାଗୁ ହୋଇନାହିଁ। ୫ ହଜାରରୁ ଅଧିକ ଫଳନ୍ତି ଗଛ କଟାଯାଇଛି। ଏହାର ଭରଣା ହୋଇନାହିଁ। ରାସ୍ତା ନିକଟରେ ସରକାରୀ ଯୋଜନାରେ ନାମକୁମାତ୍ର ଆକାଶିଆ ଗଛ ଲଗାଯାଉଛି। ଯାହା ପରିବେଶର ସୁରକ୍ଷା ପାଇଁ ଯଥେଷ୍ଟ ନୁହେଁ। ଗମନାଗମନର ବିକାଶ ପାଇଁ ଆବଶ୍ୟକ ମୁତାବକ ଗଛ କଟାଯାଉଛି। ତେବେ ଏହାର ଭରଣା ହେଉ ନ ଥିବାରୁ ଜୀବଜଗତ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଥିବା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ରାଜକନିକାର ସରୋଜ କୁମାର ଦାସ କହିଛନ୍ତି, ବ୍ଲକ ଅଞ୍ଚଳର ଏହି ରାସ୍ତାର ବନୀକରଣ ନାମରେ ଆସିଥିବା ୮୭ ଲକ୍ଷ ଟଙ୍କା ହରିଲୁଟ ହୋଇଛି। ବ୍ଲକ ଅଞ୍ଚଳ ରାସ୍ତାର ଦୁଇପାର୍ଶ୍ୱରେ ୩୧୦୦ ନଡ଼ିଆ ଗଛ ଲଗାଇବାକୁ ଦୁଇଟି ପର୍ଯ୍ୟାୟରେ ନିଷ୍ପତ୍ତି ହୋଇଥିଲା। ତେବେ ନିମ୍ନମାନର ଗଛ ଓ ରକ୍ଷଣାବେକ୍ଷଣ ପାଇଁ ସମୁଦାୟ ୩୧ଟି ଗଛ ମଧ୍ୟ ରାସ୍ତାରେ ନାହିଁ। ଏଥିପାଇଁ ସ୍ଥାନୀୟ ଅଞ୍ଚଳରେ ଆନ୍ଦୋଳନ ସହିତ ଅନଶନ ହୋଇଥିଲା। ତତ୍କାଳୀନ ଜିଲାପାଳ ରେଘୁଜି ଏହାର ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏଡିଏମ୍ ଦୁର୍ଗାଚରଣ ମହାରଣାଙ୍କୁ ପଚାରିବାରେ ରାଜ୍ୟ ରାଜପଥରେ ବନୀକରଣକୁ ଗୁରୁତ୍ୱ ଦିଆଯାଇଛି। ଏହି ରାଜ୍ୟ ରାଜପଥ ପାର୍ଶ୍ୱ ବନୀକରଣ ସମ୍ପର୍କରେ ସମୀକ୍ଷା ହେବ ବୋଲି କହିଛନ୍ତି।

## ଜିଲାପାଳଙ୍କ ଘେରିବନ୍ଧ ପରିଦର୍ଶନ, ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

**କୁଜଙ୍ଗ, ୨୫ା୩ (ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟ୍ୱାରୀ ଶୁକ୍ରବାର କୁଜଙ୍ଗ ବ୍ଲକର ପଣ୍ଡୁଆ, ସାଇଲୋ ଓ ବାଗୋଇ ପଞ୍ଚାୟତ ଗସ୍ତରେ ଆସି ଘେରିବନ୍ଧ ପରିଦର୍ଶନ, ରୂପାନ୍ତରିତ ବିଦ୍ୟାଳୟର ଅଗ୍ରଗତି ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳ ପ୍ରଥମେ ପଣ୍ଡୁଆ ପଞ୍ଚାୟତରେ ପହଞ୍ଚି ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହୋଇଥିବା ଘେରିବନ୍ଧ ଓ ମିଥିଲୋ ଗ୍ରାମରେ ହୋଇଥିବା ଖେଳପଡିଆ ଦେଖିବା ପରେ ଏହାର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ସାଇଲୋ ପଞ୍ଚାୟତର ରାହାମାଠାରେ ଥିବା ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହୋଇଥିବା ନାଳକୁ ପରିଦର୍ଶନ କରିଥିଲେ। ୫-ଟି ଅନ୍ତର୍ଭୁକ୍ତ ସାଇଲୋ ପଞ୍ଚାୟତ ହାଇସ୍କୁଲର ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ପରେ ବାଗୋଇ ପଞ୍ଚାୟତରେ ପହଞ୍ଚି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ନବନିର୍ବାଚିତ ସରପଞ୍ଚ ପ୍ରଭାଞ୍ଜଳି ସେଠୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ରାଉତ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅର୍ଜୁନ କୁମାର ରାଉଳ, କନିଷ୍ଠ ଯନ୍ତ୍ରୀ ସଫିଲ ପ୍ରଧାନ ଓ ମୋନାଲିସା ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

# କର୍ଣ୍ଣାଟକ ଦମ୍ପତିଙ୍କ ପୋଷ୍ୟ ସନ୍ତାନ ଗ୍ରହଣ

**କେନ୍ଦ୍ରାପଡ଼ା ଅଫିସ, ୨୫ା୩**


ସାଇ ଶ୍ରଦ୍ଧା ଜେନାଙ୍କୁ କର୍ଣ୍ଣାଟକର ଏକ ଦମ୍ପତି ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ପଲ୍ଲିଶ୍ରୀ ମହିଳା ସମିତିରେ ପାଳିତ ସାଇ ଶ୍ରଦ୍ଧା ଜେନାଙ୍କୁ କର୍ଣ୍ଣାଟକର ଏକ ଦମ୍ପତି ଶୁକ୍ରବାର ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଦାସ, ମହିଳା ସମିତି ପରିଚାଳକ ଶ୍ରୀକାନ୍ତ ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ଜିଲା କାର୍ଯ୍ୟାଳୟରେ ଏଡିଏମ୍ ପୀତାମ୍ବର ସାମଲ ଦମ୍ପତିଙ୍କୁ ଏହି କନ୍ୟା ସନ୍ତାନକୁ ହସ୍ତାନ୍ତର କରିଛନ୍ତି। ଏହି ଦମ୍ପତି ହେଉଛନ୍ତି କର୍ଣ୍ଣାଟକ ରାଜ୍ୟ ଉଡୁପି ଜିଲା କରକଳା ତାଲୁକ ୪– ୨୦୮/୧ ଶ୍ରୀନିବାସକୃପାର ମନୋହର ଓ ସ୍ତ୍ରୀ ସୁଧା। ପୋଷ୍ୟ ସନ୍ତାନ ଗ୍ରହଣ କରି ନିଜର ଖୁସି ପ୍ରକଟ କରି ସୁଧା କହିଛନ୍ତି, ସେ ପେସାରେ ଷ୍ଟାଫ ନର୍ସ ହୋଇଥିବା ବେଳେ ସ୍ୱାମୀ ମନୋହର ଠିକାଦାରି କରନ୍ତି। ୨୦୧୫ରେ ତାଙ୍କର ବିବାହ ହୋଇଥିଲା। ସନ୍ତାନ ସୃଷ୍ଟି ପାଇଁ ଡାକ୍ତରୀ ସମସ୍ୟା ଥିବା ବେଳେ ଉଭୟ ଏକ ପୋଷ୍ୟ ସନ୍ତାନ ପାଇଁ ସେଣ୍ଟ୍ରାଲ ଆଡପଶନ ରିସୋର୍ସ ଅଥରିଟି (ସିଏଆରଏ)କୁ ଅନ୍‌ଲାଇନରେ ୨୦୧୬ରେ ଆବେଦନ କରିଥିଲେ। ଅନ୍‌ଲାଇନ ମାଧ୍ୟମରେ ଏଠାରେ କନ୍ୟା ସନ୍ତାନ ମିଳିବ ବୋଲି ଉଡୁପିର ଜିଲା ମଙ୍ଗଳ କମିଟି ସୂଚନା ଦେଇଥିଲା। ଏ ସମ୍ପର୍କରେ ଏଡିଏମ୍ ସାମଲ କହିଛନ୍ତି, ସରକାରୀ ପ୍ରକ୍ରିୟାକରଣରେ ଏହି ଶିଶୁକୁ ସମ୍ପୃକ୍ତ ଦମ୍ପତିଙ୍କୁ ପ୍ରଦାନ କରାଯାଇଛି। ତେବେ ଏହା ଅସ୍ଥାୟୀ ଅଟେ। ସମ୍ପୃକ୍ତ ଦମ୍ପତିଙ୍କୁ ୬ ମାସ ମଧ୍ୟରେ ଶିଶୁର ଲାଳନପାଳନ ସମ୍ପର୍କରେ କୋର୍ଟରେ ଜଣାଇବା ପରେ ପୂର୍ଣ୍ଣରୂପରେ ଦାୟିତ୍ୱ ନେଇପାରିବେ।

## ଖଳାରେ ନିଆଁ ଲାଗି ବିରି ନଷ୍ଟ

**ପଟ୍ଟାମୁଣ୍ଡାଇ ୨୫ା୩ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ସିଦ୍ଧପାଟଣା ଗ୍ରାମର ସୁରେନ୍ଦ୍ର କରଙ୍କ ଖଳାରେ ଥିବା ବିରିଗଦାରେ ନିଆଁ ଲାଗି ନଷ୍ଟ ହୋଇଯାଇଛି। ବିରି ଅମଳ ପାଇଁ ବ୍ୟବହୃତ ବିଦ୍ୟୁତ ଚାଳିତ ମେଶିନରୁ ସ୍ପାର୍କିଂ ହୋଇ ନିଆଁ ଝୁଲ ଗଦା ଉପରେ ପଡିବାରୁ ହଠାତ ନିଆଁ ଲାଗିଯାଇଥିଲା। ଖବରପାଇ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ନିଆଁକୁ ଆୟତ କରିଥିଲେ। ସୁରେନ୍ଦ୍ର ଜଣେ କୃଷକ ହୋଇଥିବାବେଳେ ଚାଷ ଉପରେ ନିର୍ଭର କରି ପରିବାର ଚଳାଉ ଥିବାରୁ ତାଙ୍କୁ କ୍ଷତିପୂରଣ ଦେବାକୁ ସାଧାରଣରେ ଦାବି ହୋଇଛି।

## ସେବାର ପବିତ୍ର ବ୍ରତ ହେଉଛି ସ୍କାଉଟିଂ

**ମାର୍ଶାଘାଇ, ୨୫ା୩ (ଡି.ଏନ.ଏ.)**

ସେବାର ପବିତ୍ର ବ୍ରତ ହେଉଛି ସ୍କାଉଟିଂ। ସ୍କାଉଟ ଓ ଗାଇଡ୍ସ ମାନବସେବା ପାଇଁ ସମର୍ପିତ। ଏହି ସଂସ୍ଥା ସମଗ୍ର ବିଶ୍ୱରେ ମାନବତାର ବାର୍ତ୍ତା ପହଞ୍ଚାଇଥାଏ ବୋଲି ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ମାର୍ଶାଘାଇ ମହାବିଦ୍ୟାଳୟ ପରିସରରେ ଭାରତ ସ୍କାଉଟ ଓ ଗାଇଡ୍ସ କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଜିଲା କ୍ୟାମ୍ପୋରି ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ମୁଖ୍ୟ କମିଶନର ସଞ୍ଜୀବ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଭାରତ ସ୍କାଉଟ ଗାଇଡ ସଭାପତି ଅତନୁ ସବ୍ୟସାଚୀ ନାୟକ, ସ୍କାଉଟ୍ ଗାଇଡର ରାଜ୍ୟ ମୁଖ୍ୟ କମିଶନର କାଳି ପ୍ରସାଦ ମିଶ୍ର, କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ ଋତୁରାଜ, ଏସପି ମଡ଼କର ସନ୍ଦୀପ ସମ୍ପଦ ଯୋଗଦେଇ ଭାରତ ସ୍କାଉଟ୍ ଓ ଗାଇଡ ନୈତିକ, ଚାରିତ୍ରିକ, ବୌଦ୍ଧିକ ଓ ଶାରୀରିକ ବିକାଶ ଦିଗରେ କାମ କରିଥାଏ। ଏହା ବସୁଧୈବ କୁଟୁମ୍ବକମ ନୀତି ଆପଣେଇଥାଏ ବୋଲି କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅମୀୟ କୁମାର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ସ୍କାଉଟ କମିଶନର ପୀତବାସ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀ କୁମାରୀ ଆକାଂକ୍ଷା ରାଉତଙ୍କୁ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ଜନରାଜ୍ୟ ଦିବସ ପରେଡରେ ଭାଗ ନେଇ ଜିଲାକୁ ଗର୍ବିତ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାର ୩୦ ଗୋଟି ବିଦ୍ୟାଳୟର ୩୫୦ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କ୍ୟାମ୍ପୋରି ୪ଦିନ ପର୍ଯ୍ୟନ୍ତ ଚଳିବ ବୋଲି ସୂଚନା ଦିଆଯାଇଛି।



କ୍ୟାମ୍ପୋରି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## କ୍ଲଷ୍ଟରସ୍ତରୀୟ ନିରାପତ୍ତା, ସୁରକ୍ଷା ପରିଚାଳନା କର୍ମଶାଳା

**ଆଳି, ୨୫ା୩ (ଡି.ଏନ.ଏ.)**

ଶରତ କୁମାର ଦେବ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟର ସ୍ତରୀୟ ନିରାପତ୍ତା, ସୁରକ୍ଷା ଓ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ଯୋଜନା କର୍ମଶାଳା ଶୁକ୍ରବାର ସ୍ଥାନୀୟ ବ୍ରଜସୁନ୍ଦର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଳି ବ୍ଲକ ବିଆରସିସି ପାବନୀ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ କେନ୍ଦ୍ରାପଡ଼ା ଜିଲା ଜୁନିୟର ରେଡକ୍ରସ ସଂଯୋଜକ ନିରଞ୍ଜନ ବେହେରା, ସ୍କାଉଟ ମାଷ୍ଟର ସୁଭ୍ରକାନ୍ତ ମିଶ୍ର ଓ ରାଜକନିକା ବ୍ଲକ ନୋଡାଲ ସିଆରସିସି ମହେନ୍ଦ୍ର ମହାନ୍ତ ଯୋଗଦେଇଥିଲେ। ସେମାନେ ଶିକ୍ଷକମାନଙ୍କୁ ବିଦ୍ୟାଳୟ ସ୍ତରରେ କିପରି ଛାତ୍ରୀଛାତ୍ରମାନଙ୍କୁ ସୁରକ୍ଷା ନିରାପତ୍ତା ଯୋଗାଇ ଦିଆଯିବ ସେ ବିଷୟରେ ବିଭିନ୍ନ ଡେମୋ ଦେଖାଇ ତାହା ବିଦ୍ୟାଳୟ ସ୍ତରରେ କରିବା ପାଇଁ କହିଥିଲେ। କର୍ମଶାଳାକୁ ଆଳି ବ୍ଲକ ବିଇଓ ଗୋବିନ୍ଦ ଚନ୍ଦ୍ର ପରିଡା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବତ୍ ବି.ଏମ୍. ସେନାପତି, ଆଳି ବ୍ଲକ ଏବିଇଓ ଉଦୟନାଥ ସାମଲ, ଆଳି ଥାନା ଆଇଆଇସି ଦିଲୀପ କୁମାର ସାହୁ, ଆଳି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୋଦ ମଲ୍ଲିକ ଯୋଗଦେଇ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ବିଭିନ୍ନ ଧରଣର ନିରାପତ୍ତା ବିଷୟରେ ଆଲୋଚନା କରିଥିଲେ। କ୍ଲଷ୍ଟର ସିଆରସିସି ହଳଧର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲାବେଳେ ସୁବ୍ରତ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

# ଇଏସ୍‌ଆଇ ହସ୍ପିଟାଲରେ ଉତ୍ତେଜନା

**ପାରାଦୀପ, ୨୫ା୩(ସ୍ୱ.ପ୍ର.)**

**ହାତ ଧରି କ୍ଷମା ମାଗିଲେ ଡାକ୍ତର**

ପାରାଦୀପ ଉପକଣ୍ଠର ଇଫ୍‌କୋ ଛକସ୍ଥିତ ଇଏସ୍‌ଆଇ ହସ୍ପିଟାଲରେ ଶୁକ୍ରବାର ଜଣେ ରୋଗଣା ଶିଶୁଙ୍କ ପ୍ରତି ନକାରାତ୍ମକ ଟିପ୍ପଣୀ ଦେବା ଘଟଣାକୁ ନେଇ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ସମ୍ପୃକ୍ତ ଡାକ୍ତର ଭୁଲ୍ ମାଗିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବନ୍ଦର ଡିଏଲ୍‌ଆର ଶ୍ରମିକ ଦେବ ମଣ୍ଡଳଙ୍କ ଶିଶୁ କନ୍ୟାର ଦେହ ଖରାପ ଥିଲା। ଏନେଇ ମଣ୍ଡଳ ଦମ୍ପତି ଝିଅକୁ ନେଇ ଉକ୍ତ ହସ୍ପିଟାଲକୁ ଯାଇଥିଲେ। ସେଠାରେ ଡ୍ୟୁଟିରେ ଥିବା ଜଣେ ଡାକ୍ତର ଶିଶୁକନ୍ୟାଙ୍କୁ ଦେଖି କିଛି ହୋଇନି କହି ଫେରାଇ ଦେଇଥିଲେ। ମାତ୍ର ତା'ର ଅସ୍ୱାଭାବିକ ଭାବେ ଝାଳ ବୋହିବାରୁ ବାପା ଦେବ ବ୍ୟସ୍ତ ବିବ୍ରତ ହୋଇ ଡାକ୍ତରଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ଏଥିରେ ସମ୍ପୃକ୍ତ ଡାକ୍ତର ଉତ୍‌କ୍ଷିପ୍ତ ହୋଇ ସେଠାରୁ ଯିବାକୁ କହିବା ସହ ତୁମ ଝିଅ କ'ଣ ମରିଯାଉଛି ବୋଲି କହି ତାଚ୍ଛଲ୍ୟ କରିଥିଲେ। ଏହା ଶୁଣିବା ପରେ ସେଠାରେ ଥିବା ଅନ୍ୟ ଶ୍ରମିକଙ୍କ ପରିବାର ଲୋକେ ସମ୍ପୃକ୍ତ ଡାକ୍ତରଙ୍କୁ ଘେରି ଯାଇଥିଲେ। ଏହି ଘଟଣାକୁ ନେଇ ଲୋକଙ୍କ ଭିଡ ଜମିବାରୁ ଖବରଦାତାମାନେ ପହଞ୍ଚି ଏସମ୍ପର୍କରେ ପଚରାଉଚୁରା କରିଥିଲେ। ଏହା ଦେଖି ସମ୍ପୃକ୍ତ ଡାକ୍ତର ମଣ୍ଡଳ ଦମ୍ପତିଙ୍କ ହାତଧରି କ୍ଷମା ମାଗିଥିଲେ।

# ସଚେତନ ନ ହେଲେ ଜୀବନ ପ୍ରତି ବିପଦ

**ବିଶ୍ୱ ଯକ୍ଷ୍ମା ଦିବସ**
- ନିରାକରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଜଗତ୍‌ସିଂହପୁରକୁ ବ୍ରୋଞ୍ଜ
- ଭାରତକୁ ୨୦୨୫ ସୁଦ୍ଧା ଟିବି ମୁକ୍ତ କରିବାକୁ ପ୍ରୟାସ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଜଗତ୍‌ସିଂହପୁର ଅଫିସ, ୨୫ା୩**

ପ୍ରତ୍ୟେକେ ନିଜ କର୍ମ କ୍ଷେତ୍ରରେ ଯକ୍ଷ୍ମା ଉପରେ ସଚେତନତା ସୃଷ୍ଟି କରିବା ଜରୁରୀ। ନଚେତ ଜୀବନ ପ୍ରତି ବିପଦ ରହିଛି। ବିଶେଷକରି ଜିଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନର ସଭ୍ୟାସଭ୍ୟମାନେ ଯତ୍ନବାନ ହେବା ଉଚିତ୍। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ଓପିଡି ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କ୍ଷେତ୍ରବାସୀ ଦାସ ଏହା କହିଛନ୍ତି। ୧୮୮୨ ମାର୍ଚ୍ଚ ୨୪ରେ ଜର୍ମାନୀର ବିଶିଷ୍ଟ ବୈଜ୍ଞାନିକ ତଥା ଦାର୍ଶନିକ ଡ. ରବର୍ଟ କର୍କ ଯକ୍ଷ୍ମା ଜୀବାଣୁର ଆବିଷ୍କାର କରିଥିଲେ। ତାଙ୍କୁ ମନେ ପକାଇବା ପାଇଁ ୧୯୯୫ରୁ ସାରା ବିଶ୍ୱରେ ଯକ୍ଷ୍ମା ଦିବସ ପାଳନ କରାଯାଉଛି। ଆମ ଦେଶରେ ୧୯୯୭ରୁ ଏହି ଦିବସ ପାଳିତ ହୋଇ ଆସୁଛି। ଏହି ଦିବସ ପାଳନ ଅବସରରେ ଡିପିସି ବିପିନ ବିହାରୀ ପାତ୍ର ଯୋଗଦେଇ କହିଥିଲେ, ଯକ୍ଷ୍ମା ନିରାକରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଜଗତ୍‌ସିଂହପୁର ଜିଲାକୁ ବ୍ରୋଞ୍ଜ ପଦକ ମିଳିଛି। ପ୍ରତିଦିନ ବିଶ୍ୱରେ ୨୮,୦୦୦ ଯକ୍ଷ୍ମା ରୋଗୀ ସଂକ୍ରମିତ ହେଉଥିବାବେଳେ ୪୧୦୦ ଜଣଙ୍କ ମୃତ୍ୟୁ ହେଉଛି। ତୁରନ୍ତ ଏହି ରୋଗ ଚିହ୍ନଟ ସହ ଚିକିତ୍ସା ସୁବିଧା କରାଗଲେ ଆରୋଗ୍ୟ ସମ୍ଭବ। କେନ୍ଦ୍ର ସରକାର ଭାରତକୁ ୨୦୨୫ ସୁଦ୍ଧା ଟିବି ମୁକ୍ତ କରିବାକୁ ପ୍ରୟାସ ଜାରି ରଖିଛନ୍ତି ବୋଲି ପାତ୍ର କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଟିବି ରୋଗର ଲକ୍ଷଣ ଓ ନିରାକରଣ ନିମନ୍ତେ ଅଧିକ ସଚେତନତାର ଆବଶ୍ୟକତା ଥିବା କହିଥିଲେ। ଏହି ଅବସରରେ ଜିଲାରେ କାର୍ଯ୍ୟ କରୁଥିବା ଟିବି ଚାମ୍ପିୟନମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ବୈଜ୍ଞାନିକ ରବର୍ଟ କର୍କଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଶେଷରେ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଶାକର୍ମୀ, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆଜି ୧୦ଟି ଟେବୁଲରେ ଗଣତି

**ପଟ୍ଟାମୁଣ୍ଡାଇ ୨୫ା୩(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ମ୍ୟୁନିସିପାଲିଟିର ମାନ୍ୟତା ମିଳିବା ପରେ ପ୍ରଥମଥର ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଛି। ଏହାର ଫଳାଫଳକୁ ନେଇ ବିଭିନ୍ନ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ମଧ୍ୟରେ ଉତ୍କଣ୍ଠା ବଢିବାରେ ଲାଗିଛି। ଏଥର ଅଧ୍ୟକ୍ଷ ପଦବୀ ପାଇଁ ସିଧାସଳଖ ମତଦାନ ହୋଇଥିବାରୁ ଏହା ଶାସକ ବିଜେଡି ସମେତ ବିରୋଧୀ କଂଗ୍ରେସ ଓ ଭାଜପା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଛି। ନିଜ ନିଜ ପ୍ରାର୍ଥୀଙ୍କ ବିଜୟକୁ ନେଇ ସମସ୍ତ ରାଜନୈତିକ ଦଳ ଆଶାବାଦୀ ଥିବାବେଳେ ପୌର ପରିଷଦକୁ ଦଖଲ କରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ପଟ୍ଟାମୁଣ୍ଡାଇ ପରିଷଦରେ ଚଳିତ ନିର୍ବାଚନରେ ମୋଟ ୨୯,୮୫୭ ମତଦାତାଙ୍କ ମଧ୍ୟରୁ ୨୨,୪୬୩ ମତଦାତା ସେମାନଙ୍କ ମତଦାନ ସାବ୍ୟସ୍ତ କରିଛନ୍ତି। ମତଦାନ ହାର ୭୫.୨୪ ପ୍ରତିଶତ ହୋଇଛି। ବିଭିନ୍ନ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ୬୩ କାଉନସିଲର ପ୍ରାର୍ଥୀ ଓ ୭ ଜଣ ଅଧ୍ୟକ୍ଷ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ମୋଟ ୭୦ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍ ମଧ୍ୟରେ ସିଲ ହୋଇରହିଛି।

ଶନିବାର ଭୋଟ ଗଣତି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଇଭିଏମ୍ ମେଶିନଗୁଡ଼ିକୁ କଡା ସୁରକ୍ଷା ବଳୟ ମଧ୍ୟରେ ପଟ୍ଟାମୁଣ୍ଡାଇ ଏମ.ଏନ. ହାଇସ୍କୁଲ ଷ୍ଟ୍ରଙ୍ଗରୁମରେ ରଖାଯାଇଛି। ଭୋଟ ଗଣତି ସମୟରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଉପରେ ପ୍ରଶାସନ କଡା ନଜର ରଖିଛି। କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ ଋତୁରାଜ ଓ ଏସ୍‌ପି ମଡକର ସନ୍ଦୀପ ସମ୍ପଦ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସମୀକ୍ଷା କରିଛନ୍ତି। ଶୁକ୍ରବାର ନିର୍ବାଚନ ପର୍ଯ୍ୟବେକ୍ଷକ ତଥା ଅତିରିକ୍ତ ସଚିବ ଡ. ମଧୁସୂଦନ ମିଶ୍ର ପଟ୍ଟାମୁଣ୍ଡାଇ ପୌର ପରିଷଦ କାର୍ଯ୍ୟାଳୟରେ ପହଞ୍ଚି ନିର୍ବାଚନ ଓ ଭୋଟଗଣତି ବିଷୟକୁ ନେଇ ବିଭିନ୍ନ ପଦାଧିକାରୀଙ୍କ ସହ ଉଚ୍ଚସ୍ତରୀୟ ସମୀକ୍ଷା କରିଥିଲେ। ଭୋଟ ଗଣତି ପାଇଁ ଏମ.ଏନ ହାଇସ୍କୁଲ ପରିସରରେ ସମସ୍ତ ବ୍ୟବସ୍ଥା ଚୂଡ଼ାନ୍ତ ହୋଇଛି। ସକାଳ ୮ଟାଠାରୁ ଭୋଟଗଣତି ଶେଷ ପର୍ଯ୍ୟନ୍ତ କାର୍ଯ୍ୟ ଚାଲିବ ବୋଲି ନିର୍ବାଚନ ଅଧିକାରୀ ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନ୍ଦରଧର ମହାଳିକ କହିଛନ୍ତି। ମୋଟ ୧୦ଟି ଟେବୁଲରେ ଗଣତି କାର୍ଯ୍ୟ କରାଯିବାକୁ ବ୍ୟବସ୍ଥା ହୋଇଛି। ୫ଟି ଟେବୁଲରେ ଅଧ୍ୟକ୍ଷ ଓ ୫ଟି ଟେବୁଲରେ କାଉନସିଲର ପ୍ରାର୍ଥୀଙ୍କ ଭୋଟ ଗଣତି କରାଯିବ ବୋଲି ପ୍ରସ୍ତୁତି ହୋଇଛି। ଭୋଟ ଗଣତି ସୂଚାରୁ ରୂପେ ସମ୍ପାଦନ କରିବାକୁ ୧୦ ଜଣ କାଉଣ୍ଟିଂ ସୁପରଭାଇଜର ଓ ୧୦ ଜଣ ଆସିଷ୍ଟାଣ୍ଟ ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯାଇଛି। ଭୋଟ ଗଣତି ସମୟରେ କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ନ ଉପୁଯିବା ପାଇଁ ପଟ୍ଟାମୁଣ୍ଡାଇ ଆଇଆଇସି ତପନ ରାଉତଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ସଜାଗ ଥିବାବେଳେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ, ଡିଏସ୍‌ପି ଜ୍ୟୋତି ମିଶ୍ର ପ୍ରମୁଖ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ମାଜିଷ୍ଟ୍ରେଟ ଭାବେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ କୁମାର ସେଠୀଙ୍କୁ ଅବସ୍ଥାପିତ କରାଯାଇଛି। ପଟ୍ଟାମୁଣ୍ଡାଇ ବିଡିଓ ଭରତ ପରିଡା ଓ ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ ମଧ୍ୟ ଗଣତି କେନ୍ଦ୍ର ତଦାରଖ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି।



ପଟ୍ଟାମୁଣ୍ଡାଇ ଏମ.ଏନ. ହାଇସ୍କୁଲରେ ହୋଇଥିବା ଷ୍ଟ୍ରଙ୍ଗରୁମ।

# ଆମ ଗାଁ ଆମକୁ ଫେରେଇଦିଅ

ବିଶେଷ ଗଳ୍ପ

**ପ୍ରଦୀପ ନାୟକ**

ସକାଳୁ ସକାଳୁ କାମକୁ ଯିବାକୁ ପ୍ରସ୍ତୁତ ହେଉଥିଲା ମଦନ। ସବୁଦିନ ପରି ମେଖଳା ପିଠା କରିବ ବୋଲି ଚୁଲିରେ ତାଉଆ ବସେଇ ଉଆଳିକୁଟା ନୁଣ୍ଡାଏ ଦେଇ ଡିବିରିରୁ ନିଆଁ ଲଗେଇଲା। ତାଉଆ ତାତିଛି କି ନାହିଁ ମନେପଡ଼ିଲା ଗତକାଲିଠାରୁ ଶିକାରେ ଥୁଆହେଇଛି ଜଳଖିଆ ଜରି। ଭୋଟବାଲା ଦେଇ ଯାଇଥିଲେ। ଦିନଭରି ହୋହଲ୍ଲା, ଗଣ୍ଡଗୋଳିଆ ପରିସ୍ଥିତି ଭିତରେ ସେକଥା ସେ ଭୁଲି ସାରିଛି। ତାଉଆରେ ଆଣ ଢାଳୁଢାଳୁ ମଦନକୁ ଶୁଣେଇବା ପରି କହିଲା– ଶୁଣୁଚ, ଶିକାରେ କାଲିଠୁ କ'ଣ ସବୁ ଥୁଆ ହେଇଛି ଦେଖ ତ। ଯଦି ଚଳିଯିବ ଆଉ ପିଠା କରିବିନି।

ମଦନ ଶିକାରୁ ବାହାରକରି ଆଣିଲା ଜରିପୁଡ଼ିଆ। ଗତକାଲିର ବାସି ହେଇଯାଇଥିବା ବରା, ସିଙ୍ଗଡ଼ା ଆଉ ଖାଇହେବନି। ହେଲେ ମିଠା, ନିମିକି ଅଛି। ଚଳିଯିବ।

ମଦନ କହିବାକୁ ଯାଉଥିଲା– ପିଠା ଗୋଟିଏ କରିଚ ତ ସେତିକି ଥାଉ, ଏତିକିରେ ଚଳିଯିବ। ପାଟିରୁ କଥା ସରିଛି କି ନାହିଁ, ଦାଣ୍ଡରେ ପୋଲିସ ଗାଡ଼ିର ଶବ୍ଦ ଶୁଭିଲା। ଧଡ଼ପଡ଼ ହେଇ ବାହାରକୁ ଆସି ଦେଖେତ ମେଘୁଆ ବସିଛି ପୋଲିସ ଗାଡ଼ିରେ। ଗାଁ ଲୋକେ ଦେଖୁଛନ୍ତି ଦି' ପେଟି ମଦ କନ୍‌ଷ୍ଟେବଲ ଉଠଉଛି ଗାଡ଼ିକୁ। ଗାଁ ଦାଣ୍ଡରେ ଧୂଳି ଉଡ଼େଇ ଗାଡ଼ି ଚାଲିଗଲା। ଠିଆ ହେଇଥିବା ଲୋକ କୁହାକୁହି ହେଉଛନ୍ତି। ଏଇ କାମ ଆଗରୁ କ'ଣ ପୁଲିସିକି ଦେଖାଯାଉ ନ ଥିଲା। ଚାନ୍ଦା ନେଇ ସବୁ ତ ଆଖିବୁଜି ଦେଇଥିଲ। ଏବେ ଭୋଟ ପାଇଁ ଧରପଗଡ଼ କରି ଗୋଟେ ଦି'ଟାଙ୍କୁ ହାଜତରେ ଠୁଙ୍କିଦେଇ ଖାଲି ନିଜ ବାହାଦୁରି ଦେଖେଇବା କଥା।

ମଦନ ଘର ଭିତରକୁ ଆସି ଅଗଣା ପିଣ୍ଡାକୁ ଆଉଜି ବସିଗଲା। କେମିତି ଗୋଟେ ଉଦାସପଣ ତା'ର ସକାଳକୁ ଘୋଡ଼େଇ ପକେଇଲା। ମନକୁ ଆସୁଛି ଗାଁରେ ମେଘୁଆର ମଦବେପାର କଥା। ଆଉ ଗଲା କାଲି ଭୋଟ ବେଳର କଥା। ଗାଁ ଗାଁରେ ମଦ। ପିଲାଠୁ ବୁଢ଼ା ନିଶାପାଣି ପାଇଁ ବାଇଆ। ତା' ସାଙ୍ଗକୁ ଭୋଟ ସମୟରେ ନେତାଙ୍କ ଚାଲ୍। ପଇସା ଆଉ ମଦ ଦେଇ ଲୋକଙ୍କୁ ବଶ କରିବାର କୌଶଳ। ଚତୁର ବ୍ୟାଧର ଜାଲରେ ଖୁଦକଣା ଲୋଭରେ ପଡୁଥିବା ନିରୀହ କପୋତ ପରି ଅବସ୍ଥା।

କାଲି ମଦନ କାମକୁ ଯାଇ ନ ଥିଲା। ରାସ୍ତା ପିଚୁ କାମ ବନ୍ଦ। ସବୁ ଶ୍ରମିକ ବି ଭୋଟ ପାଇଁ ଚାଲିଗଲେ ଯେଝାଯେଝା ଘରକୁ। ଭୋଟ ଆରମ୍ଭରୁ ସିଏ ଦେଖୁଛି ତା' ଗାଆଁର ଅବସ୍ଥା। ତାକୁ ଲାଗୁଥିଲା ଗଣତନ୍ତ୍ର ନାଆଁରେ ଏ ଦେଶରେ ସତରେ କ'ଣ ଚାଲିଛି! ଏତେ ଶତ୍ରୁତା, ଏତେ ମତାନ୍ତର, ମନାନ୍ତର, ବାଦବିବାଦ, ଚୁଗୁଲି, ଷଡ଼ଯନ୍ତ୍ର, ଛକାପଞ୍ଝା ଲୋକମାନଙ୍କ ଭିତରେ ସତରେ କେଉଁଠି ଥିଲା! ଏଇ ଗାଆଁରେ ତ ପଡ଼ାପଡ଼ୋଶୀ, ଭାଇବନ୍ଧୁ ନେଇ ସମସ୍ତେ ଚଳୁଥିଲେ। ସୁଖଦୁଃଖ ଭଲ ମନ୍ଦରେ ପରସ୍ପର ସହଯୋଗ କରୁଥିଲେ। ବେଳ ଅବେଳରେ ଇଏ ତା'ଦୁଆରେ, ସିଏ ୟା ଦୁଆରେ ଠିଆ ହେଉଥିଲେ। ଦାଦା, ଭାଇ, କକେଇ, ମାମୁ ମାନତି ବି କରୁଥିଲେ। ଗାଁ ପଡ଼ିଆରେ ପିଲାଏ ମିଳିମିଶି ଖେଳୁଥିଲେ। ଠାକୁରାଣୀ ପୀଠରେ ବସି ଜନ୍ତାଳ, ହରିହାଟ କରୁଥିଲେ। ଦାଣ୍ଡରେ ମୁରବିମାନେ ବସି ତାସ୍, ପାଲି ଖେଳୁଥିଲେ ତ ଘେରିବସିଥିଲେ ଆହୁରି ଥୋକାଏ ନିକମା ମଣିଷ। କେତେ ଥଟ୍ଟାମଜା। ହେଲେ ଏସବୁ ଗଲା କୁଆଡ଼େ! କାଲି ମାଧିଆ କକେଇ ପୁଅ ମୁଣ୍ଡରେ ଗୋଟେ ନେଳିଆ କପଡ଼ା, ବେକରେ ଦଳୀୟ ଗାମୁଛା ପକେଇ ଦେଇ ସତେଯେମିତି ଅଲଗା ହେଇଗଲା ଅନ୍ୟମାନଙ୍କଠାରୁ! ନିଧିମଉସା ନାତି ଗୋଟେ ଗେରୁଆ ଟୋପି ପିନ୍ଧି ଭୁଲିଗଲା ସବୁ ଗ୍ରାମୀଣ ସମ୍ପର୍କ! ପୁଣି ସେଇମାନଙ୍କ କଥାରେ ଭଳିଯାଇ ମୁରବିମାନେ ବି ଭାଗଭାଗ! ଆଜି ଦିନଟା କ'ଣ ଯିବନି ନା ଭୋଟ ସରିବନି!

ଦିନ ତମାମ ଭୋଟ ଆରମ୍ଭରୁ ଶେଷଯାଏ ମଦନ ଲକ୍ଷ୍ୟ କରିଛି, କେହି କାହା ମୁହଁକୁ ଭଲରେ ଚାହୁଁ ନାହାନ୍ତି। ଯେଉଁଠି ସକାଳ ହେଲେ ମୁହଁ ଚାହାଁଚାହିଁ, ପାନ ଦିଆନିଆ, ଭଲମନ୍ଦ ପଚରାପଚରି ସେଠି ସମସ୍ତେ ଗମ୍ଭୀର, ଗୁମ୍‌ସୁମ୍। ମଦଖାଇ ଗାଁର ପିଲାଟା ରାସ୍ତାରେ ଗଡ଼ିଯାଉଛି, ତାକୁ ଆକଟ କି ଉଠେଇ ନେବାକୁ କାହା ହାତ ଯାଉନି। କ'ଣ ନା– ସେ ଅମୁକ ପାର୍ଟିର, ସମୁକ ଦଳର। ବେମୁରବା ପରି କିଏ କାହାକୁ ଶୋଧୁଛି ତ ଅନ୍ୟମାନେ ଚୁପ୍। କ'ଣ ନା ସରକାରୀ ଦଳର ସିଏ ତ, ପୋଲିସକୁ ଡର ନାହିଁ, ତା'ର କିଏ କ'ଣ କରିବ। କା'ର କ'ଣ ଯାଉଛି ତାକୁ କହିବ!

ମଦନକୁ ଲାଗୁଥିଲା ସତରେ ଏ ଗଣତନ୍ତ୍ର ଦେଶକୁ ସୁଶାସନ ଦେଇପାରିଛି ତ! ନା ଏଇ ଶାସନ ନାଆଁରେ ଧ୍ୱଂସ ହେଇଛି ସାମାଜିକ ଏକତା, ପଞ୍ଚାୟତ, ନିଶାପ, ମୁରବି, ମାନମାନତିର ବ୍ୟବସ୍ଥା। ଭୋଟ ନାଆଁରେ ଚତୁର ନେତାମାନେ ସାଧାରଣ ମଣିଷଙ୍କ ମନରୁ ଚିପୁଡ଼ି ନେଇଯାଆନ୍ତି ଏଇ ଗ୍ରାମୀଣ ସରଳତା, ମଧୁର ସମ୍ପର୍କ ସବୁ। ଏଇ ଏକତା, ଭାଇବିରାଦରି ଭାବନା ସେମାନଙ୍କ ରାସ୍ତାର କଣ୍ଟା।



ଯେନତେନ ଉପାୟରେ ଏସବୁ ଖତମ୍ ହେବା ଦରକାର। ତା' ନ ହେଲେ ସେମାନଙ୍କ କାଟ୍‌ତି ରହିବ ନାହିଁ। ସେଥିକି ଉପାୟ ବି ବାହାରେ। ଗରିବକୁ ପଇସାର ଥୋପ, ବେକାରିକୁ ଚାକିରିର ଲୋଭ, ଯୁବକକୁ ଠିକାଦାରି, ମଦ, ମହିଳାକୁ ଗୋଷ୍ଠୀରଣ, କୃଷକକୁ ଋଣଛାଡ଼, କାହାକୁ ଭତ୍ତା, କାହାକୁ ଆବାସ, ରାଶନ କାର୍ଡର ଭେଳିକି। ଆଉ ଦି' ଦିନର ସେ ଲୋଭର ନିଆଁ ଭିତରକୁ ସମସ୍ତେ ପତଙ୍ଗ ପ୍ରାୟ ବିଚାର, ବିବେକହୀନ ହୋଇ ଡେଇଁ ପଡ଼ନ୍ତି। ଭୁଲିଯାଆନ୍ତି ସବୁଦିନର ସମ୍ପର୍କ। ନେତାଙ୍କୁ ବେଶ୍ ଜଣା ସାମାଜିକ ଏକତାକୁ ଭାଙ୍ଗିବାକୁ ହେଲେ ଏଇ ହେଉଛି ଔଷଧ। ଏହାକୁ ଖିଇ କରି ବୁଣୁଥିଲେ କାଉଙ୍କ ଅଭାବ ରହିବ ନାହିଁ। ଭାଙ୍ଗିବ ଗାଈପାଳି, ଅଲଗା ହେବ ମଙ୍ଗଳାକୋଠି, ବନ୍ଦ ହେବ ଜନ୍ତାଳ, ଯୁବକ ସଂଘରେ ଚାଲିବ ସଙ୍ଘର୍ଷ, ମହିଳା ଗୋଷ୍ଠୀରେ ଫାଟ, କୀର୍ତ୍ତନମଣ୍ଡଳୀରେ ବିବାଦ, ଡ୍ରାମା ଠପ୍, ମେଳାମଉଚ୍ଛବ ପଡ଼ିବ ଫିକା, ଭାଇ ବଡିଶାରେ ଭାରବେଭାରର ବୁନିଆଦି ହେବ ଆନ୍ତରିକତାଶୂନ୍ୟ। ଗ୍ରାମ୍ୟ ସମ୍ପର୍କର ଏଇ ସବୁ ଭିତ୍ତିଭୂମି ଉପରେ ଯେତେବେଳେ ନେତାଙ୍କ ନଜର ଲାଗିଛି, ସେତେବେଳେ ଆଖିଥାଇ ସମସ୍ତେ ଅନ୍ଧ, ଜ୍ଞାନ ଥାଇ ସମସ୍ତେ ଅଜ୍ଞାନ, ଚିହ୍ନା ଥାଇ ସମସ୍ତେ ଅଚିହ୍ନା।

ଏଇ ସବୁ ଭାବୁଭାବୁ ଅବସୋସର ପୁଳାଏ ପବନ ମଦନର ଛାତି ଭିତରୁ ବାହାରି ଆସିଲା। ଦୁଃଖରେ, ଅସହାୟତାରେ ତା' ଭିତର ରୁନ୍ଧି ହେଇ ଯାଉଥିଲା। କେହି ଯେମିତି ତା' ଭିତରୁ କହୁଛି– ଏ ଗାଆଁ କ'ଣ ଆଉ ଗାଁ ହେଇ ରହିବ ନାହିଁ! ଏ ଗାଆଁରେ କ'ଣ କେହି ରହିବେ ନାହିଁ? ଭୋଟ କ'ଣ ସବୁର ଊର୍ଦ୍ଧ୍ୱରେ! ହାୟ!

ମଦନର ଇଚ୍ଛା ତ ହେଉଥିଲା ଥରେ ପାଖରେ ପାଇଲେ ପଚାରନ୍ତା ସେଇ ନେତାମାନଙ୍କୁ, ଯେଉଁମାନେ ବିକାଶର ସ୍ୱପ୍ନ ଦେଖାଇ ମସଗୁଲ୍ କରିଆସିଛନ୍ତି ଏ ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ବିଚାରଶୂନ୍ୟ ଗାଉଁଲି ମଣିଷଙ୍କୁ। ଗାଁ ଗାଁରେ ଧୂଳିଦାଣ୍ଡକୁ କଂକ୍ରିଟ୍ କରିଛ, ଲଣ୍ଠନ ଲିଭେଇ ବିଜୁଳି ଲଗେଇଛ, କୂଅ ପାଣି ଜାଗାରେ ପାଇପ୍ ପାଣି ବୁହାଇଛ, ଚାଟଶାଳୀ ଭାଙ୍ଗି ସ୍ମାର୍ଟ ସ୍କୁଲ କରିଛ, ଆହୁରି ଆହୁରି କେତେ କ'ଣ କରିଛ ବୋଲି ବାହାବା ନଉଛ। ହେଲେ କେତେ ଭଲ ଛାତ୍ରୀଛାତ୍ର ଗଢ଼ିଛ, କେତେଜଣ ଭଲ ମଣିଷ କରିଛ, କେତେ ପାଣି ଶୁଦ୍ଧ କରିଛ, କେତେ ଗ୍ରାମ୍ୟ ପରିବେଶକୁ ନିର୍ମଳ କରିଛ? ତା' ହିସାବ ରଖିଛ? ତମ ବିକାଶରେ ଏମାନେ ବିକଶିତ ନା ବିନାଶରେ ଯାଆନ୍ତି? ଥରେ ହେଲେ ଦେଖିଛ!

ଘୃଣା, ଅସନ୍ତୋଷରେ ଭରିଯାଉଥିବା ମଦନ ମନକୁ ମନ ସ୍ୱଗତୋକ୍ତି କଲା– ଭୋଟ ତ ସରିଲା, ଆଉ କ'ଣ ଦେଖାମିଳିବ ସେମାନଙ୍କର, ନା– ଶୁଣିବେ କିଏ ତା' କଥା! କାହାକୁ କହିବ ସିଏ– ତମ ବିକାଶକୁ ନେଇ ତମେ ରୁହ। ଆମ ଗାଆଁ ଆମକୁ ଫେରେଇଦିଅ ବାବୁମାନେ!

ଏତେବେଳଯାଏ ମଦନକୁ ପିଣ୍ଡାରେ ଚିନ୍ତିତ ହୋଇ ବସିଥିବାର ଦେଖି ଆଶ୍ଚର୍ଯ୍ୟ ହେଲା ମେଖଳା। ପାଖକୁ ଚାଲିଆସିଲା। ପଚାରିଲା– ଆଲୋ, ହାତରେ ସେତିକିବେଳୁ ଏ ଜରିକୁ ଧରି ବସିଛ! ଏ ମିଠା, ନିମିକି ଖାଇବ ବୋଲି କହିଲ, ତାକୁ ବି ଖାଇନାହଁ। ଆଜି କ'ଣ କାମକୁ ଯିବନି କି?

: ଇଚ୍ଛା ହଉନି।

: କାଇଁ ଦେହ ଭଲ ଲାଗୁନି କି?

: ନାଇଁ, ଦେହ ଠିକ୍ ଅଛି।

: ହଉ, ନଯିବତ ନାଇଁ, ୟାକୁ ଧରିକି ବସିଚ କାହିଁକି, ଖାଇଦିଅ।

ବସିବା ଜାଗାରୁ ଉଠିପଡ଼ିଲା ମଦନ। ଜରିରେ ଥିବା ମିଠା, ନିମିକିକୁ ପିଣ୍ଡାତଳେ ଶୋଇଥିବା କୁକୁର ମୁହଁରେ ଅଜାଡ଼ି ଦେଲା।

ମୋ: ୮୯୧୭୩୭୦୨୨୭

## କବିତା

### ମା, ମା ତୁ

**ପ୍ରଫୁଲ୍ଲ କୁମାର ତ୍ରିପାଠୀ**

ମା, ମା ତୁ ନାନାବାୟା ଗୀତର
ଭୁଲିଯାଇଥିବା ମଝି ଓ ଶେଷ ପଦ
ସପନଭରା ଲଂବା ରାତିର
କ୍ଷଣଭଂଗୁର ନିଦ
ମୋର ଲାତ, ବିଧା, ରାଂପୁଡ଼ା ସବୁକୁ
ସହିଯାଉଥିବା ସର୍ବସହଣୀ ନାରୀ
ଯେତେ ଲଢ଼ିଲେ ବି ସବୁଠାରେ
ସବୁଥର ଯାଉଥାଉ ହାରି

ମା, ମା ତୁ ଅରଣା ବଣ ଭିତରେ
ମହକୁଥିବା ସବୁଠୁଁ ସୁଂଦର ଫୁଲ
ସୂର୍ଯ୍ୟଠାରୁ ବି ଅଧିକ ଉଜ୍ଜ୍ୱଳ
ଅଜ୍ଞାୟୁଷ ଏକ ନିଆଁଝୁଲ
ମୋ ଭୋକକୁ ଆହାର, କ୍ଳାଂତିକୁ ନିଦ
ଶୋଷକୁ ନିର୍ମଳ ପାଣି
ଆମ ଘର ରାଇଜର ନିର୍ବିକଳ୍ପ
ପ୍ରଜା–, ଖଜଣା–ହୀନ ମହାରାଣୀ

ମା, ମା ତୁ ହାରିଲା ବେଳେ ବି
ନ ଥକିବା ଭଳି
ତୁହାକୁତୁହା ଅଂତହୀନ ସାହସ
ଶୁଖିଲା କାଠଗଂଡି ଭିତରେ
ନିଶ୍ଚିଂତ ଲୁଚିରହିଥିବା ରସ
ଲେଖା ଚାଲିଥିବା ଜୀବନଗ୍ରଂଥର
ବଦଳୁଥିବା ମଲାଟ
ଅସଜଡ଼ା ମୋର ବାତୁଳ ଭାଗ୍ୟର
ଦିଗଂତଛୁଆଁ ଲଲାଟ

ମା, ମା ତୁ ମୋର ସବୁ ଉଃ ଆଃ, ଭେଁ ଭାଁ
କାଂଦ, କୁଂଥାଣକୁ ନିଠେଇ ଶୁଣିବା ଶ୍ରୋତା
ମୋର ସବୁ କ୍ଳାଂତି, ଭ୍ରାଂତି, କ୍ରାଂତି
ଓ ଶାଂତିର ନିୟଂତା
ମୁଁ ଟିକିଏ ହଲ୍‌ଚଲ୍ ହେଲେ
ମୋ ପାଖରେ ପହଂଚୁଥିବା ଯାତ୍ରୀ
ମୋର ଗୁହ, ମୂତ, ଖଂକାର, ପୂଯର
ପରିଷ୍କାରିକା ଧାତ୍ରୀ

ମା, ମା ତୁ ବଧିର ପ୍ରଭୁଂକୁ ନିବେଦିତ
ଅହରହ ଏକ ଭଜନ
ତୁ ଆଦୌ ବୋହି ନ ହେବା ପରି
ନିଜଠାରୁ ଭାରୀ ଓଜନ
ତୁ ଆପଣାଠୁଁ କାଟି ଅକାତରେ
ବାଂଟିଦେଉଥିବା ଦାନୀ
ତୁ ଅସରା ସ୍ନେହ ଆଉ ବିଶ୍ୱାସରେ
ଅପ୍ରତିମ ମହାଜ୍ଞାନୀ

ମା, ମା ମୁଁ ଜନ୍ମ ନେବାର ଉଲ୍ଲାସରେ
ଭୁଲିଛିଁ ତୋର ଜନ୍ମ ଦେବାର କ୍ଲେଶ
ମୋର ମାତୃମୟ ପିଂଡରେ ତୁ
ଭରିଦେଇଛୁ ବ୍ରହ୍ମାଂଡର ଏକ ଅଂଶ
ମୁଁ ଯେତେ କହିଲେ କି ଗାଇଲେ ବି
ସରିବନାହିଁ ତୋ କୀର୍ତ୍ତି
ତୁ ଧୀର ମଂଥର ଅମୃତଧାରରେ
ଜ୍ୟୋତିର୍ମୟୀ ଈଶ୍ୱରୀ ମୂର୍ତ୍ତି

ମା, ମା ମୁଁ ତୋର
ପୁଅ ହୋଇଥିବାର ଗର୍ବ
କେବେ ପାରିନାହିଁ ଛାଡ଼ି
ଫେରାଇନେବୁ କି ପୁଣି ତୋ ଗର୍ଭକୁ
ଯଦି କେବେ ପାରେଁ ମୁଁ ବାହୁଡ଼ି?

ମୋ: ୮୨୫୮୨୪୬୦୯୮

### ଆଉ ଜଣେ ଅହଲ୍ୟା

**କୃଷ୍ଣ କୁମାର ମହାନ୍ତି**

ଆପଣ ବିଞ୍ଚି ଦେଇଗଲେ
ମୁଠାଏ ଭଲପାଇବା।

ପଥରରୁ ଝରିଲା ପ୍ରବାହ
ଖରାମାନେ ଦିଶିଲେ
ସକାଳର ଫୁଲପରି,
ଲେଉଟି ଯାଉଥିବା ଶୁଭେଚ୍ଛାମାନେ
ଲୋଟିଗଲେ ଦେହରେ
ବାସିଲୁଗା ପାଲଟିଲା
ପାଣି ଢାଳଟିଏ ଦୁଆରମୁହଁର।

ଏଣିକି ଅପେକ୍ଷା କେବଳ
ଆପଣଙ୍କ ଆସିବାକୁ।

କେତେ କେତେ ଅଭିଶପ୍ତ ରାତି
ଅତିକ୍ରମ କରି ଆସିଛି ଏ ଦେହ,
କେବେ ଯମଲୋକର ଯନ୍ତ୍ରଣା ତ
କେବେ ଲିଭିଯାଉଥିବା
ନିଆଁହୁଳାର ପାଉଁଶ...
ମୋତେ ଦୂରେଇ ନେଇଛି
ଆପଣଙ୍କଠାରୁ।

ସବୁଥିବାର ପୂର୍ଣ୍ଣତା ଭିତରେ ଝଟକୁଥାଏ।
ଆପଣଙ୍କ ନଥିବାପଣର ନର୍କ
ଆପଣଙ୍କ ଫେରିଯିବା ବେଳର
ଇତସ୍ତତଃ ପାଦଚିହ୍ନ ସବୁକୁ
ମୋ' ଆଖିରୁ ଝରି ପଡୁଥିବା
କାକର ବୁନ୍ଦା ଧୋଇ ଦେଲା ବେଳେ
ମୁଁ କ'ଣ ସତରେ ପାଏ ଆପଣଙ୍କୁ?

ତାରାମାନେ ଗୁମୁରି ଗୁମୁରି
କାନ୍ଦୁଥିଲାବେଳେ
ମୁଁ କ'ଣ ସତରେ ଥାଏ
ଆପଣଙ୍କ ସାଥିରେ?

ଆପଣ ଆସିବେ ଥରଟିଏ
ଆଶୀର୍ବାଦ ମୁଦ୍ରାରେ
ପଥରରୁ ଆଉଥରେ ମୋତେ
କରିବେ ପଥର...

ରାତିଠୁଁ ମାଗି ରଖିଥିବି ମୁଁ
ଚେନାଏ ଅନ୍ଧାର।

ମୋ: ୭୦୦୮୮୪୫୯୨୦

## ପୁସ୍ତକ ପରିଚୟ

### ଅଷ୍ଟାବକ୍ର ଗୀତା–ବାଣୀ



**ଲେଖକ:** ଡ. ଅଜିତ କୁମାର ତ୍ରିପାଠୀ
**ପ୍ରକାଶକ :** ମନୋରମା ପବ୍ଲିଶର୍ସ, ଅନନ୍ତ ଭବନ, ବାଲୁବଜାର, କଟକ–୨
**ପ୍ରଥମ ପ୍ରକାଶ :** ୨୦୨୧, **ମୂଲ୍ୟ:** ଟ. ୩୫୦/–

ଅଷ୍ଟାବକ୍ର ମୁନି ରାଜା ଜନକଙ୍କର ଗୁରୁ ଥିଲେ ଓ ଜନକଙ୍କର ନାନା ଜିଜ୍ଞାସାର ମହତ୍ତର ସମାଧାନ କରି ଯେଉଁ ତତ୍ତ୍ୱଜ୍ଞାନର ଅବତାରଣା କରିଥିଲେ, ତାହାର ଶ୍ଳୋକରୂପ 'ଅଷ୍ଟାବକ୍ର ଗୀତା'। ଶ୍ରୀମଦ୍ ଭଗବଦ୍ ଗୀତା ବେଦବ୍ୟାସଙ୍କ ବିରଚିତ ହୋଇ ଯେଭଳି ବିଶ୍ୱ–ଅସ୍ମିତାର ସ୍ମାରକୀ, 'ଅଷ୍ଟାବକ୍ର ଗୀତା' ମଧ୍ୟ ତାଙ୍କ ଦର୍ଶନ ମନୀଷାର ବାକ୍‌ଲିପି। ଉଦ୍ଦାଳକ ମୁନିଙ୍କ କନ୍ୟା ସୁଜାତାଙ୍କ ପୁତ୍ର ଅଷ୍ଟାବକ୍ର, ଯେ କି ଥିଲେ ମାତୃଗର୍ଭରୁ ମହାଜ୍ଞାନୀ ଓ ତାର୍କିକ। ପିତା କହୋଡ଼ଙ୍କ ବେଦ ଉଚ୍ଚାରଣର ଛନ୍ଦତ୍ରୁଟି ଦର୍ଶାଇ ପିତାଙ୍କ ଅଭିଶାପରେ ବିକଳାଙ୍ଗ ଶରୀରଧାରୀ ହୋଇ ମାତୃଗର୍ଭରୁ ଜନ୍ମିଥିଲେ ବି ପରେ ରାଜା ଜନକଙ୍କ ଦରବାରରେ ପଣ୍ଡିତ ବନ୍ଦୀଙ୍କଠୁଁ ତର୍କରେ ହାରି ପାତାଳଗାମୀ ହୋଇଥିବା ପିତାଙ୍କୁ ଉଦ୍ଧାର କରିବାରେ ସମର୍ଥ ହୋଇଥିଲେ ଓ ପିତୃ ଆଶୀର୍ବାଦରୁ ଅଭିଶାପମୁକ୍ତ ହୋଇଥିଲେ। ଅଷ୍ଟାବକ୍ରଙ୍କ ଶାସ୍ତ୍ରଜ୍ଞାନରେ ଅଭିଭୂତ ଜନକ ତାଙ୍କୁ ଗୁରୁ କରି ବ୍ରହ୍ମଜ୍ଞାନର ଅଧିକାରୀ ହେବା ସହ ରାଜର୍ଷି ଜନକରେ ପରିଣତ ହୋଇଥିଲେ। ଅଷ୍ଟାବକ୍ରଙ୍କ ଉପଦେଶ ହିଁ 'ଅଷ୍ଟାବକ୍ର ଗୀତା', ଯାହା ମହାଭାରତର ବନପର୍ବରେ ୧୩୨ରୁ ୧୩୪ ଅଧ୍ୟାୟରେ ସ୍ଥାନିତ, ଯହିଁରେ ମହର୍ଷି ଲୋମଶ ବକ୍ତା ଓ ଯୁଧିଷ୍ଠିର ଶ୍ରୋତା। ୨୧୦ଟି ଶୀର୍ଷକରେ ଅଜିତ୍ ସରଳ, ଶୁଦ୍ଧ ଓଡ଼ିଆରେ ଅଷ୍ଟାବକ୍ର ଗୀତାର ସାରମର୍ମ ଲିପିବଦ୍ଧ କରିଛନ୍ତି। ୪୦୦ ପୃଷ୍ଠାର କଳେବର ବିଶିଷ୍ଟ ଏହି ପୁସ୍ତକଟି ଯଦିଓ ଲେଖକଙ୍କର ମୌଳିକ ରଚନା ନୁହେଁ, ତଥାପି ସଂସ୍କୃତରେ ପ୍ରବେଶ ନ ଥିବା ପାଠକଙ୍କ ପାଇଁ ଅଷ୍ଟାବକ୍ରଙ୍କ ତତ୍ତ୍ୱଜ୍ଞାନରେ ଅଭିନିବେଶ କରିବା କ୍ଷେତ୍ରରେ ଏହା ଏକ ଉପଯୋଗୀ ଅବଲମ୍ବନ। ଗ୍ରନ୍ଥଟି ଜ୍ଞାନାନ୍ୱେଷୀମାନଙ୍କର ଅବଶ୍ୟ ଅନୁସରଣୀୟ।

### ସତ୍ୟଭାମା



**ମୂଳ ହିନ୍ଦୀ:** ପ୍ରଫେସର ୟାର୍ଲଗଡ଼ ଲକ୍ଷ୍ମୀପ୍ରସାଦ
**ଓଡ଼ିଆ ରୂପାନ୍ତର:** କନକ ମଞ୍ଜରୀ ସାହୁ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍‌ସ, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୪୦/–

ସତ୍ୟଭାମା ଶ୍ରୀକୃଷ୍ଣଙ୍କର ଅଷ୍ଟମ ପାଟରାଣୀ, ଯାହାଙ୍କ ଜୀବନୀକୁ ନେଇ ପ୍ରଫେସର ୟାର୍ଲଗଡ଼ ଲକ୍ଷ୍ମୀ ପ୍ରସାଦ ହିନ୍ଦୀ ଭାଷାରେ ପ୍ରସ୍ତୁତ କରିଛନ୍ତି ତାଙ୍କର ଉପନ୍ୟାସ 'ସତ୍ୟଭାମା'। ଉପନ୍ୟାସର ମୁଖ୍ୟ ଚରିତ୍ର ସତ୍ୟଭାମା, ଯେ କି ଜଣେ ବୀରାଙ୍ଗନା, ପରାକ୍ରମଶାଳିନୀ। ଶ୍ରୀକୃଷ୍ଣଙ୍କ ସହିତ ତାଙ୍କର ପ୍ରେମ, ପ୍ରଣୟକୁ ନେଇ ଉପନ୍ୟାସର କଥାବସ୍ତୁ ଗତିଶୀଳ। ଉପନ୍ୟାସଟି ଲେଖିକାଙ୍କ ମନକୁ ଛୁଇଁଥିବାରୁ ସେ ଏହାର ଅନୁବାଦ କରିବାକୁ ଆଗ୍ରହୀ ହୋଇଥିବା 'ଅନୁବାଦକୀୟ'ରେ ସ୍ୱୀକାର କରିଛନ୍ତି। ଉପନ୍ୟାସର ପ୍ରତ୍ୟେକଟି ପ୍ରସଙ୍ଗକୁ ଲେଖିକା ଅତି ସରଳ ଭାଷାରେ ଅକୃତ୍ରିମ କରି ବ୍ୟକ୍ତ କରିଛନ୍ତି। ଇନ୍ଦ୍ର ଓ କୃଷ୍ଣଙ୍କ ମଧ୍ୟରେ ପାରିଜାତକୁ ନେଇ ହୋଇଥିବା ଯୁଦ୍ଧର ବର୍ଣ୍ଣନାଟି ଏହିପରି: ''ତା'ପରେ ଭୀଷଣ ଯୁଦ୍ଧ ହେଲା। ଯେଉଁଭଳି ଭାବେ ଗରୁଡ଼ ନଖରେ ସାପକୁ ଖଣ୍ଡଖଣ୍ଡ କରିଦିଏ, ସେମିତି ସେ ବରୁଣାସ୍ତ୍ରକୁ ଧ୍ୱଂସ କରିଦେଲେ। ଯମ ବାହନ ମହିଷିର ଶିଙ୍ଗ ଉପରେ ଗଭୀର ଆଘାତ ଲାଗିଲା। ତା'ପରେ ଯମ ରଣକ୍ଷେତ୍ରରୁ ପଳାୟନ କଲେ। କୁବେରଙ୍କ ଶିବିକାକୁ ଶ୍ରୀକୃଷ୍ଣ ଧ୍ୱଂସ କରିଦେଲେ।'' (ପୃ:୧୩୩)। ଉପନ୍ୟାସଟିର ଉପସଂହାର ଘଟିଛି ଶ୍ରୀକୃଷ୍ଣ ଓ ସତ୍ୟଭାମାଙ୍କ ଏକତ୍ର ଦେହତ୍ୟାଗରେ। ମହର୍ଷି ବ୍ୟାସ ଭୂସୂକ୍ତ ପାଠ କରିବାକୁ ଲାଗିଲେ। ସମଗ୍ର ଉପନ୍ୟାସଟିକୁ କନକ ମଞ୍ଜରୀ ଓଡ଼ିଆ ଭାଷାରେ ଏପରି ଉଜ୍ଜୀବିତ କରି ରଖିଛନ୍ତି, ଯାହା ମୂଳ ଭାଷାର ସ୍ୱାଦଠୁଁ ପାଠିକାପାଠକଙ୍କୁ ଆଦୌ ଦୂରେଇ ଦିଏ ନାହିଁ। ପୁରାଣର ବିଷୟ ହୋଇ ବି ଆବେଦନରେ ଉପନ୍ୟାସଟି କାଳଜୟୀ।

## ଦୋଛକିରେ...

**ଶକ୍ତିପ୍ରଦା ମହାପାତ୍ର**

କ୍ଷୁଦ୍ର ଗଳ୍ପ

ଅନୁପ ପ୍ରତିଦିନର କଳିତକରାଳ ଭିତରେ ପୂରାପୂରି ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଘରର ଯାବତୀୟ କାମ ସାରୁ ସାରୁ ଡେରି ହୋଇଯାଏ, ରୋଷେଇ ଆଉ କରି ପାରନ୍ତିନି। ରାତି ଏଗାର ସାଢ଼େ ଏଗାରଟାରେ ଆସି ଘରେ ପହଞ୍ଚି ଦେଖିଲାବେଳକୁ ଅପ୍‌ସରା ଶୋଇ ପଡ଼ିଥାଏ। ବିଚାରି ଡାଇନିଂରେ ଖାଇବା ଥୋଇ ଅପେକ୍ଷା କରି ଶୋଇ ପଡ଼ିଥିବ ଭାବି ଦେଖିଲାବେଳକୁ ସେମିତି କିଛି ହୋଇ ନ ଥାଏ। କିଚେନରେ ବି ଖାଇବା ନ ପାଇ ଉପାସରେ ପାଣି ପିଇ ଶୋଇ ପଡ଼ନ୍ତି ଅନୁପ। ପ୍ରତିଦିନର ଘଟଣା, କାହାକୁ କ'ଣ କହିବେ? ନିଜେ ତ ଧନୀ ଝିଅ ଦେଖି ଚାହିଁ ଭଲପାଇ ବାହା ହୋଇଛନ୍ତି। ନିଜ ଲୁହ ନିଜେ ପିଇ ବଞ୍ଚିବା ସାର ଯାହା। ସାଙ୍ଗସାଥୀ, ଭାଇ ଭଉଣୀ, ବାପା ମାଆ ସମସ୍ତେ ପର ହୋଇଛନ୍ତି ଏଥିପାଇଁ। ତଥାପି ଦିନେ ଦିନେ ରାତିରେ ମାଆଙ୍କୁ ମାଆ ମୋତେ ପ୍ରବଳ ଭୋକ କହି ଗୁମୁରି ଗୁମୁରି କାନ୍ଦନ୍ତି ଅନୁପ। ମାଆ ପୁଅର ଦୁଃଖ ସହି ନ ପାରି, ''ଧନ ତୁ ମୋ' ପାଖକୁ ପଳେଇଆ, ମୁଁ ମୋ' ଧନକୁ ରାନ୍ଧିକି ପେଟଭରି ଖାଇବାକୁ ଦେବି'' କହି ଫୋନ୍‌ରେ ଭୋ ଭୋ ହୋଇ କାନ୍ଦନ୍ତି ଅନୁପଙ୍କ ମାଆ। ହେଲେ ସିଏ ଆଜି ଦୋଛକିରେ। କ'ଣ କରିବେ? ଚାରି ବର୍ଷର ଝିଅ ଆଶ୍ରାର ମମତାରେ ଅନ୍ଧ ହୋଇ ଜୀବନର କିଛି ନିର୍ଣ୍ଣୟ ନେଇ ପାରୁ ନ ଥିଲେ। ଡାଇଭର୍ସ ଦେଲେ ଆଶ୍ରାର ଜୀବନ, ଭବିଷ୍ୟତ ବିପନ୍ନ ହୋଇଯିବ। ସେ ମାଆ ବାପା ଉଭୟଙ୍କର ସ୍ନେହ ମମତାରୁ ବଞ୍ଚିତ ହେବ। ଜୀବନଟା ସତରେ କେଡ଼େ ଦୁର୍ବିଷହ। ନା ଜିଇ ହଉଚି ନା...।

ମୋ: ୭୯୭୮୩୫୦୫୪୪

## କାଳକାଳକୁ



''ନାଆଁରେ କିଛି ନାହିଁ।
ଗୋଲାପକୁ ଯେଉଁ ନାଆଁ ଦିଅ,
ସେ ଗୋଲାପ ପରି ବାସିବ।''
– ଉଇଲିୟମ୍ ସେକ୍ସପିୟର୍

**ଉଇଲିୟମ୍ ସେକ୍ସପିୟର୍**ଙ୍କ ଜନ୍ମ ଯେଉଁ ତାରିଖରେ, ମୃତ୍ୟୁ ବି ସେଇ ତାରିଖରେ। ଏହି ବିଶ୍ୱବିଦିତ କବିଙ୍କ ଜନ୍ମ ୧୫୬୪ରେ ଓ ପରଲୋକ ୧୬୧୬ରେ, ୨୩ ଏପ୍ରିଲରେ। ମୃତ୍ୟୁବେଳକୁ ତାଙ୍କର ବୟସ ମାତ୍ର ୫୨ ବର୍ଷ। ସେ ଅନେକ ପ୍ରସିଦ୍ଧ କବିତା ଓ ନାଟକର ସ୍ରଷ୍ଟା। 'କିଙ୍ଗ୍ ଲିୟର', 'ମାକ୍‌ବେଥ୍', 'ଦ ଉଇଣ୍ଟର୍ ଟେଲ୍' ଓ 'ଦ ଟେମ୍ପେଷ୍ଟ' ପ୍ରଭୃତି ତାଙ୍କର କାଳଜୟୀ ସୃଷ୍ଟି ମଧ୍ୟରୁ କତିପୟ। ସେକ୍ସପିୟର୍ ଭାଗ୍ୟବାଦୀ ନ ଥିଲେ। କହୁଥିଲେ– 'ମଣିଷର ଭାଗ୍ୟ କୋଉ ନକ୍ଷତ୍ରରେ ନ ଥାଏ, ସେ ନିଜେ ତା' ଭାଗ୍ୟର ନିର୍ମାତା।' ଜୀବନ ଏକ ଅଭିନୟ ଓ ପୃଥିବୀ ଗୋଟେ ରଙ୍ଗମଞ୍ଚ– ଏହା ଥିଲା ଏହି ତ୍ରିକାଳଦର୍ଶୀ କବିଙ୍କର ଜଗତ ଓ ଜୀବନବୋଧ।

## ବାଲିଗରଡ଼ା

**ଚନ୍ଦ୍ରଶେଖର ସାହୁ**

ଲଘୁ ଗଳ୍ପ

ଜେଜେ ପ୍ରତିଦିନ ନଈକୁ ଯାଆନ୍ତି। ନଈ ଆମକୁ ସଭ୍ୟତା ଦେଇଛି। ବଞ୍ଚିବାର କଳା ଶିଖେଇଛି। ସମସ୍ତଙ୍କ ପାଖରେ ସମାନ ହୋଇ ବହିଯାଇଛି। ଜେଜେ ନଈରେ ପ୍ରତିଦିନ ଗାଧୋଇ ସାରି ବାଲିଗରଡ଼ାଟିଏ ସାଉଁଟି ଆଣନ୍ତି। ପଚାରିଲେ କିଛି କୁହନ୍ତିନି।

ନଈର ଜଳ ଦୂଷିତ ହେଲାଣି। ତା'ର ପବିତ୍ରତା ନାହିଁ, ନଈପାଣି ବ୍ୟବହାର ଉପରେ ସରକାର ରୋକ୍ ଲଗାଇଲେଣି। ସଂକ୍ରାମକ ରୋଗର ବାହକ ଏଇ ନଈଜଳ। ଜେଜେ କିଛି କଥା ଶୁଣନ୍ତିନି। ନଈକୁ ଛାଡ଼ି ବଞ୍ଚିହେବନି ବୋଲି କୁହନ୍ତି।

ନଈ ଏ ପାରି ଆଉ ସେ ପାରି ଭିତରେ ନିୟନ୍ତ୍ରଣ ରେଖା ପାଲଟିଯାଇଛି। ଜନ୍ମ ଆଉ ମୃତ୍ୟୁର ଫରକ ନଈକୁ ଦେଖିଲେ ଜଣାପଡ଼ିଥାଏ। ନଈକୁ ପାରି ହେବା ପାଇଁ ନିଜ ଭିତରର ଭୟ ଟିକକକୁ ଦୂରେଇ ଦେବାକୁ ପଡ଼େ। ସାରାଜୀବନ ଏକ ଭୟର ସଂକେତ ବୋଲି ସମସ୍ତେ କୁହନ୍ତି।

ସବୁ ପାଗଳ ମଣିଷ ପାଖରେ ଦର୍ଶନ ଲୁଚି ରହିଥାଏ। ସବୁ ଦାର୍ଶନିକମାନେ ପାଗଳ। କିନ୍ତୁ ପାଗଳମାନେ ଦାର୍ଶନିକ ହୋଇ ପାରନ୍ତିନି।

ଜେଜେଙ୍କ ଡାଏରୀ ପଢ଼ିଥିଲି। ଜେଜେ ଚାହାନ୍ତି ଏକ ଆଲୋକିତ ରାସ୍ତା ତିଆରି କରିବା ପାଇଁ। ଦିନରାତି କିଛି ଫରକ ରହିବନି। ସମସ୍ତେ ଚାଲିବେ ସୁରୁଖୁରୁରେ। କିଛି ଅସୁବିଧା ହେବନି।

ଶବ୍ଦ ସହ ଆଲୋକ ମିଶିଲେ କବିତାଟିଏ ଜନ୍ମ ନିଏ। ରାସ୍ତା ସହ ଆଲୋକ ମିଶିଗଲେ ସତ୍ୟର ସନ୍ଧାନ ମିଳିଯାଏ। ଆମକୁ ଏମିତି ଏକ ରାସ୍ତାଟିଏ ତିଆରି କରିବାକୁ ହେବ ଯେତେ ଚାଲିଲେ ବି ପାଦକୁ କଣ୍ଟା ନ ଥିବ, ଦେହକୁ ଥକ୍କା ନ ଥିବ। ଏମିତି ଏକ ମହତ୍ ଆଦର୍ଶକୁ କେହି ବୁଝି ପାରିଲେନି। ଆଦର୍ଶକୁ ହତ୍ୟା କରିବା ପାଇଁ ସମସ୍ତେ ଅଣ୍ଟା ଭିଡ଼ି ବାହାରି ଆସନ୍ତି ରାଜରାସ୍ତାକୁ। ଆଦର୍ଶକୁ ବଞ୍ଚାଇବା ପାଇଁ କେହି ମନ ବଳାନ୍ତିନି।

ବାପା କିନ୍ତୁ ଦର୍ଶନ ବୋଲି କିଛି ଅଛି ବିଶ୍ୱାସ କରନ୍ତିନି। ଦର୍ଶନ ଜୀବନକୁ ଜଟିଳ କରିଦିଏ।

ଜେଜେ ଘର ଭିତରେ ବାଲିଗରଡ଼ା ସବୁ ସାଇତି ରଖନ୍ତି। ବାଲିଗରଡ଼ା ଆଣି ଆଣି ଘର ଅଧା ଭର୍ତ୍ତି ହୋଇଗଲାଣି। ପଚାରିଲେ କିଛି କହନ୍ତିନି। କେତେକ ଏହା ତାଙ୍କର ପାଗଳାମି ବୋଲି କୁହନ୍ତି। ଜେଜେଙ୍କ ଘର ଭିତରେ ଥିବା ବାଲିଗରଡ଼ାକୁ ବାପା ଫିଙ୍ଗିଦେଲେ ବାହାରକୁ। ଅତିଥିମାନେ ଆସୁଛନ୍ତି। ବିଭିନ୍ନ କଥା କହୁଛନ୍ତି। ଘର ସବୁବେଳେ ସଫାସୁତୁରା ରହିବ, ଅଳିଆ ହେବନି।



ଆଦର୍ଶକୁ ଆଜିକାଲି ସମସ୍ତେ ଅଳିଆ ବୋଲି କୁହନ୍ତି। ସତ୍ୟର ପଥ ବିପଦପୂର୍ଣ୍ଣ ବୋଲି ସମସ୍ତଙ୍କର ଧାରଣା। ଆଲୋକର ଆବଶ୍ୟକତା ନାହିଁ।

ଜେଜେ ଦାଣ୍ଡପିଣ୍ଡାରେ ବସି ଆଖିରୁ ଲୁହ ଗଡ଼ାଉଥା'ନ୍ତି। ଲୁହତକ ତଳେ ପଡ଼ିବା ପୂର୍ବରୁ ମୁଁ ପାପୁଲି ଦେଖାଇଦେଲି। ପାପୁଲିରେ ଲୁହ ଭର୍ତ୍ତି ହୋଇଯାଉଥିଲା। ଜେଜେଙ୍କ କାନ୍ଦ ବନ୍ଦ ହେଉ ନ ଥାଏ। ନା– ଜେଜେ ମୁଁ ଆପଣଙ୍କର ଆଦର୍ଶ ବଞ୍ଚାଇ ରଖିବି। ଆଲୋକିତ ରାସ୍ତା ପାଇଁ ନୂଆ ନକ୍‌ସାଟିଏ ଆଙ୍କିଦେବି। ସତ୍ୟ ବଞ୍ଚିବ, ଆଲୋକ ବଞ୍ଚିବ ଆଉ ବାଟଟିଏ ଲମ୍ବିଯିବ ଆଲୋକ ଆଡ଼କୁ।

ଜେଜେଙ୍କ ହାତଧରି ନୂଆ ରାସ୍ତାର ସନ୍ଧାନରେ ବାହାରିପଡ଼ିଲୁ। ଜେଜେ କାନ୍ଦୁ ନ ଥିଲେ, ହସୁଥିଲେ ଶେଷ ଜୀବନରେ ଆଶାର ଦର୍ଶନ ମିଳିଗଲା ବୋଲି। ସତରେ ଜୀବନ ମୁଠାଏ ବାଲିଗରଡ଼ା। ଆଉ କିଛି ନୁହେଁ ବୋଲି ସମସ୍ତେ କୁହାକୁହି ହେଉଥିଲେ।

ବାଲିଗରଡ଼ା ପରି ଆଦର୍ଶ କାହା ପାଇଁ ଅତି ହେୟ, ମାତ୍ର କାହା ପାଇଁ ଅତି ମୂଲ୍ୟବାନ୍।

ମୋ: ୭୮୭୩୬୯୩୮୦୭

# ମାଛଧରା ବନ୍ଦର ବିକାଶ ପାଇଁ ୯୯.୭୫ କୋଟି ପୁଞ୍ଜି ବିନିଯୋଗ

**ପାରାଦୀପ,୨୫।୩(ସ୍ୱ.ପ୍ର.):** କେନ୍ଦ୍ର ବନ୍ଦର ଜାହାଜ ଏବଂ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ଚାଲିଥିବା ସାଗରମାଳା କାର୍ଯ୍ୟକ୍ରମର ୭ ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ବମ୍ବେଠାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ପାରାଦୀପ ମାଛଧରା ବନ୍ଦର ବିକାଶ ପାଇଁ ୯୯.୭୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ନିଷ୍ପତ୍ତି ହୋଇଛି। ଏନେଇ ପିପିଟି(ପାରାଦୀପ ପୋର୍ଟ ଟ୍ରଷ୍ଟ) ଏବଂ ଆଇପିଆରସିଏଲ(ଇଣ୍ଡିଆନ ପୋର୍ଟ ରେଲ ଆଣ୍ଡ ରୋପୱେ କର୍ପୋରେଶନ ଲିମିଟେଡ୍)ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କେନ୍ଦ୍ର ବନ୍ଦର ଜାହାଜ ଏବଂ ଜଳପଥ ମନ୍ତ୍ରଣାଳୟ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କ ଉପସ୍ଥିତିରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଓ ଆଇପିଆରସିଏଲ ମ୍ୟାନେଜିଂ ଡାଇରେକ୍ଟର ଅନିଲ ଗୁପ୍ତା ଏହି ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ଏହି ଘୋଷଣା ହୋଇଛି ବୋଲି ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ

**ପିପିଟି-ଆଇପିଆର୍‌ସିଏଲ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ**

ସୂଚନା ଦିଆଯାଇଛି। ମାଛଧରା ବନ୍ଦର ପରିସରରେ ଦ୍ୱିତୀୟ ଅକ୍ସନ ହଲ, ଶୀତଳଭଣ୍ଡାର, ଯାନ୍ତ୍ରିକୀକରଣ ବ୍ୟବସ୍ଥା ଆଦି ବାବଦରେ ଏହି ପୁଞ୍ଜି ବିନିଯୋଗ କରାଯିବ। ମହାନଦୀ ମୁହାଣଠାରୁ ୨ କିମି ଦୂରରେ ନଦୀଭିତ୍ତିକ ବନ୍ଦର ନିର୍ମାଣ ଚାଲିଛି। ୨୧ ଏକର ବିଶିଷ୍ଟ ମାଛଧରା ବନ୍ଦର ପୋତାଶ୍ରୟ ଭିତରେ ୭୪୦ ମାଛଧରା ବୋଟ ରହୁଛି। ଏସବୁ ସ୍ଥାନରେ ମଧ୍ୟ ଉପରୋକ୍ତ ଟଙ୍କା ଖର୍ଚ୍ଚ କରାଯାଇ ଉନ୍ନତୀକରଣ କାମ କରାଯିବ। କାର୍ଯ୍ୟକ୍ରମରେ ମନ୍ତ୍ରୀ ସୋନୱାଲଙ୍କ ବ୍ୟତୀତ ଅନ୍ୟ ମନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।



ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ ଓ ଆଇପିଆରସିଏଲ୍ ମ୍ୟାନେଜିଂ ଡାଇରେକ୍ଟର ଅନିଲ ଗୁପ୍ତା ସ୍ୱାକ୍ଷରିତ ହୋଇଥିବା ଚୁକ୍ତିକୁ ଦେଖାଉଛନ୍ତି।

# ଜବରଦଖଲରେ ବନ୍ଧା ୫ ରେଳ ପ୍ରକଳ୍ପ

ହର୍ଷବର୍ଦ୍ଧନ ବେହେରା

**ଯାଜପୁର ଅଫିସ,୨୫।୩**

ଜମି ଜବରଦଖଲ ଉଚ୍ଛେଦ ଏବଂ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ ବିବାଦର ସମାଧାନ ହୋଇପାରୁ ନ ଥିବାରୁ ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ୫ ରେଳ ପ୍ରକଳ୍ପ ବନ୍ଧାପଡ଼ିଛି। ଏହି ମର୍ମରେ ଦକ୍ଷିଣ ପୂର୍ବ ରେଳପଥ(ଏସ୍‌ଇଆର୍) ମୁଖ୍ୟ ପ୍ରଶାସନିକ ଅଧିକାରୀ (ସିଏଓ) ଏସ୍.ଏମ୍.ମାହେଶ୍ୱରୀ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ଏକାଧିକ ଥର ପତ୍ର ଦେଇଥିଲେ ହେଁ ତାହାର କିଛି ସୁଫଳ ମିଳିପାରିନାହିଁ। ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ମାହେଶ୍ୱରୀଙ୍କ ୯।୨।୨୦୨୨ ତାରିଖ ପତ୍ର ଉପରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ବିଭାଗୀୟ ଉପସଚିବ କଳ୍ପତରୁ ସାମନ୍ତରାୟ ଗତ ୧୭ ତାରିଖରେ ସୁନ୍ଦରଗଡ଼ ଓ ବାଲେଶ୍ୱର ଜିଲାପାଳଙ୍କ ସମେତ ଗୃହ ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପଗୁଡିକ ଶେଷ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି।





ରାଜ୍ୟରେ କେଉଁଠି ଜମି ଜବରଦଖଲ ଯୋଗୁ ସରକାରୀ ଅନୁଷ୍ଠାନ ପରିସର ସଙ୍କୁଚିତ ହୋଇଥିବାବେଳେ ଆଉ କେଉଁଠି କେତେଜଣ ଅସାଧୁ ଅଧିକାରୀଙ୍କ ନିଜ ସ୍ୱାର୍ଥ ସାଧନ ପାଇଁ ବହୁ ମୂଲ୍ୟବାନ ସରକାରୀ ଜମିରେ ବେଆଇନ ନିର୍ମାଣ ହେବାକୁ ଲାଗିଛି। ଏହିକ୍ରମରେ ରେଲୱେ ପ୍ରକଳ୍ପଗୁଡିକ ମଧ୍ୟ ବାଦ୍ ପଡିନାହିଁ। ଏସ୍‌ଇଆର୍ ସିଏଓ ମାହେଶ୍ୱରୀଙ୍କ ରିପୋର୍ଟ ଅନୁସାରେ ସୁନ୍ଦରଗଡ଼ ଜିଲାର ବନ୍ଧମୁଣ୍ଡା–ହାଟିଆ ରେଳ ପ୍ରକଳ୍ପରେ କପଟାମୁଣ୍ଡା ଗ୍ରାମବାସୀଙ୍କୁ କ୍ଷତିପୂରଣ ପ୍ରଦାନରେ ଦୀର୍ଘବର୍ଷ ହେଲା ବିବାଦ ଲାଗି ରହିଛି। ସେଥିପାଇଁ ସ୍ଥାନୀୟ ଗ୍ରାମବାସୀ ରେଳ ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ ରଖିଛନ୍ତି।

**ସୁନ୍ଦରଗଡ଼, ବାଲେଶ୍ୱର ଜିଲାପାଳଙ୍କୁ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ**

୭।୧୨।୨୦୨୦ରେ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସୁନ୍ଦରଗଡ଼ ଜିଲାପାଳ ଏଯାଏ ଏହି ବିବାଦର ସମାଧାନ କରିପାରିନାହାନ୍ତି। ଏହାବାଦ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୨୪।୨।୨୦୨୧ରେ ଅନୁଷ୍ଠିତ ପିଏମ୍‌ଜି ସମୀକ୍ଷା ବୈଠକରେ ୨୦୨୧ ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ବିବାଦର ସମାଧାନ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୁନିଶ୍ଚିତ କରାଯାଇଥିଲା। ଏହାପରେ ଜିଲା ପ୍ରଶାସନିକ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କ୍ରମାଗତ ଭାବେ ସ୍ଥାନୀୟ ରେଲୱେ ଅଧିକାରୀମାନେ ଅନୁସରଣ କରି ଆସୁଛନ୍ତି। କିନ୍ତୁ କୌଣସି କାର୍ଯ୍ୟ ପୁନଃ ଆରମ୍ଭ ହୋଇ ପାରିନାହିଁ। ଏହାବାଦ୍ ବନ୍ଧମୁଣ୍ଡା–ହାଟିଆ ରେଳ ପ୍ରକଳ୍ପରେ ବରବସ ଓ କପଟାମୁଣ୍ଡା ଗ୍ରାମର ୦.୮୭୦ ଏକର ବେସରକାରୀ ଜମି ଏବଂ ବିଶ୍ରା–ଲିଙ୍କ୍ ସି ପ୍ରକଳ୍ପରେ ଗୁଡ୍‌ଗୁଜୋର ଗ୍ରାମର ୦.୯୧୪ ଏକର ଓ ୧.୦୫୦ ଏକର ବେସରକାରୀ ଜମି ଅଧିଗ୍ରହଣ କାର୍ଯ୍ୟ ଆଗେଇ ପାରିନାହିଁ। ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ଏହି ପ୍ରକ୍ରିୟାରେ ବିଳମ୍ବ ହେଉଛି। ରାଉରକେଲା–ଝାରସୁଗୁଡା ସେକ୍ସନର ୩ୟ ଲାଇନ ପ୍ରକଳ୍ପ ଜମି ଜବରଦଖଲରେ ବନ୍ଧା ପଡ଼ିଛି। ରାଉରକେଲା ନିକଟରେ ୮୦୧ ଜବରଦଖଲ ମାମଲା ରହିଛି। ସେଥିରୁ ସ୍ଥାନୀୟ ଅଧିକାରୀଙ୍କ ସହାୟତାରେ ମାତ୍ର ୮୦ଟି ଜବରଦଖଲ ଉଚ୍ଛେଦ ହୋଇପାରିଛି। ବାକି ଜବରଦଖଲ ମାମଲାରେ କୌଣସି ଅଗ୍ରଗତି ହୋଇପାରିନାହିଁ। ବାଲେଶ୍ୱର ନୂତନ ରେଳଷ୍ଟେଶନ ବିଲ୍ଡିଂ ନିର୍ମାଣ ମଧ୍ୟ ଜମି ଜବରଦଖଲ ଯୋଗୁ ଅଟକି ରହିଛି। ପ୍ରାୟ ୨୩୮ଟି ଜବରଦଖଲ ଉଚ୍ଛେଦ କରିବାର ବାକି ଅଛି। ସେହିପରି ନାରାୟଣଗଡ଼–ଭଦ୍ରକ ୩ୟ ଲାଇନ ପ୍ରକଳ୍ପରେ ପ୍ରାୟ ୭୦ଟି ଜବରଦଖଲ ବିବାଦ ରହିଛି। ଏହି ରିପୋର୍ଟକୁ ଅବଲୋକନ କଲେ ସେଠାରେ ପ୍ରତିଯୋଗିତା ଭିତ୍ତିରେ ଜବରଦଖଲ ଚାଲିଛି। ଏନେଇ କିଭଳି ଜିଲା ପ୍ରଶାସନର ଦୃଷ୍ଟି ପଡୁନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ତେବେ ଆବଶ୍ୟକସ୍ଥଳେ ଜବରଦଖଲକାରୀଙ୍କୁ ଉପଯୁକ୍ତ ଭାବେ ଥଇଥାନ କରି ଉଚ୍ଛେଦ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସାଧାରଣରେ ଦାବି ହୋଇ ଆସୁଛି। ହେଲେ ରାଜନୈତିକ ଚାପରେ ପଡ଼ି ବଳପୂର୍ବକ ଗୃହ ତିଆରି କରିଥିବା ଜବରଦଖଲକାରୀଙ୍କୁ ପ୍ରଶାସନ ସୁରକ୍ଷା ପ୍ରଦାନ କରିଥିବା ଅଭିଯୋଗ ହୋଇଛି।

# ପ୍ରଧାନ ଶିକ୍ଷକଙ୍କ ନେତୃତ୍ୱ ନେବା ମନୋବୃତ୍ତି ବିକଶିତ କରାଯିବ

**ଭୁବନେଶ୍ୱର, ୨୫।୩(ବ୍ୟୁରୋ)**

ରାଜ୍ୟ ସରକାର 'ମୋ ସ୍କୁଲ ଅଭିଯାନ' ଅଧୀନରେ ପାଇଲଟ୍ ପ୍ରକଳ୍ପ ଭାବେ ଆରମ୍ଭ କରିଥିବା '୧୦୦ ସ୍କୁଲ ପ୍ରୋଗ୍ରାମ'କୁ ଆହୁରି ତ୍ୱରିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ବଛା ବଛା ୧୦୦ ଉଚ୍ଚ ବିଦ୍ୟାଳୟ ତଥା ପ୍ରତ୍ୟେକ ଜିଲାର ୩ ସ୍କୁଲକୁ ଉତ୍କର୍ଷ ଶିକ୍ଷାନୁଷ୍ଠାନରେ ପରିଣତ କରାଯିବାର ଯୋଜନା କରାଯାଇଛି। ପ୍ରଧାନ ଶିକ୍ଷକଙ୍କ ଭୂମିକା ଏଥିରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ନେତୃତ୍ୱ ନେବାର ମନୋବୃତ୍ତି ବିକଶିତ କରାଯିବ। ଏହାକୁ ଦୃଷ୍ଟିରେ ରଖି 'ମୋ ସ୍କୁଲ ଅଭିଯାନ' ପକ୍ଷରୁ ଏବଂ 'ପିପୁଲ୍ ଫର୍ ଆକ୍ସନ'ର ମିଳିତ ସହଯୋଗରେ ଶୁକ୍ରବାରଠାରୁ ସ୍ଥାନୀୟ ଗୋପବନ୍ଧୁ ଏକାଡେମୀଠାରେ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି।

'ସ୍କୁଲ ଲିଡରଶିପ୍' ଉପରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ୍ ଅଫିସର ଅବିନାଶ ଶତପଥୀ ଉଦ୍‌ଘାଟନ କରି କହିଛନ୍ତି, ଛାତ୍ରୀଛାତ୍ର ତଥା ସ୍କୁଲର ସର୍ବାଙ୍ଗୀନ ବିକାଶରେ ପ୍ରଧାନ ଶିକ୍ଷକମାନଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ପିଲା ଯେପରି ଗୁଣାତ୍ମକ ଶିକ୍ଷା ପାଇବେ ତାହାକୁ ସେମାନେ ସୁନିଶ୍ଚିତ କରିପାରିବେ। କାର୍ଯ୍ୟକ୍ରମରେ ସେଣ୍ଟ୍ରାଲ ଜୋନ୍‌ରୁ ମୋଟ ୩୬ ପ୍ରଧାନ ଶିକ୍ଷକ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କୁ ବିଭିନ୍ନ ବିଷୟରେ ୮ ଜଣ ବିଶେଷଜ୍ଞ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଜିଲା ଶିକ୍ଷାଧିକାରୀମାନଙ୍କ ପରାମର୍ଶକ୍ରମେ ରାଜ୍ୟର ବଛା ବଛା ୧୦୦ ବିଦ୍ୟାଳୟକୁ '୧୦୦ ସ୍କୁଲ ପ୍ରୋଗ୍ରାମ'ରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଏଥିରେ ରାଜ୍ୟର ପୁରାତନ ତଥା ଐତିହ୍ୟ ବିଦ୍ୟାଳୟ, ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ପୋଷ୍ୟ ଭାବେ ଗୃହୀତ ହୋଇଥିବା ସ୍କୁଲ ରହିଛି। ଏହି ୩ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପର୍ଯ୍ୟାୟକ୍ରମେ ରାଜ୍ୟର ୩ଟି ଜୋନ୍‌ରେ କରିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ସେଣ୍ଟ୍ରାଲ ଜୋନ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାର୍ଚ୍ଚ ୨୭ରେ ଉଦ୍‌ଯାପନ ହେବ।

# ଆଜିଠୁ ୩ ଦିନିଆ ରିମାଣ୍ଡରେ ୪ ଅଭିଯୁକ୍ତ

**ପୁରୀ ଅଫିସ,୨୫।୩**

ଶ୍ରୀମନ୍ଦିର ସେବାୟତ ତଥା ସୁଆର ମହାସୁଆର ନିଯୋଗର ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରତିହାରୀ (କାଳିଆ)ଙ୍କୁ ଗୁଳିକରି ହତ୍ୟା ମାମଲାରେ ଗିରଫ ୧୦ ଅଭିଯୁକ୍ତଙ୍କ ମଧ୍ୟରୁ ୪ଜଣଙ୍କୁ ପୋଲିସ ରିମାଣ୍ଡରେ ଆଣିବ। ଶୁକ୍ରବାର ପୁରୀ ଏସ୍‌ଡିଜେଏମ୍ କୋର୍ଟ ସମ୍ପୃକ୍ତ ୪ ଅଭିଯୁକ୍ତ ପ୍ରଫୁଲ୍ଲ ମହାପାତ୍ର (ଗୁଟୁ), ଲକ୍ଷ୍ମଣ ସୁଆର (କୁନୁମୁନି), ଆଶିଷ ମହାପାତ୍ର (ବାବା) ଏବଂ ହରିହର ପଣ୍ଡାଙ୍କୁ ରିମାଣ୍ଡରେ ନେବା ପାଇଁ ପୋଲିସର ଆବେଦନକୁ ମଞ୍ଜୁର କରିଛନ୍ତି। ତେବେ ୭ଦିନିଆ ପରିବର୍ତ୍ତେ ୩ଦିନିଆ ରିମାଣ୍ଡ ଅନୁମତି ମିଳିଛି। ପୂର୍ବରୁ ଏନେଇ କୋର୍ଟରେ ପୁରୀ ପୋଲିସ ଆବେଦନ କରିଥିଲା। ଏହି ଅଭିଯୁକ୍ତମାନଙ୍କୁ ପୋଲିସ ଶନିବାର ପୂର୍ବାହ୍ନ ୧୦ଟାରୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ ପାଇଁ ଜେରା କରିବା ସହ ଘଟଣାସ୍ଥଳକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏଶନ କରାଇବ।

**କୃଷ୍ଣଚନ୍ଦ୍ର ପ୍ରତିହାରୀ ଗୁଳିକାଣ୍ଡ ମାମଲା**

- କୋର୍ଟରେ ରିମାଣ୍ଡ ଆବେଦନ ମଞ୍ଜୁର
- କ୍ରାଇମ ସିନ୍ ରିକ୍ରିଏଶନ୍ କରିବ ପୋଲିସ
- ଅଧିକ ତଥ୍ୟ ହାସଲ ପାଇଁ ଅଭିଯୁକ୍ତଙ୍କୁ ଜେରା କରାଯିବ

ସୂଚନାଯୋଗ୍ୟ, ଗତ ୧୬ତାରିଖ ସକାଳେ ବାରବାଟୀ ଜାଗାଠାରେ କୃଷ୍ଣଚନ୍ଦ୍ରଙ୍କ ଉପରକୁ ଗୁଳି ଚାଳନା କରାଯାଇଥିଲା। ପରେ ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କୃଷ୍ଣଚନ୍ଦ୍ରଙ୍କ ଭାଇ ନରସିଂହ ପ୍ରତିହାରୀଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ. ୯୦/୨୦୨୨) ରୁଜୁ କରି ତଦନ୍ତ ଚଳାଇଛି। ୨୧ ତାରିଖରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ପୁରୀ ତଲୁଛ ସାହିର ତଲୁଛ ନିତ୍ୟାନନ୍ଦ ମହାପାତ୍ର ଓରଫ କାଳିଆ ସିଂହାରୀ ଓ ତାଙ୍କ ପୁଅ ତଲୁଛ ଆଶିଷ ମହାପାତ୍ର ଓରଫ ଦୋଳଗୋବିନ୍ଦ ସିଂହାରୀ, ମଣିକର୍ଣ୍ଣିକା ସାହିର ସତ୍ୟନାରାୟଣ ପାଣିଗ୍ରାହୀ ଓରଫ କାଳୁ ପାଣିଗ୍ରାହୀ, ହରଚଣ୍ଡୀ ସାହିର ଆଶିଷ ମହାପାତ୍ର ଓରଫ ବାବା ମହାପାତ୍ର, ବ୍ରହ୍ମଗିରି ବ୍ଲକ ରେଣ୍ଢା ଅଞ୍ଚଳର ରଶ୍ମିରଞ୍ଜନ ପାତ୍ର ଏବଂ ଆଳୁପାଟଣାର ସନ୍ଦୀପ ଜେନାଙ୍କୁ ଗିରଫ କରାଯାଇଥିଲା। ପରେ ୨୨ତାରିଖରେ ପ୍ରଫୁଲ୍ଲ ମହାପାତ୍ର (ଗୁଟୁ), ଲକ୍ଷ୍ମଣ ସୁଆର (କୁନୁମୁନି), ହରି ପଣ୍ଡା ଏବଂ ଜଗନ ଖଟେଇଙ୍କୁ କୋରାପୁଟରୁ ପୋଲିସ ଗିରଫ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ପୋଲିସ ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିଥିଲା। ଶୁକ୍ରବାର ରିମାଣ୍ଡ ଅନୁମତି ମିଳିଥିବାରୁ ଅଭିଯୁକ୍ତଙ୍କୁ ପୋଲିସ ଆଣି ନିଜ ହେପାଜତରେ ୩ ଦିନ ରଖିବ। ଏହି ସମୟ ମଧ୍ୟରେ କ୍ରାଇମ ସିନ୍ ରିକ୍ରିଏଶନ୍ ସମେତ କିଭଳି ହତ୍ୟାକାଣ୍ଡ ଘଟାଗଲା ଓ କେଉଁ ଅଭିଯୁକ୍ତଙ୍କର କ'ଣ ଭୂମିକା ଥିଲା ତାହା ଜାଣିବା ପାଇଁ ଚେଷ୍ଟା କରିବ। ହତ୍ୟାର ଯୋଜନା କିଏ ଓ କିପରି କରିଥିଲେ, ଘଟଣାସ୍ଥଳରେ କିଏ ଗୁଳି ଚଳାଇଲା, ମୋଟର ସାଇକେଲ କିଏ ଚଳାଉଥିଲେ ଓ ସେମାନେ କିଭଳି ଖସି ପଳାଇଲେ ତାହା କ୍ରାଇମ୍ ସିନ୍ ରିକ୍ରିଏଶନ୍ ବେଳେ ସ୍ପଷ୍ଟ ହେବ। ସେହିଭଳି ହତ୍ୟାକାଣ୍ଡ ପରେ ଅଭିଯୁକ୍ତମାନେ ଫେରାର୍ ହୋଇ କେଉଁଠି ପହଞ୍ଚିଥିଲେ ଓ ତାଙ୍କୁ କେଉଁମାନେ ସହଯୋଗ କରିଥିଲେ ସେନେଇ ମଧ୍ୟ ଖୋଳତାଡ଼ ହେବ। ତେବେ ଏପର୍ଯ୍ୟନ୍ତ ମୁଖ୍ୟ ଷଡ଼ଯନ୍ତ୍ରକାରୀ କାଳିଆ ସିଂହାରୀ ଓ ତାଙ୍କ ପୁଅ ଦୋଳଗୋବିନ୍ଦଙ୍କୁ ରିମାଣ୍ଡରେ ଅଣାଯାଇନାହିଁ। ଦୁହେଁ ମାଷ୍ଟରମାଇଣ୍ଡ ଥିବାରୁ ଉଭୟଙ୍କୁ ମଧ୍ୟ ପୋଲିସ ରିମାଣ୍ଡରେ ଆଣିପାରେ। ଅନ୍ୟପକ୍ଷରେ ଗୁନ ସିଂହାରୀ ହତ୍ୟାକାଣ୍ଡ ମାମଲା ଭଳି ଦୁର୍ବଳ ଚାର୍ଜସିଟ୍ ହେବାକୁ ଦିଆଯିବ ନାହିଁ ବୋଲି ଏସ୍‌ପି କନୱର ବିଶାଲ ସିଂ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଯଥେଷ୍ଟ ସାକ୍ଷ୍ୟ ପ୍ରମାଣ ଆଧାରରେ ଚାର୍ଜଶିଟ୍ ଦାଖଲ କରାଯିବା ସହ ବିଚାରପତିଙ୍କୁ ହତ୍ୟାର ଏକ ନିର୍ଦ୍ଦିଷ୍ଟ ଓ ଦୃଢ଼ ଉଦ୍ଦେଶ୍ୟ ସମ୍ପର୍କରେ ପୋଲିସ ଅବଗତ କରାଇବ ବୋଲି ଏସ୍‌ପି କହିଛନ୍ତି।

# ପ୍ରଣବ, ପଧିୟାରଙ୍କୁ ସ୍ୱର୍ଣ୍ଣ ପଦକ

**ଦୁବାଇ, ୨୫।୩ (ପି.ଟି.)**

ସ୍ପ୍ରିଣ୍ଟର ପ୍ରଣବ ପ୍ରଶାନ୍ତ ଦେଶାଇ ଓ ହାଇ ଜମ୍ପର ରାମସିଂଭାଇ ଗୋଭିନ୍ ପଧିୟାର ଦୁବାଇରେ ଅନୁଷ୍ଠିତ ୧୩ତମ ଫାଜା ଅନ୍ତର୍ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହାକୁ ମିଶାଇ ଭାରତ ପ୍ରତିଯୋଗିତାରେ ମୋଟ ୧୪ଟି ପଦକ ହାସଲ କରି ୮ମ ସ୍ଥାନ ଅଧିକାର କରିଛି। ଏହା ମଧ୍ୟରେ ୫ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ସାମିଲ। କଲମ୍ବିଆ ୧୨ ସ୍ୱର୍ଣ୍ଣ ସହ ୨୫ ପଦକ ପାଇ ଶୀର୍ଷରେ ଥିବାବେଳେ ଆଲ୍‌ଜେରିଆ ୧୬ ଓ ଥାଇଲାଣ୍ଡ ୩୦ଟି ପଦକ ହାସଲ କରିଛି। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ୨୦୦ ମିଟର ଟି୬୪ରେ ସ୍ୱର୍ଣ୍ଣ ପଦକ ପାଇଥିବା ଦେଶାଇ ଅନ୍ତିମ ଦିବସରେ ୧୦୦ ମିଟର ପୁରୁଷ ଟି୬୩/୬୪ ରେସ୍‌ରେ ୧୧.୭୪ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସେହିପରି ପୁରୁଷ ହାଇଜମ୍ପ ଟି୪୨ ଫାଇନାଲରେ ପଧିୟାର ଓ ଶାଲିଶ କୁମାର ୧.୮୪ ମିଟର କ୍ଲିୟର କରିଥିଲେ। ତେବେ ପଧିୟାରଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା।

ଯାଦୁ, କାଛୁ, କୁଣ୍ଡିଆ
ପାଇଁ ଆୟୁର୍ବେଦିକ ମଲମ
ଇଚ୍‌କୁ®
ଆୟୁର୍ବେଦିକ ମଲମ
- ପ୍ରଭାବ ପ୍ରଥମ ଦିନରୁ
- ଚିଟା ନୁହେଁ, ଦାଗ ଲାଗେ ନାହିଁ





# ଆସିଲେନି ପୁଞ୍ଜିଲାଲଙ୍କ ଓକିଲ ଓ ସାକ୍ଷୀ, ଘୁଞ୍ଚିଲା ତାରିଖ

**ପାଟଣାଗଡ଼, ୨୫।୩ (ଡି.ଏନ୍.ଏ.):** ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ଶୁକ୍ରବାର ପ୍ରଥମ ଦିନରେ ପାଟଣାଗଡ଼ ଏଡିଜେ କୋର୍ଟରେ ଶୁଣାଣି ଥିଲା। ବଲାଙ୍ଗୀର ଜେଲ୍‌ରୁ ପୁଞ୍ଜିଲାଲଙ୍କୁ କଡ଼ା ସୁରକ୍ଷା ବଳୟରେ ପୂର୍ବାହ୍ନ ୧୧ଟା ସମୟରେ କୋର୍ଟରେ ହାଜର କରାଯାଇଥିଲା। ଏହି ଘଟଣାର ପ୍ରଥମ ଦିନର

**ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା**

ଶୁଣାଣି ଥିବା ବେଳେ କୋର୍ଟରେ ପୁଞ୍ଜିଲାଲଙ୍କ ଓକିଲ ଓ ସାକ୍ଷୀମାନେ କୌଣସି କାରଣବଶତଃ ହାଜର ହୋଇ ନ ଥିଲେ। ଯାହାଫଳରେ ଏହି କେସ୍‌ର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୮ ତାରିଖକୁ ଘୁଞ୍ଚାଇ ଦିଆଯାଇଥିବା ସରକାରୀ ଓକିଲ ଆଶିଷ କୁମାର ଚନ୍ଦନଙ୍କଠାରୁ ଜଣାପଡ଼ିଛି। ସୂଚନାନୁଯାୟୀ, ୨୦୧୮ ଫେବୃୟାରୀ ୨୩ରେ ପାଟଣାଗଡ଼ ବ୍ଲକ ଛକ ବାସିନ୍ଦା ଜୁଲୋଜି ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରେ ମଧ୍ୟାହ୍ନ ସମୟରେ ଏକ ପାର୍ସଲ୍ ପହଞ୍ଚିଥିଲା। ଉକ୍ତ ପାର୍ସଲକୁ ରବୀନ୍ଦ୍ରଙ୍କ ପୁଅ ସୌମ୍ୟ ଶେଖର ଖୋଲିବା ସମୟରେ ତାହା ବିସ୍ଫୋରଣ ଘଟିଥିଲା। ଉକ୍ତ ବିସ୍ଫୋରଣରେ ସୌମ୍ୟ ଓ ତାଙ୍କ ଜେଜେ ମାଆ ଜେମାମଣି ପ୍ରାଣ ହରାଇଥିଲେ। ସୌମ୍ୟଙ୍କ ସ୍ତ୍ରୀ ରୀମା ସାହୁ ଅଳ୍ପକେ ବର୍ତ୍ତି ଯାଇଥିଲେ ସୁଦ୍ଧା ଦୀର୍ଘଦିନ ପର୍ଯ୍ୟନ୍ତ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏହାକୁ ନେଇ ପ୍ରଥମେ ପାଟଣାଗଡ଼ ଥାନାରେ ଏକ ମାମଲା ରୁଜୁ କରାଯିବା ପରେ ଦୀର୍ଘ ଏକ ମାସ ପର୍ଯ୍ୟନ୍ତ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ କରିଥିଲା। ପରେ ଏହି ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। ଏହି କେସ୍‌ରେ କ୍ରାଇମବ୍ରାଞ୍ଚର ଏକ ସ୍ୱତନ୍ତ୍ର ଟିମ୍ ପୁଞ୍ଜିଲାଲଙ୍କୁ ଗିରଫ କରିଥିଲା।

Dr. Juneja's
ଡା. ଅର୍ଥୋ®
Ayurvedic Oil, Capsules, Spray & Ointment





KNEE CAP
ଆଣ୍ଠୁକୁ ସାହାରା ଓ ଆରାମ ଯୋଗାଏ

ଆଜିର ସୁସ୍ଥ ଜୀବନଶୈଳୀ ଏବଂ ପରିବର୍ତ୍ତନଶୀଳ ଲାଇଫ୍ ଷ୍ଟାଇଲ୍ ଅଧିକାଂଶ ଜନମାନସଙ୍କ ଗତିଶୀଳତାକୁ ନକାରାତ୍ମକ ଭାବେ ପ୍ରଭାବିତ କରିଛି । ଆଜି ଯୁବବର୍ଗଙ୍କଠାରୁ ଆରମ୍ଭ କରି ବୟସ୍କଙ୍କଠାରେ ଆଣ୍ଠୁ ବ୍ୟଥାର ସମସ୍ୟା ରହିଥାଏ, ଏହି ପରିସ୍ଥିତିରେ Dr. Ortho Pain Relief Knee Capରୁ ଆପଣଙ୍କୁ ଅନେକାଂଶରେ ଉପଶମ ମିଳିଥାଏ । ଏହା ଆପଣଙ୍କ ମାଂସପେଶୀକୁ ଉଷ୍ମତା ପ୍ରଦାନ କରିଥାଏ, ଯାହାଦ୍ୱାରା ଆପଣଙ୍କ ଆଣ୍ଠୁକୁ ପିଡ଼ାରୁ ଆରାମ ମିଳିଥାଏ । ଏହାକୁ ପିନ୍ଧି ଆପଣଙ୍କୁ ସହଜରେ ଚଳପ୍ରଚଳ ହେବାରେ ଅଧିକ ସହାୟତା ମିଳିଥାଏ ।

Dr. Ortho Knee Cap ଅତ୍ୟନ୍ତ ହାଲୁକା, ଆରାମଦାୟକ ଓ ଉଚ୍ଚ ଗୁଣମାନର ସାମଗ୍ରୀରେ ନିର୍ମିତ ଅଟେ । ଏହାକୁ ଆପଣ ବ୍ୟାୟାମ କରିବା, ଦୌଡ଼ିବା ଓ ଚାଲିବା ସମୟରେ ଦେଖାଦେଉଥିବା ଯନ୍ତ୍ରଣାରୁ ଉପଶମ ପାଇବା ପାଇଁ ବ୍ୟବହାର କରିପାରିବେ । ଏହା ରକ୍ତ ସଞ୍ଚାଳନକୁ ବୃଦ୍ଧି କରି ଯନ୍ତ୍ରଣାରୁ ଉପଶମ ଦେବାରେ ସାହାଯ୍ୟ କରିଥାଏ । ଏହାକୁ ପିନ୍ଧିବା ପରେ କ୍ଲାନ୍ତି ହ୍ରାସ ହୋଇଯାଏ । ଏହାକୁ ଆପଣ ସ୍ପୋର୍ଟସ୍ ଆକ୍ଟିଭିଟିଜ୍ ସମୟରେ ମଧ୍ୟ ବ୍ୟବହାର କରିପାରିବେ । ଯଦି ଆପଣଙ୍କର ଓଜନ ଅଧିକ ହୋଇଥାଏ, ତେବେ Dr. Ortho Knee Cap ବ୍ୟବହାର କଲେ ଆପଣଙ୍କ ଆଣ୍ଠୁ ଉପରେ ଶରୀରର ଭାର ଅପେକ୍ଷାକୃତ କମ୍ ପଡ଼ିଥାଏ ଓ ଆପଣ ସହଜରେ ଚଲାବୁଲା କରିପାରନ୍ତି ।

BUY NOW
One Pair
MRP ₹320/-
Wanted Distributors all over India
For more information please mail :
teamsales@divisa.in, M. 8146145555

Orissa S.S. : Orissa Drug Distributor (Cuttack) : 2308926, 2308090, 6371713025, Angul : 232710, 231021, 233578, 9861121114, 9439138737, Aska : 9437424001, 272476, Balasore : 9040605196, 8984225824, 266871, 9437754792, 264594, 9437296785, 260025, 260611, 263459, Bamra : 229249, 9937581962, 229266, Barbil : 277283, Bargarh : 246906, 231319, 9437344300, 9777189794, 8093836557, 233089, 230244, Baripada : 9437320423, 9861138256, 9438250003, 9437188717, 257155, 9437320602, Begunia (Khurda) : 9437429268, Berhampur : 9437438256, 9438430070, 9437062015, 2250508, 2250732, 8093328828, 2250789, 9437114236, 9439643040, 2250815, 2250741, Bhadrak : 9437215761, 9040193860, 325007, Bhawanipatna : 233203, Bhubaneswar : 2530442, 9861289000, 9937070886, 2531215, 9437353502, 2530804, 9853451234, 2303977, 9437359374, 2536051, 9040057896, 9437307031, 2532184, 2507586, Bolangir : 9437093264, 233055, 9437210750, 235303, Boudh : 9437154867, Cuttack : 9437247237, 9861102904, 2526335, 6548643, 9583910000, 2308918, 2308627, 2518862, 9937541732, 2530531, 9438480599, Dhenkanal : 223261, 224856, Jagatsingpur : 9437541060, Jajpur Town : 224690, 9338620009, Jaraka : 273230, 9437073032, Jatni : 9437162097, Jeypore : 9437406230, 9437215425, 231405, 232864, 241824, Jharsuguda : 9040747137, 8763776324, 9438641888, 9437050322, 9437689233, 9437250042, 271023, Kendrapada : 9668286960, Keonjhar : 256465, 9437136317, 253202, Keshinga : 222059, 9583251313, 9437327273, 9437070921, Khandapada : 7873439046, 9438424230, Khelar : 9437884540, Khurda : 220419, 9437230385, Malkangiri : 9437435213, 230906, Nayagarh : 9853101011, Padampur : 9938550551, Panikoili : 9437086941, Paralakhemundi : 222746, Phulbani : 9853525181, Puri : 233156, 9937071720, 225819, Rayagada : 9437643418, 222791, 9937060531, 223356, Rourkela : 2522187, 2522975, 9438143234, 2511093, 2501092, 6532369, 2510913, 2509104, Sambalpur : 2540227, 2522075, 2521445, 2532553, 9937065848, 2511996, 9439027507, 2400281, 9437256336, Talcher : 9937060364, Tirtol : 9776355057, Titlagarh : 9437151725, 222385

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ୩ଥର ଜାମିନ ନାମଞ୍ଜୁର

#### ପ୍ରତାରଣା କରି ଜେଲରେ ଅଛନ୍ତି ସ୍ୱାମୀ

**ନୟାଗଡ଼ ଅଫିସ,୨୫।୩:** ନୟାଗଡ଼ ଅତିରିକ୍ତ ଜିଲା ଜଜ୍ ଲିଲି ସେନାପତିଙ୍କ କୋର୍ଟରେ ଶୁକ୍ରବାର ସ୍ତ୍ରୀଙ୍କୁ ନିର୍ଯାତନା ମାମଲାର ଶୁଣାଣି ଆରମ୍ଭ ହୋଇଛି। ଏହି ଘଟଣାରେ ଗିରଫ ହୋଇ ଜେଲରେ ଥିବା କଳାମାଟିଆ ଗାଁର ଗଣେଶ ବେହେରାଙ୍କ ଜାମିନ ୩ୟ ଥର ପାଇଁ ନାମଞ୍ଜୁର ହେବା ପରେ ପୁଣି ତାଙ୍କୁ ଜେଲ ଯିବାକୁ ପଡିଛି। ଅନ୍ୟପକ୍ଷେ ନ୍ୟାୟ ଅପେକ୍ଷାରେ ସ୍ତ୍ରୀ ୫ ବର୍ଷର ପୁଅକୁ ଧରି ଅପେକ୍ଷା କରିଛନ୍ତି। ୨୦୧୫ରେ ଓଡ଼ଗାଁ ବ୍ଲକ ଦ୍ୱାରା ଆୟୋଜିତ ଏକ ନିଯୁକ୍ତି ମେଳାକୁ କଳାମାଟିଆ ଗାଁର ଗଣେଶ ବେହେରା(୩୦) ଓ ଶରଣକୁଳ ଥାନା ବରଡିହ ଗାଁର କବିତା ନାହାକ(୨୫) ଆସିଥିଲେ। ଏହି ମେଳାରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ଗଣେଶ ପଛୁଆ ବର୍ଗର ହୋଇଥିବାବେଳେ କବିତା ଥିଲେ ଦଳିତ ବର୍ଗର। ଉଭୟଙ୍କ ଜାତି ଅଲଗା ହୋଇଥିଲେ ମଧ ପରସ୍ପରଙ୍କ ପ୍ରେମସମ୍ପର୍କ ବଢ଼ିଥିଲା। ଗଣେଶ ବେଙ୍ଗାଲୁରୁରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। କବିତା ସିଲେଇ ଜାଣିଥିବାରୁ ବେଙ୍ଗାଲୁରୁ ଚାଲିଯାଇଥିଲେ। ସେଠାରେ ଉଭୟେ ବିବାହ କରି ଏକାଠି ରହୁଥିଲେ। ଉଭୟେ ବିବାହ ସମ୍ପର୍କରେ ସେମାନଙ୍କ ଘରେ ଜଣାଇ ନ ଥିଲେ। ୨୦୧୬ରେ ଦମ୍ପତିଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ପୁଅକୁ ଅଢ଼େଇ ମାସ ହେବା ପରେ ବଜାରକୁ ଯାଉଛି କହି ଭଡ଼ାଘରକୁ ଗଣେଶ ଆଉ ଫେରି ନ ଥିଲେ। କିଛିଦିନ ବେଙ୍ଗାଲୁରୁରେ ରହିବା ପରେ କବିତା ଛୋଟଛୁଆକୁ ଧରି ଗଣେଶଙ୍କୁ ଖୋଜିବାରେ ବାହାରିଲେ। ଦଳିତ ବର୍ଗର ହୋଇଥିବାରୁ ଗଣେଶ ଆଉ କବିତାଙ୍କୁ ଗ୍ରହଣ କରି ନ ଥିଲେ। ଏଭଳିସ୍ଥଳେ କବିତା ଶରଣକୁଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦଫା ୪୯୮(ଏ), ୫୦୬, ୩(ଆର)(ଏସ୍), ୩ ଏସ୍‌ଟିଏସ୍‌ସି ଆକ୍ଟରେ ନଂ.୪୩/୧୭ରେ ମାମଲା ରୁଜୁକରି ତଦନ୍ତ କରିଥିଲା। ୨୦୨୨ ଫେବୃୟାରୀ ୪ରେ ପୋଲିସ ଗଣେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିଦିନଠାରୁ ଗଣେଶ ଜେଲରେ ଅଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱଦେଶ ମିଶ୍ର ମକଦ୍ଦମା ପରିଚାଳନା କରୁଛନ୍ତି।

### ମହାନଦୀ ସେତୁ ଉପରେ ଆଲୋକୀକରଣ ଦାବି



**ଖଣ୍ଡପଡା,୨୫।୩(ସ୍ୱ.ପ୍ର)** ନୟାଗଡ଼ ଓ କଟକ ଜିଲା ସୀମାନ୍ତ ମହାନଦୀ ଉପରେ ଏକ ସେତୁ ନିର୍ମାଣ କରାଯାଇଛି। ସେତୁ ଉପରେ ଆଲୋକୀକରଣ ପାଇଁ ସାଧାରଣରେ ଦାବି କରାଯାଇଛି। ମହାନଦୀର ଉଭୟପାର୍ଶ୍ୱରେ ଅବସ୍ଥିତ ସିଧାମୂଳା-ଏକତାଳ ଗ୍ରାମକୁ ସଂଯୋଗ କରୁଥିବା ୧୫୬୮ ମିଟର ଦୀର୍ଘ ସେତୁ ସମ୍ପ୍ରତି ନିକଟବର୍ତ୍ତୀ ଅଞ୍ଚଳବାସୀଙ୍କ ପାଇଁ ବିପଦର କାରଣ ପାଲଟିଛି। ସିଧାମୂଳାସ୍ଥିତ ଗୋକୁଳାନନ୍ଦ ପର୍ଯ୍ୟଟନ ପୀଠକୁ ବର୍ଷର ବିଭିନ୍ନ ସମୟରେ ପର୍ଯ୍ୟଟକଙ୍କ ଭିଡ ଲାଗି ରହିଥିବା ବେଳେ ସେତୁ ଉପରେ ନିର୍ଜନ ତାର ସୁଯୋଗ ନେଇ ଅନ୍ଧାର ରାତିରେ ଦୁର୍ବୃତ୍ତମାନେ ବିଭିନ୍ନ ସମୟରେ ରାହାଜାନି କରୁଛନ୍ତି। ଫଳରେ ପଥଚାରୀ ଲୁଟର ଶିକାର ହେଉଛନ୍ତି। ତେବେ ପଥଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ସେତୁ ଉପରେ ସୋଲାର ଲାଇଟ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

# ଚାଲିଛି ବିଜୟ ପରାଜୟର ଅଙ୍କକଷା

**ନୟାଗଡ଼ ଅଫିସ,୨୫।୩**

■ପୌର ନିର୍ବାଚନ: ରାତି ପାହିଲେ ବାହାରିବ ଫଳ

ପୌର ନିର୍ବାଚନ ଶେଷ ହୋଇଛି। ରାତିପାହିଲେ ଶନିବାର ହେବ ଭୋଟ ଗଣନା। ଇତିମଧ୍ୟରେ ପାନ ଦୋକାନଠାରୁ ଆରମ୍ଭ କରି ଜଳଖିଆ ଦୋକାନ, ସେଲୁନ୍ ପର୍ଯ୍ୟନ୍ତ ସବୁଠି ଚାଲିଛି ବିଜୟ ପରାଜୟର ଚର୍ଚ୍ଚା। କିଏ କହୁଛି ପଞ୍ଚାୟତ ନିର୍ବାଚନର ଫଳାଫଳରେ ଖୁସି ମନାଇଥିବା ବିଜେଡିର ପୌର ନିର୍ବାଚନ ଫଳାଫଳ ହୋସ ଉଡାଇଦେବ। ପରାଜୟର ସ୍ୱାଦ ବିଜେଡି ଚାଖିବ। ଆଉ କିଏ କହୁଛି ପଞ୍ଚାୟତ ପରି ପୌର ନିର୍ବାଚନ ବିଜେଡି ପାଇଁ ଶୁଭଙ୍କର ହେବ। ପୁଣି କିଏ କିଏ ଯୁକ୍ତି ବାଢୁଛନ୍ତି ନିର୍ବାଚନର ପୂର୍ବ ରାତି ବଦଳାଇ ଦେଲା ସରକାରୀ ବିରୋଧୀ ହାୱା, ସବୁ ନିର୍ବାଚନରେ ସରକାରୀ ବିରୋଧୀ ହାୱା ବୋହୁଛି । ଏଥର ବି ବୋହିଛି। କିନ୍ତୁ ବିଜେଡି ପ୍ରାର୍ଥୀ ବିଜୟୀ ହୋଇ ମ୍ୟୁନିସିପାଲିଟି ଓ ଏନ୍ଏସିକୁ ଦଖଲ କରିବେ। ତେବେ ସବୁ ପ୍ରାର୍ଥୀଙ୍କ ହୃଦ୍‌ସ୍ପନ୍ଦନ ବଢ଼ି ଯାଇଛି। ଜିଲାରେ ଗୋଟିଏ ମ୍ୟୁନିସିପାଲିଟି ଓ ୪ ଏନଏସି ରହିଛି। ଓଡଗାଁ ଏନ୍ଏସିକୁ ଛାଡିଦେଲେ ଖଣ୍ଡପଡା, ଦଶପଲ୍ଲା ଓ ରଣପୁର ଏନଏସି ସମେତ ନୟାଗଡ ମ୍ୟୁନିସିପାଲିଟିରେ ନିର୍ବାଚନ ହୋଇଛି।

ନୟାଗଡ଼ ମ୍ୟୁନିସିପାଲିଟିରେ ୧୬ ୱାର୍ଡ, ଖଣ୍ଡପଡ଼ା ଏନ୍ଏସିରେ ୧୩ ୱାର୍ଡ, ରଣପୁରରେ ୧୫ ୱାର୍ଡ, ଦଶପଲ୍ଲା ଏନ୍ଏସିରେ ୧୬ ୱାର୍ଡ ରହିଛି। ୪ଟି ଯାକ ସହରାଞ୍ଚଳରେ ୧୭୭ ଜଣ କାଉନସିଲର ଓ ୧୬ ଜଣ ଅଧକ୍ଷ ପାଇଁ ପ୍ରାର୍ଥୀ ନିର୍ବାଚନ ଲଢୁଥିଲେ। ଏଥର ଅଧକ୍ଷ ନିର୍ବାଚନ ସିଧାସଳଖ ହେଉଛି। ଏଣୁ ସବୁଦଳର ଆଖି ଅଧକ୍ଷ ପଦରେ। କାଉନସିଲର ହାରନ୍ତୁ ପଛେ ଅଧକ୍ଷରେ ବାଜି ମାରି ନେବାକୁ ଇଚ୍ଛା। ଏଭଳିସ୍ଥଳେ ଶାସକ ଦଳ ୪ଟି ଯାକ ଆସନ ବାଜି ମାରି ନେବାକୁ ଗୋଟି ଚାଳନା କରିଛି। ଏ ନେଇ ମାଧବ ପ୍ରଧାନ, ସୁଦାମ ସ୍ୱାଇଁ, ମଧୁସ୍ମିତା ନାୟକ ପ୍ରମୁଖ ଭୋଟର କୁହନ୍ତି, ନୟାଗଡ, ଦଶପଲ୍ଲା, ଖଣ୍ଡପଡ଼ା ଓ ରଣପୁର ପରି ସହରରେ ବିଜେଡି ବିରୋଧରେ ହାୱା ବୋହୁଥିଲା। ନିର୍ବାଚନ ପୂର୍ବରାତିରେ ସରକାରୀ ଦଳ ବିରୋଧୀରେ ପ୍ରବାହିତ ହାୱା ଥମି ଯାଇଥିଲା। ହାୱା ଥମିବାର କାରଣ ଯାହା ହେଉନା କାହିଁକି ପଞ୍ଚାୟତ ନିର୍ବାଚନ ପରି ପୌର ନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ଏଭଳି ଅଭିଯୋଗ ଆମେ କେବଳ କହୁନୁ ଭାଜପା ଓ କଂଗ୍ରେସର ଅଧିକାଂଶ ପ୍ରାର୍ଥୀ ଅଭିଯୋଗ କରୁଛନ୍ତି। କିଏ ଜିତିବ ହାରିବ ଏବେ କହିବା ମୁସ୍କିଲ ବୋଲି କୁହାଯାଉଛି। କାରଣ ପଞ୍ଚାୟତ ନିର୍ବାଚନର ଫଳାଫଳ ସବୁ କିଛି ଓଲଟପାଲଟ କରି ପକାଇଛି। ତେବେ କିଛିଟା ପରିବର୍ତ୍ତନ ହୋଇପାରେ। ନୟାଗଡ଼ର ଜଣେ ଭୋଟର କୁହନ୍ତି, ଶାସକ ଦଳର ରଣନୀତିକୁ ବିରୋଧୀ ଦଳ ମୁକାବିଲା କରିପାରୁନାହାନ୍ତି। ଶାସକ ଦଳରେ ଚାଲିଥିବା ବିଦ୍ରୋହକୁ ବିରୋଧୀ ଦଳ ଫାଇଦା ଉଠାଇ ପାରୁନାହାନ୍ତି। ପୁଣି ବୁଥ୍ ଜବରଦଖଲ, ନକଲି ଭୋଟର ଭୋଟ ଦେବା ପରି ଅନିୟମିତତାକୁ ରୋକିବାରେ ସକ୍ଷମ ହୋଇପାରୁନାହାନ୍ତି। ଏପରିକି ସବୁ ୱାର୍ଡରେ ପ୍ରାର୍ଥୀ ଦେବାକୁ ସକ୍ଷମ ହେଉନାହାନ୍ତି। କଂଗ୍ରେସ ବହୁବର୍ଷ ଧରି କ୍ଷମତାରେ ଥିଲା। ଭାଜପା କେନ୍ଦ୍ରରେ କ୍ଷମତାରେ ଅଛି। ତେବେ ରାଜ୍ୟରେ ଶାସକ ଦଳକୁ ହଟାଇବାରେ ସକ୍ଷମ ହୋଇ ପାରୁନାହାନ୍ତି। କେନ୍ଦ୍ରୀୟ ନେତା ରାଜ୍ୟ ଶାସକ ଦଳର ପ୍ରୀତି ଛାଡୁ ନ ଥିବାରୁ ଧୀରେ ଧୀରେ ଭାଜପା, କଂଗ୍ରେସ ବୁଡ଼ିବାରେ ଲାଗିଛି। ଭୋଟର କିନ୍ତୁ ପରିବର୍ତ୍ତନ ଚାହୁଁଛନ୍ତି। ଯାହାକି ବିଧାନସଭା ଓ ଲୋକସଭା ନିର୍ବାଚନରେ ଦେଖା ଦେବ ବୋଲି କହିଛନ୍ତି।

## ପିଚୁ ରାସ୍ତାରେ ବାଲିମାଟି ପକାଇଲା ପୂର୍ତ୍ତ ବିଭାଗ



ଖଣ୍ଡପଡ଼ା-କଣ୍ଟିଲୋ ମୁଖ୍ୟ ରାସ୍ତାରେ ଖାଲଖମା ଜାଗାରେ ବାଲି, ମାଟି ପକାଯାଇଛି।

**ଖଣ୍ଡପଡ଼ା,୨୫।୩(ସ୍ୱ.ପ୍ର.)**

ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ପ୍ରଭୁ ଶ୍ରୀନୀଳମାଧବଙ୍କ ପୀଠ କଣ୍ଟିଲୋକୁ ସଂଯୋଗ କରୁଥିବା ଖଣ୍ଡପଡ଼ା-କଣ୍ଟିଲୋ ମୁଖ୍ୟ ରାସ୍ତା ମରଣଯନ୍ତା ପାଲଟିଛି। ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ରାସ୍ତା ମରାମତି ପ୍ରତି ଦୃଷ୍ଟି ନ ଦେଇ ଖାଲଖମାରେ ବାଲି ଓ ମାଟି ପକାଇ କାର୍ଯ୍ୟ ଶେଷ କରିଦେଇଛି। ପିଚୁ ରାସ୍ତାରେ ବାଲି, ମାଟି ପକାଇ କାହା ସ୍ୱାର୍ଥରେ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଦାୟିତ୍ୱ ସାରିଲେ ବୋଲି ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶଥାଉ କି, ଉକ୍ତ ରାସ୍ତାର ମରାମତି ବାବଦରେ ବର୍ଷର ବିଭିନ୍ନ ସମୟରେ ଲକ୍ଷାଧିକ ଟଙ୍କା ବ୍ୟୟ ହେଉଥିଲେ ହେଁ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ସଲାସୁତରା ଯୋଗୁ ଅବସ୍ଥା ସୁଧୁରୁ ନ ଥିବା ଅଭିଯୋଗ ହେଉଛି। ଅପରପକ୍ଷେ ରାସ୍ତା ପାର୍ଶ୍ୱରେ ଡ୍ରେନେଜ୍ ବ୍ୟବସ୍ଥା ନାହିଁ। ବର୍ଷାବେଳେ ଆବର୍ଜନା ପାଣି ରାସ୍ତାସାରା ମାଡୁଛି। ଏଥିପ୍ରତି ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ନ ଥିବା ପରି ମନେହେଉଛି। ଖଣ୍ଡପଡ଼ାରୁ କଣ୍ଟିଲୋକୁ ସଂଯୋଗ କରୁଥିବା ରାସ୍ତାର ଦୁରବସ୍ଥାକୁ ନେଇ ଅଞ୍ଚଳବାସୀ ପ୍ରତି ମୁହୂର୍ତ୍ତରେ ପ୍ରମାଦ ଗଣୁଛନ୍ତି। ଉକ୍ତ ରାସ୍ତାର ନବୀକରଣ ସହ ରାସ୍ତାପାର୍ଶ୍ୱରୁ ଜବରଦଖଲକାରୀଙ୍କୁ ହଟାଇବା ନିମନ୍ତେ ଜିଲା ପ୍ରଶାସନ ଓ ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ମହିଳା ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର



ଶିବିରରେ ଯୋଗ ଦେଇଥିବା ଛାତ୍ରୀମାନେ।

**ଖଣ୍ଡପଡ଼ା,୨୫।୩ (ସ୍ୱ.ପ୍ର.)**

ଖଣ୍ଡପଡା ସହରାଞ୍ଚଳସ୍ଥିତ ମହିଳା କନିଷ୍ଠ ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ସମ୍ପର୍କିତ ତାଲିମ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ନିର୍ଦ୍ଦେଶିତ ତଥା ଇଟାମାଟି ଶିକ୍ଷା ଓ ବୈଷୟିକ କନିଷ୍ଠ ମହାବିଦ୍ୟାଳୟ (ନୋଡାଲ କଲେଜ) ତତ୍ତ୍ୱାବଧାନରେ ଏହି ୮ ଦିନିଆ ତାଲିମ ଶିବିରରେ ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀମାନେ ଅଂଶଗ୍ରହଣ କରିଛନ୍ତି। ତାଲିମ ପ୍ରଶିକ୍ଷିକା ଭାବେ ସନ୍ଧ୍ୟାରାଣୀ ନାୟକ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ତୃପ୍ତିପ୍ରିୟା ସେଠୀ ଶିବିର ପରିଚାଳନା କରିଥିଲେ। ମହାବିଦ୍ୟାଳୟ ଅଧାପିକାଅଧାପକ ଓ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

## ଶିଶୁ ସୁରକ୍ଷା, ବାଲ୍ୟ ବିବାହ ପ୍ରତିରୋଧ କମିଟି ବୈଠକ

**ନୟାଗଡ଼ ଅଫିସ,୨୫।୩:** ନୟାଗଡ଼ ଜିଲା ଭାପୁର ବ୍ଲକ ରାକମା ପଞ୍ଚାୟତ ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ପ୍ରତିରୋଧ କମିଟି ଆହ୍ୱାନ କ୍ରମେ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ବୈଠକ ନବନିର୍ବାଚିତ ସରପଞ୍ଚ ସନ୍ତୋଷୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାକମା ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ଓ ବାଲ୍ୟ ବିବାହ ମୁକ୍ତ ପଞ୍ଚାୟତ ଭାବେ ଗଠନ କରିବାକୁ ଅନୁଷ୍ଠିତ ବୈଠକରେ ଶପଥ ଗ୍ରହଣ କରାଯାଇଛି। ଶୁକ୍ରବାର ଅନୁଷ୍ଠିତ ବୈଠକରେ ଶିଶୁଙ୍କ ସୁରକ୍ଷା, ଅଧିକାର, ଶିକ୍ଷା, ଗ୍ରାମାଞ୍ଚଳରେ ଶିଶୁଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଭାପୁର ବ୍ଲକର ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ରେଣୁବାଳା ନନ୍ଦ ଶିଶୁଙ୍କ ବିଷୟରେ ଆଲୋକପାତ କରିଥିଲେ। ଆକ୍ସନ ଏଡର ନୟାଗଡ ଜିଲା ପରାମର୍ଶଦାତ୍ରୀ ଇପିସ୍ମିତା ଅଗ୍ରୱାଲ ସରକାରଙ୍କ ଶିଶୁ ସପକ୍ଷବାଦୀ ଯୋଜନା, କିଶୋରୀକିଶୋରଙ୍କ ପାଇଁ ଉଚ୍ଚ ଶିକ୍ଷା ଓ ବିଭିନ୍ନ ତାଲିମ ସହ ଶିଶୁ ସୁରକ୍ଷା ଆଇନ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ବାଲ୍ୟ ବିବାହ ପ୍ରତିରୋଧ କରିବାକୁ ଅନୁରୋଧ କରିଥିଲେ। ନବ ନିର୍ବାଚିତ ସମିତିସଭ୍ୟ ବାଳଗୋପାଳ ଷଡଙ୍ଗୀ, ଆକ୍ସନ ଏଡର ବ୍ଲକ ସଂଯୋଜକ ସୁରେଶ ଚନ୍ଦ୍ର ସ୍ୱାଇଁ, କ୍ଷେତ୍ର ପରିଦର୍ଶିତା ଜ୍ୟୋତିମୟୀ ସାହୁ, ଯୁବ ସାମାଜିକ କର୍ମୀ ମାଧବ ଚନ୍ଦ୍ର ବେହେରା, ରାକମା ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ, ଅଙ୍ଗନବାଡି, ଆଶା କର୍ମୀ, ବୁଦ୍ଧିଜୀବି, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନା ଭାଗ ନେଇଥିଲେ। ଶିଶୁ ସୁରକ୍ଷା ଅଧିକାରୀମାନଙ୍କ ସହ ମିଶି ବାଲ୍ୟବିବାହକୁ ନା ଓ ସ୍କୁଲ ଯିବାକୁ ହଁ ପାଇଁ କାର୍ଯ୍ୟ କରିବାକୁ ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିଥିଲେ। ଭାପୁର ବ୍ଲକର ବାଘୁଆପଲ୍ଲୀ ଓ ରାକମା ପଞ୍ଚାୟତରେ ପ୍ରଥମେ ବାଲ୍ୟ ବିବାହ ପ୍ରତିରୋଧ ଓ ଶିଶୁ ସୈନିକ ପଞ୍ଚାୟତ ଗଠନ କରିବା ମୂଳ ଲକ୍ଷ୍ୟ ବୋଲି ଶିଶୁ ସୁରକ୍ଷା ଅଧିକାରିଣୀ କହିଥିଲେ। ଅଙ୍ଗନବାଡି କର୍ମୀ ନମିତା ପଟ୍ଟଯୋଶୀ ଧନ୍ୟବାଦ ଦେଇଥିଲେ।



ବୈଠକରେ ଅତିଥିମାନେ ଆଲୋଚନା କରୁଛନ୍ତି।

## କଣ୍ଟିଲୋରେ ଜନପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା



**ଖଣ୍ଡପଡ଼ା,୨୫।୩ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତରେ ନବ ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଗୁରୁବାର ସନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ଜନକଲ୍ୟାଣ ସାଂସ୍କୃତିକ ପରିଷଦ, ମାଧବ ଚୌଧୁରୀ ପାଟଣା ଆନୁକୂଲ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅନୁଷ୍ଠାନର ସଭାପତି ଅଧାପକ ସୁଜଳ କୁମାର ମହାରଣା ଅଧକ୍ଷତା କରିଥିଲେ। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଗାଁର ବିକାଶ ଲକ୍ଷ୍ୟରେ ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ସଭ୍ୟା ଭାବେ ଶ୍ରୀୟାରାଣୀ ବେହେରା, ଶିଖାରାଣୀ ବେହେରା ଓ ଉଜ୍ଜ୍ୱଳ ମହାରଣା ନିର୍ବାଚିତ ହୋଇଥିଲେ। ତେବେ ୧୫ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ୨୫ଟି ୱାର୍ଡକୁ ନେଇ ରାଜସ୍ୱ ଗ୍ରାମ କଣ୍ଟିଲୋ ପଞ୍ଚାୟତର ବିକାଶ ତଥା ଉନ୍ନତି ପାଇଁ ସମସ୍ତ ଲୋକପ୍ରତିନିଧି ଓ ଗ୍ରାମବାସୀଙ୍କ ସହଯୋଗ ଏକାନ୍ତ କାମ୍ୟ ବୋଲି ଉପସ୍ଥିତ ଜନପ୍ରତିନିଧି ଓ ସରପଞ୍ଚଙ୍କ ପ୍ରତିନିଧି ଶତ୍ରୁଘ୍ନ ବେହେରା ସୂଚନା ଦେଇଥିଲେ। ଏହି ଅବସରରେ ସମ୍ପୃକ୍ତ ଜନ ପ୍ରତିନିଧିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଗାଁର ସଭାପତି ପୂର୍ଣ୍ଣଚନ୍ଦ୍ର ମହାରଣା, ୱାର୍ଡ ସଭ୍ୟ କାଳନ୍ଦୀ ମହାରଣା, ମମତା ମିଶ୍ର, ବିନୋଦ ମିଶ୍ର, ବସନ୍ତ କୁମାର ମହାରଣା, ପ୍ରକାଶ ମହାରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସରୋଜ କୁମାର ମହାରଣା ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ପବିତ୍ର କୁମାର ମହାରଣା ଅତିଥି ପରିଚୟ ସହ ଧନ୍ୟବାଦ ଦେଇଥିଲେ।

## ସରକାରୀ କର୍ମଚାରୀ ଜବ୍‌କାର୍ଡଧାରୀ

**ନୟାଗଡ଼ ଅଫିସ,୨୫।୩:**

■ଶ୍ରମିକ ହୋଇ ନେଇଛନ୍ତି ପାରିଶ୍ରମିକ
■ବିଡିଓ କହିଲେ ଜାଣି ନାହାନ୍ତି

ନୟାଗଡ଼ ଜିଲା ଭାପୁର ବ୍ଲକରେ ଜଣେ ସରକାରୀ କର୍ମଚାରୀ ଜବ୍‌କାର୍ଡଧାରୀ ସାଜି ଶ୍ରମିକଙ୍କ ପାରିଶ୍ରମିକ ଉଠାଇଛନ୍ତି। ୨୦୧୭, ୨୦୨୦, ୨୦୨୧ ରେ ଏହି ଭଳିଆ ଅନିୟମିତତା ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଏ ନେଇ ଭାପୁର ବିଡିଓ ଜନ୍ମେଜୟ ସାହୁଙ୍କୁ ପଚାରିବାରୁ ସେ ଜାଣିନାହାନ୍ତି। ପରେ ଏ ନେଇ କହିବେ ବୋଲି କହିଛନ୍ତି।

ଅଭିଯୋଗ ଅନୁସାରେ, ଭାପୁର ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଅଫିସରେ କାର୍ଯ୍ୟରତ ୪ର୍ଥ ଶ୍ରେଣୀ କର୍ମଚାରୀ ରବୀନ୍ଦ୍ର ବେହେରା ପଦ୍ମାବତୀ ଗାଁର ବାସନ୍ଦା। ସେ ଜଣେ ସରକାରୀ କର୍ମଚାରୀ ହୋଇ ନିୟମକୁ ଫୁ କରି ନିଜ ନାଁରେ ଜବ୍‌କାର୍ଡ କରାଇଛନ୍ତି। ୨୦୦୮ରୁ ଏହି ଜବ୍‌କାର୍ଡ ହୋଇଥିବା ଜଣାପଡିଛି। ପୁଣି ନିଜ ସ୍ତ୍ରୀଙ୍କ ନାଁରେ ଅନୁରୂପ ଭାବେ ଜବ୍‌କାର୍ଡ କରାଇଛନ୍ତି। ୨୦୧୭ରେ ପଦ୍ମାବତୀ ପ୍ରହଲାଦ ମହାବିଦ୍ୟାଳୟ ଖେଳପଡିଆ, ୨୦୨୦ରେ କୃଷ୍ଣଚନ୍ଦ୍ର ସାହୁଙ୍କ କ୍ଷେତପୋଖରୀ, ୨୦୨୧ରେ ମଧୁସୂଦନ ବେହେରାଙ୍କ ଗୁହାଳ ନିର୍ମାଣ, ବିଜେଡିର ବ୍ଲକ ମହିଳା ସଭାପତି ଶୈଳେନ୍ଦି ସାହୁଙ୍କ କ୍ଷେତ ପୋଖରୀ ନିର୍ମାଣରେ କର୍ମଚାରୀ ଜଣକ ଶ୍ରମିକ ଭାବେ କାମ କରିଛନ୍ତି। ପୁଣି ସମାନ କାମରେ ନିଜ ସ୍ତ୍ରୀ କାମିନୀ ବେହେରାଙ୍କ ନାଁରେ ମଧ ଶ୍ରମିକଙ୍କ ପାରିଶ୍ରମିକ ଉଠାଇଛନ୍ତି। ଏହି ପରିବାର ଜବ୍‌କାର୍ଡଧାରୀ ହୋଇ ଲକ୍ଷାଧିକ ଟଙ୍କା ଉଠାଣ କରିଥିବା ଜଣାପଡିଛି। ଏ ନେଇ ରବୀନ୍ଦ୍ର ବେହେରାଙ୍କୁ ପଚାରିବାରୁ କିଛି ନ କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ।

### ଶ୍ରମିକଙ୍କୁ ମିଳୁନି ଜବ୍‌କାର୍ଡ

ଭାପୁର ବ୍ଲକରେ ଅନେକ ଶ୍ରମିକ ଅଛନ୍ତି ଯେଉଁମାନେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ରେ କାମ କରିବାକୁ ଆଗ୍ରହୀ। ଅଥଚ ସେମାନଙ୍କୁ ଜବକାର୍ଡ ମିଳୁନି। ଯେଉଁମାନେ ସରକାରୀ ଚାକିରି କରିଛନ୍ତି ସେମାନଙ୍କୁ ଅନୁକମ୍ପା ଦେଖା ଯାଇ ଜବ୍‌କାର୍ଡ ଦିଆଯାଉଛି। ସେମାନେ କାମ ନ କରି ବିଲ୍ ଉଠାଣ କରିଛନ୍ତି। ଏପରିକି ଏହି ଯୋଜନାରେ ଅନେକ କାମ ନ ହୋଇ ବିଲ୍ ମଧ ହୋଇଛି। ଅପରପକ୍ଷେ ଶ୍ରମିକମାନେ ସ୍ଥାନୀୟ ଅଞ୍ଚଳରେ କାମ ନ ପାଇ ଦାଦନ କଟିବକୁ ବାହାର ରାଜ୍ୟକୁ ଯାଉଛନ୍ତି। ସରକାର ଯେଉଁ ମହତ ଉଦ୍ଦେଶ୍ୟ ରଖି ଏମ୍‌ଜିଏନ୍‌ଆରଇଜିଏସ୍ ଲାଗୁ କରିଛନ୍ତି ତାହା ଭାପୁର ବ୍ଲକରେ ସୁଫଳ ମିଳୁନି ବୋଲି ଅଭିଯୋଗ ହେଉଛି।

## ପାଣିପମ୍ପ ଚୋରି ଅଭିଯୋଗରେ ୨ ଗିରଫ

**ଦଶପଲ୍ଲା,୨୫।୩ (ଡି.ଏନ.ଏ.)**

ଦଶପଲ୍ଲା ଥାନା ଅନ୍ତର୍ଗତ ଭୋଗବାଡି ଗାଁରେ ପାଣି ପମ୍ପ ଚୋରି ଅଭିଯୋଗରେ ୨ ଜଣ ଗିରଫ ହୋଇଥିବା ଜଣାଯାଇଛି। ଗିରଫ ୨ ଜଣ ହେଲେ ଗାଁର ଯଶୋମନ୍ତ ମଲ୍ଲିକ (୨୬), ସୁମନ୍ତ ମଲ୍ଲିକ (୨୧)। ମଟର ଚୋରି କରି ନେଉଥିବା ବେଳେ ଗ୍ରାମବାସୀଙ୍କ ହାତରେ ଧରାପଡିଥିଲେ। ପରେ ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଗିରଫ ୨ ଜଣଙ୍କୁ ଶୁକ୍ରବାର କୋର୍ଟକୁ ଚାଲାଣ କରାଯାଇଥିବା ଆଇଆଇସି ଜୟ ପ୍ରକାଶ ପରିଡା କହିଛନ୍ତି।

## ପଞ୍ଚଦୋଳ ମେଳଣ, ୮ ବିମାନରେ ବିଜେ ହେଲେ ଠାକୁର



ବନମାଳୀପୁରରେ ପଞ୍ଚଦୋଳ ମେଳନ

**ଖଣ୍ଡପଡ଼ା,୨୫।୩ (ସ୍ୱ.ପ୍ର.)**

ସ୍ଥାନୀୟ ବନମାଳୀପୁର ପଞ୍ଚଦୋଳ ମେଳଣ ବୁଧବାର ବିଳମ୍ବିତ ରାତିରୁ ଆରମ୍ଭ ହୋଇଥିଲା। ସ୍ଥାନୀୟ ଆରାଧ୍ୟ ସୋମନାଥଦେବ ଜୀଉ ମନ୍ଦିର ନିକଟ ପଞ୍ଚଦୋଳ ପଡିଆରେ ମନ୍ଦିରର ସମସ୍ତ ଦେବ ନୀତି ସମାପନ ପରେ ସୋମନାଥଦେବ, ସ୍ୱପ୍ନେଶ୍ୱର ଦେବ, ରସିକମୋହନ, ବାଲୁଙ୍କେଶ୍ୱର ଦେବ ଆଦି ୮ଟି ଠାକୁର ସୁସଜ୍ଜିତ ବିମାନରେ ଶ୍ରଦ୍ଧାଳୁଙ୍କ ଗହଣରେ ବନମାଳିପୁର ଗ୍ରାମ ପରିକ୍ରମା କରି ବିଜେ ହୋଇଥିଲେ। ଦୀର୍ଘ ଶହେ ବର୍ଷରୁ ଉର୍ଦ୍ଧ୍ୱ ହେବ ରାଜରାଜୁଡା ଅମଳରୁ ପାଳିତ ହୋଇଆସୁଥିବା ଏହି ମେଳଣକୁ ସୁନ୍ଦର ଆଲୋକ ସଜ୍ଜା, ଆତସବାଜି ପ୍ରଦର୍ଶନ, ଘଣ୍ଟ ଘଣ୍ଟା ସହ ଠାକୁରମାନେ ମେଳଣ ପଡିଆକୁ ଆସିଥିଲେ। ଶୁକ୍ରବାର ମେଳଣ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯାତ୍ରା ପରିବେଷଣ ହେଉଛି।

# ଯୋଜନା ଲୋକଙ୍କ ପାଖରେ ପହଞ୍ଚିପାରିନାହିଁ

**ନୂଆଗାଁ,୨୫।୩ (ଡି.ଏନ.ଏ.)**

■ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବ୍ଲକସ୍ତରୀୟ ଜନଶୁଣାଣି ଶିବିର
■ପ୍ରଶ୍ନବାଣରେ ଘାଇଲା ଜଳ ବିଭାଜିକା କର୍ମଚାରୀ
■ସାମାଜିକ ସମୀକ୍ଷା ପାଇଁ ସରକାରୀ କର୍ମଚାରୀ ସହଯୋଗ କରୁନାହାନ୍ତି

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହ ମଧ୍ୟରେ ଶୁକ୍ରବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ସମ୍ପର୍କିତ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ନିର୍ବାଚନ ପରେ ନବନିର୍ବାଚିତ ଲୋକ ପ୍ରତିନିଧି, ବିଭିନ୍ନ ଏନ୍‌ଜିଓ ସଂସ୍ଥାର ପ୍ରତିନିଧି, ପ୍ରତି ବିଭାଗର ଅଧିକାରୀ, କର୍ମଚାରୀଙ୍କୁ ନେଇ ଏମ୍‌ଜିଏନ୍‌ଆରଇଜିଏସ୍ ସମ୍ବନ୍ଧୀୟ ଶିବିର ହୋଇଥିଲା। ବର୍ଷକୁ ଦୁଇଥର ଏହି କାର୍ଯ୍ୟକ୍ରମ କରାଯିବାର ନିର୍ଦ୍ଦେଶ ଥିଲେ ମଧ କରୋନା ମହାମାରୀ ଯୋଗୁ ଦୁଇବର୍ଷ ପରେ ପ୍ରଥମକରି ଶିବିର ହୋଇଥିଲା। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଥିବା ବିଭିନ୍ନ ଯୋଜନା ଲୋକଙ୍କ ପାଖରେ ପହଞ୍ଚି ପାରି ନ ଥିବା ନୟାଗଡ଼ ଡିଆରଡିଏର ଗିରିଶ ଚନ୍ଦ୍ର ଦାସ କହିଥିଲେ। ୨୦୧୯-୨୦ରେ ହୋଇଥିବା ସାମାଜିକ ସମୀକ୍ଷାରେ ୫୩ ଗୋଟି ବାବଦରେ ୫୦ ହଜାର ଟଙ୍କା ଅସୁଲ ହୋଇଥିଲା। ମହିପୁର ବନ ବିଭାଗ ୪ ହଜାର ଟଙ୍କା ଅଦ୍ୟାବଧି ଦେଇ ନ ଥିବା ସୂଚନା ଦେଇଥିଲେ ନୟାଗଡ଼ ଜିଲା ସାମାଜିକ ସମୀକ୍ଷକ ବିଜୟ ନାରାୟଣ ବଳିୟାରସିଂ। ଅନେକ ବିଭାଗ ଓ ବହୁ ପଞ୍ଚାୟତରେ କର୍ମଚାରୀ ଠିକ୍ ସହଯୋଗ କରି ଫାଇଲ ଦେଉ ନ ଥିବାରୁ ସମୀକ୍ଷା କରିବାରେ ବାଧା ଉପୁଜୁଥିବା କଥା ସେ କହିଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଉଦ୍ୟାନ ଓ ଜଳ ବିଭାଜିକା ବିଭାଗରେ ହେଉଥିବା କାର୍ଯ୍ୟଗୁଡିକରେ ବହୁ ଅନିୟମିତତା ରହୁଥିବା ନେଇ ଶିବିରରେ ଅସନ୍ତୋଷ ଦେଖାଦେଇଥିଲା। ଉପାଧକ୍ଷ ପର୍ଶୁରାମ ସ୍ୱାଇଁ ଓ ଗଣମାଧ୍ୟମ ପ୍ରତିନିଧି ଜଳ ବିଭାଜିକା କର୍ମଚାରୀ ଦୁଃଶାସନ ନାୟକଙ୍କୁ ପ୍ରଶ୍ନବାଣରେ ଘାଇଲା କରି ଦେଇଥିଲେ। ଫଳରେ ନାୟକ ହଡବଡେଇ ଯାଇଥିଲେ। ବିଭିନ୍ନ ସ୍ଥାନରେ ପୋଖରୀ ଖୋଳିବା ନାଁରେ ହୋଇଥିବା ଅନିୟମିତତାର ଉତ୍ତର ରଖିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ରଣା ନାୟକଙ୍କୁ କହିଥିଲେ। ସେହିଭଳି କୋଷାକଟା ଗାଁର ଜଣେ ବ୍ୟକ୍ତି ସରକାରୀ ଅନୁଦାନରେ ପୋଖରୀ ଖୋଳି କିଛିଦିନ ପରେ ପୋତି ଦେଇଛନ୍ତି। ତେବେ ସମ୍ପୃକ୍ତ ହିତାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ବାହୀଯନ୍ତ୍ରୀ ରଣା ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ନିୟମାନୁସାରେ କୌଣସି କାର୍ଯ୍ୟାରମ୍ଭ ପୂର୍ବରୁ ସୂଚନା ଫଳକ ନିର୍ମାଣ କରିବା ଜରୁରୀ ହୋଇଥିଲେ ମଧ ଜଳ ବିଭାଜିକା କୌଣସି ସ୍ଥାନରେ ଏହା କରୁ ନ ଥିବାରୁ ନିର୍ବାହୀଯନ୍ତ୍ରୀ କ୍ଷୋଭ ପ୍ରକାଶ କରିବା ସହ ଏହାର ପୁନରାବୃତ୍ତି ନ କରିବା ପାଇଁ କହିଥିଲେ। ସେହିଭଳି ଉଦ୍ୟାନ ବିଭାଗ ମଧ ଦୁର୍ନୀତିରେ ବୁଡି ରହିଥିବା ଶିବିରରେ ଆଲୋଚନା ହୋଇଥିଲା। ୨୦୨୦-୨୧ ରେ ୧୧୮୨ ଗୋଟି ପ୍ରକଳ୍ପ ହାତକୁ ନେଇଥିବା ବେଳେ ସେଥିମଧ୍ୟରୁ ୯୫୧.୧୬ ଲକ୍ଷ ଟଙ୍କା ବ୍ୟୟରେ ୭୯୭ ଗୋଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଛି। ୫୪୫ଟି ପରିବାରକୁ ୧୦୦ ଦିନର କାମ ଯୋଗାଇ ଦିଆଯିବା ସହ କାମ ମାଗିଥିବା ୧୩,୧୮୨ ଜଣକୁ କାର୍ଯ୍ୟ ଯୋଗାଇ ଦିଆଯାଇଥିବା ସୂଚନା ଦିଆଯାଇଛି। ସେହିଭଳି ୨୦୨୧-୨୨ ରେ ୫୫୪ ଗୋଟି ପ୍ରକଳ୍ପ ହାତକୁ ନିଆଯାଇଛି। ବର୍ତ୍ତମାନ ସୁଦ୍ଧା ୧,୧୫୭ ଗୋଟି ନୂତନ ଜବ୍ କାର୍ଡ ଦେବା ସହ ୧୬୨ଜଣକୁ ୧୦୦ ଦିନର କାର୍ଯ୍ୟ ଦିବସ ଯୋଗାଇ ଦିଆଯାଇଛି। ଶିବିରରେ ନୂଆଗାଁ ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଉପାଧକ୍ଷ ପର୍ଶୁରାମ ସ୍ୱାଇଁ, ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ, ସାଂସଦଙ୍କ ପ୍ରତିନିଧି ବିଜୟ କୁମାର ସାସମଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଜନଶୁଣାଣିରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।